# ଧରିତ୍ରୀ
DHARITRI

ରବିବାର, ମେ ୧୭/୨୦୨୦ (୧୯ ପୃଷ୍ଠା) Sunday, May 17/2020

୪୬ଶ ଭାଗ ୧୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ଆଫ୍ରିଦି ମୋ କ୍ୟାରିୟର ନଷ୍ଟ କରିଛନ୍ତି

ପୂର୍ବତନ ଅଲରାଉଣ୍ଡର ତଥା ଅଧିନାୟକ ଶାହିଦ ଆଫ୍ରିଦି ତାଙ୍କ କ୍ୟାରିୟର ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି ପାକିସ୍ତାନ କ୍ରିକେଟର ଡାନିସ୍ କନେରିଆ।

୦୯

୧୦

## ଅତୀତକୁ ମନେ ପକାଇଲେ ଦୀପିକା

ଅଭିନେତ୍ରୀ ଦୀପିକା ପାଦୁକୋନ କିଛି ପୁରୁଣା ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ଅତୀତର ସ୍ମୃତିକୁ ମନେପକାଇଛନ୍ତି। ଏଥିରେ ଆମିରଙ୍କ ସହ ଥିବା ସମ୍ପର୍କ ଦେଖିବାକୁ ମିଳିଛି।



# ବଳ ଗୋଟାଉଛି 'ଅମ୍ଫନ୍'

ଭୁବନେଶ୍ୱର,୧୬।୫(ବ୍ୟୁରୋ)

କରୋନା(କୋଭିଡ-୧୯) ସଙ୍କଟରେ ଛଟପଟ ହେଉଥିବା ଓଡ଼ିଶା ଏବେ ଆଉ ଏକ ବିପଦକୁ ସମ୍ନା କରିବାକୁ ଯାଉଛି। ବର୍ଷକ ତଳର 'ଫନୀ' କ୍ଷତ ଶୁଖି ନ ଥିବାବେଳେ ପୁଣି ଏକ ଭୟଙ୍କର ସାମୁଦ୍ରିକ ଝଡ଼ ମାଡ଼ିଆସୁଛି, ଯାହାର ନାମକରଣ କରାଯାଇଛି 'ଅମ୍ଫନ'। ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ଅବପାତ (ଡିପ୍ରେଶନ)ରେ ପରିଣତ ହୋଇଛି। ଏହା ପାରାଦୀପଠାରୁ ଦକ୍ଷିଣ-ପୂର୍ବ ଦିଗରେ ୧୦୪୦ କି.ମି. ଏବଂ ପଶ୍ଚିମବଙ୍ଗର ଦକ୍ଷିଣ-ଦକ୍ଷିଣ ପଶ୍ଚିମ ଦିଗ ଦୀଘାଠାରୁ ୧୨୦୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଅମ୍ଫନ୍ ଘଣ୍ଟା ପ୍ରତି ୨୦ କି.ମି. ବେଗରେ ଉପକୂଳ ଆଡ଼କୁ ମୁହାଁଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଆହୁରି ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପନେବ। ଏହାର ୨୪ ଘଣ୍ଟା ପରେ ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ଏହି ଝଡ଼ ଅଧିକ ବଳ ଗୋଟାଇ ଆସନ୍ତା ୧୭ ତାରିଖରେ ଉତ୍ତର, ଉତ୍ତର-ପଶ୍ଚିମ ଦିଗ ଦେଇ ଗତିକରିବ। ପରେ ଏହା ଉତ୍ତର, ଉତ୍ତର-ପୂର୍ବ ଦିଗକୁ ଗତିକରି ୧୮ରୁ ୨୦ ତାରିଖ ମଧ୍ୟରେ ପଶ୍ଚିମବଙ୍ଗ ଉପକୂଳ ଦୀଘା ଦେଇ ସ୍ଥଳଭାଗ ଅତିକ୍ରମ କରିପାରେ। ସ୍ଥଳଭାଗ ଅତିକ୍ରମ କରିବାବେଳେ ଏହାର ବେଗ ଘଣ୍ଟା ପ୍ରତି ୧୮୦ରୁ ୨୦୦ କି.ମି. ହେବ ବୋଲି ଅନୁମାନ କରାଯାଇଛି। ଅବପାତ ଯୋଗୁ ସମୁଦ୍ରରେ ୪୫ରୁ ୫୫ ଏବଂ ବେଳେ ବେଳେ ୬୫ କି.ମି.ବେଗରେ ପବନ ବହୁଛି। ଶନିବାର ମଧ୍ୟରାତ୍ର ସୁଦ୍ଧା ପବନର ବେଗ ଘଣ୍ଟା ପ୍ରତି ୮୦ରୁ ୯୦ କି.ମି. ରହିବ। ୧୭ ତାରିଖରେ ଏହା ଭୟଙ୍କର ବାତ୍ୟାରେ ପରିଣତ ହେବ। ଏହି ସମୟରେ ଏହାର ବେଗ ଘଣ୍ଟାପ୍ରତି ୧୧୦ରୁ ୧୨୦ କି.ମି. ରହିବ। ୧୮ ତାରିଖରେ ଏହା ଆହୁରି ଭୟଙ୍କର ସାମୁଦ୍ରିକ ଝଡ଼ରେ ରୂପାନ୍ତର ହୋଇପାରେ। ସନ୍ଧ୍ୟାରେ ଏହାର ବେଗ ଘଣ୍ଟାପ୍ରତି ୧୩୫ରୁ ୧୬୦କି.ମି. ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ୧୯ ମଧ୍ୟରାତ୍ର ସୁଦ୍ଧା ଏହା ଅତ୍ୟନ୍ତ ଭୟଙ୍କର ବାତ୍ୟାରେ ପରିଣତ ହେବ। ସେତେବେଳେ ଏହାର ବେଗ ଘଣ୍ଟାପ୍ରତି ୧୮୦ରୁ ୨୦୦ କି.ମି. ରହିବା ନେଇ ପୂର୍ବାନୁମାନ କରାଯାଇଛି। ସ୍ଥଳଭାଗ ଛୁଇଁବା ପରେ ବାତ୍ୟାର ବେଗ ଧୀରେ ଧୀରେ ହ୍ରାସ ପାଇବ। ତେବେ ବାତ୍ୟା ଅମ୍ଫନ୍ ନିର୍ଦ୍ଦିଷ୍ଟ ଭାବେ କେଉଁଠି ମାଡ଼ ହେବ ସେ ନେଇ ରବିବାର ସ୍ପଷ୍ଟ କରାଯିବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ବାତ୍ୟାର ପ୍ରଭାବ ସିଧାସଳଖ ଓଡ଼ିଶା ଉପରେ ନ ପଡ଼ିଲେ ମଧ୍ୟ ଉପକୂଳ ଦେଇ ଅତିକ୍ରମ କରୁଥିବାରୁ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ଏହାର ପ୍ରଭାବ ଅଧିକ ଅନୁଭୂତ ହେବ। ଏଥିସହିତ ଗଜପତି, ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜ ଆଦି ୧୨ଟି ଜିଲା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ବାତ୍ୟା ପ୍ରଭାବରେ ଆସନ୍ତା ୧୮ ତାରିଖ ସନ୍ଧ୍ୟାରୁ ଗଜପତି, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବାତ୍ୟା ଉପକୂଳମୁହାଁ ହୋଇଥିବାରୁ ୧୯ ତାରିଖରେ ଓଡ଼ିଶା ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ୨୦ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଏବଂ ଉତ୍ତର ଓଡ଼ିଶା ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସମୁଦ୍ରକୁ ନ ଯିବାଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଗୋପାଳପୁର, ପାରାଦୀପ, ଚାନ୍ଦବାଲି ଓ ପୁରୀକୁ ଏକ ନମ୍ବର ବିପଦ ସଙ୍କେତ ଦିଆଯାଇଛି।

### କୋଭିଡ୍ କାଳରେ ଝଡ଼ କୋରଡ଼ା

- ୨୦୦ କି.ମି. ବେଗରେ ମାଡ଼ ହେବ
- ପଶ୍ଚିମବଙ୍ଗର ଦୀଘାକୁ ଛୁଇଁପାରେ
- ୪ ଜିଲାକୁ ଅଧିକ ବିପଦ
- ୧୨ ଜିଲାରେ ରେଡ୍ ଆଲର୍ଟ
- ୧୮ ଅପରାହ୍ଣରୁ ଉପକୂଳରେ ବର୍ଷା
- ୧୯, ୨୦ରେ ପ୍ରବଳରୁ ଅତି ପ୍ରବଳ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବା ମନା
- ସବୁ ବନ୍ଦରରେ ୧ ନଂ. ବିପଦ ସଙ୍କେତ




ସାମୁଦ୍ରିକ ଝଡ଼ 'ଅମ୍ଫନ୍'ର ସମ୍ଭାବ୍ୟ ଗତିପଥ ନେଇ ଆଇଏମ୍‌ଡି ପକ୍ଷରୁ ଜାରି କରାଯାଇଥିବା ଚାର୍ଟ।

### 'ପ୍ରତିଟି ଜୀବନ ମୂଲ୍ୟବାନ୍'



**ଆତଙ୍କିତ ନ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ପୃଷ୍ଠା-୩

## ପେଟ୍ରୋଲ, ଡିଜେଲ ଉପରେ ବଢ଼ିଲା ଭାଟ୍

ଭୁବନେଶ୍ୱର,୧୬।୫

ରାଜ୍ୟ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଭାଟ୍ ବଢାଇଛନ୍ତି। ପେଟ୍ରୋଲ ଉପରେ ଭାଟ୍ ୨୬%ରୁ ୩୨%କୁ ବଢିଛି। ଫଳରେ ପେଟ୍ରୋଲ ଲିଟର ପିଛା ଦର ୩.୧୧ ଟଙ୍କା ବଢି ରିଟେଲ ମୂଲ୍ୟ ୭୧.୬୯ ଟଙ୍କା ଛୁଇଁଛି। ସେହିଭଳି ଡିଜେଲ ଉପରେ ଏହା ଭାଟ୍ ୨୬%ରୁ ୨୮%କୁ ବଢିବା ଯୋଗୁ ଏହାର ମୂଲ୍ୟ ୧.୦୩ ଟଙ୍କା ବୃଦ୍ଧି ଘଟି ଲିଟର ପିଛା ମୂଲ୍ୟ ୬୭.୭୩ ଟଙ୍କା ଛୁଇଁଛି। ଏହି ବର୍ଦ୍ଧିତ ଦର ଶନିବାର ମଧ୍ୟରାତ୍ରିଠାରୁ ଲାଗୁ ହେବ।


ଅନ୍‌ଲାଇନ୍‌ରେ ପଢ଼ନ୍ତୁ ଏଥରର ଛୁଟିଦିନ



www.dharitriepaper.in
www.dharitri.com


**ଆଜିର ସମ୍ପାଦକୀୟ**

ଲଢ଼େଇ ସହଜ ନୁହେଁ

# ୮ କ୍ଷେତ୍ରରେ ଢାଞ୍ଚାଗତ ସଂସ୍କାର



ନୂଆଦିଲ୍ଲୀ,୧୬।୫

ଲକ୍‌ଡାଉନ୍ ଯୋଗୁ ଉଜୁଡ଼ି ଯାଇଥିବା ଅର୍ଥନୀତିକୁ ସୁଧାରିବା ପାଇଁ କେନ୍ଦ୍ର ସରକାର ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଏହି ଆର୍ଥିକ ପ୍ୟାକେଜ ଅଧୀନ ବିଭିନ୍ନ ଯୋଜନା ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଚତୁର୍ଥ ପେଡ଼ି ଖୋଲିଛନ୍ତି। ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଲାଗି ସୀତାରାମନ ୮ଟି କ୍ଷେତ୍ରରେ ଢାଞ୍ଚାଗତ ସଂସ୍କାରକୁ ଏଥିରେ ଗୁରୁତ୍ୱ ଦେଇଛନ୍ତି। କୋଇଲା, ଖଣିଜ ପଦାର୍ଥ, ପ୍ରତିରକ୍ଷା ଉତ୍ପାଦନ, ବେସାମରିକ ବିମାନ ଚଳାଚଳ, ମହାକାଶ ଗବେଷଣା, ଆଣବିକ ଶକ୍ତି କ୍ଷେତ୍ର ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ଥିବା ବିଦ୍ୟୁତ୍ ବିତରଣ କମ୍ପାନୀ ଭଳି କ୍ଷେତ୍ର ଏହା ମଧ୍ୟରେ ସାମିଲ ହୋଇଛି। ପୃଷ୍ଠା-୪

### ସୀତାରାମନ ଖୋଲିଲେ ଚତୁର୍ଥ ପେଡ଼ି

- କମର୍ସିଆଲ ମାଇନିଂକୁ ମିଳିଲା ଅନୁମତି
- କୋଇଲା ଖଣି ଭିତ୍ତିଭୂମି ବିକାଶ ଲାଗି ୫୦ ହଜାର କୋଟି
- ତ୍ୱରିତ ଭିତ୍ତିରେ ନିଲାମ ହେବ ୫୦ କୋଇଲା ଖଣି
- ଖଣିଜ କ୍ଷେତ୍ର କାର୍ଯ୍ୟକଳାପ ତ୍ୱରାନ୍ୱିତ ଲାଗି ବ୍ୟବସ୍ଥା
- ପ୍ରତିରକ୍ଷା କ୍ଷେତ୍ର ଏଫ୍‌ଡିଆଇ ସୀମା ୭୪%କୁ ବଢ଼ିଲା
- ମହାକାଶ ଗବେଷଣାରେ ଘରୋଇ କ୍ଷେତ୍ରକୁ ଅନୁମତି
- ବେସାମରିକ ବିମାନ ଚଳାଚଳ ଲାଗି ନିୟମ କୋହଳ
- ନିଲାମ ହେବ ଆଉ ୬ ବିମାନବନ୍ଦର
- କେନ୍ଦ୍ରଶାସିତ ଅଞ୍ଚଳ ବିଦ୍ୟୁତ୍ ବିତରଣ କମ୍ପାନୀ ନିଲାମ ହେବ
- ସାମାଜିକ ଭିତ୍ତିଭୂମି ଭାୟାବିଲିଟି ପାଣ୍ଠି ଲାଗି ୮,୧୦୦ କୋଟି
- ଅତ୍ୟାଧୁନିକ ମେଡିକାଲ ଯନ୍ତ୍ରାଂଶ ପ୍ରସ୍ତୁତି ପାଇଁ ଆସିବ ରିସର୍ଚ୍ଚ ରିଆକ୍ଟର




# ଦୁର୍ଘଟଣା ନେଉଛି ଦାଦନ ଜୀବନ

## ୟୁପି, ଏମ୍‌ପିରେ ୩୦ ମୃତ

ଔରାୟା(ୟୁପି)/ଭୋପାଳ, ୧୬।୫(ପି.ଟି.)

କରୋନା ସଂକ୍ରମଣକୁ ପ୍ରତିହତ କରିବା ଲାଗି ସରକାର ଲକ୍‌ଡାଉନ ଅବଧି ବଢ଼ାଇଚାଲିଥିବାବେଳେ କାମଧନ୍ଦା ହରାଇ ପ୍ରବାସୀ ଶ୍ରମିକ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପରିବହନ ସେବା ବନ୍ଦ ଯୋଗୁ ସେମାନେ ଘରକୁ ଫେରିବା ସମ୍ଭବ ହେଉନାହିଁ। ଶ୍ରମିକମାନଙ୍କୁ ଘରକୁ ଫେରାଇନେବା ପାଇଁ ସରକାର ସ୍ୱତନ୍ତ୍ର ଟ୍ରେନ ଚଳାଉଥିଲେ ହେଁ ତାହା ପର୍ଯ୍ୟାପ୍ତ ନୁହେଁ। ଭୋକର ଜ୍ୱାଳା ସହି ନ ପାରି ଅନେକ ଶ୍ରମିକ ଚାଲି ଚାଲି କିମ୍ବା ବିପଜ୍ଜନକ ଭାବେ ଟ୍ରକ୍ ଡାଲାରେ ଘରକୁ ଫେରୁଥିବାବେଳେ ବହୁ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଶନିବାର ଦୁଇଟି ଦୁର୍ଘଟଣାରେ ୩୦ ଜଣ ଦାଦନ ଶ୍ରମିକଙ୍କ ଜୀବନ ଯାଇଛି। କରୋନା ମହାମାରୀକୁ ବଳିପଡିଛି ଦାଦନଙ୍କ ଦୁଃଖ। ବିପଜ୍ଜନକ ଯାତ୍ରା ଯୋଗୁ ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣାରେ ୬୩ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି।

ଶନିବାର ଭୋର ସମୟରେ ଉତ୍ତରପ୍ରଦେଶର ଔରାୟା ନିକଟ ଜାତୀୟ ରାଜପଥରେ ଏକ ଟ୍ରେଲର ଛିଡ଼ାହୋଇଥିବା ଟ୍ରକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୨୫ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଥିବାବେଳେ ୩୬ ଜଣ ଆହତ ହୋଇଛନ୍ତି। ଅଧିକାଂଶ ମୃତକ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ବାସିନ୍ଦା। ଛିଡ଼ାହୋଇଥିବା ଟ୍ରକ୍‌ଟିରେ ଦିଲ୍ଲୀରୁ ଆସିଥିବା ଦାଦନ ଶ୍ରମିକ ଔରାୟା-କାନପୁର ଦେହାତ୍ ଜାତୀୟ ରାଜପଥ ୧୯ରେ ଚା' ପିଇବା ପାଇଁ ଅଟକିଥିବାବେଳେ ଭୋର ୩ଟାରୁ ୩.୩୦ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଟ୍ରେଲରଟି ରାଜସ୍ଥାନରୁ ଶ୍ରମିକଙ୍କୁ ନେଇ ଆସୁଥିଲାବେଳେ ଉକ୍ତ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଆହତ ୩୬ ଜଣଙ୍କ ମଧ୍ୟରୁ ୧୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ। ଗୁରୁତରଙ୍କୁ ଇଟାୱା ଜିଲାର ସୌଫାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟ ୨୨ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଦୁର୍ଘଟଣାରେ ଏତେ ସଂଖ୍ୟାରେ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ଉତ୍ତରପ୍ରଦେଶ ସରକାର ପ୍ରତି ମୃତକଙ୍କ ପୃଷ୍ଠା-୪

**ଘରକୁ ଫେରିବା ବେଳେ ଏଯାଏ ୬୩ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି**

# ଲକ୍‌ଡାଉନ୍ ବଦଳାଇଛି ପାଠକୀୟ ରୁଚି

### ଇଣ୍ଟରନେଟ୍ ପାଲଟିଛି ପ୍ରକୃଷ୍ଟ ମାଧ୍ୟମ

- ଗାଡ଼ିମୋଟର, ଋଣ, ରୋଗ ପ୍ରତିରୋଧକ ଖାଦ୍ୟ ନେଇ ଉତ୍ସୁକତା

ନୂଆଦିଲ୍ଲୀ, ୧୬।୫ (ଆଇଏଏନ୍‌ଏସ୍)

କରୋନା ସଂକ୍ରମଣ ରୋକିବା ଲାଗି ଭାରତରେ ଲାଗୁ ହୋଇଥିବା ଲକ୍‌ଡାଉନର ତୃତୀୟ ପର୍ଯ୍ୟାୟ ଶେଷ ସୋପାନରେ ଉପନୀତ। ସଦ୍ୟ ତଥ୍ୟ କହେ ଲୋକଙ୍କ ପାଠକୀୟ ଢାଞ୍ଚାକୁ ଲକ୍‌ଡାଉନ୍ କିଭଳି ପ୍ରଭାବିତ କରିଛି। ଘରେ ପ୍ରାୟ ଦୁଇ ମାସ ରହିବା ଭିତରେ ଟେଲିଭିଜନ, ରେଡିଓ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ପାଠକୀୟ ଆବେଗିକତା ଅନେକଙ୍କୁ ଜ୍ଞାନ ଅର୍ଜନ କରିବା ଲାଗି ସମୟ ଜୁଟାଇ ଦେଇଛି। ପୁଣି ସାହିତ୍ୟ, କଳା କିମ୍ବା ଆମୋଦଦାୟକ ପୁସ୍ତକ ପଠନରେ ପଢ଼ା ସୀମିତ ରହିନାହିଁ। ବରଂ ଲୋକଙ୍କ ପସନ୍ଦ ବିବିଧ ଦିଗକୁ ବିସ୍ତାରିତ ହୋଇଛି। ଅଟୋମେଟିଭ୍ ବା ଗାଡ଼ିମୋଟର ସମ୍ବନ୍ଧୀୟ, ଗୃହଋଣ, ଭିଡିଓ କନ୍‌ଫରେନ୍ସ ସଂକ୍ରାନ୍ତ ନିରାପତ୍ତା ଏବଂ ଘରେ ରହି ଅନ୍‌ଲାଇନ୍‌ରେ ଛାତ୍ରଙ୍କ ପଢ଼ା ଏକ ଭିନ୍ନ ସ୍ୱାଦ ଆଣିଛି ବୋଲି ଡିସ୍କଭରୀ ପ୍ଲାଟଫର୍ମ ଟାବୋଲା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି।



କରୋନା ପରିସ୍ଥିତି ଯୋଗୁ ଦେଶର ଆର୍ଥିକ ଅବସ୍ଥା ଦୋହଲି ଯାଇଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଲକ୍‌ଡାଉନରେ ରହିବା ଭିତରେ ସେମାନେ ସ୍ୱାସ୍ଥ୍ୟ ବୀମା ଓ ବ୍ୟାଙ୍କ ଋଣ ସମ୍ବନ୍ଧରେ ପ୍ରକାଶ ପାଉଥିବା ଲେଖାକୁ ପଢ଼ିବାରେ ଲାଗିଛନ୍ତି। ଅବସର ମିଳିଥିବାରୁ ଅନ୍‌ଲାଇନ୍ ଶପିଂ ସେମାନଙ୍କୁ ସୁଯୋଗ ଦେଇଛି। କେଉଁ ବ୍ରାଣ୍ଡ୍ କେତେ ଭଲ, କେଉଁ ସେବା ସହଜରେ ଓ ସୁଲଭ ମୂଲ୍ୟରେ ଉପଲବ୍ଧ ଏବଂ ନିଜ ପର୍ସକୁ ସୁହାଇଲା ଭଳି ହୋଇପାରୁଛି, ତାହା ଜାଣିବା ପାଇଁ ଆଗ୍ରହ ବଢ଼ିବାରୁ ସେହି ସମ୍ବନ୍ଧୀୟ ବିଷୟ ଯୋଗାଉଥିବା ସାଇଟ୍‌ରେ ଭିଡ଼ ପରିଲକ୍ଷିତ ହୋଇଛି।

କୌତୂହଳର ବିଷୟ ଯେ, ପଇସାର ଅଭାବ ଦେଖାଦେଇଥିଲେ ହେଁ ଲୋକେ ନୂଆ କାର୍ ମଡେଲ ବିଷୟରେ ଜାଣିବାକୁ ଆଗ୍ରହ ରଖୁଛନ୍ତି। ସେମାନେ ତାହା କିଣିପାରିବେ କି ନାହିଁ ସେଥିପ୍ରତି ଧ୍ୟାନ ଦେଉନାହାନ୍ତି। ପୃଷ୍ଠା-୪

**ସିବିଏସ୍‌ଇ ପରୀକ୍ଷା କାର୍ଯ୍ୟସୂଚୀ ଘୋଷଣା ଘୁଞ୍ଚିଲା**
ସିବିଏସ୍‌ଇର ବକେୟା ଥିବା ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା କାର୍ଯ୍ୟସୂଚୀ ଘୋଷଣାକୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଶନିବାର ସ୍ଥଗିତ ରଖିଛି। କାର୍ଯ୍ୟସୂଚୀ ଚୂଡ଼ାନ୍ତ କରିବା ପୂର୍ବରୁ ସିବିଏସ୍‌ଇ କେତେକ ବୈଷୟିକ ଦିଗ ଉପରେ ବିଚାର କରୁଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଶନିବାର ଅପରାହ୍ଣ ୫ଟାରେ କାର୍ଯ୍ୟସୂଚୀ ପ୍ରକାଶ ପାଇବାର ଥିଲା। ତାହା ୧୮ ତାରିଖରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।


ମହୀଶୂରରେ ଦାଦନ ଶ୍ରମିକଙ୍କୁ ଟ୍ରେନ୍‌ରେ ଚଢ଼ାଇବାରେ ପୋଲିସ ସହାୟତା କରୁଛି।

# ଘରୋଇକରଣ ଯୋଗୁ ଅନେକଙ୍କ ଚାକିରି ଯିବ


ବିର୍ଜେଶ ଉପାଧ୍ୟାୟ


ସୀତାରାମ ୟେଚୁରୀ

- ଅର୍ଥମନ୍ତ୍ରୀଙ୍କୁ ବିଏମ୍‌ଏସ୍‌ର ସମାଲୋଚନା
- ଘରୋଇକରଣ ପାଇଁ ସରକାର ମହାମାରୀକୁ ବ୍ୟବହାର କରୁଛନ୍ତି: ବାମଦଳ

**ନୂଆଦିଲ୍ଲୀ,୧୬।୫:** ଦେଶର ୮ଟି ପ୍ରମୁଖ ସେକ୍ଟର ଉପରେ ସରକାରଙ୍କ ନୂଆ ନୀତିକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍‌)ର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍‌) ସମାଲୋଚନା କରିଛି। ଅତ୍ୟଧିକ ଘରୋଇକରଣ ଯୋଗୁ ବହୁସଂଖ୍ୟାରେ କର୍ମଚାରୀ ନିଯୁକ୍ତି ହରାଇବେ। କରୋନା ମହାମାରୀ ବେଳେ ଘରୋଇ ଉଦ୍ୟୋଗ ଓ ବଜାର ଅଚଳ ହୋଇପଡ଼ିଥିବାବେଳେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଚତୁର୍ଥ ଦିନରେ ଯେଉଁ ଘୋଷଣା କରିଛନ୍ତି, ତାହା ରାଷ୍ଟ୍ର ପାଇଁ ଦୁଃଖର ଦିନ ବୋଲି ବିଏମ୍‌ଏସ୍ ସାଧାରଣ ସମ୍ପାଦକ ବିର୍ଜେଶ ଉପାଧ୍ୟାୟ କହିଛନ୍ତି। କରୋନା ମହାମାରୀ ବେଳେ ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ପାଇଁ ପ୍ରମୁଖ ୮ଟି ସେକ୍ଟର କୋଇଲା, ଖଣିଜ, ପ୍ରତିରକ୍ଷା ଉତ୍ପାଦନ, ଆକାଶମାର୍ଗ ଯଥା ପରିଚାଳନା, ବିମାନବନ୍ଦର, ବିଦ୍ୟୁତ ପରିବହନ, ମହାକାଶ ଓ ଆଣବିକ ଶକ୍ତିରେ ଅର୍ଥମନ୍ତ୍ରୀ ବଡ଼ ଧରଣର ନୀତିଗତ ପରିବର୍ତ୍ତନ ଘୋଷଣା କରିଛନ୍ତି। ଏନେଇ ସରକାର ଟ୍ରେଡ୍ ୟୁନିୟନ, ସାମାଜିକ ପ୍ରତିନିଧି ଓ ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ପରାମର୍ଶ କିମ୍ବା ଆଲୋଚନା କରିନାହାନ୍ତି। ଢାଞ୍ଚାଗତ ସଂସ୍କାର ଓ ପ୍ରତିଯୋଗିତାର ଅର୍ଥ ଘରୋଇକରଣ। ଏହାର ପ୍ରଥମ ପ୍ରତିକୂଳ ପ୍ରଭାବ କର୍ମଚାରୀମାନଙ୍କ ଉପରେ ପଡିବ। ବହୁସଂଖ୍ୟାରେ କର୍ମଚାରୀ ନିଯୁକ୍ତି ହରାଇବେ ବୋଲି ଉପାଧ୍ୟାୟ କହିଛନ୍ତି। ସରକାରଙ୍କ ଘୋଷଣାକୁ ବାମଦଳଗୁଡ଼ିକ ମଧ୍ୟ ସମାଲୋଚନା କରିଛନ୍ତି। ସରକାରୀ ସମ୍ପତ୍ତିର ଘରୋଇକରଣ ପାଇଁ ମହାମାରୀକୁ ଏକ ସୁଯୋଗ ଭାବେ ନିଆଯାଉଥିବା ବାମଦଳ ପକ୍ଷରୁ କୁହାଯାଇଛି। ସରକାର ଏକପାଖିଆ ଭାବେ ଧନୀ, ବିଦେଶୀ ଓ ଘରୋଇ ପୁଞ୍ଜିପତିମାନଙ୍କ ଏଜେଣ୍ଡାକୁ କାର୍ଯ୍ୟକାରୀ କରୁଛନ୍ତି। ଅତ୍ୟଧିକ ଲାଭ ମାନବିକତା ବିରୋଧୀ। ଜାତୀୟ ସମ୍ପତ୍ତି ଲୁଟ କରିବା ଦ୍ୱାରା ଆତ୍ମନିର୍ଭରଶୀଳତା ଧ୍ୱଂସ ହେବ ବୋଲି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି। ଲକ୍‌ଡାଉନ ଯୋଗୁ ଭାରତରେ ୧୪ କୋଟି ନିଯୁକ୍ତି ହରାଇଲେଣି ଓ ଅନେକଙ୍କ ଜୀବନ ଗଲାଣି। ମହାମାରୀ ରୋକିବାରେ ଲକ୍‌ଡାଉନକୁ କିପରି ବ୍ୟବହାର କରାଯାଉଛି ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଟୁଇଟ୍ କରିଛନ୍ତି। ଅର୍ଥମନ୍ତ୍ରୀଙ୍କ ଘୋଷଣା କେବଳ ଘରୋଇକରଣ ଓ ନିଗମୀକରଣ ପାଇଁ ଉଦ୍ଦିଷ୍ଟ ବୋଲି ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା କହିଛନ୍ତି।

# ୨୪ ଘଣ୍ଟାରେ ୪୬ ହଜାର ନୂଆ ମାମଲା

**ୱାଶିଂଟନ/ଲଣ୍ଡନ/ବ୍ରାଜିଲିଆ, ୧୬।୫**

- ଆକ୍ରାନ୍ତଙ୍କ ସଂଖ୍ୟା ୪୬.୬୬ ଲକ୍ଷ ଟପିଲା
- ୩ ଲକ୍ଷ ୧୦ ହଜାର ଜୀବନ ଗଲାଣି
- ଆମେରିକା ସ୍ଥିତି ଜଟିଳ, ଷଷ୍ଠରେ ବ୍ରାଜିଲ



କରୋନା ଭୂତାଣୁ ଲୋକଙ୍କ ନିଦ ହଜାଇ ଦେଇଛି। ପ୍ରାଣଘାତୀ କରୋନା କବଳରୁ ବର୍ତ୍ତିବା ଲାଗି କାହାରିକୁ ବାଟ ଦେଖାଯାଉ ନାହିଁ। ଗତ ୪ ମାସରୁ ଊର୍ଦ୍ଧ୍ୱକାଳ ବିଶ୍ୱବାସୀ ଭୂତାଣୁର ଚକ୍ରବ୍ୟୂହ ଭିତରେ ଫସି ରହିଛନ୍ତି। ଏବେ ବିଶ୍ୱରେ ଆକ୍ରାନ୍ତଙ୍କ ସଂଖ୍ୟା ୪୬.୬୬ ଲକ୍ଷରୁ ଅଧିକ ହୋଇଥିବା ବେଳେ ପ୍ରାଣ ହରାଇଲେଣି ୩ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ। ସବୁଠାରୁ ବଡ଼କଥା ହେଲା ଗତ ୨୪ ଘଣ୍ଟା ମଧ୍ୟରେ ୪୬ ହଜାର ନୂଆ ମାମଲା ସାମ୍ନାକୁ ଆସିବା। ଏହା ପରେ ଗୋଟିଏ ଦିନରେ ୧୭ ଶହରୁ ଅଧିକ ଜୀବନ ଯାଇଛି। ଗତ କିଛିଦିନ ହେବ ସଂକ୍ରମଣ ସ୍ଥିତି ଉଦ୍‌ବେଗଜନକ ରହିଥିବା ବେଳେ ଆମେରିକା ଜଟିଳ ସ୍ଥିତିରେ ରହିଛି। ଏଠାରେ ୧୪.୮୭ ଲକ୍ଷରୁ ଅଧିକ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଥିବା ବେଳେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୮୮, ୬୬୮କୁ ବୃଦ୍ଧିପାଇଛି। କେବଳ ଶନିବାର ଏଠାରେ ୩୬ ଶହରୁ ଅଧିକ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଛନ୍ତି। ଉଗ୍ର ସଂକ୍ରମଣ ଦେଶ ତାଲିକାରେ ରୁଷିଆ ତୃତୀୟ, ବ୍ରାଜିଲ ଷଷ୍ଠ ଦେଶ ଭାବେ ଉଭା ହୋଇଛନ୍ତି। ରୁଷିଆରେ ଶନିବାର ୯,୨୦୦ ନୂଆ ଆକ୍ରାନ୍ତ ହୋଇଥିବା ବେଳେ ବ୍ରାଜିଲରେ ୨,୦୭୦ ନୂଆ ମାମଲା ସାମ୍ନାକୁ ଆସିଛି। ରୁଷିଆରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨.୭୨ ଲକ୍ଷରୁ ଅଧିକ ଥିବାବେଳେ ବ୍ରାଜିଲରେ ୨.୨୦ ଲକ୍ଷରୁ ଅଧିକ ସଂକ୍ରମିତ ଅଛନ୍ତି।

ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଦେଶ ସ୍ପେନ୍‌ରେ ୨,୭୬ ଲକ୍ଷ ଲୋକ କରୋନା କବଳିତ ହୋଇଥିବା ବେଳେ ୨୭,୫୬୩ ଜଣ ପ୍ରାଣ ହରାଇଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୨ ହଜାରରୁ ଊର୍ଦ୍ଧ୍ୱ ନୂଆ ରୋଗୀ ସୃଷ୍ଟି ହୋଇଛନ୍ତି। ଚତୁର୍ଥ ସର୍ବାଧିକ ସଂକ୍ରମିତ ତାଲିକାରେ ଥିବା ବ୍ରିଟେନରେ ୨.୪୦ ଲକ୍ଷରୁ ଅଧିକ କରୋନା ଆକ୍ରାନ୍ତ ଅଛନ୍ତି। ଏଠାରେ ଏପର୍ଯ୍ୟନ୍ତ ୩୪, ୪୬୬ ବ୍ୟକ୍ତି ପ୍ରାଣ ହରାଇଲେଣି। ଇଟାଲୀରେ ୩୧,୬୧୦ ଜଣଙ୍କ ଜୀବନ ଯାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୨.୨୩ ଲକ୍ଷ ଉପରେ ରହିଛି। ଫ୍ରାନ୍ସ, ଜର୍ମାନୀ, ତୁର୍କୀ ଓ ଇରାନରେ ୬ ଲକ୍ଷରୁ ଅଧିକ ସଂକ୍ରମିତ ରହିଥିବା ବେଳେ ମୃତ୍ୟୁବରଣ କରିଛନ୍ତି ୪୬ ହଜାରରୁ ଊର୍ଦ୍ଧ୍ୱ। କେବଳ ଫ୍ରାନ୍ସରେ ୨୭, ୫୨୯ ଜଣଙ୍କ ଭୂତାଣୁ ଆକ୍ରାନ୍ତରେ ମୃତ୍ୟୁ ଘଟିଛି। ଏହାଛଡ଼ା ଭାରତରେ ୨,୭୬୦, ପେରୁରେ ୨,୩୯୨, ଚାଇନାରେ ୪,୬୩୩, କାନାଡାରେ ୫,୫୬୨, ବେଲଜିୟମରେ ୯,୦୦୫, ମେକ୍ସିକୋରେ ୪,୭୬୭, ନେଦରଲାଣ୍ଡସରେ ୫,୬୭୦, ସ୍ୱିଡେନରେ ୩,୬୭୪ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ପରିସ୍ଥିତି ଦିନକୁ ଦିନ ଉତ୍କଟ ହେଉଥିବା ବେଳେ ଏଥିରୁ ମୁକୁଳିବାର ବାଟ ଦିଶୁନାହିଁ। ଅର୍ଥନୀତି ଭୁଶୁଡ଼ିବାରେ ଲାଗିଛି। ଲକ୍‌ଡାଉନ୍ ଯୋଗୁ ଲୋକଙ୍କୁ କାମଧନ୍ଦା ମିଳୁନି। କଳ କାରଖାନା ବନ୍ଦହୋଇ ପଡ଼ିଛି। ଚାରିଆଡ଼ ଅନ୍ଧାର ଦିଶୁଛି। କୌଣସି ସଫଳ ଔଷଧ ବାହାରି ନ ଥିବାରୁ କେବଳ ସାମାଜିକ ଦୂରତ୍ୱ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି।

# ‘ସାହୁକାରି ନ କରି ଲୋକଙ୍କୁ ଟଙ୍କା ଦିଅ’

**ନୂଆଦିଲ୍ଲୀ,୧୬।୫(ପି.ଟି.)**

କେନ୍ଦ୍ର ସରକାର ସାହୁକାର ଭଳି କାର୍ଯ୍ୟ ନ କରି ଲୋକଙ୍କ ପାଖରେ ଟଙ୍କା ପହଞ୍ଚାନ୍ତୁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର କହିଛନ୍ତି। କୋଭିଡ୍–୧୯ ଆର୍ଥିକ ପ୍ୟାକେଜ୍‌ର ପୁନର୍ବିଚାର କରିବା ଲାଗି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ଲକ୍‌ଡାଉନ ଯୋଗୁ କାମଧନ୍ଦା ହରାଇ ସାଧାରଣ ଜନତା ବିଶେଷ କରି ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଖାଦ୍ୟ ଯୋଗାଡ଼ କରିବା ଲାଗି ଅନେକଙ୍କ ପାଖରେ ଟଙ୍କା ନାହିଁ। ସମାଜର ଗରିବ ଓ ଅସହାୟ ଲୋକମାନଙ୍କ ଆକାଉଣ୍ଟରେ ଟଙ୍କା ପହଞ୍ଚାଯିବା ଜରୁରୀ। ଏଥିପାଇଁ ସେ ସରକାରଙ୍କ ଉପରେ ଚାପ ପକାଇବାକୁ ଉଦ୍ୟମ କରୁଥିବା ରାହୁଲ ଭିଡିଓ କନ୍‌ଫରେନ୍ସ ଜରିଆରେ ଖବରଦାତାମାନଙ୍କୁ କହିଛନ୍ତି। ଅର୍ଥନୀତିରେ ଏକ ବଡ଼ ଝଡ଼ ଆସୁଥିବାରୁ ଅନେକେ କ୍ଷତିଗ୍ରସ୍ତ ହେବେ। ଚାହିଦା ସୃଷ୍ଟି କରା ନ ଗଲେ ଦେଶ କରୋନା ଅପେକ୍ଷା ବଡ଼ ଆର୍ଥିକ କ୍ଷତିର ସମ୍ମୁଖୀନ ହେବ ବୋଲି କଂଗ୍ରେସ ନେତା କହିଛନ୍ତି। ତେଣୁ ବୁଦ୍ଧିମତ୍ତାର ସହ ଲକ୍‌ଡାଉନ୍‌କୁ ଉଠାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ରାହୁଲ ମତ ଦେଇଛନ୍ତି।


ନୂଆଦିଲ୍ଲୀର ଶୁକଦେବ ବିହାର ଫ୍ଲାଇଓଭର ଉପରେ ଦାଦନଙ୍କ ସହ କଥା ହେଉଛନ୍ତି ରାହୁଲ।

## ରାହୁଲଙ୍କୁ ଭେଟିଥିବା ଶ୍ରମିକ ଅଟକ

**ନୂଆଦିଲ୍ଲୀ,୧୬।୫:** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ନୂଆଦିଲ୍ଲୀର ଶୁକଦେବ ବିହାର ଫ୍ଲାଇଓଭର ଉପରେ ଚାଲିଚାଲି ଯାଉଥିବା କେତେଜଣ ପ୍ରବାସୀ ଶ୍ରମିକଙ୍କୁ ଭେଟି ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଉକ୍ତ ଶ୍ରମିକମାନଙ୍କୁ ଅଟକ ରଖାଯାଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ପୋଲିସ ଅଭିଯୋଗକୁ ଖଣ୍ଡନ କରିଛି। ରାହୁଲ ଆସି ଦାଦନମାନଙ୍କ ସହ କଥା ହୋଇଥିଲେ। ଏହା ପରେ ତାଙ୍କ ସମର୍ଥକମାନେ ଉକ୍ତ ଶ୍ରମିକମାନଙ୍କୁ ସେମାନଙ୍କ ଗାଡ଼ିରେ ନେଇଯାଇଥିଲେ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ୫୦ ଦିନ ହେଲା କାମଧନ୍ଦା ହରାଇ ଖାଇବାକୁ ପାଉ ନ ଥିବା ଜଣେ ଶ୍ରମିକ କହିଥିଲେ। ରାହୁଲ ସେମାନଙ୍କୁ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ୭୦୦ ସୁପର ସ୍ପ୍ରେଡର ଚିହ୍ନଟ

**ଅହମଦାବାଦ,୧୬।୫(ପି.ଟି.):** ଗୁଜରାଟର ଅହମଦାବାଦରେ ସପ୍ତାହକ ମଧ୍ୟରେ ୭୦୦ କରୋନା ସୁପର ସ୍ପ୍ରେଡର ଚିହ୍ନଟ ହୋଇଛନ୍ତି। ୭ରୁ ୧୪ ତାରିଖ ମଧ୍ୟରେ ସହରର ଦୋକାନୀମାନଙ୍କର ସ୍କ୍ରିନିଂ ପରେ ଏହା ଜଣାପଡ଼ିଥିଲା। ଉକ୍ତ ଦୋକାନଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଏମାନେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ୧୨,୫୦୦ ଜଣଙ୍କ ନମୁନା ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୭୦୦ଙ୍କଠାରେ ପଜିଟିଭ୍ ଥିବା ଜଣାପଡିଥିଲା। ସମସ୍ତଙ୍କୁ ଆଇସୋଲେଶନରେ ରଖାଯାଇଛି।

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୨୯,୧୦୦ | ୨୧,୪୬୮ | ୬,୫୬୪ | ୧,୦୬୮ |
| ତାମିଲନାଡୁ | ୧୦,୫୮୫ | ୬,୯୭୩ | ୩,୫୩୮ | ୭୪ |
| ଦିଲ୍ଲୀ | ୯,୩୩୩ | ୫,୨୭୮ | ୩,୯୨୬ | ୧୨୯ |
| ତେଲଙ୍ଗାନା | ୧,୪୫୪ | ୪୬୧ | ୯୫୯ | ୩୪ |
| କେରଳ | ୫୮୮ | ୮୭ | ୪୯୭ | ୪ |
| ଉତ୍ତରପ୍ରଦେଶ | ୪,୦୫୭ | ୧,୭୯୭ | ୨,୧୬୫ | ୯୫ |
| ଆନ୍ଧ୍ରପ୍ରଦେଶ | ୨,୩୫୫ | ୯୫୩ | ୧,୩୫୩ | ୪୯ |
| ରାଜସ୍ଥାନ | ୪,୯୨୪ | ୨,୦୫୨ | ୨,୭୪୭ | ୧୨୫ |
| ମଧ୍ୟପ୍ରଦେଶ | ୪,୫୯୫ | ୨,୦୭୩ | ୨,୨୮୩ | ୨୩୯ |
| କର୍ଣ୍ଣାଟକ | ୧,୦୯୨ | ୫୫୯ | ୪୯୬ | ୩୬ |
| ଗୁଜରାଟ | ୧୦,୯୮୯ | ୬,୦୫୬ | ୪,୩୦୮ | ୬୨୫ |
| ହରିୟାଣା | ୮୫୪ | ୩୭୭ | ୪୬୪ | ୧୩ |
| ଜମ୍ମୁ-କଶ୍ମୀର | ୧,୦୧୩ | ୪୮୯ | ୫୧୩ | ୧୧ |
| ପଶ୍ଚିମବଙ୍ଗ | ୨,୪୬୧ | ୧,୪୦୭ | ୮୨୯ | ୨୨୫ |
| ପଞ୍ଜାବ | ୧,୯୪୬ | ୬୫୭ | ୧,୨୫୭ | ୩୨ |
| ଓଡ଼ିଶା | ୭୩୭ | ୫୬୮ | ୧୬୬ | ୩ |
| ବିହାର | ୧,୧୧୮ | ୬୭୧ | ୪୪୦ | ୭ |
| ଉତ୍ତରାଖଣ୍ଡ | ୮୮ | ୩୬ | ୫୧ | ୧ |
| ଆସାମ | ୯୨ | ୪୮ | ୪୧ | ୨ |
| ଚଣ୍ଡିଗଡ଼ | ୧୯୧ | ୧୪୮ | ୪୦ | ୩ |
| ଲଦାଖ | ୪୩ | ୧୯ | ୨୪ | - |
| ହିମାଚଳ ପ୍ରଦେଶ | ୭୭ | ୩୬ | ୩୫ | ୩ |
| ଆଣ୍ଡାମାନ ଓ ନିକୋବର | ୩୩ | | ୩୩ | - |
| ଛତିଶଗଡ଼ | ୬୬ | ୧୦ | ୫୬ | - |
| ଗୋଆ | ୧୫ | ୮ | ୭ | - |
| ପୁଡୁଚେରୀ | ୧୬ | ୭ | ୯ | - |
| ଝାଡ଼ଖଣ୍ଡ | ୨୧୫ | ୧୧୫ | ୯୭ | ୩ |
| ମଣିପୁର | ୩ | ୧ | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | | ୧ | - |
| ତ୍ରିପୁରା | ୧୫୬ | ୧୧୪ | ୪୨ | - |
| ମୋଟ | ୮୮,୫୦୬ | ୫୨,୫୮୦ | ୩୩,୧୩୧ | ୨,୭୯୦ |

https://www.covid19india.org ତଥ୍ୟ ଅନୁଯାୟୀ(ଶନିବାର ରାତି ୯ଟା ୩୦ ସୁଦ୍ଧା)

## ୧୦୭୪ ଟ୍ରେନ୍‌ରେ ଫେରିଲେଣି ୧୪ ଲକ୍ଷ ଶ୍ରମିକ

**ନୂଆଦିଲ୍ଲୀ,୧୬।୫(ପି.ଟି.)**

ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକମାନଙ୍କୁ ଫେରାଇ ନେବା ଲାଗି ରେଲୱେ ମେ’ ୧ ତାରିଖରୁ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚଳାଚଳ କରାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୧,୦୭୪ଟି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ୧୪ ଲକ୍ଷରୁ ଅଧିକ ପ୍ରବାସୀ ଶ୍ରମିକ ସେମାନଙ୍କ ରାଜ୍ୟକୁ ଫେରିଲେଣି। ଉତ୍ତରପ୍ରଦେଶ ଓ ବିହାରକୁ ସର୍ବାଧିକ ଶ୍ରମିକ ଫେରିଛନ୍ତି। ଅଧିକ ଟ୍ରେନ୍ ଚଳାଇବା ପାଇଁ ବିଭିନ୍ନ ରାଜ୍ୟ ପକ୍ଷରୁ ଅନୁମୋଦନ କରାଯାଇଛି। ଗତ ୩ ଦିନ ହେଲା ଦିନକୁ ୨ ଲକ୍ଷରୁ ଅଧିକ ଶ୍ରମିକଙ୍କୁ ପରିବହନ କରାଯାଉଛି। ଆଗାମୀ ଦିନରେ ଏହା ୩ ଲକ୍ଷକୁ ବୃଦ୍ଧି ପାଇବ ବୋଲି ରେଳମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଉତ୍ତରପ୍ରଦେଶକୁ ସର୍ବାଧିକ ୩୮୭ ସ୍ୱତନ୍ତ୍ର ଟ୍ରେନ୍ ଚାଲିଥିବାବେଳେ ବିହାରକୁ ୨୬୯ଟି ଓ ମଧ୍ୟପ୍ରଦେଶକୁ ୮୧ଟି ଟ୍ରେନ୍ ଯାଇଛି। ଝାଡ଼ଖଣ୍ଡକୁ ୫୦, ଓଡ଼ିଶାକୁ ୫୨, ରାଜସ୍ଥାନକୁ ୨୩ ଓ ପଶ୍ଚିମବଙ୍ଗକୁ ୯ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଯାଇଥିବା ରେଲୱେ ତଥ୍ୟରୁ ଜଣାପଡିଛି। ଭଡ଼ାର ୮୫ ପ୍ରତିଶତ ରେଲୱେ ଭରଣା କରୁଥିବାବେଳେ ବାକି ୧୫ ପ୍ରତିଶତ ସମ୍ପୃକ୍ତ ରାଜ୍ୟ ସରକାର ପୈଠ କରିବାର ବ୍ୟବସ୍ଥା ହୋଇଛି। ଏହା ସତ୍ତ୍ୱେ ଶ୍ରମିକମାନେ ବିପଜ୍ଜନକ ଭାବେ ଟ୍ରକ୍‌ରେ ଫେରିବା ଯୋଗୁ ଶନିବାର ଦୁଇଟି ଦୁର୍ଘଟଣାରେ ୩୦ ଜଣଙ୍କ ମୃତ୍ୟୁ ଘଟିଛି। ତେଣୁ ସୀମିତ ଟ୍ରେନ୍, ବସ୍ ଓ ବିମାନ ଚଳାଚଳକୁ ଅନୁମତି ଦିଆଯିବା ଜରୁରୀ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି।

# ୫ ଲଶ୍କର ଆତଙ୍କବାଦୀ ଗିରଫ

**ଶ୍ରୀନଗର,୧୬।୫**



ଜମ୍ମୁ-କଶ୍ମୀର ପୋଲିସ ଶନିବାର ବଡ଼ଗାମସ୍ଥିତ ଏକ ଆଡ୍ଡାରୁ ଲଶ୍କର-ଇ-ତୋଇବାର ୫ ଆତଙ୍କବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଆତଙ୍କବାଦୀମାନେ ଲୁଚି ରହିଥିବାର ଗୋଇନ୍ଦା ସୂଚନା ପାଇ ବଡ଼ଗାମ ପୋଲିସ, ୫୩ ଆର୍‌ଆର୍ ଏବଂ ସିଆର୍‌ପିଏଫ୍‌ର ୧୫୩ ବାଟାଲିୟନ ପକ୍ଷରୁ ଚଢ଼ଉ କରାଯାଇଥିଲା। ସେଠାରୁ ଆତଙ୍କବାଦୀ ୟୁନିସ ମୀର୍, ଅସଲାମ ଶେଖ, ପରୱେଜ ଶେଖ୍ ଓ ରେହମନ ଲୋନେ ଗିରଫ ହୋଇଥିବାବେଳେ ଖାନ୍‌ସାଇବ ଥାନା ଅନ୍ତର୍ଗତ ଅରିଜଲ ଗ୍ରାମରେ ତଲାସି ଅଭିଯାନ ବେଳେ ଏଲ୍‌ଇଟିର ସହଯୋଗୀ ଆତଙ୍କବାଦୀ ଜହୁର ୱାନି ଗିରଫ ହୋଇଥିଲେ। ସୁରକ୍ଷା ବଳ ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରିଛି।

### କନ୍‌ଷ୍ଟେବଲ ଶହୀଦ

ଅନ୍ୟପକ୍ଷରେ କୁଲ୍‌ଗାମ୍ ଜିଲାରେ ସୁରକ୍ଷା ବଳ ଉପରେ ଆତଙ୍କବାଦୀ ଆକ୍ରମଣ କରିବାରୁ ଜଣେ ହେଡ୍ କନ୍‌ଷ୍ଟେବଲ ଶହୀଦ ହୋଇଛନ୍ତି। କୁଲ୍‌ଗାମ ଜିଲାର ଫ୍ରିସଲସ୍ଥିତ ମେନ୍ ଚୌକ୍‌ଠାରେ ନିୟୋଜିତ ଥିବା ପୋଲିସ ଓ ସିଆର୍‌ପିଏଫ୍ ପାର୍ଟି ଉପରେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଗୁରୁତର ଆହତ ହେଡ୍ କନ୍‌ଷ୍ଟେବଲ ମହମ୍ମଦ ଅମିନ୍‌ଙ୍କୁ ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭାରତକୁ ଭେଣ୍ଟିଲେଟର ଯୋଗାଇବ ଆମେରିକା

**ନୂଆଦିଲ୍ଲୀ/ୱାଶିଂଟନ,୧୬।୫(ପି.ଟି.)**


ନରେନ୍ଦ୍ର ମୋଦି


ଡୋନାଲ୍ଡ ଟ୍ରମ୍ପ

**କରୋନା ମୁକାବିଲା**
- ଟିକା ପାଇଁ ଭାରତ ସହ କାମ କରୁଛୁ: ଟ୍ରମ୍ପ
- ବିଶ୍ୱକୁ କରୋନାମୁକ୍ତ କରିବା ଲାଗି ଏକାଠି ହେବା ଗୁରୁତ୍ୱପୂର୍ଣ୍ଣ: ମୋଦି

କରୋନା ମହାମାରୀର ମୁକାବିଲା ଲାଗି ଆମେରିକା ଭାରତକୁ ଭେଣ୍ଟିଲେଟର ଯୋଗାଇଦେବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଦୁଇଦେଶ ମଧ୍ୟରେ ସମ୍ପର୍କ ଘନିଷ୍ଠ ହୋଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଭଲ ବନ୍ଧୁ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। କୋଭିଡ୍–୧୯ ସାରା ବିଶ୍ୱରେ ୩ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଲାଣି ଓ ୪୫ ଲକ୍ଷରୁ ଅଧିକ ସଂକ୍ରମିତ ହେଲେଣି। ଏହା ଭୂତାଣୁର ମୁକାବିଲା ପାଇଁ ଆମେରିକା ଓ ଭାରତ ଟିକା ପ୍ରସ୍ତୁତିରେ ପରସ୍ପରକୁ ସହଯୋଗ କରୁଛନ୍ତି। ଏକାଠି ଆମେ ଏହି ଅଦୃଶ୍ୟ ଶତ୍ରୁକୁ ପରାଜିତ କରିପାରିବା। ମହାମାରୀ ବେଳେ ଆମେ ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଛରେ ଛିଡା ହୋଇଛୁ ବୋଲି ଟ୍ରମ୍ପ ଖବରଦାତାମାନଙ୍କୁ କହିଛନ୍ତି। କୋଭିଡ୍–୧୯ ଚିକିତ୍ସା ଲାଗି ଭାରତୀୟ-ଆମେରିକୀୟ ବୈଜ୍ଞାନିକ ଓ ଗବେଷକମାନେ ଔଷଧ ଓ ଟିକା ପ୍ରସ୍ତୁତି ଦିଗରେ ଉଦ୍ୟମ ଚଳାଇଥିବାରୁ ଟ୍ରମ୍ପ ସେମାନଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ ଟ୍ରମ୍ପଙ୍କ ଅନୁରୋଧକ୍ରମେ ଭାରତ ଗତମାସରେ ଆମେରିକାକୁ ୫୦ ନିୟୁତ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଟାବ୍‌ଲେଟ ପଠାଇଥିଲା। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଙ୍କଟ ସମୟରେ ବିଭିନ୍ନ ରାଷ୍ଟ୍ର ଏକାଠିକାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକୁ ସୁସ୍ଥ ରଖିବା ସହ କୋଭିଡ୍–୧୯ରୁ ମୁକ୍ତ ରଖିବା ଦିଗରେ ଯଥାସମ୍ଭବ ଉଦ୍ୟମ କରିବାକୁ ହେବ ବୋଲି ସେ କହିଛନ୍ତି। ଭେଣ୍ଟିଲେଟର ଦାନ ପାଇଁ ଆମେରିକା ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇ ମୋଦି କହିଛନ୍ତି, ମହାମାରୀ ବିରୋଧରେ ଆମ୍ଭମାନଙ୍କର ମିଳିତ ସଂଗ୍ରାମ ଜରୁରୀ। ଏହା ଭାରତ-ଆମେରିକା ସମ୍ପର୍କକୁ ଅଧିକ ମଜଭୁତ କରିବ ବୋଲି ମୋଦି ଟୁଇଟ୍ କରିଛନ୍ତି।

## ମୋଦି ସରକାରଙ୍କୁ ୬ ବର୍ଷ

**ନୂଆଦିଲ୍ଲୀ, ୧୬।୫**

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଶନିବାର ୬ ବର୍ଷ ପୂରଣ କରିଛନ୍ତି। ୨୦୧୪ ମେ ୧୬ରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ମୋଦିଙ୍କ ପ୍ରଧାନମନ୍ତ୍ରିତ୍ୱରେ କେନ୍ଦ୍ର ସରକାର ଗଠନ କରାଯାଇଥିଲା। ପୁଣି ମୋଦି ହାୱାରେ ୨୦୧୯ ନିର୍ବାଚନ ବୈତରଣୀ ପାର୍‌ହୋଇ ଏନ୍‌ଡିଏ କ୍ଷମତାକୁ ଫେରିଥିଲା। ଏହା ମଧ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ, ଗ୍ରାମ ବିଦ୍ୟୁତୀକରଣ ଯୋଜନା, ବେଟୀ ପଢ଼ାଓ ବେଟୀ ବଚାଓ ଅଭିଯାନ, ଜନ ଧନ ଯୋଜନା ଓ ଦ୍ୱିତୀୟ ପାଳିରେ ୩୭୦ ଧାରା ଉଚ୍ଛେଦ, ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ, ଏନ୍‌ଆର୍‌ସି ମୋଦିଙ୍କୁ ସଫଳତା ଆଣିଦେଇଛି। ଯଦିଓ କେତେକ କଠିନ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିଛି, ତେବେ ସରକାର ପ୍ରତି କୌଣସି ବିପଦ ଦେଖାଦେଇନି। ମୋଦି ସରକାର ପୂରା ୧୦ ବର୍ଷ ଶାସନ କରିବା ସମ୍ଭାବନା ରହିଛି।

## ସଂକ୍ଷେପରେ

### ୪୦ ଡିଗ୍ରୀ ଉପରେ ୭ ସହର

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ବାତ୍ୟା ଦାନା ବାନ୍ଧୁଥିବା ବେଳେ ରାଜ୍ୟରେ ତାତି ବହୁମାତ୍ରାରେ ବଢ଼ିଯାଇଛି। ଗତ କିଛିଦିନ ହେବ ରାଜ୍ୟରେ ପାରଦ ଉପରମୁହାଁ ରହିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ୭ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୪୦.୩, ତାଳଚେର ୪୦.୮, ଭବାନୀପାଟଣା ୪୦, ବଲାଙ୍ଗୀର ୪୧.୫, ବୌଦ୍ଧ ୪୦, ମାଲକାନଗିରି ୪୧.୫, ସମ୍ବଲପୁର ୩୯.୮, ହୀରାକୁଦ ୩୯.୪, ନୟାଗଡ଼ ୩୯, ସୋନପୁର ୩୯.୪ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୧୮ ତାରିଖ ଯାଏ ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ରହିଛି। ତେବେ ଏହି ସମୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, ବଲାଙ୍ଗୀର, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

### ପୋଡ଼ିହୋଇ ମା'ପୁଅ ମୃତ
#### ଯୌତୁକ ପାଇଁ ହତ୍ୟା ଅଭିଯୋଗ

**ମହାକାଳପଡ଼ା,୧୬।୫ (ଡି.ଏନ.ଏ.):** ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଭୋପାଳ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ନିଆଁରେ ପୋଡିହୋଇ ଜଣେ ମହିଳା ଓ ତାଙ୍କ ଶିଶୁପୁତ୍ର ପ୍ରାଣ ହରାଇଛନ୍ତି। ମୃତକ ହେଲେ ଗ୍ରାମର ସଚିତ୍ର ସ୍ୱାଇଁଙ୍କ ସ୍ତ୍ରୀ ଲୋଭବତୀ ଓ ତାଙ୍କ ୩ବର୍ଷର ଶିଶୁପୁତ୍ର। ପାରିବାରିକ ବିବାଦରୁ ଏପରି ଘଟଣା ଘଟିଥିବା କୁହାଯାଉଛି। ଅନ୍ୟପକ୍ଷେ ଯୌତୁକ ପାଇଁ ଶାଶୁଘର ଲୋକେ ଏହି ହତ୍ୟାକାଣ୍ଡ ଘଟଣାଇଥିବା ଲୋଭବତୀଙ୍କ ବାପା ନିକଟସ୍ଥ ରଡିଆ ଗ୍ରାମର ବ୍ରହ୍ମାନନ୍ଦ ସାମଲ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ପୂର୍ବାହ୍ନରେ ଲୋଭବତୀ ତାଙ୍କର ଦୁଇ ପୁତ୍ରକୁ ଏକ ଘରେ ରଖି କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପଡୋଶୀ ଏହା ଜାଣିପାରି କବାଟ ଭାଙ୍ଗି ସମସ୍ତଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ଲୋଭବତୀ ଓ ତାଙ୍କ ଶିଶୁପୁତ୍ର ଗୁରୁତର ହୋଇଥିବାବେଳେ ୮ବର୍ଷର ବଡପୁଅ ସାମାନ୍ୟ ଆହତ ହୋଇଥିବା ଜଣାପଡିଥିଲା। ଗୁରୁତର ମା' ଓ ଶିଶୁଙ୍କୁ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଛି। ଖବର ପାଇ ତନ୍ତିଆପାଳ ପୋଲିସ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଥାନା ଆଇଆଇସି [illegible] ମହିଳାଙ୍କ ବାପାଙ୍କ ଅଭିଯୋଗକ୍ରମେ ଥାନାରେ ୭୬/୨୦ରେ ଏକ ମାମଲା ରୁଜୁ ହୋଇଛି।

# ଅନ୍‌ଲାଇନ ବାଇବେଲ୍ କ୍ଲାସ୍‌ରେ ଚାଲିଲା ଅଶ୍ଳୀଳ ଭିଡିଓ

- ହ୍ୟାକରଙ୍କ କାରନାମା
- ଜୁମ୍ ଆପ୍ ବିରୋଧରେ ମକଦ୍ଦମା କଲା ଆମେରିକାର ଚର୍ଚ୍ଚ

**ସାନ୍ ଫ୍ରାନ୍ସିସ୍କୋ,୧୬।୫**

ସାରା ବିଶ୍ୱରେ ସମ୍ପ୍ରତି ଲୋକପ୍ରିୟତା ସାଉଣ୍ଟୁଥିବା ଭିଡିଓ କନ୍‌ଫରେନ୍ସିଂ ଆପ୍ 'ଜୁମ୍' ବିରୋଧରେ ମକଦ୍ଦମା ରୁଜୁ କରିଛି ଆମେରିକା କାଲିଫର୍ନିଆର ଏକ ଚର୍ଚ୍ଚ। କାରଣ ଜୁମ୍ ଆପ୍ ଜରିଆରେ ଅନ୍‌ଲାଇନ ବାଇବେଲ୍ ଅଧ୍ୟୟନ କ୍ଲାସ୍ ଚାଲିଥିବାବେଳେ ହଠାତ୍ ଦେଖିବାକୁ ମିଳିଥିଲା ଅଶ୍ଳୀଳ ଭିଡିଓ। ଜଣେ ହ୍ୟାକର ଏଭଳି କାଣ୍ଡ ଘଟାଇଥିଲେ। ଫଳରେ ବାଇବେଲ୍ ଅଧ୍ୟୟନ କରୁଥିବା ବ୍ୟକ୍ତିମାନେ ଚକିତ ହୋଇଯିବା ସହ ଅସହଜ ମନେ କରିଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ବରିଷ୍ଠ ନାଗରିକ ଥିଲେ।

ପ୍ରମୁଖ ଗଣମାଧ୍ୟମ ସଂସ୍ଥା ସିଏନ୍‌ଏନ୍ ଅନୁଯାୟୀ, ସାନ୍ ଫ୍ରାନ୍ସିସ୍କୋର ଅନ୍ୟତମ ପୁରାତନ ଚର୍ଚ୍ଚ ସେଣ୍ଟ ପାଉଲ୍ସ ଲୁଥେରାନ ଚର୍ଚ୍ଚ ଗତ ୬ ତାରିଖରେ ଏକ ବାଇବେଲ୍ ଅଧ୍ୟୟନ କ୍ଲାସ୍ ଆୟୋଜନ କରିଥିଲା। ହ୍ୟାକର ଜଣକ ସେହି ଅନ୍‌ଲାଇନ କ୍ଲାସ୍‌ରେ ଅନୁପ୍ରବେଶ କରି ଅଶ୍ଳୀଳ ଭିଡିଓ ଚଳାଇଥିଲେ। ଅଧ୍ୟୟନ କ୍ଲାସ୍‌ର ଅଂଶଗ୍ରହଣକାରୀଙ୍କ ପାଇଁ କଣ୍ଟ୍ରୋଲ ବଟନ ଅକ୍ଷମ ହୋଇଯାଇଥିଲା। ସେମାନେ ଉକ୍ତ ସେସନ୍‌କୁ ବନ୍ଦ କରି ପୁଣି ଆରମ୍ଭ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ହ୍ୟାକର ଜଣକ ଅଶ୍ଳୀଳ ଭିଡିଓ ଦ୍ୱାରା ପୁଣି ଆକ୍ରମଣ କରିଥିଲେ।

ମକଦ୍ଦମାରେ ଚର୍ଚ୍ଚ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ଭିଡିଓ ଫୁଟେଜ୍ ଅତ୍ୟନ୍ତ ଘୃଣ୍ୟ ଥିଲା। ସେଥିରେ ବୟସ୍କମାନେ ପରସ୍ପର ସହ ଯୌନ ସମ୍ପର୍କ ରଖିବା ସହ ପିଲାମାନେ ଯୌନ ଶୋଷଣର ଶିକାର ହେବାର ଦୃଶ୍ୟ ଥିଲା। ହ୍ୟାକର ଜଣକ ଜଣାଶୁଣା ଅପରାଧୀ ବୋଲି ଜୁମ୍ ପକ୍ଷରୁ ସ୍ୱୀକାର କରାଯାଇଥିବା ଏବଂ ତାଙ୍କ ବିରୋଧରେ ପ୍ରଶାସନ ନିକଟରେ ଏକାଧିକ ଥର ରିପୋର୍ଟ କରାଯାଇଥିବା ମକଦ୍ଦମାରେ ଦର୍ଶାଯାଇଛି। ହେଲେ ଏହି ବିଷୟକୁ ଗମ୍ଭୀର ଭାବେ ନେବାକୁ ଜୁମ୍ ମନା କରିବା ପରେ ମାମଲା ରୁଜୁ କରାଯାଇଥିବା ଚର୍ଚ୍ଚର ଅନ୍ୟତମ ଓକିଲ ମାର୍କ ମଲୁମ୍ପି ସିଏନ୍‌ଏନ୍‌କୁ କହିଛନ୍ତି।

ଜୁମ୍‌ର ଜଣେ ମୁଖପାତ୍ର ଗଣମାଧ୍ୟମ ସଂସ୍ଥା ବିବିସିକୁ ଏକ ବିବୃତି ଦେଇ ଘଟଣାକୁ ଭୟଙ୍କର ବୋଲି କହିଛନ୍ତି। ପ୍ରଭାବିତ ବ୍ୟକ୍ତିମାନଙ୍କ ପ୍ରତି ଆମର ସହୃଦୟତା ଅଛି। ସେହିଦିନ ହିଁ ଆମେ ଘଟଣା ବିଷୟରେ ଜାଣିବା ପରେ ଅପରାଧୀଙ୍କୁ ଚିହ୍ନଟ କରିଥିଲୁ। ତାଙ୍କ ଅନୁପ୍ରବେଶକୁ ରୋକିବା ପାଇଁ ପଦକ୍ଷେପ ନେବା ସହ କାର୍ଯ୍ୟାନୁଷ୍ଠାନ ଲାଗି ଉପଯୁକ୍ତ ଅଧିକାରୀଙ୍କ ନିକଟରେ ରିପୋର୍ଟ କରିଥିଲୁ ବୋଲି ଜୁମ୍ ମୁଖପାତ୍ର କହିଛନ୍ତି।




କରୋନା ଭାଇରସ୍ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବିଭିନ୍ନ ଦେଶରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ବିଭିନ୍ନ ପର୍ଯ୍ୟାୟରେ ଲକ୍‌ଡାଉନ୍ ଜାରି ରହିଛି। ଫଳରେ କୋଟି କୋଟି ଲୋକ ଘରେ ରହିବାକୁ ବାଧ୍ୟ ହୋଇଛନ୍ତି। ଏଭଳିସ୍ଥଳେ ଘରେ ରହି ଅଫିସ୍ ଓ ବାଣିଜ୍ୟିକ କାର୍ଯ୍ୟ ନିମନ୍ତେ ଭିଡିଓ ଚାଟିଂ ବେଶ୍ ଜରୁରୀ ହୋଇପଡ଼ିଛି। ଏହି ଆବଶ୍ୟକତାକୁ ଅନେକାଂଶରେ ପୂରଣ କରିପାରୁଛି ଜୁମ୍ ଆପ୍। ଫଳରେ ତାହାର ଲୋକପ୍ରିୟତା ବଢ଼ିଛି। ଏଥିରେ ଏକା ସଙ୍ଗେରେ ୧୦୦ଜଣ ଲୋକ ୪୦ ମିନିଟ୍ ଯାଏ ପରସ୍ପରକୁ ଦେଖିପାରୁଛନ୍ତି ଏବଂ କଥା ହୋଇପାରୁଛନ୍ତି। ହେଲେ ବ୍ୟବହାରକାରୀଙ୍କ ଗୋପନୀୟତା ଏବଂ ନିରାପତ୍ତା ସମ୍ବନ୍ଧରେ ଜୁମ୍ ଆପ୍ କ୍ରମାଗତ ଭାବେ ଟାର୍ଗେଟ ହୋଇଆସୁଛି। ବ୍ୟବହାରକାରୀଙ୍କ ଡାଟା ସୁରକ୍ଷିତ ନ ଥିବା ନେଇ ବହୁ ପୂର୍ବରୁ ଅଭିଯୋଗ ହେବା ସହ କେତେକ ମାମଲା ମଧ୍ୟ ରୁଜୁ ହୋଇଛି। ସାଇବର ଅପରାଧୀମାନେ ଏହି ଆପ୍‌କୁ ନିଜର ଅସ୍ତ୍ର ଭାବେ ବ୍ୟବହାର କରି ଅନ୍ୟକୁ ହଇରାଣ କରିବା ସହ ବିପଦରେ ପକାଇପାରିବେ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଥିଲେ। ସେହିପରି ଭାରତରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜୁମ୍ ଆପ୍ ଏକ ସୁରକ୍ଷିତ ପ୍ଲାଟଫର୍ମ ନୁହେଁ ବୋଲି ଏପ୍ରିଲରେ ଚେତାଇ ଦିଆଯାଇଥିଲା। ତଥାପି ଯେଉଁମାନେ ଏହାକୁ ବ୍ୟବହାର କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ସୁରକ୍ଷା ସମ୍ପର୍କିତ ଗାଇଡଲାଇନ୍ ଜାରି କରାଯାଇଥିଲା।

# ଆତଙ୍କିତ ନ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ଆସନ୍ତା ୧୯ କିମ୍ବା ୨୦ ତାରିଖରେ ସାମୁଦ୍ରିକ ଝଡ଼ ଅମ୍ଫନ୍ ସ୍ଥଳଭାଗ ଅତିକ୍ରମ କରିବ। ରାଜ୍ୟର ୧୨ଟି ଜିଲା ଏଥିରେ ପ୍ରଭାବିତ ହେବାର ଆଶଙ୍କା ରହିଛି। ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଅମ୍ଫନ୍‌ର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ନେଇ ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ। ଏହାକୁ ଦୃଷ୍ଟିରେ ରଖି ମୁକାବିଲା ଯୋଜନା ପ୍ରସ୍ତୁତ କରିବାକୁ ବରିଷ୍ଠ ଅଧିକାରୀ ଓ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ବିପଦପୂର୍ଣ୍ଣ ଅଞ୍ଚଳରେ ଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ବାତ୍ୟା ପରେ ରାସ୍ତା, ପାନୀୟ ଜଳ ଏବଂ ବିଜୁଳି ଯୋଗାଣ ସ୍ୱାଭାବିକ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପୂର୍ତ୍ତ, ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ଏବଂ ନଗର ଉନ୍ନୟନ ବିଭାଗ ସମନ୍ୱୟ ରକ୍ଷା କରି କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ସମୟରେ ମାଛଧରା କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାବାସୀ ୧୯୯୯ ମହାବାତ୍ୟା ଠାରୁ ଆରମ୍ଭ କରି ଫାଇଲିନ, ହୁଦ୍‌ହୁଦ୍, ତିତ୍‌ଲି, ବୁଲବୁଲ, ଫନୀ ଭଳି ବହୁ ବାତ୍ୟାକୁ ସଫଳତାର ସହ ମୁକାବିଲା କରି ଆସିଛନ୍ତି। ଅମ୍ଫନ୍ ବାତ୍ୟାକୁ ନେଇ ଆତଙ୍କିତ ନ ହୋଇ ମୁକାବିଲା କରିବା ପାଇଁ ସରକାରଙ୍କୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ପ୍ରଭାବିତ ହେବାକୁ ଥିବା ୧୨ଟି ଜିଲାର ଜିଲାପାଳମାନଙ୍କ ସହ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି। ଏହି ବାତ୍ୟା ଅମ୍ଫନ୍ ମୁକାବିଲା ନେଇ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କେନ୍ଦ୍ର କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ଥିବା ମୁଖ୍ୟଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ବାତ୍ୟା ଯୋଗୁ ୪ଟି ଜିଲାର ୬୪୯ ଗାଁର ପ୍ରାୟ ୭ ଲକ୍ଷ ଲୋକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଥିସହିତ ୧ ଲକ୍ଷ ହେକ୍ଟର ରବି ଫସଲ ଓ ପନିପରିବା ପ୍ରଭାବିତ ହେବା ନେଇ ଆକଳନ କରାଯାଇଛି। ଚାଷୀମାନଙ୍କୁ ସେମାନଙ୍କର ଫସଲ ଅମଳ କରିନେବା ପାଇଁ ସଚେତନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ବାତ୍ୟା ମୁକାବିଲା ପାଇଁ ୧୧ ଲକ୍ଷ ଲୋକ ରହି ପାରିବା ଭଳି ୫୬୭ଟି ବାତ୍ୟା ଆଶ୍ରୟସ୍ଥଳ ଏବଂ ୭ ହଜାର ପକ୍କାଘରକୁ ପ୍ରସ୍ତୁତ ରଖାଯାଇଛି। ଏଥିସହିତ ୩ଟି ଏନ୍‌ଡିଆର୍‌ଏଫ୍, ୧୨ଟି ଓଡ୍ରାଫ୍ ଟିମ୍ ଏବଂ ୩୫୫ ଅଗ୍ନିଶମ ବାହିନୀକୁ ମୁତୟନ କରାଯାଇଛି ବୋଲି ବୈଠକ ପରେ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି।

ରାଜ୍ୟ ପ୍ରଶାସନ ବର୍ତ୍ତମାନ କୋଭିଡ-୧୯ ନିୟନ୍ତ୍ରଣ ସଫଳତାର ସହ କରି ଚାଲିଥିବାରୁ ମୁଖ୍ୟମନ୍ତ୍ରୀ ତୃଣମୂଳ ସ୍ତରରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ଟିମ୍ ଓଡ଼ିଶାର ସମସ୍ତ ସଦସ୍ୟଙ୍କୁ ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ପାଇଁ ଧନ୍ୟବାଦ ଦେଇଛନ୍ତି। ଏହି ଭିଡିଓ କନଫରେନ୍ସରେ ମୁଖ୍ୟଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ଉନ୍ନୟନ କମିଶନର, ପୋଲିସ ମହାନିର୍ଦ୍ଦେଶକ, ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଏବଂ ପ୍ରଭାବିତ ଜିଲାଗୁଡ଼ିକର ଜିଲାପାଳମାନେ ଉପସ୍ଥିତ ଥିଲେ।



ଶନିବାର ଜିଲାପାଳମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

### ପ୍ରାକ୍ ବାତ୍ୟା ମୁକାବିଲା ସମୀକ୍ଷା

- ପ୍ରତିଟି ଜୀବନ ରକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ
- କେନ୍ଦ୍ର କ୍ୟାବିନେଟ ସଚିବଙ୍କ ସହ ଆଲୋଚନା କଲେ ମୁଖ୍ୟ ଶାସନ ସଚିବ
- ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀ ମୁତୟନ
- ପ୍ରଭାବିତ ହେବେ ୪ ଜିଲାର ୭ ଲକ୍ଷ ଲୋକ
- ୧ ଲକ୍ଷ ହେକ୍ଟର ରବି ଫସଲ ନଷ୍ଟ ହେବା ଆଶଙ୍କା

## ଅସ୍ଥାୟୀ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ସ୍ଥାନାନ୍ତର ନିର୍ଦ୍ଦେଶ

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୪ ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ସର୍ବାଧିକ ପ୍ରଭାବିତ ହେବ। ଏହି ଜିଲାଗୁଡ଼ିକରେ ସମୁଦ୍ର କୂଳଠାରୁ ୩ କି.ମି. ମଧ୍ୟରେ ଥିବା ଅସ୍ଥାୟୀ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ସ୍ଥାନାନ୍ତର କରିବା ପାଇଁ ସମ୍ପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଠାରେ ରହୁଥିବା ସମସ୍ତ ପ୍ରବାସୀଙ୍କୁ ୧୮ ତାରିଖ ସୁଦ୍ଧା ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ଏଥିସହ ଏହି ଜିଲାଗୁଡ଼ିକରେ ଥିବା ହସ୍ପିଟାଲରେ ପର୍ଯ୍ୟାପ୍ତ ପରିମାଣର ଡିଜେଲ, ଜେନେରେଟର, ଔଷଧ, ସାପ କାମୁଡ଼ା ଔଷଧ, ବ୍ଲିଚିଂ ପାଉଡର ମହଜୁଦ ଅଛି। ପରିସ୍ଥିତି ଉପରେ ଦୃଷ୍ଟି ରଖିବା ନିମନ୍ତେ ସ୍ୱତନ୍ତ୍ର ମେଡିକାଲ ଟିମ୍ ଗଠନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ତେବେ କୋଭିଡ୍ ସମୟରେ ବାତ୍ୟା ଆସୁଛି ବୋଲି ଲୋକେ ଭୟଭୀତ ହୁଅନ୍ତୁ ନାହିଁ। ବିଶେଷକରି ଏହି ୪ ଜିଲାବାସୀ କୌଣସି ପ୍ରକାର ଚିନ୍ତା କରନ୍ତୁ ନାହିଁ। ରାଜ୍ୟ ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି ବୋଲି ମହାପାତ୍ର କହିଛନ୍ତି।

# ଏନ୍‌ଏଚ୍‌ଆର୍‌ସିରେ ୪ ପିଟିଶନ

### ସୁରଟ ପୋଲିସ ମାଡ଼ରେ ପ୍ରବାସୀ ଓଡ଼ିଆଙ୍କ ମୃତ୍ୟୁ ଘଟଣା

**ଭୁବନେଶ୍ୱର,୧୬।୫ (ବ୍ୟୁରୋ)**

ସାମାଜିକ ଦୂରତ୍ୱ ଉଲ୍ଲଂଘନ ଅଭିଯୋଗରେ ଗୁରୁବାର ଗୁଜରାଟ ସୁରଟରେ ଜଣେ ପ୍ରବାସୀ ଓଡ଼ିଆଙ୍କୁ ସ୍ଥାନୀୟ ପୋଲିସ ନିସ୍ତୁକ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆରସି)ରେ ୪ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ ଦାଶ, ପ୍ରତାପଚନ୍ଦ୍ର ମହାନ୍ତି ଓ ହିମାଂଶୁ ଶେଖର ନାୟକ ସହ କଂଗ୍ରେସ ମୁଖପାତ୍ର ତଥା ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ଅଭିଯୋଗକୁ ଏନ୍‌ଏଚ୍‌ଆର୍‌ସି ଗୁରୁତ୍ୱର ସହ ନେଇ ତାହାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ପିଟିଶନରେ ଉଲ୍ଲେଖ ରହିଛି ଯେ, ଗୁଜରାଟ ପୋଲିସ ଜଣେ ପ୍ରବାସୀଙ୍କୁ ଅମାନବୀୟ ଭାବେ ପିଟିପିଟି ମାରି ଦେଇଥିବାରୁ ଏହା ସମ୍ବିଧାନର ଧାରା ୧୪, ୧୯ ଏବଂ ୨୧ର ଉଲ୍ଲଂଘନ ହୋଇଛି। ତେଣୁ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୁଜରାଟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ମାନବାଧିକାର କର୍ମୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ମୃତକ ପ୍ରବାସୀ ଜଣକ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବୁଗୁଡାର ସତ୍ୟ ସ୍ୱାଇଁ(୪୦)। ବଡ଼ଭାଇ ସନ୍ତୋଷଙ୍କ ସହ ସୁରଟର ଅଞ୍ଜନି ଶିଳ୍ପାଞ୍ଚଳରେ ରହି କାମ କରୁଥିଲେ। ଗୁରୁବାର ରାତିରେ ତାଙ୍କ ବିଲ୍ଡିଂର ଅନ୍ୟ ସାଙ୍ଗମାନଙ୍କ ସହ ସତ୍ୟ ବାହାରକୁ ବାହାରିଥିବାବେଳେ ପୋଲିସ ତାଙ୍କୁ ଧରି ନିସ୍ତୁକ ମାଡ଼ମାରି ଛାଡ଼ି ପଳାଇଥିଲା। ସାଙ୍ଗମାନେ ଆମ୍ବୁଲାନ୍ସରେ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଘରକୁ ଆସିବାକୁ ସ୍ଥାନୀୟ ପ୍ରଶାସନ ନିକଟରେ ମଧ୍ୟ ନାମ ପଞ୍ଜୀକରଣ କରିଥିଲେ।

# ଖୋଲିବ ବନ୍ଦ ପଡ଼ିଥିବା ମଦ ଫ୍ୟାକ୍ଟ୍ରି

### ୧୧ ଜିଲାପାଳଙ୍କୁ ଚିଠିକଲେ ଅବକାରୀ କମିଶନର

**କଟକ ଅଫିସ,୧୬।୫**

ଲକ୍‌ଡାଉନ୍ ଯୋଗୁ ରାଜ୍ୟରେ ମଦ ଫ୍ୟାକ୍ଟ୍ରିଗୁଡ଼ିକ ବନ୍ଦ ରହିଛି। ଲକ୍‌ଡାଉନ୍ ପରେ ମଦ ଚାହିଦା ବଢ଼ିଲେ, ଯୋଗାଇବା କଷ୍ଟକର ହେବ। ଏଣୁ ମଦ ଫ୍ୟାକ୍ଟ୍ରି (ବଟଲିଂ/ ବେଭରେଜ୍‌ୟୁନିଟ୍)କୁ ଖୋଲିବା ପାଇଁ ଅବକାରୀ କମିଶନର୍ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ରାଜ୍ୟର ୧୧ ଜିଲାପାଳଙ୍କୁ ଚିଠି ଲେଖି ଜିଲାରେ ମଦ ଫ୍ୟାକ୍ଟ୍ରି ଖୋଲିବା ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତ ଅବକାରୀ କମିଶନର ଅଞ୍ଜନ କୁମାର ମାନିକ। ସେହି ଜିଲାଗୁଡ଼ିକ ହେଲା ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ରାୟଗଡ଼ା, ସମ୍ବଲପୁର, ପୁରୀ, ଖୋର୍ଦ୍ଧା, କୋରାପୁଟ, ଜଗତସିଂହପୁର, କଟକ ଏବଂ ବଲାଙ୍ଗୀର।

ଚିଠିରେ ଉଲ୍ଲେଖ ରହିଛି ଯେ, ଫ୍ୟାକ୍ଟ୍ରିଗୁଡ଼ିକରେ ଷ୍ଟକ୍ ଯାଞ୍ଚ ବେଳେ ଖୁବ୍ କମ୍ ପରିମାଣର ମଦ ମହଜୁଦ ଥିବା ଜଣାପଡ଼ିଛି। ଅନ୍ୟପଟେ ଓଡ଼ିଶା ଷ୍ଟେଟ୍ ବେଭରେଜ କର୍ପୋରେଶନ ଲିମିଟେଡ୍ (ଓଏସ୍‌ବିସିଏଲ)ର ଗୋଦାମରେ ମଧ୍ୟ କମ୍ ମଦ ମହଜୁଦ୍ ରହିଛି। ଲକ୍‌ଡାଉନ୍ ପରେ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଏହା ଯଥେଷ୍ଟ ନୁହେଁ। ଏଣୁ ଫ୍ୟାକ୍ଟ୍ରିଗୁଡ଼ିକ ଖୋଲିବା ପାଇଁ ଅନୁମତି ଦେବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଗତ ମାର୍ଚ୍ଚ ୨୫ରୁ ମଦ ଫ୍ୟାକ୍ଟ୍ରି ବନ୍ଦ ରହିଛି। ରାଜ୍ୟରେ ୧୨ଟି ବଟଲିଙ୍ଗ୍ ପ୍ଲାଣ୍ଟ, ୨ଟି ଡିଷ୍ଟିଲେରିଜ୍ (ଆଲକହଲ୍ ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରି), ୫ଟି ବ୍ରିୱରିଜ୍ (ବିୟର୍ ତିଆରି ଫ୍ୟାକ୍ଟ୍ରି) ରହିଛି। ପୂର୍ବରୁ ଫ୍ୟାକ୍ଟ୍ରି ଖୋଲିବା ପାଇଁ ଅବକାରୀ କମିଶନର ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ଲେଖିଥିଲେ।



ଦିନରାତି କାମ କରୁଥିବା ସରକାରୀ କରୋନା ଯୋଦ୍ଧାଙ୍କୁ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଥିବା ବାଲୁକା କଳା।

# ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୭୩୭କୁ ବୃଦ୍ଧି

- ନୂଆ ୬୫ କରୋନା ପଜିଟିଭ୍ ଚିହ୍ନଟ
- ଗଞ୍ଜାମରେ ୨୭୭ ଛୁଇଁଲା, ୧୨୧ ସହ ବାଲେଶ୍ୱରକୁ ଟପିଲା ଯାଜପୁର
- ସୁସ୍ଥ ହେଲେ ଆଉ ୩୦ କରୋନା ଆକ୍ରାନ୍ତ

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

ରାଜ୍ୟର ୮ ଜିଲାରୁ ଆଉ ୬୫ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୫ଜଣ ପଶ୍ଚିମବଙ୍ଗ ଫେରନ୍ତା ହୋଇଥିବାବେଳେ ୨୨ଜଣ ସୁରଟ, ୬ଜଣ ଅହମ୍ମଦାବାଦ ଓ ଜଣେ ଝାଡ଼ଖଣ୍ଡ ଫେରନ୍ତା। ୬୩ ଜଣ ଆକ୍ରାନ୍ତ କ୍ୱାରାଣ୍ଟାଇନ ସେଣ୍ଟର ଓ ୨ଜଣ ହୋମ୍ କ୍ୱାରାଣ୍ଟାଇନରେ ଥିଲେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୩୭କୁ ବୃଦ୍ଧି ପାଇଛି। ଯାଜପୁରରୁ ସର୍ବାଧିକ ୩୧ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଗଞ୍ଜାମରୁ ୧୩, କଟକରୁ ୬, କେନ୍ଦ୍ରାପଡ଼ାରୁ ୪, ପୁରୀରୁ ୪, ଖୋର୍ଦ୍ଧାରୁ ୩, ମୟୂରଭଞ୍ଜ ଓ ନୟାଗଡ଼ରୁ ୨ଜଣ ଲେଖାଏ ରହିଛନ୍ତି। ତେବେ ଆକ୍ରାନ୍ତଙ୍କ ସଂଖ୍ୟାରେ ଏବେ ବାଲେଶ୍ୱର ଜିଲାକୁ ଟପିଛି ଯାଜପୁର। ଯାଜପୁରରେ ଜିଲାରେ ଏହି ସଂଖ୍ୟା ୧୨୧କୁ ବୃଦ୍ଧି ପାଇଥିବାବେଳେ ବାଲେଶ୍ୱରରେ ୧୦୨ ରହିଛି।

ସୂଚନାନୁସାରେ, ଯାଜପୁର ଜିଲାରେ ଚିହ୍ନଟ ୩୧ ଆକ୍ରାନ୍ତଙ୍କ ମଧ୍ୟରୁ ୩୦ଜଣ ପଶ୍ଚିମବଙ୍ଗ ଫେରନ୍ତା ଥିବାବେଳେ ଜଣେ ଝାଡ଼ଖଣ୍ଡରୁ ଆସିଛନ୍ତି। ସେହିଭଳି ଗଞ୍ଜାମର ୧୩ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୨ଜଣ ସୁରଟ ଫେରନ୍ତା ଥିବାବେଳେ ଜଣେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଏମାନଙ୍କୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୭୭କୁ ବୃଦ୍ଧି ପାଇଛି। କଟକ ଜିଲାରେ ଚିହ୍ନଟ ୬ ନୂଆ ଆକ୍ରାନ୍ତମାନେ ସମସ୍ତେ ଅହମ୍ମଦାବାଦ ଫେରନ୍ତା। ଏମାନଙ୍କୁ ମିଶାଇ କଟକ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। କେନ୍ଦ୍ରାପଡ଼ାରେ ଚିହ୍ନଟ ୪ ନୂଆ ଆକ୍ରାନ୍ତ ହେଉଛନ୍ତି ସୁରଟ ଫେରନ୍ତା। ଫଳରେ ଏବେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୬ ହୋଇଛି। ପୁରୀ ଜିଲାରେ ଚିହ୍ନଟ ସମସ୍ତ ୪ଜଣ ପଶ୍ଚିମବଙ୍ଗ ଫେରନ୍ତା। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ସେହିଭଳି ଖୋର୍ଦ୍ଧା ଜିଲାରେ ଚିହ୍ନଟ ୩ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ଓ ଜଣେ ସୁରଟ ଫେରନ୍ତା ଥିବାବେଳେ ଜଣେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଜଣାପଡ଼ିଛି। ଫଳରେ ଏହି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୫୬କୁ ବୃଦ୍ଧି ପାଇଛି। ସେପଟେ ମୟୂରଭଞ୍ଜ ଜିଲାରେ ନୂଆ ୨ ଆକ୍ରାନ୍ତ ସୁରଟ ଫେରନ୍ତା ଓ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧ରେ ପହଞ୍ଚିଛି। ନୟାଗଡ଼ ଜିଲାରେ ଚିହ୍ନଟ ନୂଆ ୨ ଆକ୍ରାନ୍ତ ସୁରଟ ଫେରନ୍ତା ଓ ଏମାନଙ୍କୁ ମିଶାଇ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬କୁ ବୃଦ୍ଧି ପାଇଛି।

ଅନ୍ୟପଟେ ପ୍ରତିଦିନ ପରି ଶନିବାର ମଧ୍ୟ ରାଜ୍ୟବାସୀଙ୍କୁ ଖୁସି ଖବର ମିଳିଛି। ରାଜ୍ୟରେ ଆଉ ୩୦ଜଣ ସୁସ୍ଥ ହୋଇଛନ୍ତି। ଫଳରେ ସୁସ୍ଥ କରୋନା ରୋଗୀଙ୍କ ସଂଖ୍ୟା ୧୯୬କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ମୋଟ ୫୩୮ଜଣ ସକ୍ରିୟ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୭୧୮ଜଣ ସନ୍ଦିଗ୍ଧ ହସ୍ପିଟାଲ ଆଇସୋଲେଶନ୍‌ରେ ରହିଛନ୍ତି।

ଧରିତ୍ରୀ
DHARITRI
ରବିବାର, ୧୭ ମେ, ୨୦୨୦

**କିରୋସିନ ହେରଫେର: ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**
ସରକାରୀ ପାଇକାରି ଦୋକାନଗୁଡ଼ିକରେ ଖାଉଟିମାନଙ୍କୁ ନିର୍ଦ୍ଧାରିତ ଦରଠାରୁ ଚଢ଼ା ଦାମ୍‌ରେ କିରୋସିନ ବିକ୍ରି ହେଉଥିବା ନେଇ ଅଭିଯୋଗ ଆସିବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଜିଲାଗୁଡ଼ିକରେ କାର୍ଡଧାରୀମାନଙ୍କୁ ନିର୍ଦ୍ଧାରିତ ଦରରେ ଏବଂ ଧାର୍ଯ୍ୟ ପରିମାଣର କିରୋସିନ ବିକ୍ରି କରାଯିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ବିଭାଗୀୟ ସଚିବ ବୀର ବିକ୍ରମ ଯାଦବ ଜିଲାପାଳମାନଙ୍କୁ ଏ ନେଇ ଚିଠି ଲେଖିଛନ୍ତି।

**ଆଜିର ମନ୍ତବ୍ୟ**
“ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସହ ବର୍ତ୍ତମାନ ଆଲୋଚନା କରିବାକୁ ଚାହୁଁନାହିଁ।
–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ଚୁନି ପରିବାରବର୍ଗ | ମୋନିକା ପରିବାରବର୍ଗ | ସମୀର ପରିବାରବର୍ଗ | ପ୍ରିତି ପରିବାରବର୍ଗ | ସୋନୁ ପରିବାରବର୍ଗ | ପ୍ରଦୀପ୍ ପରିବାରବର୍ଗ | ନଳି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୁଞ୍ଜିନିବେଶ ପାଇଁ ଓଡ଼ିଶା ପ୍ରକୃଷ୍ଟ ସ୍ଥାନ: ଶିଳ୍ପ ମନ୍ତ୍ରୀ

**ଆସୋଚାମ୍ ତରଫରୁ ଅନ୍‌ଲାଇନ ସମ୍ମିଳନୀ**

ଭୁବନେଶ୍ୱର,୧୬।୫(ବ୍ୟୁରୋ)
କୋଭିଡ–୧୯ ଯୋଗୁ ଦେଶରେ ଦେଖାଦେଇଥିବା ଅଚଳାବସ୍ଥାରେ ସୁଧାର ଆଣିବା ପାଇଁ ଜୋରସୋରରେ ଉଦ୍ୟମ ଚାଲିଛି । ପରବର୍ତ୍ତୀ ଅବସ୍ଥା ସମ୍ପର୍କରେ ଶନିବାର ଏକ ଉଚ୍ଚସ୍ତରୀୟ ବୈଠକ ଆସୋଚାମ ଆନୁକୂଲ୍ୟରେ ଆୟୋଜିତ ହୋଇଛି। ଏଥିରେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ କହିଛନ୍ତି, ଲକ୍‌ଡାଉନ୍ ପ୍ରଭାବ ଯୋଗୁ ସାରା ବିଶ୍ୱରେ ଉତ୍ପାଦନ କ୍ଷେତ୍ରରେ ଓ ବାଣିଜ୍ୟକ ପ୍ରତିଷ୍ଠାନଗୁଡିକରେ ଏକ ବିରାଟ ପରିବର୍ତ୍ତନର ଲକ୍ଷ୍ୟ କରାଯାଉଛି । ବିଶେଷଭାବେ ଯୋଗାଣ ଶୃଙ୍ଖଳରେ ପରିବର୍ତ୍ତନ କରି ଏଥିରେ ବିକଳ୍ପ ବ୍ୟବସ୍ଥା ସୃଷ୍ଟି ପାଇଁ ବିଚାର କରାଯାଉଛି। ଓଡ଼ିଶା ପୁଞ୍ଜିବିନିଯୋଗ କ୍ଷେତ୍ରରେ ଦେଶରେ ପ୍ରଥମ ତିନୋଟି ସ୍ଥାନରେ ରହିଆସିଛି । ଏଥି ସହିତ ଆଲୁମିନିୟମ, ଇସ୍ପାତ ପାଇଁ ଦେଶର ୧୩.୮% କଞ୍ଚାମାଲ ଯୋଗାଣ ଲାଗି ସକ୍ଷମ । ଲକ୍‌ଡାଉନ୍ ପରବର୍ତ୍ତୀ ଶିଳ୍ପ ପ୍ରତିଷ୍ଠା, ଉତ୍ପାଦନ ଏବଂ ବଜାର ନିମନ୍ତେ ଆମଦାନୀ ଓ ରପ୍ତାନି ପାଇଁ ଓଡ଼ିଶା ପୁଞ୍ଜି ନିବେଶ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ । ଏହି ଉଚ୍ଚସ୍ତରୀୟ ଅନ୍‌ଲାଇନ୍ ସମ୍ମିଳନୀ ରାଜ୍ୟ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରି ପାରିବ ବୋଲି ଅନୁମାନ କରାଯାଇଛି । ବୈଠକରେ ହରିୟାଣା ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌତାଲା, ଆନ୍ଧ୍ରପ୍ରଦେଶ ଶିଳ୍ପମନ୍ତ୍ରୀ ମେକାପତି ଗୌତମ ରେଡ୍ଡି, ଭାରତରେ ଅବସ୍ଥାପିତ ଭିଏତନାମର ରାଷ୍ଟ୍ରଦୂତ ଫାମ୍ ସାନ୍ ଚାଓ, ଅଧ୍ୟକ୍ଷ ଆସୋଚାମ୍ ନିରଞ୍ଜନ ହିରାନନ୍ଦନାନୀ, ବହୁରାଷ୍ଟ୍ରୀୟ କମ୍ପାନୀର ବରିଷ୍ଠ ଅଧିକାରୀଗଣ ଯୋଗଦେଇ ମତାମତ ରଖିଥିଲେ।

# କରୋନା ସଂକ୍ରମିତଙ୍କୁ ଭଲ କରିବ ‘ଇଣ୍ଟରଫେରନ’

ଟରଣ୍ଟୋ,୧୬।୫(ପି.ଟି.)
ସାରା ବିଶ୍ୱରେ କରୋନା ସଂକ୍ରମଣର ଭୟାବହତା ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରାଯାଉଥିଲେ ସୁଦ୍ଧା ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା କମିବାର ନାଁ ନେଉନାହିଁ। ବିଶେଷକରି କୋଭିଡ୍–୧୯ର କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନ ଥିବାରୁ ଏହା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ବିଭିନ୍ନ ରାଷ୍ଟ୍ରର ବୈଜ୍ଞାନିକ ଓ ଗବେଷକମାନେ ଏହାର ଟିକା ବାହାର କରିବାରେ ଲାଗିପଡ଼ିଛନ୍ତି। ତେବେ କେତେଜଣ ଗବେଷକଙ୍କ ମତରେ ପୂର୍ବରୁ ବ୍ୟବହାର ହେଉଥିବା ଆଣ୍ଟି ଭାଇରାଲ ଔଷଧକୁ ବ୍ୟବହାର କଲେ କୋଭିଡ୍–୧୯ ସଂକ୍ରମିତ ଭଲ ହୋଇପାରିବେ। ଏହସହ ସଂକ୍ରମିତଙ୍କ ସଂଖ୍ୟା ବେଶ୍ ହ୍ରାସ ପାଇବ ବୋଲି ଗବେଷକମାନେ କହିଛନ୍ତି। ଫ୍ରଣ୍ଟିୟର ଜର୍ନାଲରେ ପ୍ରକାଶିତ ଇମ୍ୟୁନୋଲୋଜି, ଟ୍ରିଟମେଣ୍ଟ ୱିଥ ଦ ଡ୍ରଗ୍ ‘ଇଣ୍ଟରଫେରନ୍’(ଆଇଏଫ୍‌ଏନ୍)–ଏ2ବି ଆଣ୍ଟି ଭାଇରାଲ ଭୂତାଣୁ ହ୍ରାସ କରିବାରେ ସହଯୋଗ କରିବା ସହ କୋଭିଡ–୧୯ ସଂକ୍ରମିତଙ୍କ ପ୍ରୋଟିନ ପ୍ରଦାହକ ପ୍ରକ୍ରିୟା (ଇନ୍‌ଫ୍ଲେମେଟୋରୀ ପ୍ରୋଟିନ୍) ସ୍ତରକୁ ହ୍ରାସ କରିବ ବୋଲି ଉଲ୍ଲେଖ ରହିଛି। କାନାଡ଼ା ଟରଣ୍ଟୋ ବିଶ୍ୱବିଦ୍ୟାଳୟର ଏହି ବୈଜ୍ଞାନିକଙ୍କ ମତରେ ଭୂତାଣୁ ହ୍ରାସ କରିବା ନେଇ ଇଣ୍ଟରଫେରନ୍ ଦୀର୍ଘବର୍ଷ ଧରି ବ୍ୟବହାର କରାଯାଇଆସୁଛି। ବିଶେଷକରି ନିଃଶ୍ୱାସପ୍ରଶ୍ୱାସ ପ୍ରକ୍ରିୟାରେ ଭୂତାଣୁ ଚିହ୍ନଟ କରିବାରେ ଅନ୍ୟ ଔଷଧ ଅପେକ୍ଷା ଏହା ସପ୍ତାହକ ମଧ୍ୟରେ କାମ କରିଥାଏ। ଗବେଷକଙ୍କ କହିବା ହେଲା , ଏହା ରୋଗ ପ୍ରତିଷେଧକ ବ୍ୟବସ୍ଥାର ଇଣ୍ଟରଲିଉକିନ୍ (ଆଇଏଲ୍)–୬ କଣିକା ଏବଂ ସି–ରିଆକ୍ଟିଭ ପ୍ରୋଟିନ (ସିଆର୍‌ପି)ରେ ରକ୍ତସ୍ତରକୁ ହ୍ରାସ କରିଥାଏ, ଯାହାକି ସଂକ୍ରମିତ ରୋଗୀଙ୍କଠାରେ ପ୍ରଦାହକଭାବେ କାର୍ଯ୍ୟ କରିଥାଏ।




କୌଣସି ଏକ ନୂଆ ଭୂତାଣୁ ପ୍ରତିହତ ପାଇଁ ନିର୍ଦ୍ଦିଷ୍ଟ ଔଷଧ ବିକଶିତ କରିବା ଅପେକ୍ଷା ପୂର୍ବରୁ ଭୂତାଣୁ ହ୍ରାସ କରିବାରେ ବ୍ୟବହାର ହେଉଥିବା ଇଣ୍ଟରଫେରନ ଔଷଧକୁ ଉପଯୋଗ କରିବା ଆବଶ୍ୟକ ବୋଲି ଟରଣ୍ଟୋ ବିଶ୍ୱବିଦ୍ୟାଳୟର ଗବେଷକ ଏଲିଏନର ଫିସ୍ କହିଛନ୍ତି। ଇଣ୍ଟରଫେରନ ଔଷଧକୁ ଭୂତାଣୁ ହ୍ରାସ କରିବା କ୍ଷେତ୍ରରେ ଦୀର୍ଘବର୍ଷ ଧରି ବ୍ୟବହାର କରାଯାଉଛି। ତେଣୁ ଏହାକୁ କୋଭିଡ–୧୯ ଭଳି ଗୁରୁତର ସଂକ୍ରମିତଙ୍କଠାରେ ବ୍ୟବହାର କରାଗଲେ ବେଶ୍ ଲାଭଦାୟକ ହୋଇପାରିବ ବୋଲି ଫିସ୍ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାରିବାରିକ କ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ବୃଦ୍ଧି ଘଟିପାରେ। ସବୁକଥାକୁ ଭଲରୂପେ ବିଚାର ପୂର୍ବକ କାମ କରି ଆଗକୁ ବଢ଼ିବା ଠିକ୍ ହେବ। କୃତ୍ତିକା ନକ୍ଷତ୍ର କାମ ହାସଲ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି । ପ୍ରଶାସନ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ବୃଷ**
ଉଦ୍ଦେଶ୍ୟମୂଳକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ବେଶ୍ ବନ୍ଧୁତା ଜମାଇ କାମ ହାସଲ କରିବେ। ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ମୃଗଶିରା ନକ୍ଷତ୍ର ପାଇଁ ପରିସ୍ଥିତିର ବିଷମତା କାରଣରୁ ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଲାଗି ରହିବ।

**ମିଥୁନ**
ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ନିଜର କୃତି ଓ କୃତିତ୍ୱ ସକାଶେ ସାମାଜିକ ସ୍ତରରେ ଶୁଭେଚ୍ଛୁମାନଙ୍କ ଶ୍ରଦ୍ଧାଭାଜନ ହେବେ। ଆରର୍ଦ୍ରା ନକ୍ଷତ୍ରର ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଚିନ୍ତା ପ୍ରକଟ କରିପାରନ୍ତି । ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିବାର ସୂଚନା ମିଳେ।

**କର୍କଟ**
ପରିବାରରେ ଆଗାମୀ ସମୟର ଅନାଗତ ସମସ୍ୟା ବିଷୟ ଚିନ୍ତାକରି ମନରେ ସରସତା ଆଗଭଳି ରହିବ ନାହିଁ। ନିର୍ମାଣ କାର୍ଯ୍ୟରେ,ମାଲିମକଦ୍ଦମାରେ, କ୍ରୟବାଣିଜ୍ୟ, ବ୍ୟବସାୟରେ ସ୍ଥିତି ଅନୁକୂଳ ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ମାନସିକ ସ୍ତରରେ ଆଶ୍ୱସ୍ତି ଅନୁଭବ କରିବେ। ପ୍ରତ୍ୟେକ ପରିସ୍ଥିତିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ଦୀର୍ଘ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା**
ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସ୍ୱାର୍ଥସାଧନରେ ବାଧା ଉପୁଜିବାର ଆଶଙ୍କା କରି ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ପରିବାରର ସହଯୋଗ କ୍ରମେ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଆଲୋଚକଙ୍କ ଗହଣରେ ଆପଣଙ୍କର ଯୁକ୍ତିକୁ ଅନ୍ୟ ବନ୍ଧୁମାନେ ସମର୍ଥନ କରିପାରନ୍ତି।

**ତୁଳା**
ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। କୌଣସି ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। ସ୍ୱାତୀ ନକ୍ଷତ୍ର ସକାଶେ ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ପାଇବାର ସମ୍ଭାବନା ରହିଛି ।

**ବିଛା**
ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଅନୁରାଧା ନକ୍ଷତ୍ର ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ କେତେକ ଅସ୍ୱାଭାବିକ ପରିସ୍ଥିତି ଭିତରେ ଚଳିବାକୁ ବାଧ୍ୟ ହେବେ ।

**ଧନୁ**
ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ ନାହିଁ ଫଳରେ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ । ସମସ୍ୟାଗ୍ରସ୍ତ ବନ୍ଧୁଙ୍କ ଆହ୍ୱାନ ଫଳରେ ଆକସ୍ମିକ ଭାବରେ ଯାତ୍ରା କରିବାକୁ ପଡ଼ିପାରେ। ଉତ୍ତରାଷାଢ଼ା ନକ୍ଷତ୍ର ମନୋରଞ୍ଜନପ୍ରିୟ ହେବା ସହ କଳା,ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ମନୋନିବେଶ କରିବେ।

**ମକର**
ଅତି ପରିଚିତ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଟିକିଏ କଥାରେ ରାଗିଯାଇ ଯାହା ପଡିଲା ତାହା କହିବା ଦ୍ୱାରା କିଛି ସମସ୍ୟା ଆସିପାରେ । ଶ୍ରବଣା ନକ୍ଷତ୍ର ସକାଶେ ବନ୍ଧୁଙ୍କ ସାହାଯ୍ୟରୁ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ**
କୌଣସି ପ୍ରକାରର ଅସୁବିଧା ନ ହୋଇ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ । ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପଡ଼ୋଶୀଙ୍କ ସହାୟତାରେ ସରକାରୀ ସାହାଯ୍ୟ ପାଇବାର ସମ୍ଭାବନା ରହିଛି ।

**ମୀନ**
ଆଜି ଆପଣ ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ। ରେବତୀ ନକ୍ଷତ୍ର ପାଇଁ ପାରିବାରିକ ଅଭାବ, ଅସୁବିଧା ଦୂରୀକରଣ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ଶ୍ରମକ୍ଳାନ୍ତ ଶରୀର ଓ ମାନସିକ ଦୁଶ୍ଚିନ୍ତା ଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ ।

ଆଜି ଜ୍ୟେଷ୍ଠ କୃଷ୍ଣ ଦଶମୀଯୁକ୍ତ ଏକାଦଶୀ, ବିଶ୍ୱ ଦୂରସଂଚାର ଦିବସ, ମେ ୧୭ ତାରିଖ, ରବିବାର, ରାଶି ନକ୍ଷତ୍ର– ଦିବା ଘ.୦୧.୫୮ମି. ପର୍ଯ୍ୟନ୍ତ ପୂର୍ବଭାଦ୍ରବ/ମୀନ, ତା’ପରେ ଉତ୍ତରଭାଦ୍ରବ ନକ୍ଷତ୍ର ମେଷ ରାଶିର ଘାତବାର,ଏକାଦଶୀର ପାର୍ବଣଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ ପାଇଁ ଶୁଭ, ଦିବା ଘ.୦୬.୫୭ମି. ଗତେ ଘ.୦୯.୩୩ମି. ମଧ୍ୟେ, ଘ.୧୨.୦୯ମି. ଗତେ ଘ.୦୨.୪୪ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୨ମି. ଗତେ ଘ.୦୭.୪୦ମି. ମଧ୍ୟେ, ରାତ୍ରି ଘ.୧୦.୩୬ମି. ଗତେ ଘ.୧୨.୪୯ମି. ମଧ୍ୟେ ଅମୃତ ବେଳା ଏବଂ ଅପରାହ୍ନ ଘ. ୦୪.୨୮ମି. ଗତେ ଘ.୦୫.୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଘ.୦୪.୩୫ମି. ଗତେ ଘ.୦୬.୧୨ମି. ମଧ୍ୟେ ରାହୁକାଳ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହା କପାଳରେ ଖିରି ଖିରିସାଲୋ**
**କାହା କପାଳରେ ପୁରି**
**କାହା କପାଳରେ ଖାରିଆ ଖଡ଼ାଲୋ**
**ଚୋବେଇ ଚୋବେଇ ମରି।**

ଜୀବଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାନ୍ତି । କାହା ଭାଗ୍ୟରେ ଖିରି ପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବାବେଳେ ଆଉ କିଏ ଭୋକ ଉପାସରେ ପଡ଼ି ରହୁଥିବାର ଦେଖିବାକୁ ମିଳିଥାଏ। କର୍ମ ଅନୁସାରେ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**କିଏ ବା ଅଛି କେଉଁ ମତେ**
**ତାହା ମୁଁ ଜାଣିବି କେମନ୍ତେ ?**

ଆକୃତିଦେଖି ପ୍ରକୃତିବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। କାହାର ମତିଗତି କ’ଣ, କିଏ କେଉଁପ୍ରକାରର ବା ଧରଣର ତାହା ସହଜରେ ବୁଝାପଡିନଥାଏ। ମନ ଏକ ରହସ୍ୟମୟ ଅରଣ୍ୟ । କେହି କାହାର ମନର କଥା ଜାଣିବା ସେତେ ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।
**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ :**


## classified




**SALE**

Excellent condition ford Aspire, fiesta, Santro, Eon, Ecosport, Indigo for sale. Contact- 9337823360, 7504997794, 8763576428, 9238307474. D-17304

Gold on Booking. 4/5 BHK Duplex at Balianta. Construction- 2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17303




**For Rent Office/ Consultancy, ground floor 1144sqft. at New Airport Square, Unit-6, Bhubaneswar. 9937327450.** D-69501




**SALE**

**Plot sale Jharpada, Bhubaneswar, plot Area 3900sft. BDA yellow zone, buyers contact-DEEPAK-9937329999** D-68079

**ପଞ୍ଚମ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଆରାଧ୍ୟା ଦଳେଇ (ସୋନୁ)**
ନୂଆପାଟଣା, ନରସିଂହପୁର, କଟକ
ତୋର ପଞ୍ଚମ ଜନ୍ମବାର୍ଷିକ ଉତ୍ସବରେ ବାବା: ଗଦାଧର ଦଳେଇ, ମାମା: ମନୋରମା ବେହେରା, ଜେଜେ ବାପା: ଅଜା, ଆଈ, ବଡ଼ ବାପା, ବଡ଼ ମାଆ, ଦାଦା, ଖୁଡ଼ୀ, ମାଉସୀ, ପରେଶ, ନରେଶ, ରାହୁଲ, ଟିକିନା,ଲୁସି, ଖୁସି, ରାକେଶ, ଭାଉଜ, ସନ୍ଧ୍ୟା ଓ ଦଳେଇ ପରିବାରବର୍ଗ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଶୁଭ କାମନା କରୁଛୁ।
ଧ–୧୭୩୦୬

–:ପାଠକଙ୍କ ପାଇଁ ସୂଚନା:–
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ୮ କ୍ଷେତ୍ରରେ ଢାଞ୍ଚାଗତ ...

ସୀତାରାମନ କହିଛନ୍ତି ଯେ, କୋଇଲା କ୍ଷେତ୍ରରେ ବାଣିଜ୍ୟିକ ଖଣିକୁ ପ୍ରୋତ୍ସାହିତ କରାଯିବ। ଏହି କ୍ଷେତ୍ରରେ ସରକାରଙ୍କ ଆଧିପତ୍ୟ ବର୍ତ୍ତମାନ ହ୍ରାସ ପାଇବ। ଫିକ୍ସଡ ରୁପି, ଟନ୍ ନିୟମ ପରିବର୍ତ୍ତେ ରାଜସ୍ୱ ଶେୟାରିଂ ବ୍ୟବସ୍ଥା ଲାଗୁ କରାଯିବ। କୋଇଲା ଖଣିଗୁଡିକର ଉତ୍ତୋଳନ ତଥା ଭିତ୍ତିଭୂମି ବିକାଶ ଲାଗି ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। କୋଇଲା କ୍ଷେତ୍ରରେ ପ୍ରବେଶ କରିବା ଲାଗି ନିୟମକୁ ଉଦାରୀକରଣ କରାଯିବ। ତ୍ୱରିତ ଭିତ୍ତିରେ ୫୦ କୋଇଲା ବ୍ଲକ ନିଲାମ କରାଯିବା ନେଇ ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରାଯାଇଛି। କୋଇଲା ଗ୍ୟାସିଫିକେଶନ, ଲିକ୍ୟୁଫିକେଶନକୁ ପ୍ରୋତ୍ସାହନ ମିଳିବ। ରାଜସ୍ୱ ଶେୟାରିଂରେ ଛାଡ଼ ତଥା ରିହାତି ସୁବିଧା ମଧ୍ୟ ଦିଆଯିବ। ଖଣିଜ କ୍ଷେତ୍ର କାର୍ଯ୍ୟକଳାକୁ ତ୍ୱରାନ୍ୱିତ କରିବା ଲାଗି ନିରନ୍ତର ଖଣି ଉତ୍ପାଦନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମ ଅଧୀନ ୫୦୦ ଖଣିଜ ବ୍ଲକକୁ ନିଲାମ କରିବାକୁ ସରକାର ଯୋଜନା ରଖିଛନ୍ତି। ବକ୍ସାଇଟ ଏବଂ କୋଇଲା ଖଣିକୁ ଏକାଥରକେ ନିଲାମ କରାଯିବ ବୋଲି ସୀତାରାମନ ମତବ୍ୟକ୍ତ କରିଛନ୍ତି।

ସେହିଭଳି ସରକାର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରକୁ ଅଧିକ ଏଫ୍‌ଡିଆଇ ଆକୃଷ୍ଟ କରିବା ଲାଗି ସରକାର ନୂଆ ଯୋଜନା ହାତକୁ ନେଇଛନ୍ତି। ଅଟୋମେଟିକ ରୁଟ୍‌ରେ ଏହି କ୍ଷେତ୍ରରେ ଏଫ୍‌ଡିଆଇ ସୀମାକୁ ୪୯%ରୁ ୭୪%କୁ ବଢାଇ ଦିଆଯାଇଛି। ଏକ୍ଷେତ୍ରରେ କିଛି ବର୍ଗରେ ଅସ୍ତ୍ର ଏବଂ ପ୍ଲାଟ୍‌ଫର୍ମରୁ ଆମଦାନୀକୁ ସରକାର ନିଷେଧ କରିଛନ୍ତି। ଏ ନେଇ ଶୀଘ୍ର ବିଜ୍ଞପ୍ତି ଆସିବ। ଉକ୍ତ ବର୍ଗରେ କେବଳ ଭାରତରେ ଉତ୍ପାଦନ ହୋଇଥିବା ସାମଗ୍ରୀକୁ କ୍ରୟ କରାଯିବ। ପ୍ରତିରକ୍ଷା ଯନ୍ତ୍ରାଂଶ ଆମଦାନୀ କମ୍ କରିବା ସହ ଘରୋଇ ବଜାରରେ ଏହାର ଉତ୍ପାଦନ ଉପରେ ଫୋକସ୍ କରାଯାଇଛି। ଏକ୍ଷେତ୍ରରେ ଆମଦାନୀ ବିଲ୍ କମାଇବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ଘରୋଇ ବଜାରରୁ କ୍ୟାପିଟାଲ ପ୍ରୋକ୍ୟୋରମେଣ୍ଟ କ୍ଷେତ୍ରରେ ବଜେଟରେ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରାଯିବ। ପ୍ରତିରକ୍ଷା ସାମଗ୍ରୀ ପ୍ରୋକ୍ୟୋରମେଣ୍ଟ ଲାଗି ତ୍ୱରିତ ନିଷ୍ପତ୍ତି ନିଆଯିବ। ସରକାର ଅର୍ଡନାନ୍ସ ଫ୍ୟାକ୍ଟ୍ରି ବୋର୍ଡକୁ ନିଗମୀକରଣ କରିବେ ବୋଲି ଜଣାପଡିଛି।

ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କିଛି ନିୟମ ମଧ୍ୟ କୋହଳ କରାଯାଇଛି। ଉକ୍ତ କ୍ଷେତ୍ରରେ ବିମାନଗୁଡିକ ଲାଗି ଭାରତୀୟ ଆକାଶ ମାର୍ଗ ବ୍ୟବହାର କ୍ଷେତ୍ରରେ କେତେକ କଟକଣା ଉଠାଯାଇଛି। ଏହା ଦ୍ୱାରା ପାସେଞ୍ଜର ଟ୍ରାଫିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧିପାଇବ। ବେସାମରିକ କ୍ଷେତ୍ର ଅଂଶୀଦାରଙ୍କୁ ବାର୍ଷିକ ୧,୦୦୦ କୋଟି ଟଙ୍କା ଲାଭ ହେବ ବୋଲି ଆକଳନ କରାଯାଇଛି। ଘରୋଇ ସହଭାଗିତା ଲାଗି ଅଧିକ ୬ ବିମାନ ବନ୍ଦରକୁ ନିଲାମ କରାଯିବା ନେଇ ଯୋଜନା ରଖାଯାଇଛି। ବିମାନ ମରାମତି, ପରିଚାଳନା ଏବଂ ଓଭରହଲିଂ କ୍ଷେତ୍ରରେ ଭାରତକୁ ଗ୍ଲୋବାଲ ହବ୍‌ରେ ରୂପାନ୍ତରିତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି। ଏଥିଲାଗି ସରକାର ଟିକସ ହ୍ରାସ ଦିଗରେ ପଦକ୍ଷେପ ଗ୍ରହଣ କରିବେ। ୧୨ ଘରୋଇ ଅଂଶୀଦାରଙ୍କ ଦ୍ୱାରା ଦେଶର ବିମାନ ବନ୍ଦରଗୁଡିକରେ ୧୩ ହଜାର କୋଟି ଟଙ୍କାର ନିବେଶ ଯୋଜନା ହାତକୁ ନିଆଯାଉଛି।

ବିଦ୍ୟୁତ୍ ଟାରିଫ କ୍ଷେତ୍ରରେ ନୂଆ ନୀତି ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକରେ ଥିବା ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକୁ ଘରୋଇକରଣ କରାଯିବ। ହସ୍ପିଟାଲ ସମେତ ଅନ୍ୟ ସାମାଜିକ ଭିତ୍ତିଭୂମି ନିର୍ମାଣ ଲାଗି ସରକାର ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂରେ ଅଂଶୀଦାର ହେବେ। ଏହି କ୍ଷେତ୍ରରେ ସରକାରଙ୍କ ଅଂଶକୁ ୨୦ରୁ ୩୦% ବଢ଼ାଯାଇଥିବା ବେଳେ ୮,୧୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ହୋଇଛି। ମହାକାଶ ସମ୍ପର୍କିତ ସେବା ଏବଂ ଉପଗ୍ରହ ଲଞ୍ଚ କ୍ଷେତ୍ରରେ ଘରୋଇ କ୍ଷେତ୍ର କମ୍ପାନୀଗୁଡିକୁ ଅନୁମତି ମିଳିଛି। ଘରୋଇ କ୍ଷେତ୍ର ଇସ୍ରୋ ଫାସିଲିଟିକୁ ବ୍ୟବହାର କରିପାରିବେ। କ୍ୟାନ୍‌ସର ତଥା ଅନ୍ୟ ରୋଗର ସୁଲଭ ଚିକିତ୍ସା ଲାଗି ମେଡିକାଲ ଯନ୍ତ୍ରାଂଶ ପ୍ରସ୍ତୁତିକୁ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିଲାଗି ପିପିପି ମୋଡ୍‌ରେ ଏକ ରିସର୍ଚ୍ଚ ରିଆକ୍ଟର ପ୍ରସ୍ତୁତ କରାଯିବ। ଖାଦ୍ୟ ସାମଗ୍ରୀ ସଂରକ୍ଷଣ ଲାଗି ପିପିପିରେ ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଫାସିଲିଟି ସ୍ଥାପନ କରାଯିବ ବୋଲି ସୀତାରାମନ କହିଛନ୍ତି।

ଅପରପକ୍ଷରେ ନିବେଶକୁ ପ୍ରୋତ୍ସାହିତ କରିବା ଲାଗି ସରକାର ନିକଟରେ ଏମ୍ପାଓ୍ୱାର୍ଡ ଗ୍ରୁପ୍ ଅଫ୍ ସେକ୍ରେଟାରିଜ ପକ୍ଷରୁ ତ୍ୱରିତ ନିବେଶ ମଞ୍ଜୁରୀ ବ୍ୟବସ୍ଥା କରିଛନ୍ତି। ପ୍ରତି ମନ୍ତ୍ରଣାଳୟ ଅଧୀନରେ ପ୍ରକଳ୍ପ ଉନ୍ନତୀକରଣ ସେଲ୍ ସ୍ଥାପନ କରାଯିବା ନେଇ ଯୋଜନା ରଖାଯାଇଛି। ନିବେଶଯୋଗ୍ୟ ପ୍ରକଳ୍ପକୁ ଆଗକୁ ବଢାଇବା ଲାଗି ଏହା ନିବେଶକ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମନ୍ୱୟ ରକ୍ଷା କରିବ। ନୂଆ ନିବେଶ ଆକୃଷ୍ଟ କରିବା ନେଇ ରାଜ୍ୟଗୁଡିକର ପରଫରମାନ୍ସକୁ ବିଚାରକରି ର୍‍ୟାଙ୍କ ପ୍ରଦାନ ବ୍ୟବସ୍ଥା କରାଯିବ। ନୂଆ ଚାମ୍ପିୟନ ସେକ୍ଟରଗୁଡିକୁ ଉତ୍ସାହିତ ଲାଗି ପ୍ରୋତ୍ସାହନ ଯୋଜନା ଆସିବ। ଏହା ମଧ୍ୟରେ ସୋଲାର ପିଭି ମାନୁଫାକ୍‌ଚରିଂ, ଆଡଭାନ୍ସ ସେଲ୍ ବ୍ୟାଟେରି ଷ୍ଟୋରେଜ ଭଳି କ୍ଷେତ୍ର ସାମିଲ ରହିଛି। ସାରା ଦେଶରେ ଥିବା ୩୩୭୬ ଶିଳ୍ପ ପାର୍କ, ଇଷ୍ଟେଟ ଏବଂ ଏସ୍‌ଇଜେଡ୍‌ଗୁଡିକର ୫ ଲକ୍ଷ ହେକ୍ଟର ଜମିକୁ ମ୍ୟାପିଂ ଦ୍ୱାରା ଇଣ୍ଡଷ୍ଟ୍ରିଆଲ ଇନ୍‌ଫରମେଶନ ସିଷ୍ଟମ (ଆଇଆଇଏସ୍) ଆସିବ ବୋଲି ଜଣାପଡିଛି।

### ଦୁର୍ଘଟଣା ନେଉଛି ...

ପରିବାର ଲାଗି ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ସହ ଗୁରୁତର ଆହତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଦେବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକମାନଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଦୁର୍ଘଟଣାର କାରଣ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଡିଭିଜନାଲ କମିଶନର ଏବଂ କାନପୁର ଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇଟି ଥାନାର ଏସ୍‌ଏଚ୍‌ଓଙ୍କୁ ନିଲମ୍ବନ କରାଯିବା ସହ ସମ୍ପୃକ୍ତ ସର୍କଲ ଅଫିସରଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଅନ୍ୟ ରାଜ୍ୟରୁ ଫେରୁଥିବା ଶ୍ରମିକମାନଙ୍କୁ ବସ୍ ଯୋଗେ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ପ୍ରଧାନମନ୍ତ୍ରୀ ମଧ୍ୟ ଘୋଷଣା କରିଛନ୍ତି।

ସେହିପରି ଶନିବାର ସକାଳେ ମଧ୍ୟପ୍ରଦେଶର ସାଗର–ଛତ୍ରପୁର ରାସ୍ତାରେ ଏକ ଟ୍ରକ୍ ଓଲଟିପଡ଼ିବାରୁ ୫ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ୧୮ ଜଣ ଆହତ ହୋଇଛନ୍ତି। ଉକ୍ତ ଟ୍ରକ୍‌ରେ ୨୩ ଶ୍ରମିକ ଆସୁଥିଲେ। ଟ୍ରକ୍‌ଟି ସାଗରରୁ ଛତ୍ରପୁର ଯାଉଥିବାବେଳେ ସେମ୍ରା ବ୍ରିଜ୍ ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହା ପୂର୍ବରୁ ଗତ ୧୩ ଓ ୧୪ରେ ଦୁଇଟି ପୃଥକ ଦୁର୍ଘଟଣାରେ ୧୪ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ହେବା ସହ ୬୧ ଜଣ ଆହତ ହୋଇଥିଲେ। ଗୁଜରାଟରୁ ଉତ୍ତରପ୍ରଦେଶ ଫେରୁଥିବା ଶ୍ରମିକମାନଙ୍କ ମିନିଟ୍ରକ୍ ଗତ ବୁଧବାର କାନପୁରରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇବର୍ଷର ଶିଶୁକନ୍ୟା ସମେତ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଗତ ୯ ତାରିଖରେ ମଧ୍ୟପ୍ରଦେଶର ନରସିଂପୁର ଜିଲାରେ ଏକ ଆମ୍ବ ବୋଝେଇ ଟ୍ରକ୍ ଓଲଟିପଡ଼ିବାରୁ ୬ ଦାଦନ ଶ୍ରମିକଙ୍କ ମୃତ୍ୟୁ ହେବା ସହ ୧୨ ଜଣ ଆହତ ହୋଇଥିଲେ। ମେ’ ୮ରେ ମହାରାଷ୍ଟ୍ରର ଔରଙ୍ଗାବାଦ ଜିଲାରେ ଏକ ରେଳଲାଇନ ଉପରେ ୨୦ ଜଣ ଦାଦନ ଶ୍ରମିକ ଶୋଇଥିବାବେଳେ ଟ୍ରେନ୍ ମାଡ଼ିଯିବାରୁ ୧୬ ଜଣଙ୍କ ମୃତ୍ୟୁ ହେବା ସହ ୪ ଜଣ ଗୁରୁତର ହୋଇଥିଲେ। ଏମାନେ ଶ୍ରମିକ ସ୍ପେଶିଆଲ ଟ୍ରେନ୍‌ରେ ମଧ୍ୟପ୍ରଦେଶ ଫେରିବା ପାଇଁ ୪୦ କିଲୋମିଟର ଚାଲିଚାଲି ଆସିବା ପରେ କ୍ଳାନ୍ତ ହୋଇ ରେଳଲାଇନରେ ଶୋଇପଡ଼ିଥିଲେ।

### ଲକ୍‌ଡାଉନ୍ ବଦଳାଇଛି ...

ସେହିଭଳି ଭିଡିଓ କନଫରେନ୍ସ କରିବାରେ ପ୍ରସ୍ତୁତ ଆପ୍‌ଗୁଡ଼ିକ କେତେ ସୁରକ୍ଷିତ, ସେ ସଂକ୍ରାନ୍ତ ପ୍ରସଙ୍ଗ ଜାଣିବାର ଆଗ୍ରହ ୧୬୧ ପ୍ରତିଶତ ବଢିଯାଇଛି। ଅନୁରୂପ ଭାବେ ଦେଶବ୍ୟାପୀ ତାଲାବନ୍ଦ ରହିଥିବା ବେଳେ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନକୁ ଯାଇପାରୁ ନ ଥିବାରୁ ଅନ୍‌ଲାଇନ୍ ପଢ଼ା ୩୮ ପ୍ରତିଶତ ବୃଦ୍ଧି ପାଇଛି।

ଆୟକର ଦାଖଲ ସମୟ ସୀମା ବୃଦ୍ଧି ପାଇଥିବାରୁ ଏ ସମ୍ବନ୍ଧରେ କେଉଁ ପ୍ରକାରର ପରିବର୍ତ୍ତନ ଦେଖାଦେଉଛି, ସେ ବିଷୟରେ ଜାଣିବା ଲାଗି କରଦାତାଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି । ଆୟକର ସମ୍ପର୍କିତ ଲେଖାକୁ ଜାଣିବା ଲାଗି ୨.୬ ମିଲିୟନ ଲୋକ ସେହି ପେଜ୍‌କୁ ବାରମ୍ବାର ଦେଖିଥିବା ଟାବୋଲା ନେଟ୍‌ଓ୍ୱାର୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। ଲୋକଙ୍କ ପାଇଁ ଆର୍ଥିକ ଦିଗ ଚିନ୍ତାର ବିଷୟ ହୋଇଥିବାରୁ ଋଣ ସମ୍ବନ୍ଧୀୟ ଲେଖା ଥିବା ପେଜ୍‌କୁ ୧.୨ ମିଲିୟନ ଲୋକ ଦେଖିସାରିଛନ୍ତି। ଗୃହଋଣ, ବ୍ୟକ୍ତିଗତ ଋଣ ଏବଂ ବ୍ୟବସାୟିକ ଋଣ ସଂକ୍ରାନ୍ତ ଖବର ଜାଣିବା ଲାଗି ଉଦ୍ଦିଷ୍ଟ ପେଜ୍‌କୁ ପୂର୍ବାପେକ୍ଷା ଚଳିତ ମାସ ୨୯୧ ପ୍ରତିଶତ ଅଧିକ ସଂଖ୍ୟାରେ ଲୋକ ଦେଖିଥିବାରୁ ପେଜଭ୍ୟୁ ଟ୍ରାଫିକ ଯଥେଷ୍ଟ ବଢିଯାଇଛି।

ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ଜାଣିବା ଲାଗି ଆପ୍‌ଲ ଆଇଫୋନ୍‌ର ଲେଖା ପଢ଼ିବା ଲାଗି ୨୫ ପ୍ରତିଶତ ଟ୍ରାଫିକ୍ ବଢି ୮.୩ ମିଲିୟନ ପେଜ୍ ଭ୍ୟୁ ହୋଇଛି। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଖାଦ୍ୟ ବିଷୟରେ ଜାଣିବା ସକାଶେ ଲୋକଙ୍କ ମଧ୍ୟରେ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇଛି। ହଳଦୀକୁ ଖାଇବା ଓ ଦେହରେ ଲଗାଇବା ନେଇ ଥିବା ଉପାଦେୟ ଲେଖା ପଢିବାରେ ପୂର୍ବାପେକ୍ଷା ୩୯ ପ୍ରତିଶତ ଅଧିକ ଆଗ୍ରହ ଦେଖାଇଛନ୍ତି। ଏଥିରେ ୫.୬ ମିଲିୟନ ପେଜ୍ ଭ୍ୟୁ ହୋଇଥିବା ଟାବୋଲା ନେଟଓ୍ୱାର୍କିଂ ରେକର୍ଡ କରିଛି।

କୋଭିଡ୍–୧୯ଜନିତ ଲକ୍‌ଡାଉନ୍ ବେଳେ ଲୋକଙ୍କ ପଢ଼ାର ପସନ୍ଦ ଓ ଅଭ୍ୟାସରେ ଦେଖାଦେଇଥିବା ପରିବର୍ତ୍ତନ ବିଭିନ୍ନ କମ୍ପାନୀର ବ୍ରାଣ୍ଡ୍ ଷ୍ଟ୍ରାଟେଜି ଓ ବିଜ୍ଞାପନଦାତାଙ୍କ ଭବିଷ୍ୟତ ଯୋଜନାକୁ ନିୟନ୍ତ୍ରିତ କରିବ ବୋଲି ଏହି ତଥ୍ୟରୁ ଜଣାପଡିଛି। ଫଳରେ ସେମାନେ ମହାମାରୀ ପରବର୍ତ୍ତୀ ସମୟରେ ଏହି ତଥ୍ୟକୁ ଆଧାର କରି ସେମାନଙ୍କ ଆଗାମୀ ଯୋଜନା ସ୍ଥିର କରିବାର ଏହା ସୁଯୋଗ ଦେବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

**ସଂକ୍ଷେପରେ**

## ବାପୁଜୀନଗରରେ ଦୋକାନ ଖୋଲିବା ନେଇ ଏସ୍‌ଓପି ଜାରି

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ଅନୁମତି ମିଳିଥିବା ଦୋକାନୀ ହିଁ ବାପୁଜୀ ନଗରରେ ବ୍ୟବସାୟ କରିବେ। ଦୋକାନ ଖୋଲିବା ଓ ବନ୍ଦ କରିବା ନେଇ ବିଏମ୍‌ସି ଏକ ଏସ୍‌ଓପି ଜାରି କରିଛି। ଇଚ୍ଛୁକ ବ୍ୟବସାୟୀମାନେ ଏକ ଶପଥନାମା ଲେଖି ଦୋକାନ ଖୋଲିବାକୁ ବିଏମ୍‌ସିକୁ ଅନୁମତି ମାଗିବେ। ବିଏମ୍‌ସି ଟିମ୍ ସ୍ଥିତି ଯାଞ୍ଚ ପରେ ବ୍ୟବସାୟୀ ଦୋକାନ ଖୋଲିବ ପାରିବେ ବୋଲି ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି। ସେ କହିଛନ୍ତି, ମାସ୍କ, ସାନିଟାଇଜର, ସାମାଜିକ ଦୂରତ୍ୱ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ଦୋକାନ ସମ୍ମୁଖରେ ଗାଡ଼ି ପାର୍କିଂ ନ କରିବା ପାଇଁ ବ୍ୟବସାୟୀମାନେ ଗ୍ରାହକଙ୍କୁ କହିବେ। ଗ୍ରାହକ ଶିଶୁ ଭବନଠାରୁ ରାଜମହଲ ମୁଖ୍ୟ ରାସ୍ତାରେ ଗାଡି ପାର୍କ କରି ବଜାରକୁ ଆସିଲେ ହିଁ ସେବା ଯୋଗାଇ ଦିଆଯିବ ବୋଲି ସ୍ଥିର ହୋଇଛି। ବ୍ୟବସାୟୀମାନେ ସର୍ବନିମ୍ନ କର୍ମଚାରୀଙ୍କୁ ନେଇ ଦୋକାନ ଖୋଲିବେ। ଏହି ନିୟମକୁ କେହି ଖିଲାପ କଲେ ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ ବୋଲି ଜୋନାଲ ଡେପୁଟି କମିଶନର ରଥ କହିଛନ୍ତି। ଏଥିସହ ବର୍ତ୍ତମାନ ସୁଦ୍ଧା ବାପୁଜୀ ନଗରରେ ଦୋକାନ ଖୋଲିବା ପାଇଁ ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ବିଏମ୍‌ସି ଅନୁମତି ଦେଇଛି। ଉଲ୍ଲେଖଯୋଗ୍ୟ, ସାମାଜିକ ଦୂରତ୍ୱ ରହୁ ନ ଥିବାରୁ ଗତ ମଙ୍ଗଳବାର ବିଏମ୍‌ସି ପକ୍ଷରୁ ବାପୁଜୀନଗର ବଜାରର ଅତ୍ୟାବଶ୍ୟକ ଦୋକାନ ଛାଡ଼ି ବାକି ସବୁ ଦୋକାନଗୁଡ଼ିକୁ ବନ୍ଦ କରାଯାଇଥିଲା।

## ବୋମା ବିସ୍ଫୋରଣରେ ଯୁବକ ଗୁରୁତର

**ବାଲିପାଟଣା,୧୬।୫(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ସୋମଣା ଶାସନ ଅଞ୍ଚଳରେ ଶନିବାର ବୋମା ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଇରଫାନ ଖାଁ। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରାହ୍ନ ପ୍ରାୟ ୨ଟାରେ ଇରଫାନ କୌଣସି କାର୍ଯ୍ୟ ପାଇଁ ଭାର୍ଗବୀ ନଦୀ କୂଳକୁ ଯାଉଥିଲେ। ଏହି ସମୟରେ ଏକ ଶ୍ମଶାନ ବାଟେ ଯାଉଥିବା ବେଳେ ମାଟିତଳେ ଥିବା ଏକ ବୋମା ତାଙ୍କ ପାଦ ସଂସ୍ପର୍ଶରେ ଆସିବାରୁ ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ତାଙ୍କ ଦୁଇଗୋଡ ପୋଡିଯିବା ସହ ଗୁରୁତର ହୋଇଥିଲେ। ଖବରପାଇ ବାଲିପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ETCPMBBS2020025, ତା.27.04.2020ରିଖ ର

**ଶୁଦ୍ଧିପତ୍ର ସଂ.1,ତା.15.05.2020ରିଖ**

ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ପରିବର୍ତ୍ତନ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ପ୍ରକାଶିତ ଅନୁଯାୟୀ: ତା.22.05.2020ରିଖ 1200ଘଟିକାରେ, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ: ତା.08.06.2020ରିଖ 1200 ଘଟିକାରେ।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ଇଚ୍ଛୁକ ଟେଣ୍ଡରଦାତାଙ୍କୁ ୱେବ୍‌ସାଇଟ୍ www.ireps.gov.in ରୁ ଶୁଦ୍ଧିପତ୍ର ସମ୍ବନ୍ଧରେ ଅବଗତ ନିମନ୍ତେ ପରାମର୍ଶ ଦିଆଯିବା ସହିତ ତଦନୁସାରେ ସେମାନଙ୍କର ଇ-ଅଫର ମୂଲ୍ୟାଙ୍କନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର
PR-9/CD/20-21



**ପୂର୍ବ ତଟ ରେଳପଥ**

**OHE କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ.04-KUR-TRD-OT-2020-21, ତା.13.05.2020ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ OHE ମାଷ୍ଟ (Masts) ଗୁଡ଼ିକ ଗୋଟିଏ ଆଡ଼କୁ ଢଳିଯିବା (Leaning) କାରଣରୁ OHE ଷ୍ଟ୍ରକ୍‌ଚରଗୁଡ଼ିକର ପୁନଃପ୍ରତିଷ୍ଠା।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 1,10,38,232.74, EMD (ଟଙ୍କାରେ) : 2,05,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.06.2020 ରିଖ 1300 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.04.06.2020 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-43/L/20-21



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.MCSW-SEAT-BERTH-20-21-01

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଲୱେ BG କୋଚ୍‌ଗୁଡ଼ିକରେ ବିଭିନ୍ନ ପ୍ରକାର ସିଟ୍ / ବର୍ଥ / ଚେୟାରଗୁଡ଼ିକୁ ଅଲଗା କରିବା (Stripping), ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା (Transportation), ମରାମତି ଏବଂ ଲଗାଇବା (Fitment)।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 4,69,46,359.44, EMD (ଟଙ୍କାରେ) : 3,84,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 10,000/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.05.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.06.2020ରିଖ 1500 ଘଟିକାରେ।

ଏହି ଟେଣ୍ଡର ସମ୍ପର୍କରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର(POH),ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର
PR-40/L/20-21


# ବାଣପୁର: ୪ ଗାଁ ଶଟ୍‌ଡାଉନ୍

**ଖୋର୍ଦ୍ଧା ଅଫିସ,୧୬।୫**

**୨ଚିହ୍ନଟଙ୍କ ମଧ୍ୟରେ ଜଣେ ୮ବର୍ଷୀୟ ବାଳକ**

- ସ୍ଥାନୀୟ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା
- ଆକ୍ରାନ୍ତ ବାଳକ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ଅଭିଯୋଗ

ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରୁ ଶନିବାର ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ବାଣପୁରରେ ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ତେବେ ଚିହ୍ନଟ ୨ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ୮ବର୍ଷର ବାଳକ ରହିଛନ୍ତି। ଯାହାକୁନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଆକ୍ରାନ୍ତ ବାଳକ ଜଣକ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିବା ପରେ ପ୍ରଶାସନର ମୁଣ୍ଡ ବ୍ୟଥା ବଢ଼ିଯାଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ବା କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ ସାନିଟାଇଜର କରାଯାଇଛି। ଗ୍ରାମରେ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ଆବଶ୍ୟକ ପଡ଼ିଲେ ସମସ୍ତ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ କୁମାରଙ୍ଗ ପଞ୍ଚାୟତ ସରପଞ୍ଚ ମନୋଜ ପ୍ରଧାନ ସ୍ଥାନୀୟ କେଶପୁର, ବୀରକେଶପୁର, ଅନ୍ଧଝୁଲଣୀ ଏବଂ ଖୁଣ୍ଟପଲ୍ଲୀ ଗ୍ରାମକୁ ୭୨ଘଣ୍ଟା ଲାଗି ଶଟଡାଉନ ଘୋଷଣା କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଆକ୍ରାନ୍ତ ବାଳକଙ୍କ ଦାଦା ଗତ କିଛି ଦିନ ତଳେ ଚେନ୍ନାଇରୁ ବାଇକ୍‌ରେ ଆସିଥିଲେ। ସେ ବାହାରୁ ଆସିଥିବାରୁ ହୋମ କ୍ୱାରାଣ୍ଟାଇନରେ ରହିଥିଲେ। ମେ ୮ତାରିଖରେ ପରିବାର ଲୋକଙ୍କ ସ୍ୱାବ ପରୀକ୍ଷା ଲାଗି ପଠାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଥିବାବେଳେ ସମ୍ପୃକ୍ତ ଶିଶୁଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ହେଲେ ଯେହେତୁ ବାଳକଙ୍କ ଠାରେ କୌଣସି ଲକ୍ଷଣ ନ ଥିଲା ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁଣି ଥରେ ପରିବାର ଲୋକଙ୍କ ଅଗୋଚରରେ ତାଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଥିଲା। ଶନିବାର ରିପୋର୍ଟ ପଜିଟିଭ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଶିଶୁଙ୍କୁ ଭୁବନେଶ୍ୱର କୋଭିଡ ହସ୍‌ପିଟାଲକୁ ନିଆଯାଇଛି। ସଂକ୍ରମିତ ବାଳକ ଜଣକ ଗ୍ରାମରେ ବୁଲାବୁଲି କରିବା ସହ ଗାଁ ପୋଖରୀରେ ଗାଧୁଆପାଧୁଆ କରିଥିଲେ। ଖେଳପଡ଼ିଆରେ ଅନ୍ୟମାନଙ୍କ ସହିତ ଖେଳିବା ଏବଂ ଟ୍ୟୁଶନରେ ଅନେକ ପିଲାଙ୍କ ସଂସ୍ପର୍ଶରେ ଆସିଛନ୍ତି। ଦୋକାନବଜାର ମଧ୍ୟକୁ ଯାଇଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ହେଲେ ଗ୍ରାମବାସୀଙ୍କ ଏଭଳି ଅଭିଯୋଗକୁ ପରିବାର ଲୋକେ ଖଣ୍ଡନ କରିଛନ୍ତି। ଆକ୍ରାନ୍ତ ବାଳକ କେଉଁଆଡ଼େ ବୁଲାବୁଲି କରିବାକୁ ଯାଇ ନ ଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ଶନିବାର ଚିହ୍ନଟ ହୋଇଥିବା ଅନ୍ୟଜଣକ ସୁରଟ ଫେରନ୍ତା ଏବଂ ସେ ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



ଭୁବନେଶ୍ୱର ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ପରେ ଯାତ୍ରୀଙ୍କ ପଞ୍ଜୀକରଣ କରାଯାଉଛି।

## ଭୁବନେଶ୍ୱରରେ ପହଞ୍ଚିଲା ଦ୍ୱିତୀୟ ଟ୍ରେନ୍

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

**ଓହ୍ଲାଇଲେ ୨୪୭ଜଣ ଯାତ୍ରୀ**

ଦିଲ୍ଲୀ ଓ ଭୁବନେଶ୍ୱର ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଆରମ୍ଭ କରିଛି। ଦିଲ୍ଲୀରୁ ପ୍ରବାସୀଙ୍କୁ ନେଇ ଆସିଥିବା ଦ୍ୱିତୀୟ ଏକ୍ସପ୍ରେସ୍ ଶନିବାର ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଛି। ଏଠାରେ ମୋଟ୍ ୨୪୭ ଯାତ୍ରୀ ଓହ୍ଲାଇଥିବାବେଳେ ଏମାନଙ୍କ ମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳର ୩୬ଜଣ ଯାତ୍ରୀ ରହିଥିବାବେଳେ ଅନ୍ୟ ୨୧୧ ଜଣ ଯାତ୍ରୀ ସହର ବାହାର ଥିଲେ। ଟ୍ରେନ୍ ଆସିଥିବା ଅନ୍ୟ ଯାତ୍ରୀମାନେ ପୂର୍ବରୁ ବିଭିନ୍ନ ଷ୍ଟେଶନରେ ଓହ୍ଲାଇଥିଲେ। ତେବେ ଯାତ୍ରୀଙ୍କ ପଞ୍ଜୀକରଣ ପାଇଁ ବିଏମ୍‌ସି ପକ୍ଷରୁ ଭୁବନେଶ୍ୱର ଷ୍ଟେଶନରେ ୧୧ କାଉଣ୍ଟର କରାଯାଇଥିଲା। ସାମାଜିକ ଦୂରତ୍ୱ ବଜାୟ ରଖି ଗୋଟିଏ କାଉଣ୍ଟରରେ ଏକ ସମୟରେ ୫ଜଣ ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯିବା ସହ ଅନ୍ୟ ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ଯାତ୍ରୀମାନଙ୍କୁ ପ୍ଲାଟଫର୍ମରୁ ଷ୍ଟେଶନ ବାହାର ଯାଏ ନିଆଯାଇଥିଲା। ଭୁବନେଶ୍ୱରର ଯାତ୍ରୀମାନେ ନିଜ ବ୍ୟବସ୍ଥାରେ ଓ ମୋ ବସ୍‌ରେ ଷ୍ଟେଶନରୁ ଗନ୍ତବ୍ୟ ସ୍ଥଳକୁ ବାହାରିଥିବା ଜଣାପଡ଼ିଛି।

## ଆଉ ୫ ସ୍ଥାନରେ ହେବ କୋଭିଡ୍ ପରୀକ୍ଷା

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

ଖୁବ୍‌ଶୀଘ୍ର ରାଜ୍ୟର ଆଉ ୫ ସ୍ଥାନରେ କୋଭିଡ୍ ପରୀକ୍ଷା ଆରମ୍ଭ ହେବ। ୨୩ ତାରିଖରୁ କୋରାପୁଟ ଓ ବଲାଙ୍ଗୀର ମେଡିକାଲ୍ କଲେଜରେ କରୋନା ନମୁନା ପରୀକ୍ଷଣ ଆରମ୍ଭ ହେବ। ସେହିପରି ୩୧ ତାରିଖ ସୁଦ୍ଧା ବାଲେଶ୍ୱର ଓ ବାରିପଦା ମେଡିକାଲ୍ କଲେଜରେ ନମୁନା ପରୀକ୍ଷା କରାଯିବ। ଏହାଛଡ଼ା ଖୋର୍ଦ୍ଧା ଅରଗୋଳଠାରେ ଥିବା ପ୍ରାଣୀ ରୋଗ ଗବେଷଣା ପରୀକ୍ଷାଗାରରେ ମଧ୍ୟ ନମୁନା ପରୀକ୍ଷା ହେବ। ଆସନ୍ତା ଦୁଇଦିନ ମଧ୍ୟରେ ଏଠାରେ କରୋନା ପରୀକ୍ଷଣ ଆରମ୍ଭ ହେବ। ଏଠାରେ ଥିବା ଉନ୍ନତମାନର ଲାବାରୋଟୋରି ନିର୍ମାଣ ହେବା ପରଠାରୁ ବ୍ୟବହାର କରାଯାଇ ନ ଥିଲା। କୋଭିଡ୍ ପାଇଁ ଏହି ଲାବାରୋଟୋରି ପ୍ରଥମଥର କାର୍ଯ୍ୟ କରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାର୍ଚ୍ଚ ୧୬ରେ ରାଜ୍ୟରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ସେହି ସମୟରେ ଦିନକୁ ମାତ୍ର ୩ଟି କୋଭିଡ୍ ଟେଷ୍ଟ ହେଉଥିଲା। ଟେଷ୍ଟିଂ କ୍ଷମତାକୁ ବୃଦ୍ଧି କରିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱ ଦେବା ସହିତ ମେ' ୨୦ ସୁଦ୍ଧା ଦିନକୁ ୫ହଜାର ନମୁନା ପରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଦିନକୁ ୪,୭୦୦ ନମୁନା ପରୀକ୍ଷଣ ହେଉଛି। ଆସନ୍ତା ୨୦ତାରିଖ ବେଳକୁ ଏହା ବଢ଼ି ୫ହଜାର ଉପରକୁ ଚାଲିଯିବ।

## ରିପୋର୍ଟ ମାଗିଲେ, ସମାଲୋଚନା କଲେ ଓଏଚ୍‌ଆର୍‌ସି

**ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଚିକିତ୍ସା ଅବହେଳା ମାମଲା**

**ଭୁବନେଶ୍ୱର,୧୬।୫ (ବ୍ୟୁରୋ)**

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ କରୋନା ବାହାନାରେ ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କୁ ଅବହେଳା କରାଯାଉଥିବା ନେଇ ଓଡ଼ିଶା ମାନବିକ ଅଧିକାର କମିଶନ(ଓଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। କମିଶନ ଏହାର ତଦନ୍ତ ପାଇଁ ସାମାଜିକ କର୍ମୀ ତଥା ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ତଦନ୍ତ ରିପୋର୍ଟ ପାଇବା ପରେ କମିଶନ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ନିର୍ଦ୍ଦେଶକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରୋଗୀଙ୍କୁ ନ ଫେରାଇ ଚିକିତ୍ସା କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଦାଖଲ ହୋଇଥିବା ଫଟୋ ଏବଂ ଭିଡିଓକୁ ନେଇ ତାହାର ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମାମଲାର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ତାହାକୁ ଗଣମାଧ୍ୟମକୁ ନ ଦେବାକୁ କହିଛନ୍ତି। ଅନ୍ୟପକ୍ଷରେ ଆଞ୍ଚଳିକ କର୍କଟ କେନ୍ଦ୍ରର ଚିଠି ଉପରେ କମିଶନ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଓଏଚ୍‌ଆର୍‌ସି। ଏଥିସହ ଏସ୍‌ସିବି ମେଡିକାଲରେ ରୋଗୀ ରହିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅସହାୟ ରୋଗୀଙ୍କୁ ସହଯୋଗ କରିବାକୁ ସାମାଜିକ ସଂଗଠନଗୁଡ଼ିକୁ କମିଶନ ଅନୁରୋଧ କରିଛନ୍ତି।

## ନିର୍ଗୁଣ୍ଡି ଷ୍ଟେଶନରେ ଓହ୍ଲାଇଲେ ୭୦୦ ଯାତ୍ରୀ

**ଚୌଦ୍ୱାର,୧୬।୫(ଡି.ଏନ୍.ଏ.)**

ଟାଙ୍ଗୀସ୍ଥିତ ନିର୍ଗୁଣ୍ଡି ରେଲୱେ ଷ୍ଟେଶନରେ ଶନିବାର ପୁଣି ଘଣ୍ଟେଶ୍ୱରୀ–ଯାଜପୁର ନାମକ ଟ୍ରେନରେ ୭୦୦ ପ୍ରବାସୀ ଓହ୍ଲାଇଛନ୍ତି। ଏହି ଟ୍ରେନ୍‌ଟି ସନ୍ଧ୍ୟା ୭ଟା ୩୦ରେ ପହଞ୍ଚିଥିବାବେଳେ ୧୫ଶହରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ଓହ୍ଲାଇଥିବା ପ୍ରବାସୀଙ୍କ ମଧ୍ୟରୁ ୬୧୦ଜଣ କଟକ ଜିଲାର ଥିବାବେଳେ ଅନ୍ୟମାନେ ଢେଙ୍କାନାଳ ଓ ଅନୁଗୋଳ ଜିଲାର ଅଛନ୍ତି ବୋଲି ଉପସ୍ଥିତ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଷ୍ଟେଶନରେ ଓହ୍ଲାଇବା ପରେ ପ୍ରବାସୀମାନଙ୍କୁ ସାନିଟାଇଜ, ପଞ୍ଜୀକରଣ କରାଯାଇ ହାତରେ ଅଲିଭା କାଳିରେ ଷ୍ଟାମ୍ପିଂ କରାଯାଇଥିଲା। ଏହାପରେ ଯାତ୍ରୀଙ୍କୁ ପାଣି ଓ ଖାଦ୍ୟ ପୁଡ଼ିଆ ପ୍ରଦାନ କରି ପୂର୍ବ ପ୍ରସ୍ତୁତି ଅନୁଯାୟୀ ବସ୍ ଯୋଗେ ସେମାନଙ୍କ ଅଞ୍ଚଳକୁ ପଠାଯାଇଛି। ଉପ ଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର, ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ,ତହସିଲଦାର ନିରଞ୍ଜନ ବେହେରା,ଟାଙ୍ଗୀ ବିଡିଓ ବିନୋଦ ସେନାପତି, ପ୍ରମୁଖ ଉପସ୍ଥିତ ଥିଲେ।

## ବିନା ହେଲ୍‌ମେଟ, ମାସ୍କରେ ବୁଲୁଛନ୍ତି ଅମାନିଆ



ନିୟମ ଉଲଂଘନକାରୀଙ୍କଠାରୁ ଜରିମାନା ନିଆଯାଉଛି।

**ଭୁବନେଶ୍ୱର,୧୬।୫ (ବ୍ୟୁରୋ)**

**ଚାଲିଛି କାଁଭାଁ ଯାଞ୍ଚ**

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ୧୭ ତାରିଖରେ ସରୁଛି। ଏହାପୂର୍ବରୁ ରାଜଧାନୀରେ ରହିଥିବା ବ୍ୟାରିକେଡ୍‌କୁ ଉଠାଇ ଦିଆଯାଇଥିବାବେଳେ କଟକଣା ମଧ୍ୟ କୋହଳ କରିଦିଆଯାଇଛି। ଫଳରେ ଏବେ ରାସ୍ତାରେ ଗାଡ଼ିମୋଟର ସଂଖ୍ୟା ବଢ଼ି ଚାଲିଥିବାବେଳେ ବିନା ହେଲ୍‌ମେଟ୍ ଓ ମାସ୍କରେ ଉଲ୍ଲଂଘନକାରୀ ଘୂରି ବୁଲୁଛନ୍ତି। ପୋଲିସ ପକ୍ଷରୁ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାବେଳେ କାଁଭାଁ ଯାଞ୍ଚ ଦେଉଥିବା ଦେଖିବାକୁ ମିଳିଛି। ଲକ୍‌ଡାଉନ୍ ଘୋଷଣା ହେବା ଦିନଠାରୁ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀର ପ୍ରମୁଖ ରାସ୍ତା ଓ ଗଳିକନ୍ଦିରେ ବ୍ୟାରିକେଡ୍ କରାଯିବା ସହ ଯାଞ୍ଚକୁ କଡାକଡି କରାଯାଇଥିଲା। ପ୍ରଥମେ କଣ୍ଟେନମେଣ୍ଟ ଜୋନ୍‌ରୁ ଓ ଏବେ ବାଣୀବିହାର, ଜୟଦେବ ବିହାର, ରୂପାଲି ଛକ, ରସୁଲଗଡ଼, ମାଷ୍ଟରକ୍ୟାଣ୍ଟିନ, ବିଗ୍‌ବଜାର ଛକ, ରାମମନ୍ଦିର, କଳ୍ପନା, ଏଜି ଛକ, ଏୟାରପୋର୍ଟ ଛକ ଆଦି ସ୍ଥାନରୁ ବ୍ୟାରିକେଡ଼କୁ କାଢି ନିଆଯାଇଛି। ଇତିମଧ୍ୟରେ ଟ୍ରାଫିକ ପରିଚାଳନା ଆରମ୍ଭ ହୋଇଛି। ହେଲେ ପୂର୍ବ ଅପେକ୍ଷା ପୋଲିସ କର୍ମଚାରୀ ମଧ୍ୟ ଆଉ ରାସ୍ତାରେ ଯାଞ୍ଚ ମଧ୍ୟ କରୁନାହାନ୍ତି। ଏହା ବେପରୁଆ ଗାଡିଚାଳକ ଓ ଅମାନିଆଙ୍କୁ ବେଶ୍ ସୁହାଇଛି। ତେବେ ଶନିବାର ରସୁଲଗଡ଼ ଛକରେ ଯାଞ୍ଚବେଳେ ପୋଲିସ ହାତରେ କେତେଜଣ ଧରାପଡି ଜରିମାନା ଦେଇଥିବା ଜଣାପଡିଛି।

## ଡାଲି ବଣ୍ଟନରେ ଅନିୟମିତତା: ପ୍ରତିବାଦ କରିବାରୁ ହିତାଧିକାରୀଙ୍କୁ ମାଡ଼

**ପିପିଲି,୧୬।୫(ଡି.ଏନ୍.ଏ.):** ଡାଲି ବଣ୍ଟନରେ ଅନିୟମିତତାର ପ୍ରତିବାଦ କରିବାରୁ ଶନିବାର କେତେଜଣ ଯୁବକ ଜଣେ ରାଶନକାର୍ଡ ହିତାଧିକାରୀଙ୍କୁ ମାଡ଼ ମାରିଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୁରୀ ଜିଲା ପିପିଲି ବ୍ଲକ ଦୁର୍ଗାଦାସପୁର ପଞ୍ଚାୟତର ଏହି ହିତାଧିକାରୀଙ୍କ ଅଭିଯୋଗକୁ ଭିତ୍ତିକରି ପିପିଲି ଥାନା ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଦୁର୍ଗାଦାସପୁର ପଞ୍ଚାୟତରେ ଶନିବାର ଡାଲି ବଣ୍ଟନ କରାଯାଉଥିବା ବେଳେ କମ୍ ପରିମାଣ ଦିଆଯାଉଥିବା ନେଇ ହିତାଧିକାରୀ ଦୁର୍ଯ୍ୟୋଧନ ଜେନା ପ୍ରତିବାଦ କରିଥିଲେ। ସେଠାରେ ଉପସ୍ଥିତ କେତେଜଣ ଯୁବକ ଦୁର୍ଯ୍ୟୋଧନଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ଦୁର୍ଯ୍ୟୋଧନ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ଶରତ ସାହୁ କୁହନ୍ତି, ଘଟଣାରତଦନ୍ତ ଚାଲିଛି। ତେବେକୌଣସି ଅନିୟମିତତା ହୋଇ ନ ଥିବା ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତି ରଞ୍ଜନ ସିଂ କହିଛନ୍ତି।

## କମ୍ପାନୀ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନୋଟିସ

**କଟକ ଅଫିସ,୧୬।୫**

- ବଲାରପୁର କାଗଜକଳ ନେଇ ଜନସ୍ୱାର୍ଥ ମାମଲା
- ୪ ସପ୍ତାହ ଭିତରେ ଜବାବ ରଖିବାକୁ ନିର୍ଦ୍ଦେଶ

ଚୌଦ୍ୱାରଠାରେ ବନ୍ଦ ପଡ଼ିଥିବା କାଗଜକଳ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା କିମ୍ବା ଏହାର ଜମିକୁ ସରକାର ଫେରାଇନେବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟ ମାମଲାକୁ ଗ୍ରହଣ କରି କମ୍ପାନୀର ମହାରାଷ୍ଟ୍ର, ନୂଆଦିଲ୍ଲୀ ଓ ଚୌଦ୍ୱାରସ୍ଥିତ କାର୍ଯ୍ୟାଳୟର ମ୍ୟାନେଜର ତଥା ସିକ୍ୟୁରିଟି ଇନ୍‌ଚାର୍ଜ ଏବଂ କମ୍ପାନୀର ଚେୟାର୍‌ମ୍ୟାନଙ୍କୁ ନୋଟିସ୍ କରିଛନ୍ତି। ୪ ସପ୍ତାହ ଭିତରେ ଜବାବ ରଖିବାକୁ ନୋଟିସ୍‌ରେ ନିର୍ଦ୍ଦେଶ ରହିଛି। ସରକାରଙ୍କ ତରଫରୁ ଆଡଭୋକେଟ୍ ଜେନେରାଲ୍ ମଧ୍ୟ ନୋଟିସ୍ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି।

ଆବେଦନକାରୀଙ୍କ ଅନୁଯାୟୀ, କାଗଜକଳ ପାଇଁ ରାଜ୍ୟ ସରକାର ଏବଂ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ମଧ୍ୟରେ ୧୯୯୧ ଏପ୍ରିଲ୍ ୨୦ରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ତଦନୁଯାୟୀ ରାଜ୍ୟ ସରକାର ୫୮୪.୬୦ ଏକର ଜମି ହସ୍ତାନ୍ତର ସହ ୧୦ ବର୍ଷ ପର୍ଯ୍ୟନ୍ତ ଟିକସ ରୟାଲ୍‌ଟି ଛାଡ଼ କରିଥିଲେ। କମ୍ପାନୀ ପ୍ରଚୁର ଲାଭ କରିଥିଲେ ମଧ୍ୟ ଆଧୁନିକୀକରଣ, ସଂପ୍ରସାରଣ ଦିଗରେ ପଦକ୍ଷେପ ନେଲେନାହିଁ। ସରକାରଙ୍କଠାରୁ ଅନୁମତି ନ ନେଇ ୨୦୦୩ ମାର୍ଚ୍ଚ ୩୧ରେ କାଗଜକଳକୁ ବନ୍ଦ କରିଦେଲେ। ଶିଳ୍ପ ବିଭାଗ ଏନେଇ ଏକ ଫୌଜଦାରି ମାମଲା ରୁଜୁ କରିଥିଲେ ମଧ୍ୟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଅଞ୍ଚଳବାସୀଙ୍କ ତରଫରୁ ହାଇକୋର୍ଟରେ ୨ଟି ଜନସ୍ୱାର୍ଥ ମାମଲା ହୋଇଥିଲା। ଅନ୍ୟପଟେ ଅନୁଗୋଳରେ ଏହି କମ୍ପାନୀକୁ ଦିଆଯାଇଥିବା ଜମିକୁ କମ୍ପାନୀ କର୍ତ୍ତୃପକ୍ଷ ବିକ୍ରି କରିଦେଇଛନ୍ତି। ଏଣୁ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜମିର କିସମ ପରିବର୍ତ୍ତନ ବନ୍ଦ, ଅନୁଗୋଳରେ ବିକ୍ରି ହୋଇଥିବା ଜମିକୁ ସରକାର ଫେରାଇନେବା, କାରଖାନା ବନ୍ଦ ରହିଥିବା ଯୋଗୁ କମ୍ପାନୀକୁ ଦିଆଯାଇଥିବା ସବୁ ଜମିକୁ ସରକାର ଫେରାଇ ନେବା କିମ୍ବା କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କମ୍ପାନୀକୁ ନିର୍ଦ୍ଦେଶ ଦେବା ଲାଗି ନିବେଦନ କରାଯାଇଥିଲା। ଶ୍ରୀକାନ୍ତ ବେହେରା ଏହି ମାମଲା ରୁଜୁ କରିଥିବା ବେଳେ ଆଇନଜୀବୀ ବ୍ରଜକିଶୋର ପଣ୍ଡା ଏହାକୁ ପରିଚାଳନା କରିଥିଲେ।


**ସୂଚନା**



ଶ୍ରୀ ସୌଭାଗ୍ୟ କୁମାର ରାଣା, ପିତା- ସଞ୍ଜୟ କୁମାର ରାଣା, ଶିବନାରାୟଣପୁର ସାହି, ପୁରୁଣା ବଜାର, କେନ୍ଦୁଝର, ଓଡିଶା, ଗତ ଜାନୁୟାରୀ ୨୦୨୦ ମାସଠାରୁ କଂପାନୀରେ ଆଞ୍ଚଳିକ ସେଲ୍ସ ମ୍ୟାନେଜର ପଦବିରେ ଯୋଗ ଦେଇଥିଲେ । ତାଙ୍କର ପ୍ରୋବେସନ୍ ପିରିୟଡ ସମୟର ମାତ୍ର ୩ ମାସ ମଧ୍ୟରେ ତାଙ୍କର କଂପାନୀର ବରିଷ୍ଠ ଅଧିକାରୀଙ୍କୁ ଆଶାଳୀନ ବ୍ୟବହାର, କଂପାନୀର ନିୟମାବଳୀ ଅନୁସରଣ ନକରି କାମ କରିବା, ଯଥା ଭୁଲ ରିପୋର୍ଟ କଂପାନୀକୁ ଅବଗତ କରିବା ଏବଂ ଅନ୍ୟାନ୍ୟ ଆଚରଣ ବିଧି ଉଲଘ୍ନ କରିଥିବା ହେତୁ, ତାଙ୍କୁ କଂପାନୀ ଆଂଚଳିକ ସେଲ୍ସ ମ୍ୟାନେଜର, କେନ୍ଦୁଝର ପଦବୀରୁ ଗତ ତା୧୧/୦୫/୨୦୨୦ରିଖ ଠାରୁ ବହିଷ୍କାର କରିଛି । ଏଣୁ, ଉଷା କମ୍ୟୁନିକେସନର ସମସ୍ତ ଡିଲର ଓ କଂପାନୀର କାର୍ଯ୍ୟକର୍ତ୍ତାଙ୍କୁ ଅନୁରୋଧ, ସୌଭାଗ୍ୟ କୁମାର ରାଣାଙ୍କ କଂପାନୀ ବିରୁଧରେ ମିଥ୍ୟା ଗୁଜବ ଶୃଷ୍ଟି କରିଥିବାରୁ ତାଙ୍କ ସହିତ ଭବିଷ୍ୟତରେ କୌଣସି କଂପାନୀ ସଂବନ୍ଧୀୟ ଯୋଗାଯୋଗ କରିବେ ନାହିଁ ।

ତା ୧୭/୫/୨୦୨୦
ଫୋ – ୭୬୨୦୭୪୬୮୪୬

ଉଷା କମ୍ୟୁନିକେସନ୍ ଓ ଏଣ୍ଟରପ୍ରାଇଜେସ୍
ଧୁଲିଆ, ମହାରାଷ୍ଟ୍ର



**SBC ସମ୍ବଲପୁରୀ ବସ୍ତ୍ରାଳୟ**



**ସାବିତ୍ରୀ ବ୍ରତ ଉପଲକ୍ଷେ**

**ବିଶେଷ ସରକାରୀ ରିହାତି**

**10% + 20%**

ଅବଧି

ତା୧୪।୦୫।୨୦୨୦ରୁ ତା୨୨।୦୫।୨୦୨୦ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡସିଟ୍, ସୁଟ ସେଟ୍ ଇତ୍ୟାଦି

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ରାଜ୍ୟ ଭିତରେ ଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

ବିକ୍ରୟ କେନ୍ଦ୍ରରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ନିମନ୍ତେ ଅନୁରୋଧ



**ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସୂଚନା**

No.: D-06: ଭୁବନେଶ୍ୱର ୟୁ ପି ଡି ଚନ୍ଦ୍ରଶେଖରପୁର ଥାନା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ମାମଲା ନମ୍ବର ୫୦ ତା୨୨।୧୧।୨୦୧୯।

ସମ୍ପୂର୍ଣ୍ଣ ନାମ ଠିକଣା
**ରିଷି କାଶ୍ୟପ (23)**
ପି.– ରଜ୍ଜୁ କୁମାର
ରୋଡ୍ ନମ୍ବର ୧୪,
ହାଉସ ନମ୍ବର–୧୪/୧୧୦
ଇଷ୍ଟ ଅଶୋକ ନଗର,
ଥା– ଲୋହିଆନଗର, ପାଟନା, ବିହାର



ବିବରଣୀ
ବୟସ – ୨୩
ବର୍ଣ୍ଣ – ଗୋରା
ଉଚ୍ଚତା – ୫'୨"
ଶରୀର – ମିଡିୟମ
ଭାଷା – ଇଂଲିଶ ଓ ହିନ୍ଦୀ

ଯଦି ପରିଚୟ ମିଳେ, ଯୋଗାଯୋଗ କରିବାର ଠିକଣା
ଆରକ୍ଷୀ ନିରୀକ୍ଷକ
ଚନ୍ଦ୍ରଶେଖରପୁର ଥାନା
ଫୋନ ନମ୍ବର: ୦୬୭୪–୨୭୪୧୯୯୯

OIPR-12015/11/0005/2021

ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। –ଶ୍ରୀଅରବିନ୍ଦ



# ଲଢ଼େଇ ସହଜ ନୁହେଁ



ଆକାର ପଟେଲ

ସରକାର ଓ ଲୋକମାନେ ଏକାଠି କାର୍ଯ୍ୟ କରିବା ଦ୍ୱାରା ହିଁ କେବଳ ମହାମାରୀକୁ ଆୟତ୍ତ କରାଯାଇପାରିବ। ସାରାବିଶ୍ୱରେ ଆମେ ସମସ୍ତେ ଏହି କଥାକୁ ଭଲ ଭାବେ ବୁଝିଛେ । ସେଥିପାଇଁ ମହାମାରୀ ସଂକ୍ରମଣକୁ ରୋକିବା ଲାଗି ନୀତି ନିୟମକୁ ଆମେ ପାଳନ କରିବା ଆବଶ୍ୟକ। ଆମେ ଲଗାତର ସାବୁନରେ ହାତ ଧୋଇବା ଉଚିତ। ବାରମ୍ବାର ମୁହଁକୁ ସ୍ପର୍ଶ କରିବା ଉଚିତ ନୁହେଁ । ବାହାରକୁ କମ୍ ଯିବା ଓ ଆବଶ୍ୟକସ୍ଥଳେ ନାକ ଏବଂ ମୁହଁ ଘୋଡ଼ାଇ ହୋଇ ଯିବା ଦରକାର। ଫଳରେ କାଶ ଓ ଛିଙ୍କ ଦ୍ୱାରା ଅନ୍ୟମାନେ ସଂକ୍ରମିତ ହେବେ ନାହିଁ। ସର୍ବସାଧାରଣ ସ୍ଥାନରେ ପରସ୍ପରଠାରୁ ୬ ଫୁଟ ଦୂରତା ରକ୍ଷା କରିବା ଦରକାର। ଯଦି କୋଭିଡ୍-୧୯ ଲକ୍ଷଣ ପ୍ରକାଶ ପାଏ ତେବେ ଗୋଟିଏ ରୁମ୍‌ରେ କ୍ୱାରାଣ୍ଟାଇନରେ ରହିବା ଓ ଲକ୍ଷଣ ଗୁରୁତର ହୋଇଥିଲେ ସରକାରଙ୍କୁ ଜଣାଇବା ଦରକାର। କୋଭିଡ୍ ଭାଇରସ୍ ପାଇଁ ଟିକା ଆବିଷ୍କାର ହେଲେ ତାହାର ମୁକାବିଲା ସହଜରେ ହୋଇପାରିବ। କିନ୍ତୁ ଯେ ପର୍ଯ୍ୟନ୍ତ ଟିକା ବାହାରିନାହିଁ ସେ ଯାଏ ଉପର ନିର୍ଦ୍ଦେଶିତ ନୀତି ନିୟମକୁ ଆମେ କଡ଼ାକଡ଼ି ଭାବେ ପାଳନ କରିବା ଭଲ। ଅପର ପକ୍ଷରେ କୋଭିଡ୍‌ରେ କମ୍ କ୍ଷତି ହେଉଛି ବୋଲି ନିଶ୍ଚିତ କରିବା ସରକାରଙ୍କ କାମ। ଯେଉଁମାନେ ପୀଡିତ ସେମାନଙ୍କ ଯତ୍ନ ନିଆଯାଉଛି। ଯେଉଁମାନେ ବିପଦରେ ରହିଛନ୍ତି ସେମାନଙ୍କର ପରୀକ୍ଷା କରାଯାଉଛି ଏବଂ ଏହି ବିପର୍ଯ୍ୟୟରେ ଯେଉଁମାନେ ପ୍ରଭାବିତ ହୋଇଛନ୍ତି ସେମାନଙ୍କୁ ସାହାଯ୍ୟ କରାଯାଉଛି ବୋଲି ମତ ଦେବା ସ୍ୱାଭାବିକ। ଏହି ସମୟରେ ସରକାର ନୀତି ଗଢ଼ିବା ଏବଂ ନିୟମରେ ପରିବର୍ତ୍ତନ ଆଣି ତାହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ହେଉଛି ସରକାରଙ୍କ କର୍ତ୍ତବ୍ୟ। ଏହି ପଦକ୍ଷେପ ଲୋକମାନଙ୍କୁ ସାହାଯ୍ୟ କରିବା ସହ ସେମାନଙ୍କ ଜୀବନ ରକ୍ଷା ମଧ୍ୟ କରିପାରିବ। ପୁନଶ୍ଚ ଟିକା ଆବିଷ୍କାର ନ ହେବା ଯାଏ ଯେଉଁ ଦେଶଗୁଡିକ ଉପର ବର୍ଣ୍ଣିତ ନୀତି ନିୟମକୁ ଯେତେ ପ୍ରଭାବଶାଳୀ ଢଙ୍ଗରେ ପାଳନ କରିବେ ସେମାନେ ମହାମାରୀରେ ସେତେ କମ୍ ପ୍ରଭାବିତ ହେବେ।

ସରକାର ଓ ଲୋକମାନେ ଯାହା ସବୁ କରନ୍ତି ତା' ମଧ୍ୟରେ ଏକ ଦୃଢ଼ ସମ୍ପର୍କ ରହିଥାଏ। ସବୁଠୁ ରୋଚକ କଥା ହେଉଛି , କୋଭିଡ୍ –୧୯ ସଂକ୍ରମଣ ଏବେ ବ୍ୟକ୍ତି ଓ ସରକାରଙ୍କ ମଧ୍ୟରେ ଥିବା ସମ୍ପର୍କରେ ଏକ ନୂଆ ତତ୍ତ୍ୱ ଯୋଡ଼ିଛି। ହେଲେ ସରକାର ନିୟମ କରିବା ବ୍ୟତୀତ ସମାଜ ଓ ବ୍ୟକ୍ତି ସୁରକ୍ଷା ଲାଗି ଅଧିକ କିଛି ବି କରିପାରିନାହାନ୍ତି। ଏହାଦ୍ୱାରା ଜଣେ ବ୍ୟକ୍ତି ନିଜ ଇଚ୍ଛାରେ କାର୍ଯ୍ୟ କରିବେ। ଯଦି ସରକାରଙ୍କ ଉପରେ ବିଶ୍ୱାସ କରିବା ଲାଗି ତାକୁ ବୁଝାଯାଏ ତେବେ ସାମଗ୍ରିକ କଲ୍ୟାଣ ପାଇଁ ସେ ନିଜ ଇଚ୍ଛାରେ କରୁଥିବା କାର୍ଯ୍ୟ କମାଇ ଦେବେ। କିନ୍ତୁ ଏହା କରିବା ବହୁତ କଠିନ। କାରଣ ତାକୁ ଆରାମଦାୟକ ଜୀବନ ଛାଡ଼ି ସ୍ୱେଚ୍ଛାସେବୀ ଭଳି କଠିନ କାର୍ଯ୍ୟକୁ ଗ୍ରହଣ କରିବାକୁ ପଡ଼ିବ। ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହୋଇପାରେ ,କିନ୍ତୁ ଏହା କିପରି ପିନ୍ଧାଯିବ ତାହା ତାଙ୍କ ପାଇଁ ବାଧ୍ୟତାମୂଳକ ହୋଇପାରିବ ନାହିଁ। ମାସ୍କ ପିନ୍ଧିବା ବି ଅସୁବିଧା। କେତେକ ବ୍ୟକ୍ତି ତାହାକୁ ବେକରେ ଲଗାଇ ରଖିଥାନ୍ତି ଓ ପୋଲିସ ପାଖରେ ହିଁ ତାହାକୁ ବେକରୁ ଉଠାଇ ପିନ୍ଧି ଦିଅନ୍ତି କିମ୍ବା ଏମିତି ପିନ୍ଧନ୍ତି ଯେ ନାକ ବାହାରକୁ ଦେଖାଯାଏ। (ନିକଟରେ ପ୍ରଧାନମନ୍ତ୍ରୀ କ୍ୟାବିନେଟ ମନ୍ତ୍ରୀମାନଙ୍କ ସହ ଭିଡିଓ କନଫରେନ୍ସ ଭିର୍ଚୁଆଲରେ ପ୍ରଧାନମନ୍ତ୍ରୀଙ୍କ ପଛରେ ଅମିତ ଶାହା ଓ ଅନ୍ୟମନ୍ତ୍ରୀମାନେ ଏହି ଢଙ୍ଗରେ ମାସ୍କ ପିନ୍ଧି ବସିଥିବା ଦୃଶ୍ୟ ଦେଖିବାକୁ ମିଳିଛି)। ଏହି ସମୟରେ ବ୍ୟାୟାମର ମୂଲ୍ୟ ବି କିଛି ନାହିଁ। ଜନସଂଖ୍ୟାର ଏକ ସିଂହଭାଗ ଯେଉଁଠି ସରକାରଙ୍କୁ ବିଶ୍ୱାସ କରୁ ନ ଥିବେ, ସେଠାରେ ନିୟମ ଲାଗୁ କରିବା କଠିନ ହୋଇପଡିବ ଏବଂ ଏଭଳି ଦେଶଗୁଡିକ କୋଭିଡ୍‌କୁ ଆୟତ୍ତ କରିବା ପାଇଁ ଅଧିକ ସମସ୍ୟାର ସମ୍ମୁଖୀନ ହେବେ। ଏବେ ଭାରତ ଏମିତି ଏକ ସ୍ଥିତି ଦେଇ ଗତି କରୁଛି, ଯେଉଁଠାରେ ସରକାର ଓ ଲୋକମାନଙ୍କ ମଧ୍ୟରେ ଯେଭଳି ବିଶ୍ୱାସ ରହିବା କଥା ତାହା ପରିଲକ୍ଷିତ ହେଉନାହିଁ। ଆମମାନଙ୍କ ମଧ୍ୟରୁ କେତେକଙ୍କ ପାଇଁ ଏହି ସମୟ କିଛି ଭିନ୍ନତା ମଧ୍ୟ ଆଣି ଦେଇଛି। ଆମେ ଘରେ ରହି କାମ କରି ଦରମା ନେଉଛୁ। ବାହାର ମନୋରଞ୍ଜନ ବିନା ଜୀବନ କଟୁଛି। ସରକାରଙ୍କ ସହ ଆମର କୌଣସି ଯୋଗାଯୋଗ ବି ନାହିଁ। ଲକ୍‌ଡାଉନ ପୂର୍ବରୁ ସରକାରଙ୍କ ପ୍ରତି ଆମ ବିଶ୍ୱାସ ଯେମିତି ରହିଥିଲା ତାହା ଏବେ ସେମିତି ରହିଛି ।

ଏହି ସ୍ଥିତରେ ଆଉ କେତେକଙ୍କର ଭିନ୍ନ ଅନୁଭବ ରହିଛି। ସେମାନେ ଅନୁଭବ କରୁଛନ୍ତି ଯେ, ଆମେ ଆମ ଚାକିରି ହରାଇଛୁ,ଆମେ ସଞ୍ଚୟ ବି ହରାଇଛୁ। ରାସ୍ତାକୁ ଯାଇ ମାଡ ଖାଇଛୁ, ହଜାର ହଜାର କିଲୋମିଟର ଚାଲିଛୁ। କେହି ଆମକୁ ସାହାଯ୍ୟ ନ କରିବାରୁ ପିଲାଙ୍କୁ ଭୋକିଲା କିମ୍ବା ମୃତ ଅବସ୍ଥାରେ ଦେଖିଛୁ, ଏହା ମଧ୍ୟ ସେମାନେ ଅନୁଭବ କରୁଛନ୍ତି। ସେମାନଙ୍କର ସରକାରଙ୍କ ସହ ସମ୍ପର୍କ ଚାଲିଯାଇଛି। ଏଣୁ ସେମାନଙ୍କଠାରେ ସ୍ୱୟଂସେବୀ ମନୋଭାବ ବା ଆଚରଣ ମିଳିବା କଷ୍ଟକର ହୋଇଯିବ।

ଅର୍ଥ ବ୍ୟବସ୍ଥା ଲାଗି ପ୍ରବାସୀ ଶ୍ରମିକଙ୍କ ଆବଶ୍ୟକତା ରହିଛି। କିନ୍ତୁ ପ୍ରବାସୀ ଶ୍ରମିକଟିଏ ଏବେ ପରିତ୍ୟକ୍ତ ହୋଇଯାଇଛି। ଏହି କାରଣରୁ ସେ ଆଉ ସହରକୁ ଫେରିବାକୁ ବାଧ ହେବନି । ଯେଉଁ ସହରରେ ସେ କାର୍ଯ୍ୟ କରୁଥିଲା ଏହି ସଙ୍କଟ ସମୟରେ ତାକୁ ଯେଭଳି ତାହା ଅଣଦେଖା କରିଛି ସେଠାକୁ ସେ ଫେରିବା ଆଉ ଏତେ ସହଜ ନୁହେଁ। ଆମେମାନେ ଦିନକୁ ୮ ଘଣ୍ଟା କାମ କରୁଥିବାବେଳେ ସେମାନଙ୍କ ସହ ପରାମର୍ଶ ନ କରି ମନଇଚ୍ଛା ଆମେ ତାଙ୍କ କାର୍ଯ୍ୟ ସମୟ ୮ରୁ ୧୨ ଘଣ୍ଟା କରିଛୁ। ଏହା ସେମାନଙ୍କ ବିଶ୍ୱାସକୁ ଭାଙ୍ଗି ଦେଇଛି। ଏହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡିବ।

ଆଜି ଯେଉଁମାନେ ନିରାଶ୍ରୟ ପାଲଟିଯାଇଛନ୍ତି, ଚାକିରି ହରାଇଛନ୍ତି, ଭୋକିଲା ରହୁଛନ୍ତି ଓ ଘରଠାରୁ ବହୁ ଦୂରରେ ରହିଛନ୍ତି ସେମାନଙ୍କ ସ୍ଥିତିକୁ ଆମକୁ ଅନୁଭବ କରିବା ଆବଶ୍ୟକ। ଯଦି ଆମେ ଦୟାଳୁ ଏବଂ ଆମମାନଙ୍କ ପାଖରେ ସହାନୁଭୂତି ରହିଛି, ତେବେ ସ୍ୱୀକାର କରିବାକୁ ହେବ ଯେ, ଆମ ପାଖରେ ଅନ୍ୟର ଅନୁଭବକୁ ବୁଝିବାର ଶକ୍ତି ବି ରହିଛି। କିନ୍ତୁ ଏହା କରିବା ଏତେ ସହଜ ନୁହେଁ। ଏହି ସମୟରେ ଆମେ ଲକ୍ଷ ଲକ୍ଷ ଭାରତୀୟଙ୍କୁ ଦୁର୍ବ୍ୟବହାର କରୁଛୁ। ଆବଶ୍ୟକତା ସମୟରେ ଦେଶ ସେମାନଙ୍କ ପ୍ରତି ବିଶ୍ୱାସଘାତକତା କରିଛି, ଅଥଚ ଦେଶର ବୃହତ ସ୍ୱାର୍ଥ ଲାଗି ସେମାନେ ସମସ୍ତେ ଆମକୁ ସହଯୋଗ କରନ୍ତୁ ବୋଲି ଆଶା କରୁଛୁ। ଏଭଳି ସ୍ଥିତି କୋଭିଡ୍-୧୯ ମହାମାରୀ ବିରୋଧରେ ଏକାଠି ଲଢେଇକୁ ଜଟିଳ କରିଦେଇଛି।

Email:aakar.patel@gmail.com

# ସଦାଚାରୀଙ୍କ ବିପକ୍ଷରେ



ଚିତ୍ରଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସଦାଚାରୀ ସାଧୁ ପୁରୁଷମାନେ ସାଂପ୍ରତିକ ସମାଜରେ ଏକ ବିରଳ ସଂପ୍ରଦାୟ। ଯେନ ତେନ ପ୍ରକାରେଣ ଯାବତୀୟ ମିଥ୍ୟାଚାରକୁ ଆପଣେଇ ନେଇ ଦ୍ରୁତ ଗତିରେ ଦୌଡ଼ି ଚାଲିଥିବା ଲୋକଙ୍କ ଭିଡ଼ ଭିତରେ ଏମାନେ କାଁ ଭାଁ ଆତଯାତ ହେଉଥାନ୍ତି ଓ ନ୍ୟାୟ ନୀତିକୁ ଆଶ୍ରାକରି ମନ୍ଥର ଗତିରେ ବାଟ ଚାଲୁଥିବା ବେଳେ ବାରମ୍ବାର ଝୁଣ୍ଟିପଡ଼ି ଆହତ ହୋଇଥାନ୍ତି। ତଥାପି ଏମାନେ ବାଟ ଭାଙ୍ଗି ଅସତ୍ୟ ଅନାଚାରର ଗଣଦୌଡ଼ରେ ଯୋଗ ଦିଅନ୍ତି ନାହିଁ। ଲକ୍ଷ୍ୟ ସିଦ୍ଧିର ପାଗଳ ପ୍ରତିଯୋଗିତାରେ ଯେଉଁଠି ଜଣେ ଅନ୍ୟ ଜଣଙ୍କୁ ଅତିକ୍ରମ କରି ଆଗକୁ ମାଡ଼ିଯିବା ପାଇଁ ତତ୍ପର, ସେମିତି ଗଣ ଦୌଡ଼ରେ ମିଶି ନ ଯାଇ ସେମାନେ ଧୀର ଗତିରେ ଆଗକୁ ବଢୁଥାନ୍ତି ଓ ନିଜକୁ ନିଜେ ପ୍ରଶ୍ନ କରୁଥାନ୍ତି, ''ଏ ଜଗତ କ'ଣ ସବୁବେଳେ ଏମିତି ମିଥ୍ୟାଚାରର ଅନ୍ଧାରରେ ବୁଡି ରହିଥିବ ? ସତ୍ୟର ଆଲୋକରେ କେବେ କ'ଣ ଉଦ୍‌ଭାସିତ ହେବନାହିଁ ଆସନ୍ତାକାଲିର ସକାଳ ?''

ପ୍ରକୃତରେ ସଦାଚାରୀ ସାଧୁ ପୁରୁଷଟିଏ ହୋଇ ଆଜିର ସମୟରେ ଜୀବନ ନିର୍ବାହ କରିବା ବା ସତ୍ୟ ସଦାଚାର ସହ କୌଣସି ସାଲିସ ନ କରିବା ତ୍ୟାଗୀ ତପସ୍ୱୀଙ୍କ ସାଧନାଠୁ ବଳି ଆହୁରି କଠୋର, ଅଧିକ କଷ୍ଟକର। ତାଙ୍କ ଆଗରେ ପ୍ରତିପକ୍ଷ ଜଣେ ଲାଞ୍ଚ ମିଛର ଲାଞ୍ଜ ଧରି ଅନାୟାସରେ ଆଶା ବୈତରଣୀ ପାର ହୋଇଯାଉଥିବ। ତା'ପାଇଁ ଅପ୍ରାପ୍ୟ ହୋଇ ରହିବ, ଏମିତି କିଛି ବି ଚିଜ ନ ଥିବ ଏ ଦୁନିଆରେ। ସେ ଚାହିଁଲେ ବାଘ ଭଳି ହିଂସ୍ର ପ୍ରାଣୀ ତା' ଦେହରେ ଆସି ଘଷି ହେଉଥିବ। ଚନ୍ଦ୍ରର ଶୀତଳ କିରଣ ଅମା ଅନ୍ଧକାରରେ ବି ଉପଲବ୍ଧ ହେଉଥିବ। ମୂକଟିଏ ବାଚାଳ ପରି ପ୍ରଳାପ କରୁଥିବ ତ ପଙ୍ଗୁଟିଏ ପର୍ବତ ଡେଇଁ ଯିବାର ସାମର୍ଥ୍ୟ ରଖୁଥିବ। ଅଥଚ ସଦାଚାରୀ ଲୋକଟି ପାଇଁ ଏମନ୍ତ ଚମତ୍କାର ତ ଦୂରର କଥା, ସାଧାରଣ ଭାବେ ସର୍ବନିମ୍ନ ଅଧିକାର ମଧ୍ୟ ଅପ୍ରାପ୍ୟ ହୋଇ ରହିଥିବ ଚିରକାଳ। ସକଳ ପ୍ରକାର ଅପ୍ରାପ୍ତିର ବୋଝ ମୁଣ୍ଡାଇ ବଞ୍ଚି ରହିବା ଯେମିତି ଲାଞ୍ଚବିଦ୍ୱେଷୀଙ୍କ କପାଳ ଲିଖନ।

ଏମିତି ଜଣେ ସଦାଚାରୀ ସେ ଦିନ ନିଜ ଆଦର୍ଶକୁ ଅଭିଶାପ ଦେଇ ଅବସୋସ ପ୍ରକଟ କରୁଥିଲେ। କହୁଥିଲେ, ''କେଉଁ ଅଶୁଭ ମୁହୂର୍ତ୍ତରେ ଅସତ୍ ପଥରେ ଯାତ୍ରା ନ କରିବା ପାଇଁ ଶପଥ କରିଥିଲି କେଜାଣି, ଭାରି ହନ୍ତସନ୍ତ ହେଲିଣି ଏଥିପାଇଁ। ଜୀବନରେ ସମଗ୍ର ବୃତ୍ତିକାଳରେ କେବେ ବି କାହାକୁ ଲାଞ୍ଚ ନ ଦେବାକୁ ବା କାହାଠୁ ଲାଞ୍ଚ ନ ନେବାକୁ ଯେଉଁ ପଣ କରିଥିଲି, ସେଥିପାଇଁ ଢେର ମୂଲ୍ୟ ଦେଲିଣି, ଢେର ନିର୍ଯାତନା ଭୋଗିଲିଣି। ଲାଞ୍ଚ ଦେଇ କାମ ହାସଲ କରିବା ଭଳି ଆଦର୍ଶକୁ ଆଦରି ନେଇ ମୋର ଜଣେ ସହକର୍ମୀ ନିଜ ପରିସରରେ ଏତେ ପ୍ରଭାବଶାଳୀ ଯେ ସେ ଚାହିଁଲେ ବର୍ଷକରେ ତିନୋଟି ସ୍ଥାନକୁ ନିଜ ଇଚ୍ଛା ମୁତାବକ ବଦଳି ହୋଇପାରିବେ ତ ନିଜେ ନ ଚାହିଁଲେ ଦଶ ବର୍ଷ ଯାଏ ତାଙ୍କୁ ନିଜ ସ୍ଥାନରୁ କେହି ହଟାଇପାରିବେ ନାହିଁ। ଯେ କୌଣସି ସରକାରୀ ଫାଇଲ ତାଙ୍କ ପାଇଁ ପକ୍ଷୀରାଜ ଘୋଡ଼ାର ବେଗ ଧାରଣ କରିପାରୁଥିଲା ବେଳେ ମୋ ଭଳି ଲାଞ୍ଚ ଦେଇ କାମ ହାସଲ ନ କରିବାକୁ ପ୍ରତିଜ୍ଞା କରିଥିବା ଲୋକ ପାଇଁ ତାହାର ଗତି କଚ୍ଛପଠାରୁ ଆହୁରି ମନ୍ଥର। ଲାଞ୍ଚମିଛର ପ୍ରତିକୂଳ ସ୍ରୋତରେ ପହଁରିବା ଭଳି ଏକ ମିଥ୍ୟା ଆଦର୍ଶବୋଧକୁ ଆପଣାଇ ମୁଁ ଆଜି ପତ୍ନୀ, ପରିବାର ଆଖିରେ ଏକ ଅକର୍ମା ପୁରୁଷ।

ନିଜ ପରିସରରେ ଲାଞ୍ଚ ଦେଣନେଣ ପ୍ରକ୍ରିୟାକୁ ବୃତ୍ତିଗତ ସଫଳତାର ମୂଳମନ୍ତ୍ର ବିଚାରିଥିବା ଅନ୍ୟ ଜଣେ ବୃତ୍ତିଧାରୀଙ୍କ ପ୍ରତିକ୍ରିୟା ଆହୁରି ଅଭିନବ। ସେ କହନ୍ତି, ''ଆଦ୍ୟ ଜୀବନରେ ମୁଁ ବି ଥିଲି ଜଣେ ଆଦର୍ଶ ଯୁବକ। ଏକ ଶୁଦ୍ଧ ଚେତନାର ଆହ୍ୱାନରେ ଜୀବନର କୌଣସି ସୋପାନରେ ସାମାନ୍ୟ ଅନୀତି ଅନାଚାର ନିଜ ମଧ୍ୟରେ ପ୍ରଶ୍ରୟ ଦେଉ ନ ଥିଲି। ଦୁର୍ନୀତି ନିବାରଣ ମଞ୍ଚର ନେତୃତ୍ୱ ନେଇ ମାଇକ୍ରୋଫୋନ୍ ଆଗରେ ଗଳା ଫଟାଇ ଚିତ୍କାର କରୁଥିଲି ଲାଞ୍ଚ ବିରୋଧରେ। ଲାଞ୍ଚ ଦେଉଥିବା ବା ନେଉଥିବା ଲୋକଙ୍କୁ ଫାଶୀ ଦିଆଯାଉ ବୋଲି ଯୁକ୍ତି ବାଢୁଥିଲି। ମାତ୍ର ଜଣ ଜଣ କରି ମୋର ସବୁ ସାଙ୍ଗ କିଛି ନା କିଛି ନିଯୁକ୍ତି ପାଇ ଚାଲିଗଲା ପରେ ମିଥ୍ୟାଚାରର ମାହାତ୍ମ୍ୟ କେତେ ବ୍ୟାପକ, ତାହା ପ୍ରଥମ କରି ଅନୁଭବ କଲି। ଗୋଟିଏ ପଇସା ରୋଜଗାର କରିବାର ସାମର୍ଥ୍ୟ ନ ଥାଇ ତଥା ଯେଉଁ ବୟସରେ ବାପାମା'ଙ୍କର ବୋଝ ବୋହିବାର କଥା, ସେଇ ବୟସରେ ସେମାନଙ୍କ ଉପରେ ବୋଝ ହୋଇ ଦୁର୍ନୀତି ନିବାରଣ ଯୁବ ମଞ୍ଚର ସଭାପତି ବୋଲାଇବାରେ କିଛି ଗୌରବ ନ ଥାଏ ବୋଲି ଯେଉଁଦିନ ହୃଦୟଙ୍ଗମ କଲି, ସେଦିନ ମୋ ସାଙ୍ଗମାନଙ୍କ ପଥରେ ପାଦ ରଖିଲି ଓ ଦିନ କେଇଟା ମଧ୍ୟରେ ଏକ ସଫଳ ମଣିଷରେ ରୂପାନ୍ତରିତ ହୋଇଗଲି। ସୁତରାଂ, ସଦାଚାରୀ ହୋଇ ଭୋକରେ ରହିବା ଅପେକ୍ଷା ଅସତ୍ ପଥରେ ଯାଇ ଜୀବନକୁ ଉପଭୋଗ କରିବାରେ ହିଁ ଥାଏ ଏକ ସଫଳ ଜୀବନର ସକଳ ସାର୍ଥକତା।''

ଲାଞ୍ଚ ସପକ୍ଷରେ ଆଉ ଏକ ରୋମାଞ୍ଚକର ସଂଳାପ ଜଣେ ଅଧ୍ୟାପକଙ୍କ ମୁହଁରୁ– ''ଟଙ୍କା କ'ଣ କାହାକୁ ପିତା ଲାଗେ ଯେ ଜଣେ ଅକାତରରେ ଅନ୍ୟ ଜଣଙ୍କ ହାତରେ ପାଞ୍ଚ ହଜାର ଟେକିଦେବ ! ମୋର ଲକ୍ଷେ ଟଙ୍କାର ବକେୟା ପ୍ରାପ୍ୟ ଗତ ପାଞ୍ଚ ବର୍ଷ ହେଲା ପଡ଼ିରହିଥିଲା। ଏଇ ପାଞ୍ଚ ବର୍ଷ ଭିତରେ ପନ୍ଦର ଥରରୁ ଊର୍ଦ୍ଧ୍ୱ ଦୌଡ଼ିଛି ମୁଁ ବାଲେଶ୍ୱରରୁ ଭୁବନେଶ୍ୱର। କେତେ ଟଙ୍କା ଖର୍ଚ୍ଚ ହୋଇଛି ଗାଡ଼ି ଭଡ଼ାରେ ? କେତେ ସୁଧ ମିଳିଥାନ୍ତା ଲକ୍ଷେ ଟଙ୍କାର ପାଞ୍ଚବର୍ଷ ଭିତରେ ? ଏ ସବୁ କ୍ଷତି ତୁଳନାରେ ନିହାତି ମାମୁଲି ମାତ୍ର ପାଞ୍ଚ ହଜାର ଟଙ୍କା ଲାଞ୍ଚ। ମୁଁ ପ୍ରକୃତରେ ନିର୍ବୋଧ। ଅନ୍ୟମାନଙ୍କ ପରି ପାଞ୍ଚବର୍ଷ ପୂର୍ବରୁ ଏହି ଦେଣନେଣ ପ୍ରକ୍ରିୟାରେ ସାମିଲ ହୋଇଥିଲେ ଆଜି ଏତେ ଟଙ୍କାର ଲାଞ୍ଚ ଦେବାକୁ ପଡ଼ି ନ ଥାନ୍ତା !''

ପ୍ରଥମେ ସତ୍ୟ ସଦାଚାରକୁ ଆଦର୍ଶ ବିଚାରି ପରେ ଅସତ୍ୟ ପଥରେ ଯାତ୍ରା କରିବାକୁ ବୁଦ୍ଧିମତ୍ତା ବିଚାରୁଥିବା ସବୁ ଲୋକଙ୍କ ଯୁକ୍ତି ଶୁଣିବାକୁ ଏକାପରି। ସେମାନେ କହନ୍ତି, ''ଶୁଣିବାକୁ ମିଠା ଲାଗେ ଚରିତ୍ରବାନ, ସାଧୁ ବା ସଦାଚାରୀ ଭଳି ଉଚ୍ଚ ବିଶେଷଣମାନ। ମାତ୍ର ଜୋତା ପିନ୍ଧିଥିବା ଲୋକର ଜୋତା ଖେଞ୍ଚିବାର ଯନ୍ତ୍ରଣା ଜାଣିଲା ପରି ସଂସାର ସଡ଼କର ଯାତ୍ରୀ ହିଁ ଜାଣେ କେଡ଼େ କଷ୍ଟକର ଏ ଯାତ୍ରା। ଅତଏବ କଷ୍ଟକର ଯାତ୍ରାକୁ ସହଜ କରିବାକୁ ମୁହଁ ଲୁଚାଇ ଅପସରି ଯାଆନ୍ତି ନ୍ୟାୟ, ନୀତି, ସତ୍ୟ ଓ ସଦାଚାର ଭଳି ଯେତେ ଯାହା ସଂସ୍କାର। ସଂସ୍କାରନିଷ୍ଠତା ବଦଳରେ ପ୍ରଭାବଶାଳୀ ହୋଇପଡ଼େ ଜୀବନର ଆବଶ୍ୟକତା ଏବଂ ବାଲ୍ୟକାଳର ପିତାମାତା ପ୍ରଦତ୍ତ ସଂସ୍କାର ବା ପୁସ୍ତକରୁ ଆହରଣ କରାଯାଇଥିବା ସତ୍ୟ ସଦାଚାରର ଜ୍ଞାନ ବିସ୍ମୃତିର ଅନ୍ଧାରି ଗହ୍ୱରକୁ ଠେଲି ହୋଇଯାଏ। ସକଳ ସଦାଚାରକୁ ବିସର୍ଜନ ଦେଇ ଜନ୍ମ ନିଏ ସହଜ ଉପଲବ୍ଧିର ଯେତେ ଯାହା ଗଳାବାଟ। ଜୀବନର ଆବଶ୍ୟକତା ସହ ମୂଳଚାଲ ବାଧ୍ୟ କରେ ମଣିଷକୁ ସାଲିସ କରିବା ପାଇଁ। ଫଳସ୍ୱରୂପ ଏପଟେ ସାଧୁଙ୍କ ସଂଖ୍ୟାରୁ ଜଣେ କମିଯାଏ ତ ସେପଟେ ଅସାଧୁଙ୍କ ତାଲିକାରେ ଆଉ ଜଣଙ୍କର ନାମ ଯୋଡ଼ି ହୋଇଯାଏ।

ବହୁ ବର୍ଷ ତଳେ ଦେଶର ଉତ୍ତରାଞ୍ଚଳ ରାଜ୍ୟର ଜଣେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଜଣେ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ କହିଲେ, ''ଏ ଦେଶର ମୁକ୍ତି ପାଇଁ ମୁଁ ଦିନେ ସମର୍ପି ଦେଇଥିଲି ମୋ ଜୀବନ ଓ ଯୌବନ। ଦେଶ ପାଇଁ ସଂଗ୍ରାମ କରି ଅସହ୍ୟ ଅତ୍ୟାଚାର ସାମ୍ନା କରୁଥିଲା ବେଳେ ସ୍ୱାଧୀନ ଭାରତରେ ମନ୍ତ୍ରୀ ହୋଇ କ୍ଷମତା ଉପଭୋଗ କରିବାକୁ ଆମର କିଛି ଲାଳସା ନ ଥିଲା। ମାତ୍ର ସ୍ୱାଧୀନତା ପରେ ଦେଶ ପାଇଁ ଆମ ତ୍ୟାଗକୁ ସମ୍ମାନ ଜଣାଇ କୃତଜ୍ଞ ସରକାର ଆମ ପାଇଁ କେଇ ଟଙ୍କାର ପେନ୍‌ସନ୍ ଖଞ୍ଜି ଦେଇଥିଲେ। ସେ ପେନ୍‌ସନ୍ ଗଣ୍ଡିକ ହିଁ ଆମ ସଂଗ୍ରାମର ସନ୍ତକ, ଆମ ପରିଣତ ବୟସର ଏକମାତ୍ର ସମ୍ବଳ। ଅଥଚ ସେତକ ପାଇବା ପାଇଁ ବି ଆମକୁ ଲାଞ୍ଚ ଦେବାକୁ ପଡ଼ିବ ?''

ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରଶ୍ନ ଥିଲା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ଅହଙ୍କାର ଉପରେ ପ୍ରଚଣ୍ଡ ପ୍ରହାର। ସେ ବିରକ୍ତିର ସହ କହିଲେ, ''ତୁମେ ଯେଉଁ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲ, ସେଇ ଦେଶର ପ୍ରଗତି ପାଇଁ ଆମେ କିଛି କମ୍ ପରିଶ୍ରମ କରୁନାହୁଁ। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆମେ ରାତିରେ ଶାନ୍ତିରେ ଶୋଇପାରୁ ନ ଥିବା ବେଳେ ତୁମର ଏ ମାମୁଲି ଅଭିଯୋଗ ଶୁଣିବାକୁ ମୋର ସମୟ ନାହିଁ। ସାମାନ୍ୟ କେଇ ଟଙ୍କାର ଲାଞ୍ଚ ଅଭିଯୋଗକୁ ନେଇ ମୁଖ୍ୟମନ୍ତ୍ରୀ ମୁଣ୍ଡ ପୂରାଇଲେ ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ ଚିନ୍ତା କରିବାକୁ ସମୟ ମିଳିବ କେଉଁଠୁ ?'' ମୁଖ୍ୟମନ୍ତ୍ରୀ ମହୋଦୟ ପକେଟରୁ ପାଞ୍ଚଶହ ଟଙ୍କା କାଢ଼ି ବୃଦ୍ଧଙ୍କ ହାତକୁ ବଢ଼ାଇଲେ ଓ କହିଲେ, ''ଶହେ ଟଙ୍କା ଲାଞ୍ଚ ଦେଇ ତୁମ ପେନ୍‌ସନ୍ ନେଇ ଆସିବ ଓ ବାକି ଚାରିଶହ ପାଖରେ ରଖିଥିବ। ଭବିଷ୍ୟତରେ ଆଉ କିଛି କାମ ପାଇଁ କେହି ଅଧିକାରୀ ଯଦି ଲାଞ୍ଚ ମାଗନ୍ତି, ସେଇ ଟଙ୍କା ଦେଇ କାମ କରିନେବ। ପୁଣି କେବେ ଏଠାକୁ ଦୌଡ଼ି ମୋ ସମୟ ନଷ୍ଟ କରିବ ନାହିଁ।

ସେଦିନ ସେଇ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ଫେରି ଆସିଲେ ତାଙ୍କ ସଂଗ୍ରାମର ମୂଳ ସେତକ ସେଇଠି ଥୋଇ। ଘଟଣାଟି ଘଟିବାର ପ୍ରାୟ ଚାଳିଶ ବର୍ଷ ବିତିଗଲାଣି। ଉଭୟ ମୁଖ୍ୟମନ୍ତ୍ରୀ ଓ ସେଇ ସଦାଚାରୀ ବୃଦ୍ଧ ମହୋଦୟ ଏ ସଂସାରରୁ ବାହୁଡ଼ି ଗଲେଣି। ମାତ୍ର ଆମ ଶାସନ ବ୍ୟବସ୍ଥାରେ ସେତେବେଳେ ଦୁର୍ନୀତି ଓ ଦୁରାଚାରର ପରିଭାଷା ଯେମିତି ଥିଲା, ଆଜି ତହିଁରେ କିଛି ପରିବର୍ତ୍ତନ ଆସିନାହିଁ। କେବଳ ଯାହା ବଦଳି ଯାଇଛି ଟଙ୍କାର ପରିମାଣ। ଶହେଟା ହଜାର ହୋଇଯାଇଛି ଓ ହଜାରଟା ଲକ୍ଷ। ଅନ୍ୟ ଅର୍ଥରେ ମିଥ୍ୟାଚାରର ମୂଲ୍ୟ ବୃଦ୍ଧି ଘଟିଛି ଓ ସଦାଚାର ହରାଇ ବସିଛି ଏହାର ଗ୍ରହଣୀୟତା !!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଅଣରାଜନୈତିକ ପ୍ରଧାନମନ୍ତ୍ରୀ

ବ୍ୟକ୍ତିତ୍ୱ



ମୁସ୍ତାଫା ଅଲ୍-କାଧିମି

'ସଙ୍କଟର ସରକାର ନ ହୋଇ ସମସ୍ୟାର ସମାଧାନ ବାଟ ବାହାର କରିବା ଭଳି ହେବ ତାଙ୍କ ସରକାର'। କଦାପି ଇରାକ୍ ଭୂଖଣ୍ଡକୁ ଅନ୍ୟ ରାଷ୍ଟ୍ରଗୁଡ଼ିକର ଯୁଦ୍ଧକ୍ଷେତ୍ର କରିବାକୁ ଦିଆଯିବ ନାହିଁ।' ନିକଟରେ ଇରାକ୍‌ର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା କହିଛନ୍ତି ମୁସ୍ତାଫା ଅଲ୍-କାଧିମି। ଏକଦା ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କ ଚରମ ବିରୋଧୀ ଥିବା ମୁସ୍ତାଫା ଯେତେବେଳେ ଇରାକର ପ୍ରଧାନମନ୍ତ୍ରୀ ହେବା ବିଷୟ ରାଷ୍ଟ୍ର ହୋଇଗଲା ସେତେବେଳେ ସମସ୍ତେ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କଲେ। ଜଣେ ଖବରଦାତା ତଥା ଇରାକୀ ଜାତୀୟ ଗୋଇନ୍ଦା ସେବାର ନିର୍ଦ୍ଦେଶକ ରହିଆସିଥିବା ବ୍ୟକ୍ତିଙ୍କୁ ଦେଶର ଗୁରୁତ୍ୱପୂର୍ଣ୍ଣ ପଦବୀରେ ବସାଇ ଦିଆଯିବା ନିଶ୍ଚିତ ଭାବେ ଉତ୍ସୁକତା ସୃଷ୍ଟି କଲା ଭଳି ଖବର ପାଲଟିଛି।

ଅକ୍ଟୋବର ୨୦୧୮ରୁ ମେ' ୨୦୨୦ ଯାଏ ଅଦେଲ ଅବଦୁଲ ମହଦିଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଅରାଜକତା ଚରମସୀମାରେ ପହଞ୍ଚିଥିଲା। ପ୍ରତିବାଦକାରୀ ତାଙ୍କ ଶାସନକୁ ଘୋର ବିରୋଧ କରିବାରୁ ସେନା ଶହ ଶହ ଆନ୍ଦୋଳନକାରୀଙ୍କୁ ହତ୍ୟା କରିଥିଲା। ଏହାର ପରିଣତି ସ୍ୱରୂପ ଅଦେଲଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ଏହା ପରେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ଖୋଜା ପଡ଼ିଲା। ଏହି ପଦବୀ ପାଇଁ ଥିବା ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ମୁସ୍ତାଫାଙ୍କ ପଲା ଭାରି ପଡ଼ିଲା। ଅଦନାନ୍ ଅଲ୍-ଜୁର୍ଫି ସରକାର ଚଳାଇବା ଲାଗି ଯଥେଷ୍ଟ ସମର୍ଥନ ପାଇବାରୁ ବଞ୍ଚିତ ହେବା ପରେ ରାଷ୍ଟ୍ରପତି ବରହାମ୍ ସଲିହ ୯ ମେ'ରେ ମୁସ୍ତାଫାଙ୍କୁ ପ୍ରଧାନମନ୍ତ୍ରୀ ପଦବୀ ପାଇଁ ମନୋନୀତ କରିଥିଲେ। ସଦ୍ଦାମ ହୁସେନ୍‌ଙ୍କ ଯୁଗର ଅବସାନ ପରେ ମଧ୍ୟ ଇରାକର ଶାସନ ବ୍ୟବସ୍ଥା ଜନହିତକର ସରକାର ଦେଇପାରିନାହିଁ। ଏଭଳି ସମୟରେ ମୁସ୍ତାଫାଙ୍କ ଦାୟିତ୍ୱ ଗ୍ରହଣ ଓ ଦେଶରେ ଖୁବ୍‌ଶୀଘ୍ର ନିର୍ବାଚନ କରିବା ଲାଗି ଦେଇଥିବା ପ୍ରତିଶ୍ରୁତି ଇରାକ୍‌କୁ ଏକ ନୂଆ ଦିଗ ଦେଖାଇବ ବୋଲି ସମୀକ୍ଷକମାନେ ଆଶା ବ୍ୟକ୍ତ କରୁଛନ୍ତି। ତେବେ ପାଶ୍ଚାତ୍ୟରେ ରହି ଅଭିଜ୍ଞତା ଅର୍ଜନ କରିଥିବା ମୁସ୍ତାଫା ଶିୟା, ସୁନ୍ନି ଓ କୁର୍ଦ୍ଦଙ୍କ ମଧ୍ୟରେ ରାଜନୈତିକ ସମତୁଲତା ରକ୍ଷା କରିବା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କୁହାଯାଉଛି।

ଇରାକ ରାଜଧାନୀ ବାଗ୍‌ଦାଦରେ ୧୯୬୭ରେ ମୁସ୍ତାଫା ଜନ୍ମ ଗ୍ରହଣ କରିଥିଲେ। ଅଲ୍-ତୁରଥ୍ ବିଶ୍ୱବିଦ୍ୟାଳୟରୁ ସେ ଆଇନରେ ଡିଗ୍ରୀ ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ ଜଣେ ନାମକରା ସାମ୍ବାଦିକ ପାଲଟିଯାଇଥିଲେ। ତେବେ ସଦ୍ଦାମ ହୁସେନଙ୍କ ସରକାରର ଅତ୍ୟାଚାର ଦେଖି ସେ ଅତିଷ୍ଠ ହୋଇପଡ଼ିଥିଲେ। ସେଥିପାଇଁ ସେ ୧୯୮୫ରେ ଇରାକ୍ ଛାଡ଼ି ଇରାନ୍ ପଳାଇଯାଇଥିଲେ। ସେଠାରୁ ଜର୍ମାନୀ ଓ ପରେ ବ୍ରିଟେନ୍ ଯାଇ ସେଠାରେ ନାଗରିକତ୍ୱ ଗ୍ରହଣ କରିଥିଲେ। ୨୦୦୩ରେ ଇରାକ୍ ଉପରେ ଆମେରିକା ଆକ୍ରମଣ କରିବାରୁ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହି ସମୟରେ ସେ ଇରାକୀ ମିଡିଆ ନେଟ୍‌ୱର୍କ ଗଢ଼ି ତାହାର ସହପ୍ରତିଷ୍ଠାତା ପାଲଟିଥିଲେ। ଏଥିସହିତ ଇରାକୀ ମେମୋରି ଫାଉଣ୍ଡେଶନର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦାୟିତ୍ୱ ନେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ସଦ୍ଦାମ ହୁସେନଙ୍କ ବାଥ୍ ଶାସନ ସମୟରେ ଦେଖାଦେଇଥିବା ଅପରାଧର ଦଲିଲ ପ୍ରସ୍ତୁତ ଉଦ୍ଦେଶ୍ୟରେ ଇରାକୀ ମେମୋରି ଫାଉଣ୍ଡେଶନ ଗଢ଼ାଯାଇଥିଲା। ମୁସ୍ତାଫା ୨୦୧୦ରୁ ୩ ବର୍ଷ ପର୍ଯ୍ୟନ୍ତ ଇରାକ୍‌ର ନ୍ୟୁଜ୍ ଉଇକ୍ ପତ୍ରିକାର ଏଡିଟର-ଇନ୍-ଚିଫ୍ ଥିବା ବେଳେ ବହୁ ପ୍ରଗତିଶୀଳ ଲେଖା ପ୍ରକାଶ କରି ପାଶ୍ଚାତ୍ୟର ଦୃଷ୍ଟି ଆକର୍ଷଣ କରିଥିଲେ। ଆମେରିକାଭିତ୍ତିକ ଅଲ୍-ମନିଟର ୱେବସାଇଟ୍‌ର ଇରାକୀ ସେକ୍ସନର ସମ୍ପାଦକ ରହିଥିବା ବେଳେ ତାଙ୍କ ସ୍ତମ୍ଭ ଦେଶ ଓ ବିଦେଶରେ ବହୁଚର୍ଚ୍ଚିତ ହୋଇଥିଲା। ଇରାକ୍‌ରେ ଗୋଇନ୍ଦା ବିଭାଗକୁ ରାଜନୀତିକରଣରୁ ମୁକ୍ତ କରି ସେ ସେଥିରେ ଅଭିନବତ୍ୱ ଆଣିଥିଲେ। ଗୋଇନ୍ଦା ସୂଚନା ସଂଗ୍ରହ କରିବାରେ ଉଚ୍ଚତର ପଦ୍ଧତି ବ୍ୟବହାର ଜାତୀୟ ଗୋଇନ୍ଦା ସେବାକୁ ସୁଦୃଢ଼ କରିପାରିଛି। ଏଥିପାଇଁ ସବୁ ଶ୍ରେୟ ମୁସ୍ତାଫାଙ୍କୁ ଦିଆଯାଉଛି। ଆତଙ୍କବାଦ ବିଶେଷକରି ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)କୁ ପ୍ରତିହତ କରିବା ଲାଗି ଗୋଇନ୍ଦା ସୂଚନା ସଂଗ୍ରହ ଇରାକ୍‌କୁ ଅନେକାଂଶରେ ସହାୟକ ହୋଇପାରିଛି। କୌଣସି ରାଜନୈତିକ ଦଳ ସହ ସମ୍ପର୍କରେ ନ ଥିଲେ ମଧ୍ୟ ସେ ସବୁ ରାଜନେତାଙ୍କ ସହ ବାସ୍ତବଧର୍ମୀ ଆଭିମୁଖ୍ୟ ରଖି ଆଲୋଚନା ଜାରି ରଖିଲେଣି। ଆମେରିକା ସହ ଉତ୍ତମ ସମ୍ପର୍କ ସ୍ଥାପନ କରିପାରିଥିବା ପ୍ରଧାନମନ୍ତ୍ରୀ ମୁସ୍ତାଫା ଶାସନ ଭାର ଗ୍ରହଣ କରିବା ମାତ୍ରେ ଇରାନ୍ ସହ ଦ୍ୱିପାକ୍ଷିକ ସମ୍ବନ୍ଧ ଦିଗରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କଲେଣି। ଏବେ ତାଙ୍କ ପାଇଁ ତୈଳ ଦରରେ ଦେଖାଦେଇଥିବା ମାନ୍ଦା ସ୍ଥିତି, କରୋନା ମହାମାରୀ ଏବଂ ଦେଶ ଭିତରେ ବିଭାଜିତ ଗୋଷ୍ଠୀ ଭିତରେ ଐକ୍ୟଭାବ ଆଣିବା ଆହ୍ୱାନ ସୃଷ୍ଟି କରିଥିଲେ ହେଁ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଭାବେ ସେ ସବୁଥିରେ ସଫଳକାମ ହେବେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆସାମର ତିନି ଜଣ ସାଙ୍ଗ ବର୍ଜ୍ୟବସ୍ତୁରୁ ଇଟା ତିଆରି କରୁଛନ୍ତି। ସେମାନେ 'ଜେରୁଣ୍ଡ ବ୍ରିକ୍ସ ଷ୍ଟାର୍ଟଅପ୍' ମାଧ୍ୟମରେ ଏହାକୁ ପ୍ରସ୍ତୁତ କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ୨୫ ବର୍ଷୀୟ ରୁପମ୍ ଚୌଧୁରୀଙ୍କ ସହ ମୌସମ ତାଲୁକଦାର ଏବଂ ଡ୍ୟାଭିଡ ପ୍ରତିମ୍ ଗୋଗୋଇ ଫ୍ଲାଏ ଆଶ୍, ବର୍ଜ୍ୟ ପ୍ଲାଷ୍ଟିକ ଏବଂ ସିମେଣ୍ଟରେ ଏହି ଇଟା ପ୍ରସ୍ତୁତ କରୁଛନ୍ତି। ଏହା ପୂରା ହାଲୁକା। ଇଟାରେ ୭୦ ପ୍ରତିଶତ ବର୍ଜ୍ୟବସ୍ତୁ ବ୍ୟବହାର ହେଉଛି। ନିଆଁରେ ନ ପୋଡି ଇଲେକ୍ଟ୍ରି ମେଶିନ୍‌ରେ ଏହା କରାଯାଉଛି। ଏହି ଇଟାର ଓଜନ ଫ୍ଲାଏ ଆଶ୍ ଇଟା କିମ୍ବା ମାଟି ଇଟାଠାରୁ ୧୦ ପ୍ରତିଶତ କମ୍ । ଏହା ଘରକୁ ଖରାଦିନେ ଥଣ୍ଡା ଓ ଶୀତଦିନେ ଗରମ ରଖିପାରୁଛି। ୨୦୧୮ରେ ସେମାନେ ଗୁଆହାଟୀରେ 'ଜେରୁଣ୍ଡ ବ୍ରିକ୍ସ ଷ୍ଟାର୍ଟଅପ୍' ଆରମ୍ଭ କରିଥିଲେ। ଆସାମ ଇଞ୍ଜିନିୟରିଂ କଲେଜରେ ସେମାନେ ସିଭିଲ ଇଞ୍ଜିନିୟରିଂ ପଢୁଥିବାବେଳେ ଏଭଳି ଇଟା ତିଆରି କରିବାର ଉପାୟ ପାଇଥିଲେ। ଏଯାବତ ସେମାନେ ୨.୫ ଲକ୍ଷରୁ ଅଧିକ ଇଟା ବିକ୍ରି କରିସାରିଲେଣି। ଆସାମ, ଅରୁଣାଚଳ ପ୍ରଦେଶ,ମେଘାଳୟ ଏବଂ ନାଗାଲାଣ୍ଡରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆପାର୍ଟମେଣ୍ଟରେ ଏହା ବ୍ୟବହାର କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ମେ ୧୯୯୫

- ଫିଲିପାଇନ୍ସର ଏକ ଜାହାଜରେ ନିଆଁ ଲାଗି ବୁଡ଼ିଯିବା ଫଳରେ ୩୭ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି।
- ପେରୁସ୍ଥିତ ଆତାକୁଚାନା ପ୍ରଦେଶର ଦୁରାନାମାର୍କା ସହରରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୨୦ ମୃତ।
- ମ୍ୟାନ୍‌ମାରକୁ ସଂଯୁକ୍ତ କରିଥିବା ଦକ୍ଷିଣ ପଶ୍ଚିମ ଚୀନର ୟୁନାନ ପ୍ରଦେଶରେ ଥିବା ୧୦୨ କିଲୋମିଟର ରାଜପଥକୁ ସର୍ବସାଧାରଣ ଯାତାୟାତ ପାଇଁ ଖୋଲାଯାଇଛି।

## ଚିରନ୍ତନୀ

ଚାହିଁ ରହେ ଚିର ତୁମରି ଗତିର
ଗୀତି-ପଥ ଅନୁସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !

(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 6 | | 4 | 8 | | | | 1 | A | D | | |
| | 6 | 2 | | | | | 4 | 1 | 0 | B | 5 | 3 | | |
| | | | | A | | | | | | | 7 | | | |
| | | 8 | 1 | | B | 5 | | 6 | | 2 | | | 7 | C |
| | 1 | | | 2 | | E | C | 7 | 8 | 6 | 4 | | | |
| | | | | 3 | E | | | | | | | | | |
| 5 | | 6 | | 8 | 2 | | | 3 | C | | 1 | | 4 | 0 |
| | | C | B | | D | | 1 | 8 | | | | | 2 | A |
| | | | | 7 | | A | E | | 5 | 0 | 9 | | | |
| 9 | 3 | | | | | | | | A | | | | | |
| | | | | | | | 3 | | | 9 | | | D | |
| 3 | | 0 | | | | | 8 | C | | | | | | |
| | 7 | | | | | | | A | D | E | | | 0 | 9 |
| | | | 2 | C | 1 | | 7 | D | | | B | | | |
| | | 1 | 9 | | A | 4 | 6 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 8 | 3 | 5 | A | 1 | 2 | E | 6 | 4 | B | 0 | 7 | D |
| 3 | 4 | 7 | 6 | 1 | B | D | 0 | 8 | E | 2 | 5 | A | C | 9 |
| 6 | D | 0 | C | 8 | E | A | 7 | 4 | 9 | 3 | 1 | 5 | B | 2 |
| A | 2 | E | 0 | 7 | 9 | B | 5 | 3 | D | 8 | C | 1 | 6 | 4 |
| 5 | B | 1 | D | 4 | 2 | C | 9 | 6 | 0 | 7 | A | 8 | E | 3 |
| D | E | 3 | 7 | A | 4 | 5 | 8 | 9 | B | C | 2 | 6 | 1 | 0 |
| 4 | 5 | C | 1 | E | 8 | 2 | 6 | A | 7 | 0 | 3 | 9 | D | B |
| 0 | 7 | A | 9 | C | 6 | 4 | D | B | 5 | 1 | E | 3 | 2 | 8 |
| B | 8 | 6 | 2 | 0 | 3 | 7 | E | 1 | 4 | 9 | D | C | A | 5 |
| 2 | 1 | 9 | 5 | B | D | 0 | 3 | C | 8 | A | 6 | E | 4 | 7 |
| 7 | 0 | 5 | 8 | 3 | C | 6 | A | D | 2 | E | 4 | B | 9 | 1 |
| 8 | 9 | D | A | 6 | 1 | E | 4 | 7 | 3 | B | 0 | 2 | 5 | C |
| E | A | 4 | B | 2 | 5 | 8 | 1 | 0 | C | D | 9 | 7 | 3 | 6 |
| C | 3 | 2 | E | D | 7 | 9 | B | 5 | 1 | 6 | 8 | 4 | 0 | A |
| 1 | 6 | B | 4 | 9 | 0 | 3 | C | 2 | A | 5 | 7 | D | 8 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯାଜପୁର ଜିଲା ପ୍ରଶାସନର ଦୃଷ୍ଟି ପଡୁ

ମହାଶୟ,

କରୋନା ସଂକ୍ରମଣ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ତାଲିକା ଦୋକାନ ସମ୍ମୁଖରେ ଝୁଲାଇବା ପାଇଁ ସରକାରୀ ନିୟମ ରହିଛି। କିନ୍ତୁ ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା, ହରିଦାସପୁର, ଗଡ଼ମଧୁପୁର, ଜେନାପୁର, ବୃନ୍ଦାଦେଇପୁର, କବାଟବନ୍ଧ, ଅଣ୍ଡିଆ, କୁସ୍ପିରା, ନାକପୋଲ, ଚଢ଼େଇଧରା, ବାଲିସାହି, ମାଳହାଟ, କଳାଣ୍ଡ, ରାଇଛନ୍ଦା ଓ ବ୍ରାହ୍ମଣୀ ବ୍ରିଜ ଛକ ଆଦି ଅଞ୍ଚଳର କେତେକ ଅମାନିଆ ଦୋକାନୀ ଏହାକୁ ଆଦୌ ପାଳନ ନ କରି ଦିନକୁ ଦିନ ମନଇଚ୍ଛା ଦରବୃଦ୍ଧି କରି ଖାଉଟିଙ୍କୁ ଅଧିକରୁ ଅଧିକ ଶୋଷଣ କରିବାରେ ଲାଗିଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ରାତିରେ ହାତୀଏ କମାଇବା ଉଦ୍ଦେଶ୍ୟରେ କିଛି ଅସାଧୁ ବ୍ୟବସାୟୀ କୃତ୍ରିମ ଅଭାବ ସୃଷ୍ଟି କରି ଗ୍ରାହକମାନଙ୍କୁ ନାନାଦି ଆଳ ଦେଖାଇ ବାରମ୍ବାର ଠକି ଆସୁଛନ୍ତି। ସେହିପରି ୫ଲକ୍ଷ ଟଙ୍କା ବ୍ୟୟରେ ବ୍ଲକର ଅଧିକାଂଶ ପଞ୍ଚାୟତରେ ଆଇସୋଲେସନ ୱାର୍ଡ ଯେପରି କରିବା କଥା, ତାହା ସେପରି କରା ନ ଯାଇ ମନଇଚ୍ଛା ବ୍ୟବହୃତ ପୁରୁଣା ଖଟିଆ, ବେଡ୍‌ସିଟ୍ ଓ ତକିଆ ପକାଇଦିଆଯାଉଛି। ଏପରି ବ୍ୟବସ୍ଥା ରୋଗୀମାନଙ୍କ ପାଇଁ ଆଦୌ ସ୍ୱାସ୍ଥ୍ୟକର ନୁହେଁ। ତେଣୁ ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ତଦନ୍ତ କରିବା ପୂର୍ବକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଦାବି ହେଉଛି।

ସୁଶାନ୍ତ କୁମାର ଖଟୁଆ, ଜେନାପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟକୁ ଫେରିଲେଣି ୧, ୩୩, ୨୪୫ ପ୍ରବାସୀ

ଭୁବନେଶ୍ୱର, ୧୬।୫(ବ୍ୟୁରୋ)

ଲକ୍‌ଡାଉନ୍‌ପାଇଁ ଦେଶର ବିଭିନ୍ନ ରାଜ୍ୟରେ ଲକ୍ଷଲକ୍ଷ ଓଡ଼ିଆ ଫସି ରହିଛନ୍ତି। କଟକଣା କୋହଳ ହେବାପରଠାରୁ ପ୍ରବାସୀମାନେ ପ୍ରତିଦିନ ଓଡ଼ିଶା ଫେରୁଛନ୍ତି। ଶନିବାର ୧୭ହଜାର ୮୫୫ଜଣ ଓଡ଼ିଆ ଭଉଣୀ ଭାଇ ରାଜ୍ୟକୁ ଫେରି ଆସିଛନ୍ତି। ଏମାନଙ୍କୁ ମିଶାଇ ଇତିମଧ୍ୟରେ ବାହା ରାଜ୍ୟଗୁଡ଼ିକରୁ ଓଡ଼ିଶାକୁ ୧ଲକ୍ଷ ୩୩ହଜାର ୨୪୫ଜଣ ଫେରିଲେଣି। ସେମାନେ ବସ୍, ଟ୍ରେନ୍ ଓ ଅନ୍ୟାନ୍ୟ ଯାନବାହନରେ ଆସିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରବାସୀ ରାଜ୍ୟର ୫ ଜିଲାକୁ ଯାଇଛନ୍ତି। ଗଞ୍ଜାମ ଜିଲାକୁ ସର୍ବାଧିକ ୫୫ହଜାର ୫୬୭ଜଣ ପ୍ରବାସୀ ଫେରିଛନ୍ତି। ଏହା ତଳକୁ ବାଲେଶ୍ୱରକୁ ୧୧ହଜାର ୩୬୮, କଟକକୁ ୮ହଜାର ୧୯୮, କେନ୍ଦ୍ରାପଡ଼ାକୁ ୭ହଜାର ୪୫୭, ଭଦ୍ରକକୁ ୭ହଜାର ୨୭୩ ପ୍ରବାସୀ ଫେରିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଧିକ ସଂଖ୍ୟକ ପ୍ରବାସୀ ଫେରିଥିବାରୁ ଏହିସବୁ ଜିଲାରେ ସେମାନଙ୍କ ପାଇଁ ବେଡ୍ ସଂଖ୍ୟା ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାରେ ଆଉ ଅଧିକ ୫ହଜାର ପର୍ଯ୍ୟନ୍ତ ବେଡ୍ ବଢ଼ାଇବା ପାଇଁ ପ୍ରସ୍ତୁତି ଚାଲିଛି। କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱରରେ ଖୁବ୍‌ଶୀଘ୍ର ଆଉ ୧ ହଜାର ଲେଖାଏ ବେଡ୍ ବଢ଼ିବ। ତେବେ ରାଜ୍ୟର ୪୫ପ୍ରତିଶତ ପ୍ରବାସୀ ଗଞ୍ଜାମ ଜିଲାକୁ ଫେରିଛନ୍ତି। ତେଣୁ ସେଠାରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି। ତେଣୁ ଏହି ଜିଲାର ୪ ସ୍ଥାନରେ ଅତିରିକ୍ତ କରୋନା କେୟାର ସେଣ୍ଟର କରାଯାଇଛି।

### ରୋଗୀଙ୍କୁ ଫେରାଇଲେ ଘରୋଇ ହସ୍ପିଟାଲ ଲାଇସେନ୍ସ ରଦ୍ଦ ହେବ

ଲକ୍‌ଡାଉନ୍‌ରେ ଯେପରି ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସିଛନ୍ତି। ହେଲେ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କେତେକ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍ ରୋଗୀଙ୍କୁ ଚିକିତ୍ସା ନ କରି ଫେରାଇ ଦେଉଥିବା ଅଭିଯୋଗ ହେଉଛି। ଏହା ନଜରକୁ ଆସିବା ପରେ ପୂର୍ବରୁ ମଧ୍ୟ କେତେଥର କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ତାଗିଦ୍ କରିଛନ୍ତି। ତଥାପି ଘରୋଇ ହସ୍ପିଟାଲ ନାଁରେ ସମାନ ଅଭିଯୋଗ ଆସୁଥିବାରୁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ପୁଣି ଥରେ ଚେତାବନୀ ଦେଇଛନ୍ତି। ଯଦି କୌଣସି ହସ୍ପିଟାଲ ରୋଗୀଙ୍କୁ ଚିକିତ୍ସା ନ କରି ଫେରାଇବେ ସମ୍ପୃକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ହସ୍ପିଟାଲ ଲାଇସେନ୍ସ ରଦ୍ଦ କରିବା ପାଇଁ ମଧ ଆମେ ପଛାଇବୁ ନାହିଁ ବୋଲି ସେ କହିଛନ୍ତି।

- ଗଞ୍ଜାମ ଜିଲାରେ ସର୍ବାଧିକ ୫୫, ୫୬୭
- ୪ ସ୍ଥାନରେ ହୋଇଛି ଅତିରିକ୍ତ କରୋନା କେୟାର ସେଣ୍ଟର

# ଯାଜପୁର: ଶହେ ଟପିଲା ସଂକ୍ରମିତଙ୍କ ସଂଖ୍ୟା

ଯାଜପୁର ଅଫିସ/ବରୀ(ସ୍ୱ.ପ୍ର.)/ରତ୍ନଗିରି/ବିଞ୍ଝାରପୁର(ଡି.ଏନ୍.ଏ.), ୧୬।୫

**ଦୁଇ ଦିନରେ ୩୧, ମୋଟ ଆକ୍ରାନ୍ତ ୧୨୧**

ପ୍ରବାସୀ ଓଡ଼ିଆ ଫେରିବା ପରେ ମହାମାରୀ କରୋନା ଭୂତାଣୁ ଓଡ଼ିଶାକୁ ନାକେଦମ କରି ରଖିଥିବାବେଳେ ଯାଜପୁର ଜିଲାର ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ଶୁକ୍ରବାର ଓ ଶନିବାର ଜିଲାରେ ୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପି ୧୨୧ରେ ପହଞ୍ଚିଛି। ଏଥିସହ ସର୍ବାଧିକ ଭୂତାଣୁ ଆକ୍ରାନ୍ତ ଜିଲା ତାଲିକାରେ ଯାଜପୁର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷେ ଜିଲାର ୫୨ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ବାକି ୬୯ ଜଣ ଚିକିତ୍ସାଧୀନ ଅଛନ୍ତି। ଶୁକ୍ରବାର ବିଞ୍ଝାରପୁର, ବରୀ ଓ ରସୁଲପୁର ବ୍ଲକ ଅଞ୍ଚଳର ୧୬ଜଣ କରୋନା ସଂକ୍ରମିତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୧୫ ଜଣ ପଶ୍ଚିମବଙ୍ଗ ଫେରନ୍ତା ହୋଇଥିବାବେଳେ ବରୀ ଭବାନୀପୁରର ସଂକ୍ରମିତ ବ୍ୟକ୍ତି ଗୁଜରାଟରୁ ଫେରିଥିବା ଜଣାପଡ଼ିଛି। ଏହାପରେ ଶନିବାର ବରୀ ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳର ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମସ୍ତ ସଂକ୍ରମିତ ପଶ୍ଚିମବଙ୍ଗ ଫେରନ୍ତା ବୋଲି ସୂଚନା ମିଳିଛି। ଏଥିରେ ବରୀ ବ୍ଲକର ବାଙ୍କସାହି ଗ୍ରାମର ୬୩ ବର୍ଷୀୟ, ଆଉପଦାର ୪୭ ବର୍ଷୀୟ, ଗହପାଳର ୫୯ ବର୍ଷୀୟ, କିମ୍ବିରିଆପାଳର ୨ଜଣ ୫୨ ବର୍ଷୀୟ ପୁରୁଷ ସଂକ୍ରମିତ ହୋଇଛନ୍ତି। ସେହିପରି ବିଞ୍ଝାରପୁର ବ୍ଲକ ବାଛୋଳ ଗ୍ରାମର ୩୦ ଓ ୨୬ ବର୍ଷୀୟ ପୁରୁଷ, ବାସୁଦେବପୁରର ୨୭, ଡିହକୁଳର ୨୦, ସିଂହପୁରର ୨୪ ଓ ୫୯, ନାଉପାଳର ୬୧, ବଇଁଶିପୁରର ୪୯, ତଳବନ୍ଧର ୫୧ ବର୍ଷୀୟ ପୁରୁଷ ଏବଂ ରଣପୁର ଗ୍ରାମର ୬୦ ବର୍ଷୀୟା ମହିଳା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। କରୋନା ସଂକ୍ରମିତଙ୍କ ଗ୍ରାମ ଓ ଏହାର ଆଖପାଖ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଏହାବାଦ୍ ଜିଲାକୁ ଶନିବାର ପୂର୍ବାହ୍ନ ୧୧ଟା ସୁଦ୍ଧା ବିଭିନ୍ନ ରାଜ୍ୟରୁ ସମୁଦାୟ ୫୦୩୬ ଜଣ ପ୍ରବାସୀ ଫେରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଏନ୍‌ଟିପିସିର ଶତ ପ୍ରତିଶତ ପିଏଲ୍‌ଏଫ୍ ହାସଲ

ତାଳଚେର,୧୬।୫(ନି.ପ୍ର.): ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ ଗତ ୧୪ ତାରିଖରେ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର(ପିଏଲ୍‌ଏଫ୍)ର ଶତପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ତଥା ମେ ମାସରେ ଏହା ୩ୟ ସଫଳତା ବୋଲି ପ୍ରକଳ୍ପ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ସଙ୍କଟ କାଳରେ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ ସହ କର୍ମଚାରୀଙ୍କ ଶ୍ରମ ଏବଂ ଆଇଟି ସହାୟତାରେ କମ୍ପାନୀ ଏହା କରିପାରିଥିବା ଏନ୍‌ଟିପିସି ପକ୍ଷରୁ କୁହାଯାଇଛି। ଏଥିସହ ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ ଠିକ୍ ସମୟରେ ଦେୟ ଏବଂ ସେମାନଙ୍କୁ ୧୦ ହଜାରରୁ ଊର୍ଦ୍ଧ୍ୱ ମାସ୍କ ଯୋଗାଇ ଦିଆଯାଇଛି। ସିଏସ୍‌ଆର୍ ଅଧୀନରେ ଥିବା ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକର ଲୋକଙ୍କୁ ୧୧,୫୦୦ ମାସ୍କ ପ୍ରଦାନ କରାଯାଇଛି। ସେହିପରି ପ୍ରକଳ୍ପ ପରିସରରେ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

### ୫୬ ପ୍ରବାସୀ ଶ୍ରମିକଙ୍କୁ ବସ୍‌ରେ ପଠାଇଲା ପୋଲିସ

ଖୋର୍ଦ୍ଧା ଅଫିସ,୧୬।୫: ଆନ୍ଧ୍ରପ୍ରଦେଶ ବିଜୟୱାଡରୁ ବିହାର ଅଭିମୁଖେ ଜାତୀୟ ରାଜପଥଦେଇ ଚାଲି ଚାଲି ଯାଉଥିବା ୫୬ପ୍ରବାସୀ ଶ୍ରମିକଙ୍କୁ ଖୋର୍ଦ୍ଧା ପୋଲିସ ଶନିବାର ଅପରାହ୍ନରେ ଏକ ସ୍ୱତନ୍ତ୍ର ବସ୍‌ରେ ପଠାଇଛି। ମିଳିଥିବା ସୂଚନା ଅନୁସାରେ ବିଜୟୱାଡ଼ାରେ ଘରୋଇ ଶିଳ୍ପସଂସ୍ଥାରେ କାର୍ଯ୍ୟ କରୁଥିବା ବିହାର ଅଞ୍ଚଳର ୫୬ଜଣ ପ୍ରବାସୀ ଶ୍ରମିକ ସେଠାରେ ଫସି ରହିଥିଲେ। ନିଜ ଅଞ୍ଚଳକୁ ଯିବା ଲାଗି ସବୁଆଡୁ ନିରାଶ ହୋଇ ଶେଷରେ ସେମାନେ ଜାତୀୟ ରାଜପଥ ଦେଇ ଚାଲିଚାଲି ବାହାରିଥିଲେ। ଖୋର୍ଦ୍ଧା ଏସ୍‌ପି କାର୍ଯ୍ୟାଳୟ ନିକଟରେ ପୋଲିସ ଏହି ଶ୍ରମିକଙ୍କୁ ଅଟକାଇଥିଲା। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଖାଇବା ପିଇବା ବ୍ୟବସ୍ଥା କରିଥିଲେ। ସେମାନଙ୍କ ପଞ୍ଜୀକରଣ ପରେ ଏକ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରି ନିଜ ଅଞ୍ଚଳକୁ ପଠାଯାଇଥିଲା। ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଓ ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହି ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

### ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା, ସ୍ୱାମୀ ଗିରଫ

ଖଣ୍ଡପଡ଼ା/ଭାପୁର,୧୬।୫ (ସ୍ୱ.ପ୍ର./ଡି.ଏନ.ଏ.): ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ଅଭିଯୋଗରେ ପୋଲିସ ଶନିବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡା ଜେଲକୁ ପଠାଇ ଦିଆଯାଇଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ସତ୍ୟଭାମା ନାଏକ (୩୨)। ନୟାଗଡ଼ ଜିଲା ଫତେଗଡ ଥାନା କେଶରସିଂ ଗ୍ରାମ ହରିଜନ ସାହିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ହରିଜନ ସାହିର ଶ୍ରୀଧର ନାୟକ(୪୨) ସତ୍ୟାଭାମାଙ୍କ ଚରିତ୍ର ଉପରେ ସନ୍ଦେହ କରି ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ଶୁକ୍ରବାର କାଠ ଆଣିବା ବାହାନାରେ ଶ୍ରୀଧର ତାଙ୍କୁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲକୁ ଡାକିନେଇଥିଲେ। ସେଠାରେ ଟାଙ୍ଗିଆରେ ସ୍ତ୍ରୀଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ଦମ୍ପତି ଘରକୁ ନ ଫେରିବାରୁ ପରିବାର ସନ୍ଦେହ କରିଥିଲେ। ଶନିବାର ସକାଳୁ ଉକ୍ତ ଜଙ୍ଗଲରେ ଖୋଜାଖୋଜି କରିବାରୁ ସତ୍ୟଭାମାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ମାତ୍ର ଶ୍ରୀଧରଙ୍କ ପତ୍ତା ମିଳି ନ ଥିଲା। ଖବର ପାଇ ଫତେଗଡ ପୋଲିସ ଟିମ୍ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏହାସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ଏ ନେଇ ଥାନାରେ ୬୯/୨୦ରେ ଏକ ମାମଲା ରୁଜୁ କରି ପୋଲିସ ଜଙ୍ଗଲରେ ଲୁଚିରହିଥିବା ଅଭିଯୁକ୍ତ ଶ୍ରୀଧରଙ୍କୁ ଗିରଫ କରିଥିଲା।

# ଆଶ୍‌ପଣ୍ଡରେ ମୃତଦେହ ନେଇ ଉତ୍ତେଜନା

ତାଳଚେର/କଣିହାଁ, ୧୬।୫

ଅନୁଗୋଳ ଜିଲା କଣିହାଁ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର ଆଶ୍‌ପଣ୍ଡରୁ ଶନିବାର ଜଣେ ଠିକା ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯିବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ମୃତକ କଣିହାଁ ଥାନା କାକୁଡିଆ ଗ୍ରାମର ରିଲୁ ସାହୁ(୩୦) ବୋଲି ଗ୍ରାମବାସୀ ଚିହ୍ନଟ କରିବା ସହ କ୍ଷତିପୂରଣ ଓ ନିଯୁକ୍ତି ଦାବିରେ କାମ ବନ୍ଦ ଆନ୍ଦୋଳନ କରିଥିଲେ।

ରିଲୁ ଏକ ଠିକା ସଂସ୍ଥାରେ ସୁପରଭାଇଜର ଭାବେ କାମ କରୁଥିଲେ। ଶୁକ୍ରବାର ରାତିରେ ସେ ଡ୍ୟୁଟିକୁ ଆସି ଫେରି ନ ଥିଲେ। ଶନିବାର ଆଶ୍‌ପଣ୍ଡରୁ ଏକ ଖଣ୍ଡ ବିଖଣ୍ଡିତ ଶରୀର ସହ ଚପଲ ମିଳିବା ପରେ ଏହା ରିଲୁଙ୍କର ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। କଣିହାଁ ପୋଲିସ ପହଞ୍ଚି ଜେସିବି ଦ୍ୱାରା ମାଟି, ପାଉଁଶ ଖୋଳିବା ପରେ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣା ପରେ ଗ୍ରାମବାସୀ ନିଯୁକ୍ତି, କ୍ଷତିପୂରଣ ଦାବି କରି ଆଶ୍‌ପଣ୍ଡ କାମ ବନ୍ଦ କରାଇଥିଲେ। ପାଲଲହଡା ବିଧାୟକ ମୁକେଶ ପାଲ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ କଣିହାଁ ତହସିଲଦାର ପତିତପାବନ ଦେବତା, ପାଲଲହଡ଼ା ଏସ୍‌ଡିପିଓ ଯଶୋବନ୍ତ ସାମଲ, ଏନ୍‌ଟିପିସି କର୍ତ୍ତୃପକ୍ଷ, ଠିକାସଂସ୍ଥାର ଅଧିକାରୀ ପହଞ୍ଚିଥିଲେ। ୧୭ ଲକ୍ଷ ଟଙ୍କା କ୍ଷତିପୂରଣ ଓ ମୃତକଙ୍କ ସ୍ତ୍ରୀଙ୍କୁ ଠିକା ଶ୍ରମିକ ଭାବେ ନିଯୁକ୍ତି ଦେବାକୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।



ଆଶ୍‌ପଣ୍ଡରୁ ପାଉଁଶ, ମାଟି ଖୋଳାଯାଉଛି।

# ଚେନ୍ନାଇରୁ ଫେରିଲେ ୨୯୪ ପ୍ରବାସୀ

ଖୋର୍ଦ୍ଧା ଅଫିସ,୧୬।୫

ଚେନ୍ନାଇରୁ ଏକ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍‌ରେ ୧୫ଟି ଜିଲାର ୨୯୪ ପ୍ରବାସୀ ଓଡ଼ିଆ ଶନିବାର ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ଅନୁଗୋଳର ୩, ବାଲେଶ୍ୱରର ୩୮, ଭଦ୍ରକର ୮, ବଲାଙ୍ଗୀର ୨୬, କଟକ ୨୩, ଜଗତ୍‌ସିଂହପୁର ୫, ଯାଜପୁର ୧୯, କେନ୍ଦ୍ରପଡ଼ା ୧୮, କେନ୍ଦୁଝର ୫, ଖୋର୍ଦ୍ଧା ୧୧୨, ମୟୂରଭଞ୍ଜ ୨୩, ନୂଆପଡ଼ା ୮, ବୌଦ୍ଧ ୩, ଦେଓଗଡ଼ ୧ ଏବଂ ଢେଙ୍କାନାଳର ୨ଜଣ ରହିଛନ୍ତି।

ଶନିବାର ଅପରାହ୍ନରେ ଏହି ଟ୍ରେନ୍ ଖୋର୍ଦ୍ଧାରୋଡ ଷ୍ଟେଶନରେ ପହଞ୍ଚିଥିଲା। ସମସ୍ତ ପ୍ରବାସୀ ଓଡ଼ିଆ ସାମାଜିକ ଦୂରତା ବଜାୟ ରଖି ଟ୍ରେନରୁ ଓହ୍ଲାଇ ବାହାରକୁ ଆସିଥିଲେ। ସମସ୍ତଙ୍କ ଥର୍ମାଲ ସ୍କ୍ରିନିଂ, ପଞ୍ଜୀକରଣ, ଡାହାଣ ହାତରେ ଷ୍ଟାମ୍ପ ଦିଆଯାଇଥିଲା। ସମସ୍ତ ବ୍ୟବସ୍ଥା ସହ ସ୍ୱତନ୍ତ୍ର ବସ୍ ଯୋଗେ ସେମାନଙ୍କୁ ନିଜ ଜିଲାକୁ ପଠାଇ ଦିଆଯାଇଛି। ଏହି ସମୟରେ ପ୍ରଶାସନିକ ଅଧିକାରୀ, ରେଳବାଇ କତୃପକ୍ଷ, ଜିଆରପି, ଆରପିଏଫ, ସ୍ଥାନୀୟ ପୋଲିସ ଏବଂ ଜଟଣୀ ପୌର ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନାବାଗ ନିଷିଦ୍ଧାଞ୍ଚଳ ଘୋଷଣା

ଖୋର୍ଦ୍ଧା ଅଫିସ,୧୬।୫

- ବିଶୋଧନ ପରେ ସିଲ୍ ହେଲା
- ସାନିଟାଇଜର ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଗୁରୁତ୍ୱ
- ଖୋର୍ଦ୍ଧା ସହରରେ ସଂକ୍ରମିତ ଚିହ୍ନଟ

ଖୋର୍ଦ୍ଧା ପୌରାଞ୍ଚଳରେ ପ୍ରଥମଥର ପାଇଁ ଶନିବାର ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲାର ବାଣପୁରରେ ଜଣେ ନାବାଳକ(୮ବର୍ଷ)ଓ ଜଣେ ଯୁବକଙ୍କ ସମେତ ୩ଜଣ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ସହରରୁ ଜଣେ ଚିହ୍ନଟ ହୋଇଥିବା ଖବର ପ୍ରଚାରିତ ହେବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି। ସମସ୍ତ ଆକ୍ରାନ୍ତଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ୍ ମେଡିକାଲକୁ ପଠାଇ ଦିଆଯାଇଥିବା ଜିଲା ପ୍ରଶାସନ ଠାରୁ ପ୍ରକାଶ। ଖୋର୍ଦ୍ଧାରୁ ଚିହ୍ନଟ ଆକ୍ରାନ୍ତ ୬ନମ୍ବର ୱାର୍ଡ ନବୀନାବାଗ ଅଞ୍ଚଳର ଏବଂ ସେ ପଶ୍ଚିମବଙ୍ଗରୁ ଫେରି ଘରୋଇ ସଙ୍ଗରୋଧରେ ରହିଥିଲେ ବୋଲି ଜିଲାପାଳ ସୀତାଂଶୁ କୁମାର ରାଉତ କହିଛନ୍ତି। ଏହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯିବା ସହ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ନିଷିଦ୍ଧାଞ୍ଚଳରେ କେହି ବାହାରକୁ ଯିବେ ନାହିଁ ଏବଂ ବାହାରର କୌଣସି ବ୍ୟକ୍ତି ଏଠାକୁ ପ୍ରବେଶ କରିପାରିବେ ନାହିଁ। ପୌର ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପଠାଯିବା ବ୍ୟବସ୍ଥା କରାଯିବ। ଏଥିସହିତ ଉକ୍ତ ଅଞ୍ଚଳକୁ ସାନିଟାଇଜର କରାଯିବ। ଏକ ସ୍ୱାସ୍ଥ୍ୟ ଟିମ ଏହି ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ଆବଶ୍ୟକ ପଡ଼ିଲେ ସ୍ୱାବ ସଂଗ୍ରହ କରାଯିବ ବୋଲି ଜିଲାପାଳ ରାଉତ କହିଛନ୍ତ। ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ଏହି ଅଞ୍ଚଳର ନୋଡାଲ ଅଫିସର ରହିଥିବାବେଳେ ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡି.ଏନ ଶତପଥୀ ଅଞ୍ଚଳକୁ ବିଶୋଧନ ଏବଂ ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି ଦାୟିତ୍ୱରେ ରହିଛନ୍ତି। ଶନିବାର ଅପରାହ୍ନରେ ଅଗ୍ନିଶମ ସେବା କେନ୍ଦ୍ର କର୍ମଚାରୀ ଉକ୍ତ ଅଞ୍ଚଳକୁ ବିଶୋଧନ କରିଥିଲେ। ଶ୍ୱେତପଦ୍ମା କୁହନ୍ତି, ପୌର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। ଠେଲାଗାଡ଼ି ଜରିଆରେ ଖାଉଟି ସାମଗ୍ରୀ ଏବଂ ପରିବା ପହଞ୍ଚାଇବା ଲାଗି ସ୍ଥିର ହୋଇଛି ବୋଲି ସେ କହିଛନ୍ତି।

# ୪୪ ଭେଣ୍ଟିଲେଟର ଯୋଗାଇ ଦେବ ଏସ୍‌ବିଆଇ ଫାଉଣ୍ଡେଶନ କର୍ମଚାରୀଙ୍କ ପରିବାର

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଫାଉଣ୍ଡେଶନର କର୍ମଚାରୀମାନଙ୍କ ପରିବାର ପକ୍ଷରୁ କୋଭିଡ ମୁକାବିଲା ପାଇଁ ୪୪ଟି ପୋର୍ଟେବଲ ଭେଣ୍ଟିଲେଟର ଯୋଗାଇ ଦିଆଯିବ। କର୍ମଚାରୀମାନେ ସେମାନଙ୍କ ପରିବାର ପକ୍ଷରୁ ସଂଗୃହୀତ ଅର୍ଥ ତଥା ଏସ୍‌ବିଆଇ ଫାଉଣ୍ଡେଶନ ପାଣ୍ଠିରୁ ମିଳିତ ଭାବେ ଉକ୍ତ ଭେଣ୍ଟିଲେଟର ଯୋଗାଇ ଦିଆଯିବ ବୋଲି ଏସ୍‌ବିଆଇ ଚିଫ୍ ଜେନେରାଲ ମ୍ୟାନେଜର ପ୍ରବୀଣା କାର୍ଲା ଜଣାଇଛନ୍ତି। ସେଥି ମଧ୍ୟରୁ ୧୧ଟି ଭେଣ୍ଟିଲେଟର ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେଶନକୁ ଚଳିତମାସରେ ପ୍ରଦାନ କରାଯିବ। ଅବଶିଷ୍ଟ ୩୩ଟି ଜୁନ ମାସରେ ଦିଆଯିବ ବୋଲି କାର୍ଲା କହିଛନ୍ତି। ଭାରତୀୟ ଷ୍ଟେଟ ବ୍ୟାଙ୍କର ଏହି ସହୃଦୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି।

# ମାଟ୍ରିକ୍ ଖାତା ମୂଲ୍ୟାୟନ କେନ୍ଦ୍ର ସଂଖ୍ୟା ବଢ଼ିବ

ଭୁବନେଶ୍ୱର, ୧୬।୫(ବ୍ୟୁରୋ)

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବଦଳିଲା ପ୍ରସ୍ତୁତି**

ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ମାଟ୍ରିକ ଖାତା ଦେଖା। ୬୦ଟି ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷା ଖାତା ଦେଖାହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରସ୍ତୁତିରେ କେତେକ ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୂଲ୍ୟାୟନ କେନ୍ଦ୍ର ସଂଖ୍ୟାକୁ ବୃଦ୍ଧି କରାଯିବା ସହ କେନ୍ଦ୍ରର ୧୦ କିଲୋମିଟର ଦୂରରୁ ଆସୁଥିବା ଶିକ୍ଷକଙ୍କୁ ଚିହ୍ନଟ କରାଯିବ। ଏଥିସହ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରାଯିବ। ୧୦ କିଲୋମିଟର ଦୂରରୁ କେତେ ଶିକ୍ଷକ ଆସୁଛନ୍ତି ଓ କେତେ ମୂଲ୍ୟାୟନ କେନ୍ଦ୍ର ରହିଛି ସେନେଇ ବିସ୍ତୃତ ତଥ୍ୟ ମଗାଯାଇଛି। ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା ହୋଇଛି। ଅଧିକରୁ ଅଧିକ ମୂଲ୍ୟାୟନ କେନ୍ଦ୍ର ବଢ଼ାଇବା ପାଇଁ ବ୍ୟବସ୍ଥା ହେବ ଅର୍ଥାତ ମାଟ୍ରିକ ଖାତା ମୂଲ୍ୟାୟନ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯେପରି ୧୦ କିମିରୁ ଅଧିକ ବାଟ ନ ଯିବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ସେହିପରି ଖାତାଦେଖା ସମୟରେ କୋଭିଡ୍ ୧୯ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରାଯିବ। ତେବେ ଏନେଇ ଆସନ୍ତା ସୋମବାର ଦିନ ସମ୍ପୂର୍ଣ୍ଣ ଆଲୋଚନା ହୋଇ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନକୁ ନେଇ ହାଇକୋର୍ଟ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ୧୦ କିଲୋମିଟର ଦୂରରୁ ଆସୁଥିବା ମୂଲ୍ୟାୟନକାରୀଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଥିଲା।

# ନିଯୁକ୍ତି ପାଇଲେ ୪୪ ଏସିଏଫ୍

ଭୁବନେଶ୍ୱର, ୧୬।୫(ବ୍ୟୁରୋ): ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗରେ ଶନିବାର ୪୪ଜଣ ସହକାରୀ ବନ ସଂରକ୍ଷକ (ଏସିଏଫ୍)ଙ୍କୁ ନିଯୁକ୍ତି ମିଳିଛି। ଏମାନଙ୍କୁ ରାଜ୍ୟର ବିଭିନ୍ନ ବନ୍ୟପ୍ରାଣୀ, ଟେରିଟୋରି ଏବଂ କେନ୍ଦୁ ଲିଫ୍ ଡିଭିଜନରେ ନିଯୁକ୍ତ କରାଯାଇଛି। ତେବେ କରୋନା କଟକଣା ପାଇଁ ଏହି ନୂତନ ଏସିଏଫ୍‌ମାନେ କାର୍ଯ୍ୟ କ୍ଷେତ୍ରରେ ଯୋଗଦାନ କରିବାରେ ବିଳମ୍ବ ହୋଇପାରେ। ଏବେ ୨୨ଜଣ ଡେରାଡୁନରେ ପ୍ରଶିକ୍ଷଣ ସମାପ୍ତ କରିଥିଲେ ମଧ୍ୟ ଏଯାଏ ରାଜ୍ୟକୁ ଫେରି ନାହାନ୍ତି। ୧୭ ତାରିଖ ପରେ ନୂଆ ଲକ୍‌ଡାଉନ ଗାଇଡ଼ଲାଇନ ଜାରି ହେବ। ତେଣୁ ଆସନ୍ତା ସପ୍ତାହରେ ସେମାନେ ଡେରାଡୁନରୁ ଓଡ଼ିଶାକୁ ଫେରିବାର ସୂଚନା ମିଳିଛି। ସେମାନେ ଏଠାରେ ପହଞ୍ଚିବା ପରେ କରୋନା ପରୀକ୍ଷଣ ସହ କ୍ୱାରାଣ୍ଟାଇନରେ ରଖାଯିବ। ସେପଟେ କୋଏମ୍ବାଟୁର୍‌ରେ ଟ୍ରେନିଂ ଶେଷ କରିଥିବା ଅନ୍ୟ ୨୨ଜଣ ଏସିଏଫ୍ ୨ଦିନ ତଳୁ ରାଜ୍ୟକୁ ଫେରିବା ପରେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୧୩ବର୍ଷର ବ୍ୟବଧାନ ପରେ ଓଡ଼ିଶା ସରକାରଙ୍କ ତରଫରୁ ସିଧାସଳଖ ଏସିଏଫ୍ ପଦବୀ ପୂରଣ କରାଯାଇଛି। ଏହା ପୂର୍ବରୁ ୨୦୦୭ ମସିହାରେ ସିଧାସଳଖ ଏସିଏଫ୍ ନିଯୁକ୍ତି ପାଇଥିଲେ।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
E.H.T. (C) DIVISION, JHARSUGUDA
At- Budhipadar, PO: H.Katapali, Dist.- Jharsuguda - 768202
E-mail: ehtc.div.jsg@optcl.co.in

**TENDER CALL NOTICE NO: 01/2020-21**

Sealed tenders are invited separately from Registered Travel Agencies / Vehicle Owners having valid GST registration for hiring of 2 nos. of Commercial Light vehicles as per the following:

A) 1 (One) No. of Commercial Light vehicle (Indigo AC / Swift Dzire AC or equivalent vehicle) for use of DGM, EHT (C) Division, Jharsuguda. Cost of Tender Paper Rs. 2000/- +12% GST along with EMD of Rs.5,000.00.

B) 1 (One) No. of Commercial Light vehicle (Non AC Bolero or equivalent vehicle) for use of SDO, EHT (C) Sub-Division, Bamra. Cost of Tender Paper Rs. 2000/- +12% GST along with EMD of Rs.5,000.00.

Sale of Tender documents starts from **18.05.2020** to **27.05.2020** in working days only. Last date of submission of tender is **27.05.2020 up to 12.00 Noon**. Date of opening of tender **27.05.2020 at 3.00 PM**. For details please visit our website **www.optcl.co.in**. (Bidders are requested to visit above site regularly for any changes, since it will not be published in newspaper again).

Sd./- Dy. General Manager (Elect.)
EHT (C) Division, Jharsuguda



**ନିୟନ୍ତ୍ରିତ ବଜାର କମିଟି, ବୀରମହାରାଜପୁର**

ବୀରମହାରାଜପୁର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତା୧୫।୦୫।୨୦୨୦ ଦିନଠାରୁ ନିୟନ୍ତ୍ରିତ ବଜାର କମିଟିର ବଜାର ପ୍ରାଙ୍ଗଣ/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କରେ ଧାନ ସଂଗ୍ରହ ଆରମ୍ଭ କରାଯାଇଛି। ପ୍ରତ୍ୟେକ ଦିନ ୩୦-୩୫ ଜଣ ଚାଷୀ ଏକର ପିଛା ୨୬.୦୦ କୁଇଣ୍ଟାଲ ଧାନ ସକାଳ ୭ଘ.ରୁ ଦିବା ୧ଘ. ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୧୫.୦୦ ଟଙ୍କାରେ ବିକ୍ରୟ କରିପାରିବେ। ଏଣୁ ଅଧୀନସ୍ଥ କ୍ରୟ କେନ୍ଦ୍ରକୁ ଯୋଗାଯୋଗ କରି ଅଗ୍ରିମ ଟୋକନ ହିସାବରେ ନିର୍ଦ୍ଧାରିତ ଦିବସ ଓ ସମୟରେ ଉଲ୍ଲେଖିତ ଥିବା ଧାନକୁ ଶୁଖାଇ ଓ ସଫାକରି ଆଣିବେ, ଯେପରି ଖାଦ୍ୟ ଉପଯୋଗୀ ଓ ବିଷମୁକ୍ତ ହୋଇଥିବ। ଧାନ ଆଣିବା ସମୟରେ ମୁହଁରେ ମୁଖା କିମ୍ବା ଗାମୁଛା ଘୋଡ଼ାଇ ଆସିବେ ଏବଂ ଧାନ କ୍ରୟ କେନ୍ଦ୍ରରେ ଉପଲବ୍ଧ ଥିବା ସାନିଟାଇଜର କିମ୍ବା ସାବୁନରେ ହାତକୁ ଭଲ ଭାବରେ ଧୋଇବା ହେବେ, ନିଜ ନିଜ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବେ ଏବଂ ଗହଳି ନ କରିବା ପାଇଁ ଅନୁରୋଧ।

ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବୀରମହାରାଜପୁର
ସ୍ୱା./- ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବୀରମହାରାଜପୁର



**OFFICE OF THE EXECUTIVE ENGINEER**
**UI RIGHT CANAL DIVISION NO.-I, MUKHIGUDA, KALAHANDI, ODISHA**
Ph.: 06673-252287, e-mail: eeuircd1@gmail.com

**QUOTATION CALL NOTICE NO-EE, RCD-I-01 (01-03)/2020-21, Dt.12.05.2020 FOR HIRING VEHICLE**

No.: A-43: Sealed quotations are invited from interested reputed travel agencies/tour operators or private individuals for providing 03 (three) nos. of Diesel driven vehicle (Bolero) for office use in the Office of the Executive Engineer, UI Right Canal Division No-I, Mukhiguda, Dist.- Kalahandi, in the Office of the Sub-Divisional Officer, UI Right Canal Sub-Division No.-I & II, Mukhiguda and Kalampur, Dist.- Kalahandi and in the Office of the Sub-Divisional Officer, UI Right Canal Sub-Division No.-III & IV, Chiliguda and Junagarh, Dist.- Kalahandi on monthly rent basis. The quotation booklets will be available in the Office of the Executive Engineer, UI Right Canal Division No.-I, Mukhiguda, Office of the S.D.O., UI Right Canal Sub-Division No.-II, Kalampur and Office of the S.D.O., UI Right Canal Sub-Division No-IV, Junagarh, from **18.05.2020 to 29.05.2020** during office hours. The quotations shall be opened on **30.05.2020 at 11.00 A.M.** in the Office of the undersigned.
Further details can be obtained from the quotation booklets.

Sd./- Executive Engineer
Right Canal Divn. No.-I
Mukhiguda, Kalahandi
OIPR-32193/11/0001/2021



**Government of Orissa**
**Tender Call Notice**
**Bid Indentification No.: EEMBBSR/01(2) 2020-21**
No.-O-47:-

| | |
|---|---|
| 1 | Name of the work: Supply of skilled Manpower drilling Personnel for RWS&S Mechanical Sub-Division, Cuttack at Bhubaneswar |
| 2 | Estimated cost : Rs.11,67,312.00 |
| 3 | Date & time of availability of bid document: Dt.20.05.2020 to Dt.29.05.2020 upto 5.30 P.M. |
| 4 | Last date / Time for receipt of bids: Dt.01.06.2020 upto 5.00 P.M. |
| 5 | Name and address of the Officer Inviting Bid: The Executive Engineer, RWS&S Mechanical Division, Plot No.-D-2/24, Mancheswar Industrial Estate, Bhubaneswar-751010 |

Tender document with detail technical requirement, scope of the work, term and condition will be available in the Office of the Executive Engineer, RWSS Mechnical Division, Bhubaneswar. Telegraphic tenders will not be accepted. No tender will be received through Fax or E-mail. The Bid Document can also be viewed in Govt website www.tendersodisha.gov.nic.in as per above date & time.
The authority reserves the right to reject any or all the tenders without assigning any reason thereof.

Sd./- Executive Engineer(M)
RWSS(M) Divn., Bhubaneswar
OIPR-25041/11/0002/2021



GOVERNMENT OF ODISHA — No.: A-40
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**KALAHANDI IRRIGATION DIVISION, BHAWANIPATNA**
e-mail address: eekldbpt2008@hotmail.com
**e-PROCUREMENT NOTICE No.-01(KLID)/2020-21**
**PERCENTAGE RATE e-TENDER**

1. The Executive Engineer, Kalahandi Irrigation Division, Bhawanipatna, Dist.- Kalahandi, PIN-766001 (Odisha) on behalf of Governor of Odisha invites "PERCENTAGE RATE Bids" IN DOUBLE COVER SYSTEM, in electronic tendering system for the construction works detailed in the table below.
2.

| | |
|---|---|
| Package No | BID ID No. 01 (KLID) / 2020-21 to 03(KLID)/2020-21 |
| Types of Work | 02 Nos Road works and one No Flood Protection work |
| Approximate value of work | Varies from Rs.89.11 to Rs.64.64 Lakhs (Excluding GST) |
| Period of Completion | 06 (Six) calendar Months. |
| Classification of Bidder | 'B' & 'A' class Contractor only |
| Tender documents available on website. | Can be downloaded from Website (http://www.tendersodisha.gov.in) |
| Bid documents available Date and Time. | 26.05.2020 at 11.00 Hrs. |
| Bid clarification start date & Closing date. | 26.05.2020 to 03.06.2020 during office hours |
| Online Bid submission closing date and time. | 12.06.2020 at 17.00 Hrs. |
| Date, Time and Venue of opening of bid online. | 17.06.2020 at 11.30Hrs office of the Executive Engineer, Kalahandi Irrigation Division, Bhawanipatna. |
| Date / Time of Opening of Financial Bid | To be intimated after evaluation of Technical Bid. |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

Sd./- (P.K.Das), Executive Engineer
Kalahandi Irrigation Division, Bhawanipatna
OIPR-32007/11/0001/2021

## ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ

ଆଠଗଡ଼,୧୬।୫(ସ୍ୱ.ପ୍ର.)- ଆଠଗଡ଼ ଏନ୍ଏସି ଅନ୍ତର୍ଗତ ୫ ନଂ ୱାର୍ଡସ୍ଥିତ ରାସରସିକପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ମୃତକ ଜଣକ ହେଲେ ସୋମନାଥ ବେହେରା(୫୯)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦) ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ଅନୁଯାୟୀ, ସୋମନାଥ ନିତ୍ୟକର୍ମ ସାରି ବଗିଚାରେ କାମ କରୁଥିବା ବେଳେ ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନେଇ ଆଠଗଡ ଉପକଣ୍ଠ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ନଗସପୁର ସରପଞ୍ଚ ନିଲମ୍ବିତ
### ଡାକ୍ତରଙ୍କୁ ଦୁର୍ବ୍ୟବହାର ମହଙ୍ଗା ପଡ଼ିଲା

**ନିଶ୍ଚିନ୍ତକୋଇଲି,୧୬।୫(ସ୍ୱ.ପ୍ର.):** ଡାକ୍ତରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ସରପଞ୍ଚ ହିମାଂଶୁ ଶେଖର ଭୂୟାଁଙ୍କୁ ମହଙ୍ଗା ପଡ଼ିଛି। ପଞ୍ଚାୟତିରାଜ ବିଭାଗର ଆଦେଶକ୍ରମେ କଟକ ଜିଲାପାଳ ଅଭିଯୁକ୍ତ ଭୂୟାଁଙ୍କୁ ନିଲମ୍ବନ କରିବା ପାଇଁ ଶନିବାର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲ ୨୦ରେ ସରପଞ୍ଚ ଭୂୟାଁ ନଗସପୁର ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଅଜନ୍ତା ମହାନ୍ତିଙ୍କୁ ଦୁର୍ବ୍ୟବହାର କରିବା ସହ ସରକାରୀ ଆସବାବପତ୍ର ନଷ୍ଟ କରିଦେଇଥିଲେ। ଏନେଇ ଡାକ୍ତର ମହାନ୍ତି ନେମାଳ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ପକ୍ଷରୁ ମାମଲା (ନଂ-୪୭/୨୦) ରୁଜୁ କରାଯାଇ ଅଭିଯୁକ୍ତ ଭୂୟାଁଙ୍କୁ ଗିରଫ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଥିଲା। ସେ ଜେଲରେ ଏପ୍ରିଲ ୨୭ ପର୍ଯ୍ୟନ୍ତ ରହିବା ପରେ ଜିଲାପାଳଙ୍କୁ ସୂଚନା ଦିଆଯାଇଥିଲା। ଏସମ୍ପର୍କରେ ଜିଲାପାଳ ପଞ୍ଚାୟତିରାଜ ବିଭାଗକୁ ଅବଗତ କରାଇଥିଲେ। ବିଭାଗର ଆଦେଶ ( ନଂ ୮୩୭୬/୧୫-୦୫-୨) ଅନୁଯାୟୀ ଅଭିଯୁକ୍ତ ସରପଞ୍ଚଙ୍କୁ ନିଲମ୍ବନ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ଜିଲାପାଳଙ୍କ ପତ୍ର (ନଂ.୪୨୦/୧୬-୦୫-୨୦) ଅନୁଯାୟୀ, ଭୂୟାଁଙ୍କୁ ନିଲମ୍ବନ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଚିଠି ପାଇବା ପରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର ଭୂୟାଁଙ୍କ ପାଇଁ ନିଲମ୍ବନ ଆଦେଶ ଜାରି କରିଛନ୍ତି।

## ଅମ୍ଳଜାନ ଚିକିତ୍ସା ନେଇ ଡିଏମ୍ଇଟିର ୱେବିନାର

**କଟକ ଅଫିସ,୧୬।୫:** କରୋନାରେ ଗୁରୁତର ଭାବେ ପୀଡ଼ିତ ବ୍ୟକ୍ତି ଅଧିକାଂଶ ସମୟରେ ଶ୍ୱାସରୁଦ୍ଧ ଅନୁଭବ କରିଥାଏ। ଏପରି ଜଟିଳ ରୋଗୀଙ୍କ ପାଇଁ ଅକ୍ସିଜେନ ଥେରାପି ବା ଅମ୍ଳଜାନ ଚିକିତ୍ସା ହିଁ ଏକମାତ୍ର ବିକଳ୍ପ। କିନ୍ତୁ ଏହି ଥେରାପିକୁ ବି ଅତି ସାବଧାନତାର ସହ କରୋନା ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର କରିବାକୁ ହୁଏ। ମୁଖ୍ୟତଃ ଅକ୍ସିଜେନର ମାତ୍ରା, ତୀବ୍ରତା, ବାରମ୍ବାରତା ଏବଂ ପ୍ରୟୋଗ ପଥ ଆଦିକୁ ପ୍ରାଥମିକତା ଆଧାରରେ ବିଚାର କରାଯାଇଥାଏ। ଏସବୁ ବିଷୟକୁ ନେଇ ଡିଏମ୍ଇଟି ତରଫରୁ ଅନ୍ଲାଇନରେ ଏକ ୱେବିନାର ଆୟୋଜନ କରାଯାଇଛି। ଏଥିରେ ଡିଏମ୍ଇଟି ଡ଼ା. ସି.ବି.କେ. ମହାନ୍ତି ଏବଂ ଜଏଣ୍ଟ ଡିଏମ୍ଇଟି ଡା. ବ୍ରଜ କିଶୋର ଦାସ ଭୁବନେଶ୍ୱର ଡିଏମ୍ଇଟି କାର୍ଯ୍ୟାଳୟରୁ ଡିସଚାର୍ଜ, ଆଇସୋଲେଶନ ଏବଂ କ୍ୱାରାଣ୍ଟାଇନ ବାବଦରେ ନୂଆ ମାର୍ଗଦର୍ଶିକାର ବିଭିନ୍ନ ଦିଗ ଆଲୋକପାତ କରିଥିଲେ। ସେହିପରି କଟକ ଏସ୍ସିବିରୁ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ଜୟନ୍ତ ପଣ୍ଡା ଅକ୍ସିଜେନ ଥେରାପି ଏବଂ ଡା. ନିବେଦିତା ପାଣି ଆଇସିୟୁ ବିଷୟରେ ଆଲୋଚନା କରିଥିଲେ। ପଲମୋନାରୀ ମେଡିସିନ ବିଭାଗର ମୁଖ୍ୟ ଡା. ଏମ୍.ଆର୍. ପଟ୍ଟନାୟକ ଏହାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି ଏସ୍ସିବିର ଟେଲି ମେଡିସିନ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

ଭୁବନେଶ୍ୱର,୧୬।୫: ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର୍ସ ଓ ଏମ୍ପ୍ଲଇଜ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬ଲକ୍ଷ ୧୫ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ସଙ୍କଟ ସମୟରେ ସରକାରଙ୍କ ସହ ଛିଡା ହେବା ଲକ୍ଷ୍ୟରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର୍ସଙ୍କ ପକ୍ଷରୁ ୪.୫୦ ଲକ୍ଷ ଟଙ୍କା। ଏମ୍ପ୍ଲଇଜ ଆସୋସିଏଶନ ପକ୍ଷରୁ୧.୬୫ ଲକ୍ଷ ଟଙ୍କା ଦିଆଯାଇଛି। ଗ୍ରାମ୍ୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ବ୍ୟାଙ୍କର ଅଧ୍ୟକ୍ଷ ବୃନ୍ଦାବନ ନାୟକଙ୍କୁ ଆସୋସିଏଶନ ପକ୍ଷରୁ ଏହି ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଶ୍ରୀ ନାୟକ ଏହି ମହତ୍ୱ ଉଦ୍ଦେଶ୍ୟ ପାଇଁ ଆସୋସିଏସଏଶନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇବା ସହ ଉକ୍ତ ଅର୍ଥ ରାଶିକୁ ଇ-ଟ୍ରାନ୍ସଫର ଜରିଆରେ ସିଏମ୍ଆରଏଫ ଫଣ୍ଡକୁ ପଠାଇଥିଲେ। ଏହି ଅବସରରେ ଅଫିସର୍ସ ଆସୋସିଏସଏଶନର ସଭାପତି ସ୍ୱରୂପ କୁମାର ବଶା, ସାଧାରଣ ସମ୍ପାଦକ ପ୍ରଫୁଲ କୁମାର ଭଞ୍ଜ, ସତ୍ୟବ୍ରତ ନନ୍ଦ, ଅସିତ କୁମାର ଖଟେଇ, ଗଙ୍ଗାଧର ସେଠୀ,ମନୋଜ କୁମାର ମହାନ୍ତି, କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଅରୂପ କୁମାର ମହାନ୍ତି, ସଭାପତି ଆଶୁତୋଷ ସାମଲ,ଅମିତ ନାୟକ,ଏସ ବିଶ୍ୱପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାର ମୂଳଦୁଆ ସଜାଉଛି 'ଥିଙ୍କ୍ ଜୋନ୍'



କଟକ ଅଫିସ,୧୬।୫

ରାଜ୍ୟରେ ପ୍ରାଥମିକ ଶିକ୍ଷାର ମୂଳଦୁଆ ସଜାଡ଼ିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଗୋଟିଏ ଯୁବଗୋଷ୍ଠୀ। ୧୨ ଜଣଙ୍କୁ ନେଇ ଗଠିତ ହୋଇଥିବା କଟକର ଏହି ଅନୁଷ୍ଠାନ ଥିଙ୍କ ଜୋନ ନାଁରେ ଏବେ ପରିଚିତ ହେଉଛି। ଏବେ ସୁଦ୍ଧା ୫୦୦ରୁ ଅଧିକ ଗ୍ରାମରେ କାର୍ଯ୍ୟକ୍ରମ ଆୟୋଜନ କରିସାରିଛି ଏହି ଅନୁଷ୍ଠାନ। ୪ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଏଥିରେ ସାମିଲ ହୋଇ ଫୋନ ଯୋଗେ ଶିକ୍ଷାଲାଭ କରୁଛନ୍ତି। ୩ରୁ ୧୦ ବର୍ଷର ଶିଶୁଙ୍କୁ ନିଃଶୁଳ୍କ ପ୍ରାଥମିକ ଶିକ୍ଷା ଦେବାରେ ଏହି ଅନୁଷ୍ଠାନ କାମ କରୁଛି।

୨୦୧୪ରେ ଗଠିତ ଏହି ଅନୁଷ୍ଠାନର ନେତୃତ୍ୱ ନେଇଥିଲେ ବିନାୟକ ଆଚାର୍ଯ୍ୟ। ପ୍ରଥମେ ସାମାଜିକ କାର୍ଯ୍ୟ କରୁଥିବା ଏହି ଅନୁଷ୍ଠାନ ପରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ କାର୍ଯ୍ୟ କରିବା ଆରମ୍ଭ କରିଥିଲା। କଟକ ଜିଲାର ବିଭିନ୍ନ ଗ୍ରାମକୁ ଯାଇ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ ଅନୁଷ୍ଠାନର ଯୁବଗୋଷ୍ଠୀ। ଅଙ୍ଗନୱାଡ଼ିରେ ପଢୁଥିବା ପିଲାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ଏବେ ଖୋର୍ଦ୍ଧା, ଭଦ୍ରକ, କଟକ, କେନ୍ଦ୍ରାପଡ଼ା ଜିଲାରେ ୫୦୦ରୁ ଅଧିକ ଗ୍ରାମରେ ଅଭିଭାବକଙ୍କ ସହଯୋଗରେ ପିଲାଙ୍କୁ ପ୍ରାଥମିକ ଶିକ୍ଷା ଦେଉଛି ଏହି ଅନୁଷ୍ଠାନ। ୪-ଜି ଯୁଗରେ ମଧ୍ୟ ଅନୁଷ୍ଠାନ ୨-ଜି ମୋବାଇଲ ବ୍ୟବହାରକାରୀଙ୍କୁ ଗୁରୁତ୍ୱ ଦେଇ ଶିକ୍ଷାଦାନ କରୁଛି। ଯେଉଁମାନେ ୨-ଜି ମୋବାଇଲ ବ୍ୟବହାର କରୁଛନ୍ତି, ସେମାନଙ୍କ ପିଲାଙ୍କୁ ଫୋନ କଲ୍ ଜରିଆରେ ଅତ୍ୟାଧୁନିକ ଶୈଳୀରେ ଶିକ୍ଷା ଦିଆଯାଉଛି। ବିଭିନ୍ନ ଗାଁକୁ ଯାଇ ୧୦ ବର୍ଷରୁ କମ୍ ଶିଶୁଙ୍କ ପରିବାରକୁ ଯୋଗାଯୋଗ କରି ସେମାନଙ୍କ ଶୈକ୍ଷିକ ବିକାଶକୁ ନଜରରେ ରଖି ସ୍ୱତନ୍ତ୍ର ପ୍ଲାନ ପ୍ରସ୍ତୁତ କରାଯାଏ। କେଉଁ ଶିଶୁ କେଉଁ କ୍ଷେତ୍ରରେ ଦୁର୍ବଳ ରହିଛି, ତାହା ଜାଣିବା ପରେ ଫୋନ ଯୋଗେ ସ୍ୱତନ୍ତ୍ର ଶିକ୍ଷା ଦିଆଯାଉଛି। ଆଇବିଆର୍ ଓ ଭଏସ୍ ବ୍ରଡକାଷ୍ଟ ମାଧ୍ୟମରେ ଏହି ଶିକ୍ଷା ପ୍ରଦାନ କରୁଛି ଅନୁଷ୍ଠାନ। ଲକ୍ଡାଉନ ସମୟରେ ଅନୁଷ୍ଠାନ ଫୋନ ନମ୍ବର ଜାରି କରିଛି। ଏହି ନମ୍ବରକୁ ମିସ୍ଡ କଲ ଦେଉଥିବା ଅଭିଭାବକଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ୧୨ ଜଣ ଯୁବଗୋଷ୍ଠୀ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବେଳେ ପ୍ରତ୍ୟେକ ଗାଁରେ ଜଣେ ଲେଖାଏ ସ୍ଥାନୀୟ ଯୁବକ ମଧ୍ୟ ରହିଛନ୍ତି। ଏହାଛଡ଼ା ଗାଁର ଜଣେ ମେଧାବୀ ବିଦ୍ୟାର୍ଥୀଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି।

**ସେମାନଙ୍କ ମୁହଁରୁ...**



କେବଳ ସ୍କୁଲ ଗଲେ ଭଲ ପାଠ ହେବନି। ଅଭିଭାବକଙ୍କ ଦ୍ୱାରା ହିଁ ଶିଶୁଙ୍କ ପ୍ରାଥମିକ ଶିକ୍ଷା ସୁଦୃଢ଼ କରାଯାଏ। ଏଥିପ୍ରତି ପ୍ରତ୍ୟେକ ଅଭିଭାବକ କିପରି ନଜର ଦେବେ, ତାହା ଆମର ଲକ୍ଷ୍ୟ। ଜଣେ ଶିଶୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ଭଲ ଶିକ୍ଷା ନେଲେ, ଆଗାମୀ ଦିନରେ ସେ ଭଲ ପାଠ ପଢ଼ିବାକୁ ଚେଷ୍ଟା କରିବ। ଉଚ୍ଚଶିକ୍ଷା ହାସଲ କରିବାରେ ଏହା ସହାୟକ ହେବ। ରାଜ୍ୟର ପ୍ରତ୍ୟେକ ଗାଁରେ ପହଞ୍ଚିବା ଆମର ଲକ୍ଷ୍ୟ।

**- ବିନାୟକ ଆଚାର୍ଯ୍ୟ, ପ୍ରତିଷ୍ଠାତା**



ଏଯାବତ୍ ଏହି କାର୍ଯ୍ୟକ୍ରମ ସଫଳ ହୋଇଆସିଛି। ଅଭିଭାବକ ମହଲରେ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଉଛି। ପ୍ରାଥମିକ ଶିକ୍ଷାଦାନ କରିବାରେ ଅନୁଷ୍ଠାନର କର୍ମକର୍ତ୍ତା ସଂକଳ୍ପବଦ୍ଧ ରହିଛନ୍ତି। ଆଗାମୀ ଦିନରେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ଚେଷ୍ଟା ଚାଲିଛି।

**- ପ୍ରଜ୍ଞା ପାରମିତା ଖଟେଇ, ପ୍ରୋଗ୍ରାମ ମ୍ୟାନେଜର**

- **୫୦୦ ଗାଁର ୪ ହଜାର ବିଦ୍ୟାର୍ଥୀ ପାଉଛନ୍ତି ନିଃଶୁଳ୍କ ପ୍ରାଥମିକ ଶିକ୍ଷା**
- **ମାଧ୍ୟମ ପାଲଟିଛି ଫୋନ କଲ୍**

# ସୋମବାରଠାରୁ ଗଡ଼ିବ 'ମୋ ସାଇକେଲ'



ଭୁବନେଶ୍ୱର, ୧୬।୫(ବ୍ୟୁରୋ)

**ଜୁନ୍ ୩୦ ଯାଏ ଅଧଘଣ୍ଟା ମାଗଣା**

କରୋନା କଟକଣା ଓ ଲକ୍ଡାଉନ୍ ସମୟରେ ସାଇକେଲର ଆବଶ୍ୟକତା ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍ସି ଆସନ୍ତା ସୋମବାରଠାରୁ ପୁଣି 'ମୋ ସାଇକେଲ' ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ତେବେ ଲୋକଙ୍କ ସୁବିଧା ପାଇଁ ରିହାତି ବ୍ୟବସ୍ଥା କରିଛି। ଲୋକେ ଜୁନ୍ ୩୦ ଯାଏ ଦିନକୁ ସର୍ବାଧିକ ଅଧଘଣ୍ଟା (ପ୍ରଥମ ରାଇଡ୍) ମାଗଣା ସେବା ପାଇପାରିବେ। ଏହାଠାରୁ ଅଧିକ ସମୟ ମୋ ସାଇକେଲ ଚଲାଇଲେ ଭଡ଼ା ଲାଗୁ ହେବ। ଏ ସମ୍ପର୍କରେ ସୂଚନା ଦେଇ 'ମୋ ସାଇକେଲ' ସେବା ଦାୟିତ୍ୱରେ ଥିବା କ୍ରୁଟ୍ର ମହାପ୍ରବନ୍ଧକ ଦିପ୍ତୀ ମହାପାତ୍ର କହିଛନ୍ତି, ଏବେ ନିଜ ସ୍ୱାସ୍ଥ୍ୟକୁ ସୁସ୍ଥ ତଥା ସମୃଦ୍ଧ ରଖିବା ଓ ମାନସିକ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସାଇକଲ ଚଲାଇବା ଲାଭଦାୟକ। କିଛିଦିନ ହେବ ଏହି ସେବାକୁ ବନ୍ଦ ରଖାଯାଇଥିଲା। ଜନସାଧାରଣଙ୍କ ଅନୁରୋଧକୁ ଆଧାର କରି ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ଅନୁମତି ମିଳିଛି। ଭୁବନେଶ୍ୱରବାସୀ ମା ସାଇକେଲ ରାଇଡ୍ର ସୁବିଧା ପାଇବା ସହ ସହ ଫ୍ରି ରାଇଡ୍ ଅଫରର ଲାଭ ଉଠାଇବା ଦରକାର ବୋଲି ସେ କହିଛନ୍ତି।

ତେବେ ପ୍ରାଥମିକ ପର୍ଯ୍ୟାୟରେ ୩୦୦ଟି ସାଇକେଲ (ୟାନା ଓ ୟୁଲୁ) ସହରରେ ଥିବା ୫୦ ପବ୍ଲିକ୍ ବାଇକ ସେୟାରିଂ ଷ୍ଟେଶନରେ ଉପଲବ୍ଧ ହେବ। ଉକ୍ତ ସାଇକଲଗୁଡ଼ିକୁ ବିଶୋଧନ କରାଯାଇଥିବାବେଳେ ଏହା ନିୟମିତ ହେବ। ସାଇକେଲ କେବେ ବିଶୋଧନ ହୋଇଥିଲା ବ୍ୟବହାରକାରୀମାନେ ଆପ୍ ମାଧ୍ୟମରେ ସୂଚନା ପାଇପାରିବେ। ଏହି ସେବା ପାଇଁ ଟେକ୍ନିକାଲ ଟିମ୍ କାର୍ଯ୍ୟରତ ଥିବାବେଳେ ପ୍ରତି ବ୍ୟବହାର ପରେ ସାଇକେଲକୁ ପୁଣିଥରେ ପୂର୍ଣ୍ଣ ବିଶୋଧନ କରାଯାଇ ବ୍ୟବହାର ପାଇଁ ରଖାଯିବ। ତେବେ ମୋ ସାଇକେଲ ବ୍ୟବହାର ସମୟରେ ମାସ୍କ ଓ ଗ୍ଲୋଭ୍ସର ବ୍ୟବହାର କରିବାକୁ ହେବ। ସାଇକେଲ ଷ୍ଟେଶନରେ ଭିଡ଼ ନ କରି ସାମାଜିକ ଦୂରତ୍ୱ ବଜାୟ ରଖିବାକୁ କ୍ରୁଟ୍ର ମହାପ୍ରବନ୍ଧକ ମହାପାତ୍ର ପରାମର୍ଶ ଦେଇଛନ୍ତି।

## ପୁରୀ ଜିଲା: ୬ ଦିନରେ ୧୭ ଆକ୍ରାନ୍ତ ଚିହ୍ନଟ

ପୁରୀ ଅଫିସ,୧୬।୫: ପୁରୀ ଜିଲାରେ ଶନିବାର ପୁଣି ୪ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଥିବାବେଳେ ଏବେ ୧୭ଜଣ ଆକ୍ରାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨ଜଣ ଅସ୍ତରଙ୍ଗ ଏବଂ ୨ଜଣ କାକଟପୁର ବ୍ଲକର। ସମସ୍ତେ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି। ତେବେ ଗତ ୬ ଦିନରେ ଜିଲାରୁ ୧୭ ଆକ୍ରାନ୍ତ ଚିହ୍ନଟ ହେବା ଜିଲାବାସୀଙ୍କ ଚିନ୍ତା ବଢ଼ାଇଦେଇଛି। ଅସ୍ତରଙ୍ଗ ବ୍ଲକର ଚିହ୍ନଟ ଆକ୍ରାନ୍ତଦ୍ୱୟଙ୍କ ବୟସ ୭୦ବର୍ଷରୁ ଊର୍ଦ୍ଧ୍ୱ ହେବ। ପଶ୍ଚିମବଙ୍ଗ ଫେରନ୍ତା ଏହି ଦୁଇଜଣଙ୍କୁ କୋଭିଡ୍ କେୟାର ସେଣ୍ଟରରେ ରଖାଯାଇଥିଲା। ସେହିପରି କାକଟପୁରର ଏକ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ୨ଜଣଙ୍କର ମଧ୍ୟ ପଜିଟିଭ ବାହାରିଛି। ତେବେ ସମସ୍ତଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲ ପଠାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟ ଠିକ୍ ଅଛି। କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି ବୋଲି ଜିଲାପାଳ ସିଂ କହିଛନ୍ତି।

## ସ୍ନାନପୂର୍ଣ୍ଣିମାଦିନ ହୋଇପାରେ ଅଣସର ନୀତି

ପୁରୀ ଅଫିସ,୧୬।୫

**ପ୍ରସ୍ତାବ ଦେଇଛି ଦଇତାପତି ନିଯୋଗ**

ଦୀର୍ଘବର୍ଷ ହେଲା ସ୍ନାନପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଅଣସର ନୀତି ହୋଇପାରୁନାହିଁ। ଦାରୁବିଗ୍ରହ ସ୍ନାନମଣ୍ଡପରୁ ଅଣସର ପିଣ୍ଡିକୁ ବିଜେ କରିବାରେ ବିଳମ୍ବ ଯୋଗୁ ସେହିଦିନ ଅଣସର ନୀତି କରିବା ସମ୍ଭବହୋଇ ନ ଥାଏ। ତା' ପରଦିନଠାରୁ ଅଣସର ଘରେ ଦାରୁଦିଅଁଙ୍କ ଅଣସର ଗୁପ୍ତ ସେବା ଆରମ୍ଭ ହୋଇଥାଏ। ହେଲେ ଏଥର କରୋନା ଯୋଗୁ ଭକ୍ତଙ୍କ ଆଗମନ ହେବାର ସମ୍ଭାବନା ନ ଥିବାରୁ ଠାକୁରଙ୍କ ସ୍ନାନ ନୀତିକାନ୍ତି ସଅଳ ସରିବ ବୋଲି ଆଶା ରଖିଛି ଦଇତାପତି ନିଯୋଗ। ତେଣୁ ସ୍ନାନପୂର୍ଣ୍ଣିମା ଦିନ ଶୀଘ୍ର ଠାକୁରଙ୍କୁ ଅଣସର ପିଣ୍ଡିକୁ ଯଦି ବିଜେ କରାଯାଇପାରିଲା ତେବେ ସେହିଦିନ ଅଣସର ନୀତି ହୋଇପାରିବ। ଏଥିପାଇଁ ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଥିବା ବରିଷ୍ଠ ଦଇତାପତିସେବକ ବିନାୟକ ଦାସମହାପାତ୍ର କହିଛନ୍ତି।

ପରମ୍ପରା ଅନୁଯାୟୀ ଅଣସର ୧୫ଦିନ ରହିଥିବାବେଳେ ପ୍ରତିବର୍ଷ ୧୪ଦିନ ହେଉଛି। ଏଥର ୧୫ଦିନ କରିବା ଲାଗି ପ୍ରଚେଷ୍ଟା ଚାଲିଛି। ସ୍ନାନ ପୂର୍ଣ୍ଣିମା ଦିନଠାରୁ ହିଁ ଅଣସର ନୀତି ଆରମ୍ଭ କରାଯିବ। ମାତ୍ର ପ୍ରତିବର୍ଷ ନୀତିକାନ୍ତିରେ ବିଳମ୍ବ ଏବଂ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ ଲାଗି ଭକ୍ତଙ୍କ ଉତ୍କଣ୍ଠାକୁ ଦେଖି ବେଶ ଓଲାଗିରେ ବି ଡେରି ହୋଇଥାଏ। ତେଣୁ ବିଳମ୍ବିତ ରାତିରେ ଠାକୁର ଅଣସର ପିଣ୍ଡିକୁ ବିଜେ କରୁଥିବାରୁ ସେହିଦିନ ଅଣସର ନୀତି ହୋଇପାରେ ନାହିଁ। ଏଥର ଜୁନ୍ ୫ରେ ପଡୁଛି ସ୍ନାନଯାତ୍ରା। ୪ତାରିଖ ରାତ୍ର ୧/୨ଟାରୁ ସ୍ନାନ ନୀତି ଆରମ୍ଭ ହେବାକୁ ଯୋଜନା କରାଯାଇଛି। ଫଳରେ ସକାଳ ୫ଟାରୁ ୬ଟା ମଧ୍ୟରେ ଠାକୁରମାନଙ୍କ ପହଣ୍ଡି ଶେଷ ହୋଇଯିବ। ଏହାପରେ ସ୍ନାନମଣ୍ଡପରେ ସ୍ନାନ ନୀତି ସରି ହାତୀବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ। ଯେହେତୁ ଭକ୍ତଙ୍କ ଉପରେ କଟକଣା ରହିବ ତେଣୁ ସଅଳ ହାତୀବେଶ ଓଲାଗି ହୋଇ ଦାରୁବିଗ୍ରହଙ୍କୁ ଅଣସର ପିଣ୍ଡିକୁ ବିଜେ କରାଯିବ। ଏହାପରେ ଶ୍ରୀମସ୍ତକରୁ ମୂଲ୍ୟବାନ ଚିତା, ରାହୁରେଖା ଓଲାଗି କରାଯିବ। ଅଣସର ନୀତିପାଇଁ ଯଥେଷ୍ଟ ସମୟ ମିଳିବ। ଏହାକୁ ନଜରରେ ରଖି ଦଇତାପତି ନିଯୋଗ ମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦେଇଛି। ମନ୍ଦିର ପ୍ରଶାସନ ଛତିଶା ନିଯୋଗ ସହ ଆଲୋଚନା କରି ଏଦିଗରେ ନିଷ୍ପତ୍ତି ନେବ ବୋଲି କହିଛନ୍ତି ବିନାୟକ।

# ପୂଜା, ଶାନ୍ତି କମିଟିର ସହଯୋଗ ଲୋଡ଼ା

କଟକ ଅଫିସ,୧୬।୫

**କଟକରେ କୋଭିଡ୍ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା**

- **ଗୃହ ସଙ୍ଗରୋଧରେ ରହିପାରିବେ ପ୍ରବାସୀ**
- **ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଘୃଣା କରନାହିଁ**

କଟକ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଧୀରେଧୀରେ ବଢ଼ିବାରେ ଲାଗିଛି। ଏହାର ମୁକାବିଲା ପାଇଁ କେବଳ ପ୍ରଶାସନିକ କଳ ଯଥେଷ୍ଟ ନୁହେଁ। ସ୍ଥାନୀୟ ପୂଜା କମିଟି ଏବଂ ଶାନ୍ତି କମିଟିର ସହଯୋଗ ଆବଶ୍ୟକ। କଟକ ଜିଲା ପାଇଁ କୋଭିଡ୍ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇଥିବା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଏବଂ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର ଏହା କହିଛନ୍ତି। କଟକ ଜିଲା ଗସ୍ତ ବେଳେ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସେମାନେ ପ୍ରବାସୀ ଫେରନ୍ତା, ସଙ୍ଗରୋଧ ଓ ଲକ୍ଡାଉନ୍ ପରବର୍ତ୍ତୀ ଅର୍ଥନୈତିକ ମାନ୍ଦାବାସ୍ଥାର ମୁକାବିଲା ପାଇଁ ଆଲୋଚନା କରିଛନ୍ତି।

ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂକ୍ରମଣକୁ ଭୟ ନ କରି ସଚେତନତାର ସହ ପଦକ୍ଷେପ ନେବା ଓ ସାମାଜିକ ଦୂରତାକୁ ଦୁଇ ଅଧିକାରୀ ଗୁରୁତ୍ୱ ଦେଇଥିଲେ। ଲକ୍ଷଣ ଥିବା ଲୋକଙ୍କ ପ୍ରତି ଘୃଣା ମନୋଭାବ ନ ରଖି ସେମାନଙ୍କ ପ୍ରତି ସମବେଦନା ରଖିବା ଆବଶ୍ୟକ। ପ୍ରବାସୀ ଫେରନ୍ତାମାନେ ସରକାରୀ ସଙ୍ଗରୋଧ ସହ ଗୃହ ସଙ୍ଗରୋଧରେ ମଧ୍ୟ ରହିପାରିବେ। ସେହିପରି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କରୋନା ଏବଂ ଗୃହ ସଙ୍ଗରୋଧ ଉପରେ ଆଲୋକପାତ କରିଥିଲେ। କରୋନା ଲଢ଼େଇରେ ଜିଲା ପ୍ରଶାସନ ପ୍ରଶଂସନୀୟ କାର୍ଯ୍ୟ କରୁଛି। ରାଜ୍ୟ ବାହାରୁ ଆସୁଥିବା ସମସ୍ତ ପ୍ରବାସୀଙ୍କୁ ସଙ୍ଗରୋଧରେ ରଖିବାରେ ସଫଳ ହୋଇଛୁ। ଫଳରେ ଜିଲାରେ କରୋନାକୁ ପ୍ରତିହତ କରାଯାଇ ପାରିଛି ବୋଲି କମିଶନର କହିଛନ୍ତି।

ପ୍ରାରମ୍ଭରେ ଜିଲାପାଳ ଚୟନୀ ରାଜ୍ୟ ବାହାରୁ କଟକ ବ୍ୟତୀତ ଅନ୍ୟ ଜିଲାକୁ ଫେରୁଥିବା ଶ୍ରମିକଙ୍କ ପାଇଁ ପ୍ରଶାସନ ନେଉଥିବା ପଦକ୍ଷେପ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ କହିଥିଲେ। କଟକ ମହାନଗର ନିଗମର କମିଶନର ଅନନ୍ୟା ଦାସ ଏହି ବୈଠକରେ ଗୃହ ସଙ୍ଗରୋଧ ଓ ତାହାର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ୍, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ସବୁ କ୍ଷେତ୍ରରେ ପ୍ରଶାସନକୁ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଟକ ଡିସିପି ଅଖିଳେଶ୍ୱର ସିଂ, ଗ୍ରାମାଞ୍ଚଳ ଏସ୍ପି ରାଧା ବିନୋଦ ପାଣିଗ୍ରାହୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅବଦଲ ଅଖତର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଜୟକୁମାର ଖଣ୍ଡାୟତରାୟ, ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଶାନ୍ତି ଓ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ।



କଟକରେ କୋଭିଡ୍ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ।

# ପ୍ରସ୍ତୁତ ହେଲାଣି ୧୫ ଚକ

ପୁରୀ ଅଫିସ,୧୬।୫

ଜୁନ୍ ୨୩ରେ ରଥଯାତ୍ରା। ଏହାକୁ ଦୃଷ୍ଟିରେ ରଖି ରଥଖଳାରେ ରଥ ନିର୍ମାଣ କାମ ଆଗେଇ ଚାଲିଛି। ବିଳମ୍ବରେ କାମ ଆରମ୍ଭ ହୋଇଥିବାରୁ କିପରି ଠିକଣା ସମୟରେ ତିନିରଥ ପ୍ରସ୍ତୁତ ହୋଇଯିବ ସେଥିପାଇଁ ଦିନରାତି ଲାଗିପଡ଼ିଛନ୍ତି ରଥ ନିର୍ମାଣରେ ସମ୍ପୃକ୍ତ ସେବକ। ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କ ଦିଗ୍ଦର୍ଶନ ଅନ୍ୟ ମହାରଣାମାନେ ଭୋଇ ସେବକଙ୍କ ସହାୟତାରେ ରଥ ତିଆରି କାମ ଚାଲିଛି। ସେହିପରି ରୂପକାର ସେବକମାନେ ବିଭିନ୍ନ ପ୍ରକାର ଖୋଦେଇ କାମ ଜାରି ରଖିଥିବା ବେଳେ ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳାରେ କମାର ସେବକମାନେ ବିଭିନ୍ନ ପ୍ରକାର କଣ୍ଟା, ବଳା, ପନ୍ଦାରୀ ଆଦି ତିଆରି କରୁଛନ୍ତି। ଶନିବାର ସୁଦ୍ଧା ରଥଖଳାରେ ୧୫ଟି ଚକ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯାଇଛି। ଆହୁରି ୨୭ଟି ଚକ କିପରି ଯୁଦ୍ଧକାଳୀନ ଭିତ୍ତିରେ ଶେଷ ହେବ ସେଥିରେ ଲାଗିପଡ଼ିଛନ୍ତି ମହାରଣା ସେବକ। ଏହାବ୍ୟତିତ ଓରା ବିନ୍ଧ କରାଯାଇଥିବାବେଳେ ପୋଟଳ ଓରା, ପୋଟଳ ପାରେଣି ତିଆରି ସରିଛି। ୮ଟି ଭୂଇଁ ଖମ୍ବି ମଧ୍ୟ ତିଆରି ସରିଥିବା ଜଣାପଡ଼ିଛି। ତେବେ ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥଖଳା ଭିତରକୁ କିପରି ପାଣି ନ ପଶିବ ସେଥିଲାଗି ଚାରିପଟେ ଇଟା ସିମେଣ୍ଟ ବନ୍ଧ କରାଯାଇଛି। ସେହିପରି ରଥଖଳା ଉପରେ ପାଲ ମଧ୍ୟ ପକାଯାଇଛି।






# ଆପୋଲୋରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଶନିବାର ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ୧୯ବର୍ଷୀୟ ଜଣେ ଯୁବତୀଙ୍କ ଦୁଇଟି ଗର୍ଭାଶୟ, ଦୁଇଟି ଗୁପ୍ତାଙ୍ଗ ଓ ଦୁଇଟି ସର୍ଭିକ୍ସକୁ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି। ହସ୍ପିଟାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ଜି.ଏସ୍.ଏସ୍ ମହାପାତ୍ରଙ୍କ ନେତୃତ୍ୱରେ ଏକ ଦଳ ଏହି ଅସ୍ତ୍ରୋପଚାର କରିଥିଲେ। ଚିକିତ୍ସା ଇତିହାସରେ ଓଡ଼ିଶାରେ ଏହା ପ୍ରଥମ ବୋଲି ହସ୍ପିଟାଲ ପକ୍ଷରୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଯୁବତୀଙ୍କ ପେଟର ତଳ ଭାଗରେ ଯନ୍ତ୍ରଣା ହେଉଥିଲା। ତାଙ୍କର ଯେବେଠୁ ଋତୁସ୍ରାବ ହେଲା ସେବେଠାରୁ ସେ ପ୍ରବଳ କଷ୍ଟ ଅନୁଭବ କରୁଥିଲେ। ଏଥିପାଇଁ ସେ ୮ ବର୍ଷ ତଳେ ଜଣେ ଡାକ୍ତରଙ୍କ ପରାମର୍ଶରେ ଲାପାରୋସ୍କୋପିକ୍ ପଦ୍ଧତି ଆପଣାଇଥିଲେ। ସେ ସମୟରେ ତାଙ୍କର ଡାହାଣ ପାର୍ଶ୍ୱରେ କିଡ୍ନୀ ନ ଥିବା ଜଣାପଡ଼ିଥିଲା। ଚିକିତ୍ସା କରାଯିବା ଫଳରେ କିଛି ଦିନ ପାଇଁ ସେହି ଯନ୍ତ୍ରଣା ବନ୍ଦ ହୋଇଯାଇଥିଲା। ପୁନର୍ବାର ସମାନ ସମସ୍ୟା ଦେଖାଯିବା ସହ ଅଧିକ ଯନ୍ତ୍ରଣା ହେବାରୁ ସେ ଆପୋଲୋକୁ ଆସିଥିଲେ। ଏଠାରେ ସେ ଅଲଟ୍ରା ସାଉଣ୍ଡ କରିବା ପରେ ତାଙ୍କର ଦୁଇଟି ଗର୍ଭାଶୟ ଥିବା ରିପୋର୍ଟରୁ ଜଣାପଡ଼ିଥିଲା। ତେବେ ଏମ୍ଆରଆଇ ରିପୋର୍ଟ ଡାକ୍ତରଙ୍କୁ ଚକିତ କରିଥିଲା। ଦୁଇଟି ଗର୍ଭାଶୟ ସହ ତାଙ୍କର ଦୁଇଟି ଗୁପ୍ତାଙ୍ଗ ଓ ଗର୍ଭାଶୟର ନିମ୍ନ ଭାଗରେ ଥିବା ସର୍ଭିକ୍ସ ମଧ୍ୟ ଦୁଇଟି ଥିଲା। ତେବେ ତାଙ୍କର ବାମ ପଟେ ଋତୁସ୍ରାବ ହେଉଥିଲା ଓ ଡାହାଣ ପଟ ବନ୍ଦ ହୋଇଯାଇଥିଲା। ଫଳରେ ଡାହାଣ ପଟେ ରକ୍ତ ଜମା ହୋଇ ଏକ ମାଂସ ପିଣ୍ଡୁଳା (ପେଲ୍ଭିକ୍ ମାସ୍) ହୋଇଯାଇଥିଲା। ଏଭଳି ଜଟିଳ ସମସ୍ୟା ଥିବା ସତ୍ତ୍ୱେ ଡା. ମହାପାତ୍ରଙ୍କ ନେତୃତ୍ୱରେ ଡାକ୍ତରୀଦଳ ସଫଳତାର ସହ ଅସ୍ତ୍ରୋପଚାର କରିଥିଲେ। ଏହି ସଫଳ ଅସ୍ତ୍ରୋପଚାର ପରେ ଆପୋଲୋ ହସ୍ପିଟାଲ ଗ୍ରୁପ୍ର ସେଣ୍ଟ୍ରାଲ ରିଜିଅନ୍ର ଆଞ୍ଚଳିକ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧୀର ଏମ୍ ଦିଗିକର ଡାକ୍ତରୀ ଦଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।।

## ସଂକ୍ଷେପରେ

### ଜଳେଶ୍ୱର ଉପକାରାଗାରରୁ ବିଚାରାଧୀନ ବନ୍ଦୀ ଚମ୍ପଟ

ଜଳେଶ୍ୱର, ୧୬।୫(ସ୍ୱ.ପ୍ର.): ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଜଳେଶ୍ୱର ଉପକାରାଗାରରୁ ଶନିବାର ଅପରାହ୍ନ ୨ଟା ବେଳେ ଜଣେ ବିଚାରାଧୀନ ବନ୍ଦୀ ଚମ୍ପଟ ମାରିଥିବା ଚର୍ଚ୍ଚା ହେଉଛି। ସେ ଏକ ଲାପଟପ୍ ଚୋରି ମାମଲା (ନଂ. ୧୬୩/୨୦)ରେ ୨ଦିନ ତଳେ ଜେଲକୁ ଆସିଥିଲେ। ତାଙ୍କ ନାମ ପ୍ରିୟବ୍ରତ ମହାପାତ୍ର, ଘର ଜଳେଶ୍ୱର ବ୍ଲକର ନାମ୍ପୋ ଗ୍ରାମରେ। ଏ ସମ୍ପର୍କରେ ସବ୍‌ଜେଲ କର୍ତ୍ତୃପକ୍ଷ କହିଛନ୍ତି ଯେ, ସେ ଦୁଇଦିନ ପୂର୍ବେ ଜେଲ୍‌କୁ ଆସିଥିଲେ। ଆସିବା ସମୟରେ ନିଶାସେବନ କରିଥିଲେ। ତେବେ ଜେଲ ଭିତରେ କେଉଁଠି ଲୁଚି ଥାଇପାରନ୍ତି କି ଫେରାର ହୋଇଯାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚାଲିଛି।

# ବରା ବେପାର ବନ୍ଦ

- ୨ମାସ ହେଲା ଦୋକାନରେ ଝୁଲୁଛି ତାଲା
- ଦୁର୍ଦ୍ଦିନରେ ଢେଙ୍କାନାଳର ଶତାଧିକ ବ୍ୟବସାୟୀ

ଢେଙ୍କାନାଳ ଅଫିସ, ୧୬।୫



ଢେଙ୍କାନାଳର ପ୍ରସିଦ୍ଧ ବରା ଉପରେ ଲାଗିଛି କରୋନା ନଜର। ଦୁଇମାସ ହେଲା ଦୋକାନରେ ଝୁଲୁଛି ତାଲା। ଲକ୍‌ଡାଉନ୍ କଟକଣାରେ ବନ୍ଦ ହୋଇଯାଇଛି ବେପାର। ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି ଶତାଧିକ ବ୍ୟବସାୟୀଙ୍କ ଭାଗ୍ୟ ଓ ଭବିଷ୍ୟତ। ଏସବୁ ଭିତରେ କେବେ କଣକଣା ହଟିବ ଏବଂ ପୁଣି ଥରେ ବରା ବ୍ୟବସାୟ ସ୍ୱାଭାବିକ ହେବ ସେହିଦିନକୁ ଅପେକ୍ଷା କରିଛନ୍ତି ବ୍ୟବସାୟୀ।

ରାଜ୍ୟରେ ଢେଙ୍କାନାଳ ବରାର ସ୍ଥାନ ସ୍ୱତନ୍ତ୍ର। ବିଦେଶୀ ପର୍ଯ୍ୟଟକ ମଧ୍ୟ ଏହାର ମୋହରେ ପଡ଼ିଥିବା ନଜିର ରହିଛି। ବିରି, ପିଆଜ, କଞ୍ଚାଲଙ୍କା, ଧନିଆପତ୍ର, ଅଦା, ଭୃସୁଙ୍ଗପତ୍ରକୁ ନେଇ ପ୍ରସ୍ତୁତ ବରା ସାଙ୍ଗକୁ ଆଳୁଦମ, ଘୁଗୁନିର ମଜା ନେବାକୁ ସକାଳ ସନ୍ଧ୍ୟାରେ ଦୋକାନ ଆଗରେ ଭିଡ଼ ଜମେ। କିନ୍ତୁ ଲକ୍‌ଡାଉନ୍ ଘୋଷଣା ହେବାପରେ ଢେଙ୍କାନାଳ ସହରରେ ବରା ବ୍ୟବସାୟୀଙ୍କ ହାତ ବନ୍ଦ ହୋଇଯାଇଛି। ଏଥିରେ ୫୦ ବଡ ଦୋକାନୀ ଏବଂ ଶତାଧିକ କ୍ଷୁଦ୍ର ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବରାକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରି ପରିବାର ଚଳାଉଥିବା ଉଠା ଦୋକାନୀମାନେ ସକାଳେ ଏବଂ ଅପରାହ୍ନରେ ୨ଘଣ୍ଟା ଲେଖାଏ ବେପାର କରି ବେଶ୍ ଦୁଇପଇସା କମାଉଥିଲେ। ସେମାନଙ୍କ ଆର୍ଥିକ ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। କ୍ଷତିଗ୍ରସ୍ତ ବରା ବ୍ୟବସାୟୀ ଏବଂ ମିଠା ଦୋକାନୀମାନେ ପୁଣି ଥରେ ବ୍ୟବସାୟ ଆରମ୍ଭ କରିବା ଲାଗି ଅନୁମତି ଦେବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ଭେଟି ଗୁହାରି କରିଥିଲେ। ହେଲେ ୧୭ ତାରିଖ ପରେ ପରିବର୍ତ୍ତିତ ଲକ୍‌ଡାଉନ୍ ନିୟମ ଆଧାରରେ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି।

### କଟକଣା ଲାଗି ବିପଦରେ ଜୀବିକା



“୧୦୦ ବର୍ଷ ହେଲା ଢେଙ୍କାନାଳର ବରା ପାରମ୍ପରିକ ଖାଦ୍ୟ ଭାବେ ପରିଚିତି ହାସଲ କରିଛି। ୧୯୨୮ରେ ଜିଲା କାର୍ଯ୍ୟାଳୟ ନିର୍ମାଣ ହେବା ସମୟରେ ଜେଜେବାପା ଟୋକେଇରେ ବରାନେଇ ବୁଲିବୁଲି ବିକ୍ରି କରୁଥିଲେ। ଏବେ ଗଣେଶ ବଜାରରେ ସକାଳେ ୨ଘଣ୍ଟା ଓ ଅପରାହ୍ନରେ ୨ଘଣ୍ଟା ବରା ବ୍ୟବସାୟ କରୁଥିଲୁ। କିନ୍ତୁ କରୋନା ପାଇଁ ଘୋଷିତ ଲକ୍‌ଡାଉନ୍ କଟକଣା ଜୀବିକାକୁ ବିପଦରେ ପକାଇଛି।

–ସର୍ବେଶ୍ୱର ସାହୁ

### ଆର୍ଥିକ ସମସ୍ୟା ବଢୁଛି



“କଟକଣା ଲାଗୁ ହେବା ଆଗରୁ ଦିନକୁ ୫୦କେଜି ବିରିରେ ବରା ତିଆରି ହେଉଥିଲା। ଏବେ ବେପାର ପୂରା ବନ୍ଦ ହୋଇଯାଇଛି। ମାସକୁ ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତି ହେଉଛି। ଦୋକାନରେ କାମ କରୁଥିବା କାରିଗର, କର୍ମଚାରୀ ହାତବାନ୍ଧି ବସିଛନ୍ତି। ଲୋକମାନେ ଆସି ବରା ହେଉଛି କି ନାହିଁ ପଚାରୁଛନ୍ତି। କିନ୍ତୁ ନିୟମ ଯୋଗୁ ଦୋକାନ ଖୋଲୁନି। ଦିନକୁ ଦିନ ଆର୍ଥିକ ସମସ୍ୟା ବଢ଼ିବାରେ ଲାଗିଛି।

–ପ୍ରସିତ୍ କୁମାର ସାହୁ

# ଆଣ୍ଟିବଡ଼ି ବି ଶତ୍ରୁ ପାଲଟେ

ୱାଶିଂଟନ/ନୂଆଦିଲ୍ଲୀ, ୧୬।୫

କରୋନା ସଂକ୍ରମଣରେ ମଣିଷ ଶରୀର ପାଇଁ ରୋଗ ପ୍ରତିରୋଧକ ଶକ୍ତି କିଭଳି ଶତ୍ରୁ ପାଲଟିଥାଏ ସେ ନେଇ ଏକ ଗବେଷଣାତ୍ମକ ରିପୋର୍ଟ ଲାନ୍‌ସେଟ୍ ପତ୍ରିକାରେ ପ୍ରକାଶ ପାଇଛି। ମଣିଷର ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ ଥିଲେ ବାହାରର କୌଣସି ରୋଗ ସୃଷ୍ଟିକାରୀ ଅଣୁଜୀବ ବା ଆଣ୍ଟିଜେନ୍ ଶରୀରରେ କିଛି କ୍ଷତି କରି ନ ଥାଏ। କିନ୍ତୁ ବେଳେବେଳେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ଆଣ୍ଟିବଡ଼ି ବାହାରର ଅଣୁଜୀବ ସହିତ ଲଢ଼େଇ ନ କରି ନିଜ ଶରୀର ବିରୋଧରେ ଲଢ଼ିଥାଏ। କରୋନା ସଂକ୍ରମଣ କ୍ଷେତ୍ରରେ ଏଭଳି ସ୍ଥିତି ସୃଷ୍ଟି ହୋଇଥାଏ। ଏଥିରେ ଆଣ୍ଟିବଡ଼ି ଆଣ୍ଟିଜେନ୍ ସହିତ ମିଶି ଶରୀର ବିରୋଧରେ ଲଢ଼ିଥାଏ। ଶରୀରର ଆଣ୍ଟିବଡ଼ି ଏଭଳି ସ୍ଥିତିରେ ଫୁସ୍‌ଫୁସ୍ ନିକଟରେ ଜମା ହୋଇରହିଥାଏ। ଏହାକୁ ଡାକ୍ତରୀ ଭାଷାରେ ସାଇଟୋକାଇନ୍ ଷ୍ଟର୍ମ କୁହାଯାଏ। ଆଣ୍ଟିବଡ଼ି କୋଷିକା ଫୁସ୍‌ଫୁସ୍‌ର ସୂକ୍ଷ୍ମ ରକ୍ତବାହୀ ନଳୀରେ କ୍ଷତ ସୃଷ୍ଟି କରେ। ଫଳରେ ରକ୍ତ ବୋହିବା ସହ ଜମାଟ ବାନ୍ଧିଯାଏ। ଏହା ଜାରି ରହିଲେ ଧୀରେଧୀରେ ଶରୀରର ରକ୍ତଚାପ କମିବାକୁ ଲାଗେ। ଏହାର ପ୍ରଭାବରେ ହାର୍ଟ, କିଡ୍‌ନୀ, ଫୁସ୍‌ଫୁସ୍, ଲିଭର ଆଦି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସ୍ୱାଭାବିକ ଭାବେ କାମ କରିବା ବନ୍ଦ କରିଦେଇଥାନ୍ତି। ଏଭଳିସ୍ଥିତି କରୋନା ସଂକ୍ରମଣରେ ସୃଷ୍ଟି ହୋଇଥାଏ। ଶରୀର ତାପମାତ୍ରା ବଢ଼ିବା ସହିତ ମୁଣ୍ଡବିନ୍ଧା ଆରମ୍ଭ ହୋଇଥାଏ। ଚାଇନାର ଉହାନରେ କରୋନା ସଂକ୍ରମିତଙ୍କଠାରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିବା ଚିକିତ୍ସକମାନେ ସୂଚନା ଦେଇଛନ୍ତି। କିଛି ସଂକ୍ରମିତଙ୍କ ଉପରେ ପରୀକ୍ଷା କରି ଚିକିତ୍ସକ ଜାଣିପାରିଥିଲେ ଯେ, ସେମାନଙ୍କଠାରେ ଆଇଏଲ୍-୨ ଏବଂ ଆଇଏଲ୍-୬ ସାଇଟୋକାଇନ୍ ଷ୍ଟର୍ମର ଲକ୍ଷଣ ରହିଥିଲା। ବହୁ ମୃତକଙ୍କଠାରେ ଆଇଏଲ୍-୬ ସିଆର୍‌ପି ସାଇଟୋକାଇନ୍ ଷ୍ଟର୍ମ ଅଧିକ ଥିବା ମଧ୍ୟ ଜଣାପଡ଼ିଥିଲା। ସେହିପରି ଆମେରିକାରେ କରୋନା ସଂକ୍ରମିତ ଏବଂ ମୃତକଙ୍କଠାରେ ବି ଏହା ଦେଖିବାକୁ ମିଳିଛି। କରୋନା ସଂକ୍ରମଣରେ ଶରୀରର ରୋଗପ୍ରତିରୋଧକ କ୍ଷମତା ହିଁ ଫୁସ୍‌ଫୁସ୍‌ର ଫାଇବ୍ରୋସିସ୍‌କୁ କମ୍ ସମୟ ମଧ୍ୟରେ ନଷ୍ଟ କରିଦିଏ। ୧୯୧୮ରେ ଦେଖାଦେଇଥିବା ଫ୍ଲୁ ଏବଂ ୨୦୦୩ରେ ସାର୍ସ ମହାମାରୀରେ ମଧ୍ୟ ସାଇଟୋକାଇନ୍ ଷ୍ଟର୍ମ ଯୋଗୁ ରୋଗପ୍ରତିରୋଧକ ଶକ୍ତି ଶରୀରର କ୍ଷତି କରିଥିଲା। ଏଚ୍-



୧ଏନ୍-୧ ସ୍ୱାଇନ୍ ଫ୍ଲୁରେ ମଧ୍ୟ ଏଭଳି ହୋଇଥିବା ବିଶେଷଜ୍ଞ ମତପୋଷଣ କରିଛନ୍ତି। ରୋଗପ୍ରତିରୋଧକ କ୍ଷମତାକୁ ଶାନ୍ତ କରି ସ୍ୱାଭାବିକ କରିବା ଲାଗି ଷ୍ଟିରଏଡ୍‌ର ବ୍ୟବହାର କରାଯାଇଥାଏ। ତେବେ କରୋନା ସଂକ୍ରମଣ କ୍ଷେତ୍ରରେ ଷ୍ଟିରଏଡ୍‌ର ବ୍ୟବହାର କେତେ ସଫଳ ହେଉଛି ସେନେଇ ଗବେଷଣା ଜାରି ରହିଛି। ଶରୀରରେ ସାଇଟୋକାଇନ୍ ଷ୍ଟର୍ମ ସୃଷ୍ଟି ହୋଇଥିବା ଡାକ୍ତର ସହଜରେ ଜାଣିପାରି ନ ଥାନ୍ତି। ଏହା ଜଣାପଡ଼ିବା ବେଳକୁ ଶରୀରର କ୍ଷତି ହୋଇସାରିଥାଏ। ଏକ୍ଷେତ୍ରରେ ଟୋସିଲିଜୁମାବ୍ ବେଶ୍ ସଫଳତାର ସହିତ କାମ କରିଥାଏ ବୋଲି ବିଶେଷଜ୍ଞ ମତପୋଷଣ କରନ୍ତି।

# ଶ୍ରମିକଙ୍କ ଗତିବିଧି ଉପରେ ନଜର ରଖିବ ଅନ୍‌ଲାଇନ ପୋର୍ଟାଲ

ନୂଆଦିଲ୍ଲୀ, ୧୬।୫(ପି.ଟି.)

ଦାଦନ ଶ୍ରମିକମାନଙ୍କ ଉପରେ ନଜର ରଖିବା ସହ ସେମାନେ କିପରି ନିଜ ରାଜ୍ୟରେ ସୁବିଧାରେ ପହଞ୍ଚିବେ ସେଥିପାଇଁ କେନ୍ଦ୍ର ସରକାର ଶନିବାର ଅନ୍‌ଲାଇନ ଡ୍ୟାସ୍‌ବୋର୍ଡ ଶୁଭାରମ୍ଭ କରିଛନ୍ତି। ଲକ୍‌ଡାଉନ ସମୟରେ ଥିବା ଶ୍ରମିକମାନଙ୍କୁ ଏହି ପୋର୍ଟାଲ ମାଧ୍ୟମରେ ଠାବ କରାଯାଇପାରିବ। ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖି ଦାଦନ ଶ୍ରମିକମାନଙ୍କୁ ନିଜ ରାଜ୍ୟକୁ ବସ୍ ଓ ଶ୍ରମିକ ସ୍ପେଶିଆଲ ଟ୍ରେନ୍‌ରେ ଫେରିବାକୁ ଅନୁମତି ଦିଆଯାଇଥିବା କହିଛନ୍ତି। ଦାଦନଙ୍କ ଯାତାୟାତ ସମ୍ପର୍କିତ ସୂଚନା ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ଉକ୍ତ ଅନ୍‌ଲାଇନ ଡ୍ୟାସ୍‌ବୋର୍ଡ ନ୍ୟାଶନାଲ ମାଇଗ୍ରାଣ୍ଟ ଇନ୍‌ଫର୍ମେଶନ ସିଷ୍ଟମ (ଏନ୍‌ଏମ୍‌ଆଇଏସ୍) ପ୍ରସ୍ତୁତ କରିଛି। ଫେରୁଥିବା ଶ୍ରମିକଙ୍କ ତଥ୍ୟ ଉକ୍ତ ପୋର୍ଟାଲରେ ରହିବ ଓ ଏ ସମ୍ପର୍କରେ ସମ୍ପୃକ୍ତ ରାଜ୍ୟକୁ ଜଣାଇଦିଆଯିବ।

# ଚିକିତ୍ସା ଅଭାବରୁ ଆଖି ବୁଜିଲେ ଦାଦନ

ମାଲକାନଗିରି, ୧୬।୫(ଡି.ଏନ.ଏ.)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ସେରପାଲି ପଞ୍ଚାୟତର ପଦରାଗୁଡ଼ା ଗ୍ରାମର ଦଶରଥ କୁରାମୀଙ୍କ ପୁଅ ବାସୁଦେବ କୁରାମୀ କାମ କରିବା ପାଇଁ ତେଲଙ୍ଗାନା ଯାଇଥିଲେ। ସେଠାରେ ଛାତିରେ ଯନ୍ତ୍ରଣା ହେବାରୁ ଗୁରୁବାର ରାତିରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ହେଲେ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ତାଙ୍କର ମୃତ୍ୟୁ ହୋଇଛି। ଖବରରୁ ଜଣାପଡିଛି ବାସୁଦେବ ୩ ମାସ ତଳେ ତେଲଙ୍ଗାନା ଯାଇ ସୀତାପେଟାଠାରେ ରହି କାମ କରୁଥିଲେ। ଗୁରୁବାର ରାତିରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଚିକିତ୍ସା ସୁବିଧା ମିଳି ନ ଥିଲା। ପରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସି ନ ଥିଲା। ନିଜ ଗ୍ରାମକୁ ଆସିବା ପାଇଁ କୌଣସି ବିକଳ୍ପ ନ ଥିବାରୁ ବାଧ୍ୟ ହୋଇ ସାଥୀ ଶ୍ରମିକମାନେ ଏକ ପୁରୁଣା ମୋଟରସାଇକେଲ କିଣି ବାସୁଦେବଙ୍କୁ ଧରି ନିଜ ଗ୍ରାମକୁ ଫେରିବାକୁ ଚାହିଁଥିଲେ। ସେଥିପାଇଁ ମଧ୍ୟ ସେମାନଙ୍କୁ ଅନୁମତି ମିଳି ନ ଥିଲା। ଫଳରେ ସେଠାରେ ବାସୁଦେବଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହ ଧରି କିଛି ବାଟ ଆସିବା ପରେ ଏକ ଆମ୍ବୁଲାନ୍ସ କରି ଆସିଥିଲେ। ମାତ୍ର ମାଲକାନଗିରି ଜିଲାର ପ୍ରବେଶପଥ ମୋଟୁଠାରେ ସେମାନଙ୍କୁ ଜିଲା ଭିତରେ ମୃତଦେହ ନେବାକୁ ଅନୁମତି ମିଳି ନ ଥିଲା। ଫଳରେ ସେମାନେ ଚିତ୍ରକୋଣ୍ଡା ଦେଇ ଅଧିକ ୬୨ କିମି ବୁଲି ଆସିଥିଲେ ବୋଲି ସହକର୍ମୀ ମେଘନାଥ ଢୁରୁକା ଓ ପ୍ରଦୀପ ଦୋରା ଅଭିଯୋଗ କରିଛନ୍ତି। ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି।

## ଖେଳ ଖବର

# ‘ନୂଆ ନିୟମ ବ୍ୟାଟ୍ସମ୍ୟାନଙ୍କୁ ସୁହାଉଛି’

ଚେନ୍ନାଇ, ୧୬।୫



ବର୍ତ୍ତମାନ ପ୍ରଚଳିତ ଏକଦିବସୀୟ କ୍ରିକେଟ ନିୟମକୁ ନେଇ ଅନେକ ସମୟରେ ଚର୍ଚ୍ଚା ହେଉଛି। ସାମ୍ପ୍ରତିକ ନିୟମ ବୋଲରଙ୍କ ଅପେକ୍ଷା ବ୍ୟାଟ୍ସମ୍ୟାନଙ୍କୁ ଅଧିକ ସୁହାଉଛି ବୋଲି ଅନୁଭବ କରୁଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ତଥା ଚୟନ କମିଟି ମୁଖ୍ୟ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ। ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲିଙ୍କ ସମୟରୁ ଦିନିକିଆ କ୍ରିକେଟ ବ୍ୟାଟ୍ସମ୍ୟାନ ସର୍ବସ୍ୱ ହୋଇଯାଇଛି। ଏଥିରେ ବୋଲରଙ୍କ ପାଇଁ ବିଶେଷ ସୁଯୋଗ ନାହିଁ। ‘‘ତେନ୍ଦୁଲକର ଦିନିକିଆରେ ଦୁଇଟି ନୂଆ ବଲ ବ୍ୟବହାରକୁ ପସନ୍ଦ କରିଥିଲେ, ଅର୍ଥାତ୍ ଗେମ୍‌ରୁ ରିଭର୍ସ ସୁଇଂ ଚାଲି ଯାଇଥିଲା। ସେହିପରି ଗାଙ୍ଗୁଲି ମଧ୍ୟ ୨ ନୂଆ ବଲ୍ ସପକ୍ଷରେ ଥିଲେ, ଅର୍ଥାତ୍ ପ୍ରତି ଓଭରରେ ବାଉଣ୍ଡାରି ସମ୍ଭବ। ବ୍ୟାଟ୍ ଓ ବଲ୍‌ର ଲଢ଼େଇ ହେଲେ ଯାଇ ମ୍ୟାଚରେ ରୋମାଞ୍ଚ ଆସିଥାଏ। ଆମ ସମୟରେ ବାଉଣ୍ଡାରି ପାଇଁ ୮୦-୯୦ ମିଟର ଦୂରତ୍ୱ ରଖା ଯାଉଥିଲା। ମାତ୍ର ବର୍ତ୍ତମାନ ତାହା ୭୦-୭୫ ମିଟର ମଧ୍ୟରେ ସୀମିତ ରହୁଛି। ଫଳରେ ବ୍ୟାଟ୍ସମ୍ୟାନଙ୍କ କାର୍ଯ୍ୟ ସହଜ ହୋଇଯାଉଛି’’ ବୋଲି ଶ୍ରୀକାନ୍ତ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ବର୍ତ୍ତମାନ ଏକଦିବସୀୟ କ୍ରିକେଟରେ ପ୍ରତି ଇନିଂସ ଆରମ୍ଭରେ ନୂଆ ବଲ୍ ବ୍ୟବହାର ହେଉଛି। ପଡ଼ିଆ କଟକଣା ରହିବା ସହ ପ୍ରତି ଇନିଂସରେ ୩ଟି ଲେଖାଏ ପାୱାରପ୍ଲେ ସ୍ଥାନ ପାଉଛି। ୧-୧୦ ଓଭର ପାୱାରପ୍ଲେରେ ମାତ୍ର ୨ ଫିଲ୍ଡର ୩୦ ଗଜ ବାହାରେ ରହି ପାରୁଛନ୍ତି। ଦ୍ୱିତୀୟ ପାୱାରପ୍ଲେରେ ୪ ଜଣ ଏବଂ ତୃତୀୟ ପାୱାରପ୍ଲେରେ ୫ ଫିଲ୍ଡର ବାହାରକୁ ଯାଇ ପାରୁଛନ୍ତି। ତାଙ୍କ ସମୟରେ ଏପରି ନିୟମ ଥିଲେ ସେ ନିଶ୍ଚିତ ଅଧିକ ରନ ସଂଗ୍ରହ କରି ପାରିଥାନ୍ତେ ବୋଲି ଶ୍ରୀକାନ୍ତ କହିଛନ୍ତି।

### ଦୁଇଟି ରେକର୍ଡ ଭାଙ୍ଗିପାରିବେ ଜୋକୋଭିଚ୍

ପ୍ୟାରିସ୍, ୧୬।୫ (ଏଏଫ୍‌ପି)

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟେନିସ ଖେଳାଳି ବିବେଚିତ ହେଉଥିବା ସର୍ବିୟାର ନୋଭାକ ଜୋକୋଭିଚ୍ ବିଶ୍ୱର ଦୁଇ ଦୁଇଟି ରେକର୍ଡ ଭାଙ୍ଗିପାରିବେ ବୋଲି ଦମ୍ଭୋକ୍ତି ପ୍ରକାଶ



କରିଛନ୍ତି। କ୍ୟାରିୟର ଶେଷ କରିବା ପୂର୍ବରୁ ଜଣେ ସର୍ବଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜେତା ଭାବେ ନିଜକୁ ପ୍ରମାଣିତ କରିବି। ସେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲରେ ସମସ୍ତଙ୍କୁ ପଛରେ ପକାଇବି ବୋଲି ସେ କହିଛନ୍ତି। ପୁଣି ୧ ନମ୍ବର ସ୍ଥାନରେ ସର୍ବାଧିକ ସପ୍ତାହରେ ରହି ବିଶ୍ୱରେକର୍ଡ ଭଙ୍ଗ କରିବି ବୋଲି ଜୋକୋଭିଚ୍ କହିଛନ୍ତି। ଜୋକୋଭିଜ୍ ଏପର୍ଯ୍ୟନ୍ତ ୧୭ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସେ ରୋଜର ଫେଡରର ୨୦ ଓ ରାଫାଲ ନାଡାଲଙ୍କ ୧୯ଟି ଟାଇଟଲରୁ ଯଥାକ୍ରମେ ୩ ଓ ୨ଟି ପାଦ ଦୂରରେ ରହିଛନ୍ତି। କୋଭିଡ-୧୯ କାରଣରୁ ୨୦୨୦ ସେସନ ବନ୍ଦ ହେବା ପୂର୍ବରୁ ଜୋକୋଭିଚ୍ ତାଙ୍କର ଅଷ୍ଟମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିଲେ ଓ ବିଜୟଧାରାକୁ ୧୮-୦ରେ ପହଞ୍ଚାଇଥିଲେ। ଏହି ଦୁଇଟି ରେକର୍ଡ ଭାଙ୍ଗିବାକୁ ସମର୍ଥ ଓ ଏହା ମୋର ଲକ୍ଷ୍ୟ ବୋଲି ସେ ଦୃଢ଼ତାର ସହ କହିଛନ୍ତି।

# ଅନୁଷ୍କାଙ୍କ ସହ କ୍ରିକେଟ ଖେଳିଲେ କୋହଲି

ନୂଆଦିଲ୍ଲୀ, ୧୬।୫

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ କ୍ରିକେଟ ଖେଳିବା ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଭିଡିଓରେ ଦେଖାଯାଉଛି ଯେ କୋହଲି ନିଜ ମୁମ୍ବାଇ ବାସଭବନରେ କିଛି ସମୟ ଆଉଟଡୋର ଟ୍ରେନିଂ କରିବାପରେ ଅନୁଷ୍କାଙ୍କ ସହ ହାଲ୍‌କା ବ୍ୟାଟିଂ ଅଭ୍ୟାସ କରୁଛନ୍ତି। କୋହଲି ପ୍ରଥମେ ଅନୁଷ୍କାଙ୍କୁ କିଛି ସମୟ ଅଣ୍ଡରଆର୍ମ ବୋଲିଂ କରୁଛନ୍ତି। ଏହାପରେ ଗ୍ଲୋବ୍ସ ପିନ୍ଧି ବ୍ୟାଟିଂ ପାଇଁ ପ୍ରସ୍ତୁତ ହେଉଛନ୍ତି। ଅନୁଷ୍କା ପ୍ରଥମେ ଏକ ବାଉନ୍ସର ପକାଇଥିବାବେଳେ କୋହଲି ତାହାକୁ ଡିଫେଣ୍ଡ କରୁଛନ୍ତି। ପରେ ବଲିଉଡ ଅଭିନେତ୍ରୀ ଫୁଲ୍ ୱାଇଡ୍ ବଲ୍ ପକାଇଛନ୍ତି, ଯାହାକି କୋହଲିଙ୍କଠାରୁ ବହୁ ଦୂରରେ ରହୁଛି। ରିପୋର୍ଟ ଅନୁସାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ଠାରେ ଖେଳାଳିଙ୍କ ପାଇଁ ଏକ ଆଇସୋଲେଶନ କ୍ୟାମ୍ପ ଆୟୋଜନ



ପାଇଁ ଯୋଜନା କରୁଛି। ତେବେ ଲକ୍‌ଡାଉନ୍ ଯୋଗୁ ମୁମ୍ବାଇରେ ରହିଥିବା ରୋହିତ ଶର୍ମା ଓ କୋହଲିଙ୍କ ପରି ଖେଳାଳି ଏଥିରେ ଯୋଗ ଦେଇପାରିବେ ନାହିଁ। ଭାରତୀୟ ଦଳ ଶେଷଥରପାଇଁ ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ମ୍ୟାଚ ଖେଳିଥିଲା।

# ମୁସ୍‌ଫିକରଙ୍କ ବ୍ୟାଟ୍‌ର ମୂଲ୍ୟ ୧୫ ଲକ୍ଷ ଟଙ୍କା

ନୂଆଦିଲ୍ଲୀ, ୧୬।୫(ପି.ଟି.)

ପାକିସ୍ତାନ ପୂର୍ବତନ ଅଲରାଉଣ୍ଡର ତଥା ଅଧିନାୟକ ଶାହିଦ ଆଫ୍ରିଦି ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଛନ୍ତି। ବାଂଲାଦେଶ ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ କୋଭିଡ-୧୯ ମୁକାବିଲା ପାଇଁ ତାଙ୍କ ବ୍ୟାଟ ନିଲାମ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଆଫ୍ରିଦି ଏହି ବ୍ୟାଟ୍‌କୁ ୨୦,୦୦୦ ଆମେରିକୀୟ ଡଲାର ବା ୧୫ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରିଛନ୍ତି। ଗତ ମାସ ବ୍ୟାଟ ନିଲାମ କରିବାକୁ ମୁସ୍‌ଫିକର ଘୋଷଣା କରିଥିଲେ। ଏହି ବ୍ୟାଟ୍‌ରେ ୨୦୧୩ରେ ଶ୍ରୀଲଙ୍କା ବିପକ୍ଷରେ ଦ୍ୱିଶତକ ଅର୍ଜନ କରିଥିଲେ। କରୋନା ମୁକାବିଲା ପାଇଁ ସେ ପାଣ୍ଠି ସଂଗ୍ରହ ଉଦ୍ଦେଶରେ ଏହି ନିଷ୍ପତ୍ତି ନେଇଥିଲେ।

# ଆଫ୍ରିଦିଙ୍କ ବିରୋଧରେ କନେରିଆଙ୍କ ଅଭିଯୋଗ

ନୂଆଦିଲ୍ଲୀ, ୧୬।୫(ପି.ଟି.)



ପାକିସ୍ତାନର ହିନ୍ଦୁ କ୍ରିକେଟର ଡାନିସ କନେରିଆ ଶେଷରେ ମୁହଁ ଖୋଲିଛନ୍ତି। ପୂର୍ବତନ ଅଲରାଉଣ୍ଡର ତଥା ଅଧିନାୟକ ଶାହିଦ ଆଫ୍ରିଦିଙ୍କ ବିରୋଧରେ ସେ ମହା ଅଭିଯୋଗ ଆଣିଛନ୍ତି। ସାରା କ୍ୟାରିୟରରେ ଆଫ୍ରିଦି ମୋତେ ଖରାପ ବ୍ୟବହାର କରିଛନ୍ତି ଓ ମୋ ଦିନିକିଆ କ୍ୟାରିୟର ନଷ୍ଟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି।

ଦ୍ୱିତୀୟ ହିନ୍ଦୁ କ୍ରିକେଟର ଭାବେ କନେରିଆ ପାକିସ୍ତାନ ପାଇଁ ଖେଳିଛନ୍ତି। ପୂର୍ବରୁ ତାଙ୍କ ମାମୁଁ ଅନିଲ ଦଲପତ୍ ପାକିସ୍ତାନ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ। କାନେରିଆ ୩୪. ୭୯ ରନ ହାରରେ ୬୧ଟି ଟେଷ୍ଟରେ ୨୬୧ଟି ଉଇକେଟ ହାସଲ କରିଥିଲେ। ତେବେ ୨୦୦୦ରୁ ୨୦୧୦ ମଧ୍ୟରେ ସେ ଦିନିକିଆ ଫର୍ମାଟରେ ମାତ୍ର ୧୮ଟି ମ୍ୟାଚ୍ ଖେଳିଥିଲେ। ଧାର୍ମିକ କାରଣରୁ ଆଫ୍ରିଦି ତାଙ୍କୁ ସବୁବେଳେ ଖରାପ ବ୍ୟବହାର କରିଛନ୍ତି। ଏହାର ଅନ୍ୟ କୌଣସି କାରଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ପୂର୍ବରୁ ସେ ହିନ୍ଦୁ ହୋଇଥିବାରୁ ଏଭଳି ଅଣଦେଖାର ଶିକାର ହୋଇଥିଲେ ବୋଲି ପାକିସ୍ତାନ ପୂର୍ବତନ ଦ୍ରୁତ ବୋଲର ସୋଏବ ଅଖତର ମନ୍ତବ୍ୟ ଦେଇ ବିବାଦ ସୃଷ୍ଟି କରିଥିଲେ। ଯଦି ଆଫ୍ରିଦି ନ ଥାନ୍ତେ ତା’ହାଲେ ଅଧିକ ସଂଖ୍ୟାରେ ଦିନିକିଆ ଖେଳିପାରି ଥାନ୍ତି ବୋଲି ସେ କହିଛନ୍ତି। ଘରୋଇ କ୍ରିକେଟ ଖେଳିବା ବେଳେ ଆଫ୍ରିଦି ଅଧିନାୟକ ଥିଲେ। ସେ ସବୁବେଳେ ମୋତେ ଦଳ ବାହାରେ ରଖିବାକୁ ପ୍ରୟାସ କରିଥିଲେ। ଦିନିକିଆରେ ମଧ୍ୟ ସେ ଏପରି ଆଚରଣ ପ୍ରଦର୍ଶନ କରିଥିଲେ। ଦିନିକିଆରେ ତାଙ୍କ ଯୋଗୁ ହିଁ ଅଧିକ ମ୍ୟାଚ୍ ଖେଳିପାରି ନ ଥିଲି। ମୁଁ ଜଣେ ଲେଗ୍ ସ୍ପିନର ଥିଲି। ଏହା ମଧ୍ୟ ଅନ୍ୟ କାରଣ ହୋଇପାରେ। ଦଳରେ ଜଣେ ସ୍ପିନର ଖେଳିବେ ଓ ମୋ ଦୁର୍ବଳ ଫିଲ୍ଡିଂକୁ ଏଥିପାଇଁ ଦାୟୀ କରାଯାଉଛି। କିନ୍ତୁ ସେତେବେଳେ ପାକିସ୍ତାନ ଦଳରେ ଭଲ ଫିଲ୍ଡର ନ ଥିଲେ ବୋଲି କନେରିଆ କହିଛନ୍ତି। ତେବେ ଇଞ୍ଜାମାମ ଉଲ ହକ୍ ଓ ୟୁନିସ୍ ଖାଁ ମୋତେ ବହୁତ ସମର୍ଥନ କରିଛନ୍ତି। ସାର୍ବଜନୀନ ଭାବେ ମୋ ବିଷୟରେ ସକାରାତ୍ମକ କଥା କହି ନ ଥିଲେ ମଧ୍ୟ ଇଞ୍ଜାମାମ ମୋତେ ସମର୍ଥନ ଜଣାଇଥିଲେ। ତାଙ୍କ ନେତୃତ୍ୱରେ ଆଗକୁ ବଢ଼ିବାର ସୁଯୋଗ ପାଇଥିଲି ବୋଲି କନେରିଆ କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
Loan Financing Under
PROJECT LOAN
(New/Existing)
ALL TYPE OF PROJECT
(Documentation/ Process)
HOME LOAN
Financing by all Nationalize Bank
Contact
+91-7991021555
+91-6370076363

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ଶ୍ରୀରାମ ଫାଇନାନ୍ସ
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ
ବ୍ୟବସାୟ ଋଣ 2% ସୁଧ
ପ୍ରପର୍ଟି ଋଣ
ମାର୍କସିଟ୍ ଋଣ 50% ଛାଡ଼
ଆଧାରକାର୍ଡ ଋଣ
ପର୍ସନାଲ ଋଣ
ବିପିଏଲ୍ ଋଣ
ଆଦି ସମସ୍ତ ଋଣ
ଋଣ ଧମାକା
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
89029-77099

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍‌ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଧମାକା ଋଣ ଧମାକା ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର
PM ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ବ୍ୟବସାୟ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି | ଗ୍ରୁପ୍ ଋଣ
ଗୃହ ଋଣ | ପଶୁପାଳନ
କମ୍ କାଗଜ-ପତ୍ର କାମ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929883586
8929889612
Shahajahanabad, Bhopal (MP)

GANPATI FINANCE
(Regd Company)
Ganpati ଋଣ ଭରସାର ପ୍ରତିକ
ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
50% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Plot No-7, Knowledge City, Navi Mumbai
7088208559

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଚ୍ଚା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୂଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



ଆଇସ୍‌କ୍ରିମ୍ ଖାଇବାକୁ ପ୍ରାୟ ସମସ୍ତଙ୍କୁ ଭଲ ଲାଗେ । କାହାକୁ ଚକୋଲେଟ୍ ଆଇସ୍‌କ୍ରିମ୍ ତ କାହାକୁ ବଟରସ୍କଚ, ଷ୍ଟ୍ରବେରି ଆଦି ବିଭିନ୍ନ ଫ୍ଲେଭରର ଆଇସ୍‌କ୍ରିମ୍ ପସନ୍ଦ ଆସିଥାଏ । ତେବେ ଆଇସ୍‌କ୍ରିମ୍‌କୁ ନେଇ ଏକ ଟିକ୍ ଟକ୍ ଭିଡିଓ ଏବେ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରିପାରିଛି । ଟିକ୍ ଟକ୍ ଭିଡିଓରେ ବିଲେଇ ଆଇସ୍‌କ୍ରିମ୍ ଖାଇବାବେଳେ ତା'ର ପ୍ରତିକ୍ରିୟା ବେଶ୍ ମଜାଦାର । ସେଥିପାଇଁ ଟିକ୍ ଟକ୍‌ରେ ଏହି ଭିଡିଓକୁ ଏବେ ସୁଦ୍ଧା ୨ ମିଲିୟନ୍‌ରୁ ଅଧିକ ଲୋକ ଦେଖି ସାରିଲେଣି ଏବଂ ହଜାର ହଜାର ସଂଖ୍ୟାରେ ଲୋକେ କମେଣ୍ଟ ବି ଦେଇଛନ୍ତି ।

# ଅତୀତକୁ ମନେ ପକାଇଲେ ଦୀପିକା



ଦୀପିକା ପାଦୁକୋନ

**ମୁମ୍ବାଇ:** ବଲିଉଡ୍ ନାୟିକା ଦୀପିକା ପାଦୁକୋନ ଏବେ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ଥିବା ଦେଖାଯାଇଛି । କିଛିଦିନ ହେବ ସେ କିଛି ପୁରୁଣା ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ଅତୀତର ସ୍ମୃତିକୁ ମନେପକାଉଥିବା କୁହାଯାଉଛି । ନିକଟରେ ସେ ଏମିତି ଏକ ଫଟୋ ଶେୟାର କରିଛନ୍ତି, ଯାହା ଆସିଛି ଚର୍ଚ୍ଚାକୁ । ଯଦିଓ ବଲିଉଡ୍‌ରେ ସେ କିଙ୍ଗ ଖାନ୍ ଶାହାରୁଖଙ୍କ ସହ 'ଓମ୍ ଶାନ୍ତି ଓମ୍' ଫିଲ୍ମ ମାଧ୍ୟମରେ ଏଣ୍ଟ୍ରି କରିଥିଲେ, ଏବେ କିନ୍ତୁ ସେ ଯେଉଁ ଫଟୋ ଅପ୍‌ଲୋଡ କରିଛନ୍ତି ସେଥିରେ ବଲିଉଡ୍ ଆସିବା ପୂର୍ବରୁ ବଲିଉଡ୍‌ର ମିଷ୍ଟର ପର୍‌ଫେକ୍ସନିଷ୍ଟ ଆମିରଙ୍କ ସହ ଥିବା ତାଙ୍କର ସମ୍ପର୍କକୁ ଦେଖିବାକୁ ମିଳିଛି । ଅସଲ କଥା ହେଲା ଦୀପିକା ଏହି ଫଟୋ ଶେୟାର କରିବା ସହ ଯାହା ଲେଖିଛନ୍ତି, ସେଥିରୁ ଜଣାପଡୁଛି ୨୦୦୦ ମସିହା ଜାନୁୟାରୀ ୧ରେ ଆମିର ଖାଁ ତାଙ୍କ ଘରକୁ ଅତିଥି ହୋଇ ଆସିଥିଲେ । ଏହି ସମୟରେ ତାଙ୍କୁ ଖାଇବାକୁ ଦିଆଯାଇଥିବା ବେଳେ ଦୀପିକାଙ୍କୁ ବି ଭୋକ ଲାଗୁଥିଲା ହେଲେ ଆମିର ତାଙ୍କୁ ଖାଇବା ଅଫର କରି ନ ଥିଲେ ବୋଲି ସେ କହିଛନ୍ତି । ଏହାକୁ ନେଇ ସେ ଏବେ ଆମିରଙ୍କୁ ଟ୍ୟାଗ୍ ମଧ୍ୟ କରିଛନ୍ତି । ପିଲାବେଳର ସ୍ମୃତିକୁ ଆଜିବି ମନେ ରଖିଛନ୍ତି ଦୀପିକା । ଉକ୍ତ ଫଟୋରେ ଦୀପିକାଙ୍କ ପୂରା ପରିବାର ନଜର ଆସିଛନ୍ତି ।

# ଶବଗୃହରୁ ଶ୍ମଶାନ ଯାଏ



କରୋନା ମୃତକଙ୍କ ଶେଷକୃତ୍ୟ କରୁଛନ୍ତି ବିଷ୍ଣୁ

**ଜୟପୁର:** ଶବ ସଂରକ୍ଷଣ ଗୃହରେ ୭ବର୍ଷର ଚାକିରି । ମଲା ମଣିଷଙ୍କ ସହିତ ରହିବା, ମୃତଦେହର ଦେଖାରଖା କରିବା ତାଙ୍କ ଲାଗି ନିତିଦିନିଆ କଥା । ତେବେ ମୃତଦେହର ଶେଷକୃତ୍ୟ କରିବା ଲାଗି ତାଙ୍କୁ କେବେ ଯିବାକୁ ପଡ଼ି ନ ଥିଲା ଶ୍ମଶାନ କି କବରଖାନା । ହେଲେ କରୋନା ତାଙ୍କୁ ଟାଣିନେଇଛି ସେହି ଜାଗାକୁ । ଶବାଗୃହରୁ ଶ୍ମଶାନ ଯାଏ କରୋନା ମୃତକଙ୍କ ସାକ୍ଷୀ ପାଲଟିଛନ୍ତି ସେ । ୫୦ଦିନ ଭିତରେ କୋଭିଡ୍-୧୯ରେ ପ୍ରାଣ ହରାଇଥିବା ୬୫ ମୃତକଙ୍କ ଅନ୍ତିମ ସଂସ୍କାର କରି ଉଦାହରଣ ସୃଷ୍ଟି କରିଛନ୍ତି ରାଜସ୍ଥାନ ରାଜ୍ୟ ଜୟପୁରର ବିଷ୍ଣୁ ଗୁଜ୍ଜର ।

୨୭ବର୍ଷୀୟ ବିଷ୍ଣୁ ଜୟପୁରର ସବୁଠାରୁ ବଡ଼ ଡାକ୍ତରଖାନା ଏସ୍‌ଏମ୍‌ଏସ୍ ହସ୍ପିଟାଲର ଶବ ସଂରକ୍ଷଣ ଗୃହ (ମର୍ଚ୍ଚୁରି)ରେ କାମ କରନ୍ତି । କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟୁଥିବା ରୋଗୀଙ୍କ ମୃତଦେହକୁ କବର ଦେବା ଏବଂ ଦାହ କରିବା ଲାଗି ତାଙ୍କୁ ଡ୍ୟୁଟି ଦିଆଯାଇଛି । ଏହାପରେ ସେ ପ୍ରଥମ ଥର ଲାଗି କବରଖାନାରେ ପାଦ ରଖିଥିଲେ । ଏଯାବତ୍ ସେ ଏକାକୀ ୧୬ଜଣ ମୁସ୍‌ଲିମ୍ ବ୍ୟକ୍ତିଙ୍କ ମୃତଦେହକୁ କବର ଦେଇସାରିଲେଣି । ସେହିପରି ୧୦ ମୃତଦେହ ଦାହ କରିସାରିଲେଣି । କେବଳ ଏତିକି ନୁହେଁ, ସାଥୀ କର୍ମଚାରୀଙ୍କ ସହ ମିଶି ଏଯାଏ ୬୫ ମୃତଦେହ ସଂସ୍କାର କରିସାରିଥିବା ବିଷ୍ଣୁ କହିଛନ୍ତି ।

ମୃତଦେହକୁ କବର ଦେବା ସମୟର ଏକ ଲୋମଟାଙ୍କୁରା ଅନୁଭୂତିକୁ ବର୍ଣ୍ଣନା କରି ବିଷ୍ଣୁ କୁହନ୍ତି, ମେ ପ୍ରଥମ ସପ୍ତାହରେ ଏକ ମୁସ୍‌ଲିମ୍ ପରିବାରର ୨ଜଣଙ୍କ ମୃତଦେହ ଆସିଥିଲା । ଦୁହେଁ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ । ହେଲେ କବର ଦେବା ପଦ୍ଧତି ସମ୍ପର୍କରେ ତାଙ୍କର ଧାରଣା ନ ଥିଲା । କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ, କବର ଲାଗି ଖୋଳାଯାଉଥିବା ଗାତ ଅଧିକ ଗଭୀର ହେବା ଜରୁରୀ । ତଦନୁଯାୟୀ ସେ ଗାତ ଖୋଳିବା ଆରମ୍ଭ କରିଥିଲେ । ହେଲେ କିଛି ସମୟ ପରେ ହଠାତ୍ ଅଣନିଃଶ୍ୱାସୀ ହୋଇପଡ଼ିବା ଭଳି ଅନୁଭବ କଲେ । ପିପିଇ କିଟ୍ ପିନ୍ଧିଥିବାରୁ ତାଙ୍କ ଦେହ ଝାଳରେ ବୁଡ଼ିଗଲା । କରୋନାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଭାବନା କ୍ଷଣିକ ଭିତରେ ବ୍ୟସ୍ତବିବ୍ରତ କରିପକାଇଲା । ହାତ ଥରିବାକୁ ଲାଗିଲା । ସେମାନଙ୍କ ପରିଜନଙ୍କୁ କବର ସ୍ଥଳକୁ ଆସିବାକୁ ଅନୁମତି ନ ଥିଲା । ତେଣୁ ଭୟଭୀତ ଅବସ୍ଥାରେ କୌଣସି ମତେ ତାଙ୍କୁ ଏକାକୀ ସମସ୍ତ କାର୍ଯ୍ୟ କରିବାକୁ ପଡ଼ିଥିଲା । କରୋନାରେ ମୃତ୍ୟୁ ଘଟିଥିବା ମୁସ୍‌ଲିମ୍ ବ୍ୟକ୍ତିଙ୍କୁ କବର ଦେବା ପୂର୍ବରୁ ସେମାନଙ୍କ ପରମ୍ପରା ଅନୁଯାୟୀ କିଛି ବାକ୍ୟ ପଢ଼ିବା ପ୍ରଥା ରହିଛି । ମୃତକଙ୍କ ସମ୍ପର୍କୀୟଙ୍କ ମଧ୍ୟରୁ କେହି ଚାହିଁଲେ ଏହା ପାଠ କରିପାରିବେ । ତାଙ୍କୁ ଏଥିଲାଗି ସମ୍ପୂର୍ଣ୍ଣ ସ୍ୱାଧୀନତା ଏବଂ ପର୍ଯ୍ୟାପ୍ତ ସମୟ ଦିଆଯାଇଥାଏ । ତେବେ ମୃତଦେହ ସଂସ୍କାର କରିବା ପରେ ୩-୪ଦିନ ଯାଏ ଖରାପ ସ୍ୱପ୍ନ ଆସିଥାଏ । ରାତିରେ ଠିକ୍ ଭାବେ ନିଦ ହୁଏନାହିଁ ବୋଲି ବୋଲି ବିଷ୍ଣୁ କହିଛନ୍ତି । କରୋନା ସହ ପ୍ରତିଦିନ ମୁହାଁମୁହିଁ ହେଉଥିବା ବିଷ୍ଣୁଙ୍କ ଘରେ ସ୍ତ୍ରୀ, ୩ ବର୍ଷର ଝିଅ ଏବଂ ୬ମାସର ପୁଅ ଅଛନ୍ତି । ହସ୍ପିଟାଲକୁ କରୋନା ରୋଗୀ ଆସିବା ପରେ ତାଙ୍କୁ ଘରକୁ ଯିବାକୁ ଅନୁମତି ମିଳି ନ ଥିଲା । ୪୦ଦିନ ପରେ ସେ ଘରକୁ ଯାଇଥିଲେ । ପରିବାର ଲୋକଙ୍କୁ ସଂକ୍ରମଣ ଆଶଙ୍କା ଥିବାରୁ ମୃତଦେହ ସଂସ୍କାର କରିବା ଦିନ ସେ ଘରକୁ ଯାଇ ନ ଥାନ୍ତି । ନିୟମିତ ବ୍ୟବଧାନରେ ତାଙ୍କରି ସ୍ୱାବ ପରୀକ୍ଷା କରାଯାଉଛି । ନେଗେଟିଭ୍ ରିପୋର୍ଟ ଆସିଲେ ହିଁ ସେ ଘରକୁ ଯାଉଥିବା କହିଛନ୍ତି ।

# କୁକୁରକୁ ଗାଡ଼ି ପାସ୍

**ବେଗୁସରାଇ:** ଲକ୍‌ଡାଉନ୍ ସମୟରେ କୌଣସି ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ସ୍ୱତନ୍ତ୍ର ପାସ୍ ଆବଶ୍ୟକ ହେଉଛି । ଏଭଳି ସ୍ଥିତିରେ କୁକୁରର ଚିକିତ୍ସା ପାଇଁ ପାସ୍ ଯୋଗାଡ଼ କରିବା ନିଶ୍ଚିତଭାବେ କଷ୍ଟକର କାମ । କିନ୍ତୁ ଏହି ପାସ୍ ଯୋଗାଡ଼ କରିବାକୁ ବିହାର ବେଗୁସରାଇ ସ୍ଥିତ ମଞ୍ଝୋଲର ରାଙ୍କି କୁମାର ମାନେକା ଗାନ୍ଧୀଙ୍କ ପାଖକୁ ଯିବାକୁ ବି ପଛାଇ ନ ଥିଲେ । ଶେଷରେ ମାନେକା ଗାନ୍ଧୀଙ୍କ ହସ୍ତକ୍ଷେପ ପରେ ସେ କୁକୁରର ଚିକିତ୍ସା ପାଇଁ ପାଟନା ଯିବାର ଅନୁମତି ପାଇଥିଲେ ।

ରାଙ୍କିଙ୍କ କୁକୁର କିଛିଦିନ ତଳେ ଅସୁସ୍ଥ ହୋଇପଡ଼ିବାରୁ ସେ ନିକଟସ୍ଥ ପ୍ରାଣୀ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ । କିନ୍ତୁ କୁକୁରର ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ସର୍ଜରି ନିମନ୍ତେ ସେହି ଡାକ୍ତରଖାନା ପକ୍ଷରୁ ପାଟନାରେ ଥିବା ବିହାର ଭେଟେରିନାରି ହସ୍ପିଟାଲକୁ ରେଫର କରାଯାଇଥିଲା । କିନ୍ତୁ କୁକୁରକୁ ନେଇ ପାଟନା ଯିବା ପାଇଁ ଗାଡ଼ି ପାସ୍ ନିମନ୍ତେ ସେ ସ୍ଥାନୀୟ ପୋଲିସର ସହାୟତା ଲୋଡ଼ିଥିଲେ । ମାତ୍ର ଏଥିପାଇଁ ତାଙ୍କୁ ପାସ୍ ମିଳି ନ ଥିଲା । ତେଣୁ ସେ ମାନେକା ଗାନ୍ଧୀଙ୍କୁ ଇ-ମେଲ୍ ମାଧ୍ୟମରେ ସାହାଯ୍ୟ ନିମନ୍ତେ ଗୁହାରି କରିଥିଲେ । ଆଉ ଏହି ଗୁହାରି ଫଳପ୍ରଦ ବି ହୋଇଥିଲା । ମାନେକା ଗାନ୍ଧୀଙ୍କ ହସ୍ତକ୍ଷେପ ପରେ କୁକୁରକୁ ପାଟନା ନେବା ପାଇଁ ତାଙ୍କୁ ଅନୁମତି ମିଳିଥିଲା । କୁକୁରର ଅପରେଶନ ହେବା ପରେ ଏବେ ଏହି ପ୍ରସଙ୍ଗକୁ ନେଇ ବେଶ୍ ଚର୍ଚ୍ଚା ହେଉଛି ।



# ୨ ଲକ୍ଷ ଦାନକଲେ ୮୦ ବର୍ଷୀୟ ମହିଳା

**ରୁଦ୍ରପ୍ରୟାଗ:** ମହାମାରୀ କରୋନା ଭୂତାଣୁ ଦେଶବ୍ୟାପୀ ଆତଙ୍କ ସୃଷ୍ଟିକରିଛି । ଏଥିରୁ ମୁକୁଳିବା ଲାଗି ବାଟ ଦିଶୁନି । ଏହି ଅସମୟରେ ଚାରିଆଡୁ ସହଯୋଗର ହାତ ଲମ୍ବିବାରେ ଲାଗିଛି । ସେହିଭଳି କରୋନା ସଂକ୍ରମଣ ସମୟରେ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି ଉତ୍ତରାଖଣ୍ଡ ଅଗସ୍ତମୁନୀର ୮୦ ବର୍ଷୀୟ ମହିଳା ଦର୍ଶନୀ ଦେବୀ । ଡୋଭା-ଡଡୋଲି ଗାଁରେ ରହୁଥିବା ଏହି ବରିଷ୍ଠ ନାଗରିକ ଜଣକ ନିଜର ପେନସନ୍ ଟଙ୍କା ପିଏମ୍ କେୟାର୍ସ ଫଣ୍ଡକୁ ଦାନ କରିବାକୁ ଦୀର୍ଘ ୧୦ କିଲୋମିଟର ଚାଲି ଚାଲି ଯାଇଛନ୍ତି । ଏହି ବୀରାଙ୍ଗନାଙ୍କ ସ୍ୱାମୀ କୁବତର ସିଂ ସୌଥାଣା ୧୯୬୫ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧରେ ଶହୀଦ ହୋଇଯାଇଥିଲେ । ଅନ୍ୟପଟେ ଦର୍ଶନୀଙ୍କ କୌଣସି ସନ୍ତାନ ସନ୍ତତି ମଧ୍ୟ ନାହାନ୍ତି । ତେଣୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଦେଶ ପାଇଁ କିଛି ସହଯୋଗ କରିବା ଲାଗି ଆଗେଇ ଆସିଛନ୍ତି । ସୂଚନାଯୋଗ୍ୟ, ଶୁକ୍ରବାର ଦର୍ଶନୀ ନିଜ ଘରୁ ବାହାରି ପ୍ରାୟ ୧୦ କିଲୋମିଟର ଚାଲି ଚାଲି ଯାଇ ଅଗସ୍ତମୁନିରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ପହଞ୍ଚିଥିଲେ । ଏହାପରେ ସେ ନିଜ ପେନସନ୍ ଟଙ୍କାରୁ ୨ ଲକ୍ଷ ଟଙ୍କା ପିଏମ୍ କେୟାର୍ସ ଫଣ୍ଡକୁ ଦାନ କରିଥିଲେ । ସେ କହିଛନ୍ତି, କରୋନା ମାହାମାରୀ ସହ ଦେଶ ଲଢୁଥିବା ବେଳେ ଅନେକ ଲୋକ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ କିଛି ନା କିଛି ଦାନ କରୁଛନ୍ତି ତେଣୁ ସେ ବି ଏଥିରେ ସାମିଲ ହେବାକୁ ସ୍ଥିର କରିଥିଲେ ଓ ପିଏମ୍ କେୟାର୍ସ ଫଣ୍ଡକୁ ୨ ଲକ୍ଷ ଟଙ୍କା ଦାନ କରିଛନ୍ତି ବୋଲି କହିଛନ୍ତି ।



# ଘରକୁ ଯିବାକୁ ସାଇକେଲ ଚୋରି

## କ୍ଷମା ମାଗି ଚିଠି ଛାଡ଼ିଗଲେ ଶ୍ରମିକ



**ଜୟପୁର:** ଦେଶବ୍ୟାପୀ ଲକ୍‌ଡାଉନ ଜାରି ରହିଥିବା ବେଳେ ପ୍ରବାସୀ ଶ୍ରମିକ ଘରବାହୁଡା ପାଇଁ ଯନ୍ତ୍ରଣାପୂର୍ଣ୍ଣ ଯାତ୍ରା କରୁଛନ୍ତି । ଶହ ଶହ କି.ମି. ପରିବାର ସହ ଘରକୁ ଚାଲି ଚାଲି ଫେରୁଛନ୍ତି । ଏହା ମଧ୍ୟରେ ଜଣେ ଶ୍ରମିକ ଘରକୁ ଆସିବା ପାଇଁ କରିଥିବା କାମ ଏବେ ଚାରିଆଡ଼େ ଚର୍ଚ୍ଚାର ପରିସରକୁ ଆସିଛି । ନିଜର ଭିନ୍ନକ୍ଷମ ପୁଅଙ୍କୁ ଧରି ଗାଁକୁ ବାହାରିଥିବା ବେଳେ ପରିବହନର କୌଣସି ମାଧ୍ୟମ ନ ଥିବାରୁ ସମ୍ପୃକ୍ତ ଶ୍ରମିକ ଜଣଙ୍କ ଘରୁ ଏକ ସାଇକେଲ ଚୋରି କରିଛନ୍ତି । ଆଉ ଏହା ବଦଳରେ ସେଠାରେ କ୍ଷମାପ୍ରାର୍ଥନା କରି ଏକ ଚିଠି ଛାଡି ଯାଇଛନ୍ତି ।

ଘଟଣା ମୁତାବକ, ଉତ୍ତରପ୍ରଦେଶ ରାଜ୍ୟ ବରେଲି ଅଞ୍ଚଳର ମହମ୍ମଦ ଇକ୍‌ବାଲ ଖାନ୍ ନାମକ ଜଣେ ଶ୍ରମିକ ରାଜସ୍ଥାନର ଭରତପୁରରେ କାମ କରୁଥିଲେ । କରୋନା ପାଇଁ ଦେଶସାରା ଲକ୍‌ଡାଉନ ଜାରି ହୋଇଯିବାରୁ ସେ ଘରକୁ ଫେରିପାରି ନ ଥିଲେ । ହେଲେ ପରେ କୌଣସି ମତେ ପ୍ରାୟ ୨୫୦ କି.ମି. ଦୂରରେ ଥିବା ତାଙ୍କ ଘରକୁ ଯିବାକୁ ସ୍ଥିର କରିଥିଲେ । ଏଥିପାଇଁ ସେ ଗତ ସୋମବାର ବିଳମ୍ବିତ ରାତିରେ ଭରତପୁରର ସାହାଣାଭାଲି ଗ୍ରାମର ସାହିବ ସିଂଙ୍କ ଘର ବାହାରେ ଥିବା ଏକ ସାଇକେଲକୁ ନେଇ ଯାଇଥିଲେ । ପରିସ୍ଥିତିରେ ପଡ଼ି ଏପରି କାମ କରୁଥିଲେ ମଧ୍ୟ ନିଜକୁ ଦୋଷୀ ଭାବି ସେ ସାଇକେଲ ମାଲିକଙ୍କୁ କ୍ଷମାପ୍ରାର୍ଥନା କରି ଏକ ଚିଠି ଲେଖିଥିଲେ । ସେଥିରେ ସେ ଉଲ୍ଲେଖ କରିଛନ୍ତି, 'ନମସ୍କାର । ମୁଁ ଆପଣଙ୍କ ସାଇକେଲକୁ ନେଇଯାଉଛି । ଯଦି ସମ୍ଭବ ମୋତେ କ୍ଷମା କର । କାରଣ ମୋ ନିକଟରେ କିଛି ଉପାୟ କି ସମ୍ବଳ ନାହିଁ । ମୋର ଜଣେ ଭିନ୍ନକ୍ଷମ ପୁଅ ଅଛି । ସେ ଚାଲିବାକୁ ଅକ୍ଷମ ଥିବାରୁ ମୁଁ ଏପରି କରୁଛି । ଆମକୁ ବରେଲି ପର୍ଯ୍ୟନ୍ତ ଯିବାକୁ ପଡିବ' । ସାହିବ ସିଂ ପ୍ରଥମେ ସାଇକେଲ ଚୋରି ହୋଇଥିବା ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିବାକୁ ଚାହୁଁଥିଲେ । ହେଲେ ସେଠାରେ ପଡିଥିବା ଚିଠିଟି ପଢିବା ପରେ ସେ ଦୁଃଖ ଅନୁଭବ କରିଥିବା କହିଛନ୍ତି ।

# ଦେବଦୂତ ସାଜିଲେ ଅଚିହ୍ନା ବ୍ୟକ୍ତି

**ଗୁଆହାଟୀ:** ଲକ୍‌ଡାଉନ୍‌ରେ ହଜିଯାଉଛି ମାନବିକତା, ଅନେକ ଲୋକ ଏବେ ଏହା କହିବା ଶୁଣିବାକୁ ମିଳୁଛି । ତେବେ ଏଭଳି ସଙ୍କଟ ସମୟରେ ମଧ୍ୟ ମାନବିକତା ହଜିଯାଇନି, ତାହା ପ୍ରମାଣିତ କରିଛନ୍ତି ମିଜୋରାମର ଜଣେ ବ୍ୟକ୍ତି । କରୋନା ଅନେକ ଲୋକଙ୍କ ଚାକିରି, କାମଧନ୍ଦା ଛଡ଼ାଇ ନେଇଛି ସତ । ବ୍ୟବସାୟ ମଧ୍ୟ ବନ୍ଦ ହୋଇଛି । ଦୁଇବେଳା ଖାଇବା ଯୋଗାଡ଼ କରିବା ମଧ୍ୟ ଅନେକ ଲୋକଙ୍କ ପାଇଁ ଅସମ୍ଭବ ହୋଇଛି । ଏଭଳି ପରିସ୍ଥିତିରେ ବ୍ୟାଙ୍କରୁ ଋଣ ଆଣି କ୍ଷୁଦ୍ର ବ୍ୟବସାୟ କରିଥିବା କେତେଜଣ ଲୋକ ଋଣ କିପରି ଶୁଝିବେ ଚିନ୍ତାରେ ପଡ଼ିଛନ୍ତି । ହେଲେ ମିଜୋରାମର ଜଣେ ବ୍ୟକ୍ତି ଦେବଦୂତ ସାଜି ୪ ଅଜଣା ବ୍ୟକ୍ତିଙ୍କ ବ୍ୟାଙ୍କ ଋଣ ବାବଦକୁ ପାଖାପାଖି ୧୦ ଲକ୍ଷ ଟଙ୍କା ଶୁଝିଦେଇଛନ୍ତି । ଏକଥା ଶୁଣିବାକୁ ଅବିଶ୍ୱାସ ଲାଗୁଥିଲେ ମଧ୍ୟ ସତ୍ୟ । ବ୍ୟକ୍ତି ଜଣଙ୍କ ଆଇଜଲ୍‌ସ୍ଥିତ ଏକ ଜାତୀୟକରଣ ବ୍ୟାଙ୍କକୁ ଯାଇଥିଲେ । ପୂର୍ବରୁ ବ୍ୟକ୍ତି ଜଣକ ବ୍ୟାଙ୍କକୁ ଆସିଥିବାରୁ ସେଠାକାର କିଛି କର୍ମଚାରୀ ତାଙ୍କୁ ଜାଣନ୍ତି । ତେଣୁ ଆତ୍ମନିର୍ଭରଶୀଳ ହେବା ପାଇଁ ବ୍ୟାଙ୍କରୁ ଋଣ ନେଇ ଶୁଝିପାରୁ ନ ଥିବା କେତେଜଣ ଲୋକଙ୍କୁ ସେ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ସେମାନଙ୍କ ଋଣ ଟଙ୍କା ସେ ଶୁଝିବାକୁ ଚାହିଁଥିଲେ । ତେବେ ବ୍ୟକ୍ତି ଜଣକ ନିଜ ପରିଚୟ ପ୍ରକାଶ ନ କରିବାକୁ ବ୍ୟାଙ୍କରେ କହିଥିଲେ । ବ୍ୟାଙ୍କ ପକ୍ଷରୁ ୩ ମହିଳାଙ୍କ ସମେତ ୪ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା । ବ୍ୟକ୍ତି ଜଣକ ଉକ୍ତ ୪ ଜଣଙ୍କ ଋଣ ବାବଦକୁ ୯ଲକ୍ଷ ୯୬ହଜାର ୩୬୫ ଟଙ୍କା ବ୍ୟାଙ୍କକୁ ଟ୍ରାନ୍ସଫର କରିଥିଲେ । ପରେ ବ୍ୟାଙ୍କ ପକ୍ଷରୁ ୪ ହିତାଧିକାରୀଙ୍କ ଲୋନ୍ ଆକାଉଣ୍ଟ ବନ୍ଦ କରାଯାଇଥିଲା । ଏଥିସହ ସେମାନଙ୍କୁ ଡକାଇ ବନ୍ଧକର କାଗଜପତ୍ର ଫେରାଯାଇଥିଲା । ଏହା ଜାଣିବା ପରେ ଋଣ ନେଇଥିବା ହିତାଧିକାରୀମାନେ ଖୁସି ବ୍ୟକ୍ତ କରିଥିଲେ ମଧ୍ୟ ସତ କଥା ଜାଣିବା ପରେ ଉକ୍ତ ଅଜଣା ବ୍ୟକ୍ତିଙ୍କୁ କିପରି କୃତଜ୍ଞତା ଜଣାଇବେ ଭାଷା ପାଇ ନ ଥିଲେ । ବ୍ୟକ୍ତିଙ୍କ ସମ୍ପର୍କରେ ଜାଣିବା ପାଇଁ ସେମାନେ ଚାହିଁଥିଲେ ମଧ୍ୟ ସାହାଯ୍ୟ କରିଥିବା ବ୍ୟକ୍ତି ନିଜର କୌଣସି ପ୍ରଚାର କରିବାକୁ ଇଚ୍ଛାପ୍ରକାଶ କରି ନ ଥିଲେ । ତେବେ ଋଣ ନେଇ କୁକୁଡ଼ାଚାଷ କରୁଥିବା ଆଇଜଲ୍‌ର ଜଣେ ହିତାଧିକାରୀ ମୁଆନା ଏଲ୍. ଫାନାଇ ସୋସିଆଲ ମିଡିଆ ଜରିଆରେ ତାଙ୍କର ୨ଲକ୍ଷ ୪୬ହଜାର ୬୩୧ ଟଙ୍କା ଋଣ ଶୁଝିଥିବାରୁ ଧନ୍ୟବାଦ ଜଣାଇଛନ୍ତି ।

## ୪ ଜଣଙ୍କ ୧୦ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ଶୁଝିଲେ



# ୩୨ ବର୍ଷରେ ଭିକ୍କି କୌଶଲ

**ମୁମ୍ବାଇ:** ବଲିଉଡ୍ ଦୁନିଆରେ ଲଭ୍, ରିଲେଶନ୍‌ଶିପ ଆଦିକୁ ନେଇ ସବୁବେଳେ ଚାଲିଥାଏ ଗସିପ୍ । ଏବେ ଏମିତି ଏକ ଗସିପ୍ ଶୁଣିବାକୁ ମିଳିଛି ଯାହା ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଭିକ୍କି କୌଶଲ । ବର୍ତ୍ତମାନ ସମୟରେ ବଲିଉଡ୍ ଦୁନିଆର ଜଣେ ଆଗଧାଡ଼ିର କଳାକାର । ନିଜ ପରିଶ୍ରମରେ ସେ ସଫଳତା ପାଇଥିବା ବେଳେ ଏବେ ତାଙ୍କ ନାଁ ସହ ଯେଉଁ ନାୟିକାଙ୍କ ନାମକୁ ଯୋଡ଼ି ଦିଆଯାଇଛି ସେ ତାଙ୍କଠାରୁ ବୟସରେ ୩ ବର୍ଷ ସାନ ବୋଲି ଜଣାପଡ଼ିଛି । ଅସଲ କଥା ହେଲା ଭିକ୍କି କୁଆଡ଼େ ଏବେ ବଲିଉଡ୍ ବିୟୁଟି କ୍ୟାଟ୍ରିନା କୈଫଙ୍କ ପ୍ରେମରେ ପଡ଼ିଛନ୍ତି । ତେବେ ଏହି ଘଟଣା ଆଜିକାଲିର ନୁହେଁ ବରଂ ୨୦୧୮ ମସିହାରୁ ଏମାନଙ୍କ ଭିତରେ ପ୍ରେମସମ୍ପର୍କ ଗଢ଼ି ଉଠିଛି ବୋଲି କୁହାଯାଉଛି । ଶନିବାର ଭିକ୍କିଙ୍କ ୩୨ ତମ ଜନ୍ମଦିନ ଥିବାରୁ ତାଙ୍କ ପ୍ରଶଂସକମାନେ ପୁଣି ଥରେ ଏହି କଥାକୁ ମନେ ପକାଇଛନ୍ତି । ବଲିଉଡ୍ ମୁଭି 'ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍'ରେ ନ୍ୟାଶନାଲ ଆୱାର୍ଡ ପାଇଥିବା ଭିକ୍କି ଏବେ କ୍ୟାଟ୍ରିନାଙ୍କ ପ୍ରେମରେ ପଡ଼ିଥିବା ଆଲୋଚନା ହେଉଥିଲେ ମଧ୍ୟ ଏମାନେ କିନ୍ତୁ କେହି କେବେ ଏକଥାକୁ ସ୍ୱୀକାର କରି ନାହାନ୍ତି । ୨୦୧୮ରେ ଏକ ଆୱାର୍ଡ ସେରିମନିରେ ସଲ୍‌ମାନଙ୍କ ସାମ୍ନାରେ ଭିକ୍କି କ୍ୟାଟ୍ରିନାଙ୍କୁ ପ୍ରପୋଜ କରିଥିବା ବେଳେ ଏହା ଯଦିଓ ହାସ୍ୟରୋଳ ସୃଷ୍ଟି କରିଥିଲା, ଏବେ କିନ୍ତୁ ଏହା ଲୁଚିଛପି ଚାଲିଛି ବୋଲି ଆଲୋଚନା ହେଉଛି । ଜୋୟା ଅଖ୍ତରଙ୍କ ଘରେ ଆୟୋଜିତ ଏକ ପାର୍ଟିରେ ଉଭୟଙ୍କୁ ବହୁ ପାଖାପାଖି ଦେଖିବାକୁ ମିଳିଥିଲା । ଏହାପରେ ଆଲୋଚନା ହୋଇଥିଲା କି ଭିକ୍କି ଓ କ୍ୟାଟ୍ରିନା ପରସ୍ପରକୁ ଡେଟ୍ କରୁଛନ୍ତି । ହେଲେ ଏମାନେ ଏପର୍ଯ୍ୟନ୍ତ ଏହାକୁ ଖୋଲା ଖୋଲି କେବେବି ସ୍ୱୀକାର କରି ନାହାନ୍ତି । କିନ୍ତୁ ଏମାନଙ୍କର କ୍ୟାମେରା ଆଢୁଆଳରେ ଲୁଚିଛପି ମିଳାମିଶା କରିବା, ଘଣ୍ଟା ଘଣ୍ଟା ଫୋନରେ କଥାହେବା ଏବେବିଆସେ ଚର୍ଚ୍ଚାକୁ ।



# ତିନି ଶିଙ୍ଗିଆ ଗାଈ

**ନୂଆଦିଲ୍ଲୀ:** ବେଳେବେଳେ ଏମିତି କିଛି ଜିନିଷ ଆମ ନଜରକୁ ଆସେ, ଯାହାକୁ ବାରମ୍ବାର ଦେଖିଲେ ବି ବିଶ୍ୱାସ ହୋଇ ନ ଥାଏ । ଏଇ ଯେମିତି ତିନି ଶିଙ୍ଗଥିବା ଗାଈ । ଗାଈଙ୍କର ଦୁଇଟି ଶିଙ୍ଗ ଥିବା ଆମେ ସମସ୍ତେ ଦେଖିଛନ୍ତି । କିନ୍ତୁ ଏବେ ସୋସିଆଲ୍ ମିଡିଆରେ ଏଭଳି ଏକ ଗାଈ ଦେଖିବାକୁ ମିଳୁଛି, ଯାହାର ତିନୋଟି ଶିଙ୍ଗ ଅଛି । ସୋସିଆଲ୍ ମିଡିଆରେ ଏଭଳି ଏକ ଗାଈର ଫଟୋ ଶେୟାର କରିଛନ୍ତି ଆଇଏଏସ୍ ଅଫିସର ସୁଶାନ୍ତ ନନ୍ଦ । ସେ ତାଙ୍କ ଟୁଇଟରରେ ଶେୟାର କରି ଏହା ଗୋଟିଏ ସ୍ୱତନ୍ତ୍ର ଗାଈ ବୋଲି ଲେଖିଥିଲେ । ଏହି ବିଚିତ୍ର ଧରଣର ଗାଈ ଉଗାଣ୍ଡାର ଏବଂ ଏହାର ତିନୋଟି ଧଳା ତଥା ଲମ୍ବା ଶିଙ୍ଗ ବେଶ୍ ସୁନ୍ଦର ଦେଖାଯାଉଛି । ତୃତୀୟ ଶିଙ୍ଗଟି ଦୁଇ ଶିଙ୍ଗର ଠିକ୍ ମଝିରେ ଏପରି ଭାବେ ରହିଛି ଯେ, ତାହା ଏକ ତ୍ରିଶୂଳ ଭଳି ଦେଖାଯାଉଛି । ସେଥିପାଇଁ ସୋସିଆଲ୍ ମିଡିଆରେ ଲୋକେ ଏହି ଫଟୋକୁ ପରସ୍ପର ମଧ୍ୟରେ ଶେୟାର କରିବାରେ ଲାଗିଛନ୍ତି । ମାତ୍ର ତିନିଦିନ ତଳେ ଏହି ଫଟୋଟି ପୋଷ୍ଟ ହେବା ପରେ ପ୍ରାୟ ୧୨ହଜାର ଲୋକ ଦେଖି ସାରିଲେଣି । ଏଭଳି ଏକ ଗାଈକୁ ସୋସିଆଲ୍ ମିଡିଆରେ ଦେଖି ଲୋକେ ଏହା ପ୍ରକୃତିର ବିଚିତ୍ର ବୋଲି କହୁଥିବା ବେଳେ କିଛିଲୋକ ଗାଈର ସ୍ୱାସ୍ଥ୍ୟ ନେଇ ଚିନ୍ତା ପ୍ରକଟ କରିଛନ୍ତି ।



# କ୍ୟାଶ୍ ଲେସ୍

ବର୍ତ୍ତମାନ କରୋନା ଭୂତାଣୁ ସଂକ୍ରମଣ ଯେଉଁଭଳି ବଢ଼ିବାରେ ଲାଗିଛି ବାହାରେ କୌଣସି ଜିନିଷକୁ ସ୍ପର୍ଶ କରିବା ଅର୍ଥାତ୍ ବିପଦକୁ ନିମନ୍ତ୍ରଣ କରିବା। ତେବେ ଏମିତିରେ ପ୍ରତ୍ୟେକଙ୍କ ପାଇଁ ଅତ୍ୟାବଶ୍ୟକ ଟଙ୍କା ଯେ କେତେ କାହା ହାତରୁ ବୁଲି ବୁଲି ନ ଆସିଥିବ ଏବଂ ସେଥିରେ କରୋନା ଭୂତାଣୁ ନ ଥିବ ତା' କହିବା କଷ୍ଟକର। ତେଣୁ ସୁରକ୍ଷା ଦୃଷ୍ଟିରୁ କ୍ୟାଶ୍ ବଦଳରେ ବର୍ତ୍ତମାନ ଇ-ପେମେଣ୍ଟର ସାହାଯ୍ୟ ନେବା ବୁଦ୍ଧିମତ୍ତାର କାର୍ଯ୍ୟ...









ବଢ଼ୁଥିବା କରୋନା ସଂକ୍ରମଣ ରୋକିବା ଲାଗି ଘରେ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଘରେ ରହିଲେ ମଧ୍ୟ ଦୈନନ୍ଦିନ କାର୍ଯ୍ୟ ଲାଗି ଆବଶ୍ୟକ ହୋଇଥାଏ ବିଭିନ୍ନ ସାମଗ୍ରୀ, ଯେଉଁଥିପାଇଁ ଦରକାର ଟଙ୍କା। ଯାହା କି କେତେ କାହାଠାରୁ ବୁଲିବୁଲି ଆସି ପହଞ୍ଚିଥାଏ ଏବଂ ଯେଉଁଥିରେ ଭୂତାଣୁ ସଂକ୍ରମଣର ଆଶଙ୍କା ଅଧିକ ଥାଏ। ତେଣୁ ସୁରକ୍ଷା ଦୃଷ୍ଟିରୁ ବର୍ତ୍ତମାନ ଅଧିକାଂଶ ଟଙ୍କା ବଦଳରେ କ୍ୟାଶ୍ ଲେସ୍ ଇ-ପେମେଣ୍ଟର ସାହାଯ୍ୟ ନେଉଛନ୍ତି, ଯାହାଦ୍ୱାରା କ୍ୟାଶ୍ ବଦଳରେ କାର୍ଡ କିମ୍ବା ମୋବାଇଲ୍ ସାହାଯ୍ୟରେ ପେମେଣ୍ଟ କରାଯାଇ ପାରୁଛି। ତେବେ ଯଦିଓ ଏଥିରେ ଭୂତାଣୁ ସଂକ୍ରମଣ ଆଶଙ୍କା ହ୍ରାସ ପାଇଥାଏ ହେଲେ ଏହାକୁ ବ୍ୟବହାର ସମୟରେ କେତେକ ଦିଗ ପ୍ରତି ସତର୍କ ନ ହେଲେ ଠକାମିର ଶିକାର ହେବାକୁ ପଡ଼ିଥାଏ। ତେଣୁ ଏହାକୁ ବ୍ୟବହାର କରିବା ବେଳେ କେଉଁ ସବୁ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ ଜାଣି ରଖନ୍ତୁ ସେ ସମ୍ପର୍କରେ...

- କୌଣସି ଆବଶ୍ୟକ ସାମଗ୍ରୀ ଯଦି ଅନ୍‌ଲାଇନ୍ ଶପିଂ ସାଇଟ୍‌ରୁ ମଗାଉଛନ୍ତି, ତେବେ ପେମେଣ୍ଟ କରିବା ପୂର୍ବରୁ ତାହାର ଲିଙ୍କ୍ ସେଫ୍ କି ନୁହେଁ ପ୍ରଥମେ ସୁନିଶ୍ଚିତ କରନ୍ତୁ। ଲଗ୍ ଇନ୍ କରିବା ସମୟରେ ବ୍ରାଉଜର୍ ୱିଣ୍ଡୋ ଫ୍ରେମ୍ ଉପରେ ପେଡ୍‌ଲକ୍ ସିମ୍ବଲ୍ ଚେକ୍ କରିବାକୁ ଭୁଲନ୍ତୁ ନାହିଁ।
- କୌଣସି ଦୋକାନରେ ଜିନିଷ କିଣିବା ପରେ ଯଦି ଆପଣଙ୍କ ମୋବାଇଲ୍‌ରୁ ମନି ଟ୍ରାନ୍ସଫର ହେବାରେ ଅସୁବିଧା ହେଉଛି ତେବେ ଏଥିପାଇଁ ଦୋକାନୀ କିମ୍ବା ସେଠାରେ ଥିବା ଅନ୍ୟ କାହାର ମୋବାଇଲ୍ ବ୍ୟବହାର କରନ୍ତୁ ନାହିଁ। ଏହାଦ୍ୱାରା ପାସ୍‌ୱାର୍ଡ ଲିକ୍ ହେବାର ଆଶଙ୍କା ରହିଛି।
- ବେଳେବେଳେ ଫେକ୍ ୱେବ୍‌ସାଇଟ୍ ଗୁଡ଼ିକରୁ ଆସୁଥିବା ଇମେଲ୍‌ରେ କାର୍ଡର ଡିଟେଲ୍ ମଗାଯାଇଥାଏ ଏବଂ ଏଥିରେ ବିଶ୍ୱାସ କରି କେହି କେହି ସମସ୍ତ ତଥ୍ୟ ମଧ୍ୟ ଦେଇଦିଅନ୍ତି। ହେଲେ ଏପରି ଆଦୌ କରନ୍ତୁ ନାହିଁ। ନଚେତ୍ ପରବର୍ତ୍ତୀ ସମୟରେ ଠକାମିର ଶିକାର ହୋଇପାରନ୍ତି।
- ଯେକୌଣସି ଅନ୍‌ଲାଇନ୍ ସାଇଟ୍‌ରେ ଯଦି ଅନ୍‌ଲାଇନ୍‌ରେ ଅନ୍ୟ କାହା ଆକାଉଣ୍ଟକୁ ମନି ଟ୍ରାନ୍ସଫର କରୁଛନ୍ତି ତେବେ ସୁରକ୍ଷିତ ପେମେଣ୍ଟ ସାଇଟ୍ ହିଁ ବ୍ୟବହାର କରନ୍ତୁ ଏବଂ ୱେବ୍‌ସାଇଟ୍‌ର ପ୍ରାଇଭେସି ପଲିସି ଚେକ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ।
- ପ୍ରତ୍ୟେକ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ ପରେ ନିଜ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଚେକ୍ କରନ୍ତୁ। ପେମେଣ୍ଟ ପରେ ଏହାର ରସିଦ୍‌କୁ ନିଶ୍ଚିତ ଭାବେ ସେଭ୍ କରି ରଖନ୍ତୁ।
- ଇ-ପେମେଣ୍ଟ ଲାଗି କ୍ରେଡିଟ୍ କାର୍ଡ ବ୍ୟବହାର କରିବା ଅଧିକ ସୁରକ୍ଷିତ।
- ଆପଣ ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। ନଚେତ୍ ହ୍ୟାକରଙ୍କ ଲାଗି ଆପଣଙ୍କ ପର୍ସନାଲ୍ ଡାଟା ଚୋରି କରିବା ସହଜ ହୋଇଯିବ।
- ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ପରେ ଲଗ୍‌ଆଉଟ୍ କରନ୍ତୁ।
- ମନେରଖନ୍ତୁ ଯଦି ନୂଆ ନୂଆ ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଛନ୍ତି ତେବେ ମନଇଚ୍ଛା ଯେକୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରନ୍ତୁ ନାହିଁ। କେଉଁ ସାଇଟ୍ ସୁରକ୍ଷିତ ପରାମର୍ଶ ନେଇ ବ୍ୟବହାର କରନ୍ତୁ। ତେବେ ମନେରଖନ୍ତୁ ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ବେଳେ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।
- ଇ-ବ୍ୟାଙ୍କିଙ୍ଗ ବ୍ୟବହାର କରୁଥିଲେ ପ୍ରୋଟେକ୍ସନ୍ ସଫ୍ଟୱେର୍ ବ୍ୟବହାର କରନ୍ତୁ।

## କ'ଣ କରନ୍ତି ଏମାନେ...


ପ୍ରିୟାଙ୍କିଲ୍ ସାହୁ


ସୌମ୍ୟ ରଞ୍ଜନ ଦାସ

**ପ୍ରିୟାଙ୍କିଲ୍ ସାହୁ** (ଭୁବନେଶ୍ୱର)- କରୋନା ପାଇଁ ଏବେ ସମସ୍ତେ ଆତଙ୍କିତ। ଏମିତିରେ ଅତି ଜରୁରୀ କାର୍ଯ୍ୟ ନ ଥିଲେ ବାହାରକୁ ଯିବାକୁ ଭୟ ଲାଗୁଛି। ଆବଶ୍ୟକ ଥିବା କୌଣସି ଜିନିଷ କିଣିବା ଲାଗି ବାହାରକୁ ଗଲେ ଦୋକାନରେ ଅନ୍ୟ କୌଣସି ଜିନିଷ ନ ଛୁଇଁବା ଲାଗି ଚେଷ୍ଟା କରୁଛି। ଟଙ୍କାରେ କେତେ କାହା ହାତ ଲାଗିଥିବାରୁ ଭାଇରସ୍ ସଂକ୍ରମଣ ଡରରେ ଏହା ବଦଳରେ କ୍ୟାଶ୍‌ଲେସ୍ ସୁବିଧା ବ୍ୟବହାର କରୁଛି। ସେହିପରି ଏହାକୁ ବ୍ୟବହାର କରି ଅନ୍‌ଲାଇନ୍ ଶପିଂ ମଧ୍ୟ କରୁଛି। ହେଲେ ଇ-ପେମେଣ୍ଟ କରିବା ଲାଗି ଠକାମିର ଶିକାର ନ ହେବା ଲାଗି ସବୁବେଳେ ପେଟିଏମ୍ କିମ୍ବା ଗୁଗୁଲ୍ ପେ ଭଳି ସେଫ୍ ସାଇଟ୍ ବ୍ୟବହାର କରୁଛି।

**ସୌମ୍ୟ ରଞ୍ଜନ ଦାସ**(ଗଙ୍ଗେଶ୍ୱର, କଟକ)- ଚୋରୀ, ଡକାୟତି ଆଜି କାଲି ଯେଉଁଭଳି ଚାଲିଛି ତା'କୁ ଆଖିଆଗରେ ରଖି ଏମିତିରେ ବି ମୁଁ ପାଖରେ ଟଙ୍କା ବେଶୀ ନ ରଖି ଆବଶ୍ୟକ ସ୍ଥଳେ ଇ-ପେମେଣ୍ଟର ସାହାଯ୍ୟ ନିଏ। ବର୍ତ୍ତମାନ କରୋନା ଲାଗି ସମ୍ପୂର୍ଣ୍ଣ ନେଟ୍ ବ୍ୟାଙ୍କିଙ୍ଗ୍ ଉପରେ ନିର୍ଭର କରୁଛି। ଏହାକୁ ସବୁବେଳେ ପର୍ସନାଲ୍ କମ୍ପ୍ୟୁଟର ଏବଂ ମୋବାଇଲ୍‌ରେ ହିଁ ବ୍ୟବହାର କରୁଛି।

## ଏ ସପ୍ତାହର ପ୍ରଶ୍ନ

୧- ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ୍‌ର ହେଡ୍ କ୍ୱାର୍ଟର .......ଠାରେ ଅବସ୍ଥିତ ?
୨- କାର୍ଗିଲ୍ ଶ୍ରଦ୍ଧାଞ୍ଜଳି ସଙ୍ଗୀତ.......... ରଚନା କରିଛନ୍ତି ?
୩- ପୃଥିବୀର ପ୍ରଥମ ଓଟ ଚିକିତ୍ସାଳୟ......... ଠାରେ ପ୍ରତିଷ୍ଠା କରାଯାଇଛି ?
୪- ପାରାଗୁଏର ପ୍ରଥମ ମହିଳା ରାଷ୍ଟ୍ରପତି.......... ?
୫- ଆର୍ଜେଣ୍ଟିନାର ଜାତୀୟ ଭାଷା.......... ?

## ଗତ ଥରର ଉତ୍ତର

୧ ରୁଡ୍ୟାର୍ଡ କିପ୍ଲିଙ୍ଗ୍
୨ ୱେଷ୍ଟ ପାପୁଆ, ଇଣ୍ଡୋନେସିଆ
୩ ଆଲେକ୍‌ଜାଣ୍ଡର ପାର୍କ୍ସ
୪ ଏଭରେଷ୍ଟ ଗିରିଶୃଙ୍ଗ
୫ ଜୁନ୍ ୨୦

## ଉତ୍ତରଦାତା


ବିନୋଦ ବିହାରୀ ବେହେରା, କଟକ


ପ୍ରତାପ ଚନ୍ଦ୍ର ମଲ୍ଲିକ, ଭଦ୍ରକ


ପ୍ରଭୁରଞ୍ଜନ ମୁଦୁଲି, ଖୋର୍ଦ୍ଧା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

ଜାଣନ୍ତୁ ଦୁନିଆ

# ବରମୁଡ଼ା ଟ୍ରାଇଏଙ୍ଗେଲ୍

ବରମୁଡ଼ା ଟ୍ରାଇଏଙ୍ଗେଲ୍ ! ଯାହାକୁ ମୃତ୍ୟୁଯନ୍ତା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ କାରଣ ଏଠାରେ ନିଖୋଜ ହୋଇଯାଇଛି ଅନେକ ସଂଖ୍ୟାରେ ଡଙ୍ଗା, ପାଣି ଜାହାଜ ଏବଂ ଉଡ଼ା ଜାହାଜ। ଯାହାର ସନ୍ଧାନ କରିବାରେ ବର୍ତ୍ତମାନ ସୁଦ୍ଧା ବିଜ୍ଞାନ ବି ହୋଇପାରିନି ସଫଳ। ତେବେ ଉତ୍ତର ଆଟ୍‌ଲାଣ୍ଟିକ୍ ମହାସାଗର ମଧ୍ୟରେ ଥିବା ଏକ ତିନିକୋଣିଆ ରହସ୍ୟମୟ ସ୍ଥାନ ସମ୍ପର୍କରେ ଆସନ୍ତୁ ଜାଣିବା କିଛି ତଥ୍ୟ...





- ଏହି ତ୍ରିକୋଣର କ୍ଷେତ୍ରଫଳ ୧,୩୦୦,୦୦୦ ରୁ ୩,୯୦୦,୦୦୦ ବର୍ଗ କିଲୋମିଟର ।
- ଉକ୍ତ ମହାସାଗରରେ ଯାତାୟାତ କରୁଥିବା କୌଣସି ଡଙ୍ଗା, ପାଣି ଜାହାଜ ଆଦି ଯଦି ଏହି ତ୍ରିକୋଣର ସଂସ୍ପର୍ଶରେ ଅସେ ତେବେ ତାହା ତତ୍‌କ୍ଷଣାତ୍ ଅନ୍ତର୍ଦ୍ଧାନ ହୋଇଯାଏ। ଏମିତିକି ସେହି ସୀମା ଦେଇ ଉପରେ ଉଡୁଥିବା ଏରୋପ୍ଲେନ୍ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ। ଯଦିଓ ଏହାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ତଥାପି କେହିକେହି ସେଠାରେ ହେଉଥିବା ଏକ ପ୍ରକାରର ଉଷ୍ମ ସାମୁଦ୍ରିକ ସ୍ରୋତ(ଗଲ୍ଫ ଷ୍ଟ୍ରିମ୍) ଲାଗି ଏପରି ହେଉଥିବା ମତ ଦେଉଥିବା ବେଳେ ଅନ୍ୟ କେହି ଏହାକୁ ଭିନ୍ନ ଗ୍ରହର ପ୍ରାଣୀ ବା ଏଲିଅନ୍‌ଙ୍କ କାର୍ଯ୍ୟ ବୋଲି ବିଶ୍ୱାସ କରିଥାନ୍ତି।
- ଏହି ତ୍ରିକୋଣ ସମ୍ପର୍କରେ ଖ୍ରୀଷ୍ଟୋଫର୍ କଲମ୍ବସ୍ ସର୍ବପ୍ରଥମେ ସୂଚନା ଦେଇଥିଲେ। ତାଙ୍କ କହିବାନୁଯାୟୀ ଉକ୍ତ ତ୍ରିକୋଣ ମଧ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କ ଜାହାଜର କମ୍ପାସ୍ ଅକାମୀ ହୋଇ ଯାଇଥିବା ବେଳେ ସେ ଆକାଶରେ ଏକ ନିଆଁଗୁଳା ଦେଖିଥିବା ପ୍ରକାଶ କରିଥିଲେ।
- ସେହି ତ୍ରିକୋଣରେ ଏକ ପ୍ରକାର ଇଲେକ୍ଟ୍ରୋନିକ ଫଗ୍ ବା କୁହୁଡ଼ି ଦେଖାଯାଇଥାଏ, ଯାହାକୁ ଟାଇମ୍ ଟ୍ରାଭେଲ୍ ଟନେଲ୍ ବୋଲି ମଧ୍ୟ କୁହାଯାଇଥାଏ। ବ୍ରୁସ୍ ଜେର୍ନନ୍ ନାମକ ଜଣେ ପାଇଲଟ୍ ଉକ୍ତ ତ୍ରିକୋଣ ନିକଟ ଦେଇ ଯାଉଥିବା ସମୟରେ ଏଭଳି ଏକ କୁହୁଡ଼ି ସଂସ୍ପର୍ଶରେ ଆସି ୨୮ମିନିଟ୍ ସମୟ ହରାଇ ବସିଥିବା ପ୍ରକାଶ କରିଥିଲେ। ସେହି ନିର୍ଦ୍ଦିଷ୍ଟ ସମୟ ପାଇଁ ତାଙ୍କ ପ୍ଲେନ୍ ରାଡାର୍‌ରୁ ମଧ୍ୟ ନିଖୋଜ ହୋଇଯାଇଥିଲା।
- ସେଠାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଖୋଜ ହୋଇସାରିଲେଣି।
- ୧୯୪୫ରେ ଆମେରିକା ନୌସେନା ବାହିନୀର ୧୪ ଜଣ ପ୍ରମୁଖ କର୍ମୀ ଏକ ଏରୋପ୍ଲେନ୍ ଯୋଗେ ଫ୍ଲୋରିଡ଼ାରୁ ବିମିନି ଯିବା ସମୟରେ ଏହି ତ୍ରିକୋଣ ମଧ୍ୟରେ ନିଖୋଜ ହୋଇଯାଇଥିଲେ। ଏମିତିକି ଏହି ବିମାନକୁ ଖୋଜିବା କାର୍ଯ୍ୟ କରୁଥିବା ଅନ୍ୟ ତିନୋଟି ବିମାନର ମଧ୍ୟ କିଛି ଚିହ୍ନବର୍ଣ୍ଣ ମିଳି ନ ଥିଲା।

ୟୁଥ୍ କ୍ଲବ

# ଲକ୍ଷ୍ୟ ସବୁଜ ପରିବେଶ ଗଠନ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧୁରାରେ ରହିଛି ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର। ୨୦୦୯ ମସିହାରେ କେତେଜଣ ସ୍ଥାନୀୟ ଯୁବକଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ସ୍ୱେଚ୍ଛାସେବୀ ସଙ୍ଗଠନର ବର୍ତ୍ତମାନ ସଭ୍ୟ ସଂଖ୍ୟା ୧୮। ଜୀବେଦୟା ସଂକଳ୍ପ ନେଇଥିବା ଏହି ଅନୁଷ୍ଠାନର ସଭ୍ୟମାନେ ସବୁବେଳେ ଅସହାୟ ଲୋକ ଏବଂ ପଶୁପକ୍ଷୀଙ୍କ ସେବା କରି ଆସୁଛନ୍ତି। ପ୍ରକୃତିକୁ ପ୍ରଦୂଷଣ ମୁକ୍ତ କରିବା ଲାଗି ସବୁଜ ପରିବେଶ ଗଠନ ଏମାନଙ୍କର ଲକ୍ଷ୍ୟ। ଏଥିପାଇଁ ସେମାନେ ସ୍ଥାନୀୟ ଅଞ୍ଚଳରେ ଅନେକ ବୃକ୍ଷରୋପଣ କରି ତା'ର ଯତ୍ନ ନେଇ ଛୋଟରୁ ବଡ଼ କରାଉଛନ୍ତି। ଏହା ବ୍ୟତୀତ ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ କରି ନିଜେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ରକ୍ତ ଦେବାକୁ ସଚେତନ କରୁଛନ୍ତି। ଗାଁ ପୋଖରୀ, ନଳକୂପ ପାଖ, ଗାଁ ଦାଣ୍ଡ, ଶ୍ମଶାନ, ନର୍ଦ୍ଦମା ସଫେଇ କରୁଛନ୍ତି। ସ୍ୱାସ୍ଥ୍ୟ ଶିବିର ଆୟୋଜନ ସହିତ ନିଶା ଛଡ଼ାଇବା ପାଇଁ ପଦକ୍ଷେପ ନେଉଛନ୍ତି। ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା କରି ଆସୁଛନ୍ତି। ଖରାଦିନେ ଜଳଛତ୍ର ଖୋଲି ପଶୁପକ୍ଷୀ, ମଣିଷଙ୍କୁ ପାଣି ଯୋଗାଇ ଆସୁଛନ୍ତି। ବାଇଚଢ଼େଇର ସୁରକ୍ଷା ଓ ବଂଶ ବୃଦ୍ଧି ପାଇଁ ଏହି ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ନୟାଗଡ଼ ଜିଲାର ବିଭିନ୍ନ ଗାଁରେ ଲଗାଯାଇଥିବା କୃତ୍ରିମ ବାକ୍ସ ଫଳରେ ବର୍ତ୍ତମାନ ଘରଚଟିଆ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ଏହି ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରାଇବା, ନିଶାମୁକ୍ତ ସମାଜ ଗଠନ, ଭାଗବତ ଟୁଙ୍ଗୀର ପୁନରୁଦ୍ଧାର, ଅସହାୟ ଲୋକଙ୍କୁ ସହାୟ ହେବା ପରି କାର୍ଯ୍ୟ ମଧ୍ୟ କରାଯାଉଛି। ବର୍ତ୍ତମାନ ସମଗ୍ର ପୃଥିବୀବାସୀଙ୍କ ମଧ୍ୟରେ ଆତଙ୍କ ଖେଳାଇଥିବା କରୋନା ମହାମାରୀ ସମୟରେ ଏମାନେ ଜନସାଧାରଣଙ୍କୁ ସାମାଜିକ ଦୂରତ୍ୱ ରକ୍ଷା କରିବା, ଘରେ ରହିବା ସମ୍ପର୍କରେ ସଚେତନତା ସୃଷ୍ଟି କରି ଚାଲିଛନ୍ତି। ସେହିପରି ଦୁଃଖୀ ଦରିଦ୍ର ଲୋକଙ୍କୁ ଚିହ୍ନଟ କରି ସାବୁନ୍, ମାସ୍କ, ପନିପରିବା, ବିସ୍କୁଟ, ଅଟା, ଛାତ୍ରୀଛାତ୍ରଙ୍କୁ ଖାତା, କଲମ ଓ ବହି ଆଦି ଶିକ୍ଷା ଉପକରଣ ଯୋଗାଇ ଦେଉଛନ୍ତି। ଗାଈଗୋରୁ କୁକୁର ପ୍ରଭୃତି ପଶୁପକ୍ଷୀଙ୍କୁ ଖାଇବାକୁ ଦେଉଛନ୍ତି। ବିକୃତ ମସ୍ତିଷ୍କ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ମଧ୍ୟ ଖାଦ୍ୟ ଯୋଗାଇ ଦେଉଛନ୍ତି। ଅନୁଷ୍ଠାନର ସଭାପତି ବୃନ୍ଦାବନ ରାଉତ କୁହନ୍ତି, ସମାଜରେ ଅବହେଳିତ ଓ ନିଷ୍ପେଷିତ ଲୋକମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆମ୍ଭ ଅନୁଷ୍ଠାନ କାର୍ଯ୍ୟ କରୁଛି। ବିଭିନ୍ନ ସ୍କୁଲରେ ପରିବେଶ ସୁରକ୍ଷା ନେଇ ସଚେତନତା, ଜୀବଜନ୍ତୁଙ୍କ ପ୍ରତି ଦୟା, ଡେଙ୍ଗୁ, ମ୍ୟାଲେରିଆ ଉପରେ ସଚେତନତା ସୃଷ୍ଟି କରାଯାଉଛି। ଅନୁଷ୍ଠାନ ପାଠାଗାର ପାଇଁ ବିଭିନ୍ନ ପ୍ରକାରର ପୁରୁଣା ଉପକରଣ ସଂଗ୍ରହ କରି ଚାଲିଛି। ଏବେ ପାଠାଗାରରେ ୧୦ ହଜାର ବିଭିନ୍ନ ପୁସ୍ତକ, ଦେଶ ବିଦେଶର ମୁଦ୍ରା, ଦିଆସିଲି ଖୋଳ, ଖବରକାଗଜ ପରି ବିଭିନ୍ନ ଦୁର୍ଲଭ ଜିନିଷ ସାଇତି ରଖାଯାଇଛି। ଅନୁଷ୍ଠାନର ସମ୍ପାଦକ ସଞ୍ଜୟ ସାହୁ କୁହନ୍ତି, ଉତ୍ତମ ପରିବେଶ ଗଠନ କରିବା ଆମର ଲକ୍ଷ୍ୟ, ଯେଉଁଥିଲାଗି କୌଣସି ସରକାରୀ ଅନୁଦାନ ନ ମିଳୁଥିଲେ ସୁଦ୍ଧା କେବେ ଆମ କାର୍ଯ୍ୟରେ ଅବହେଳା କରୁନାହିଁ। ସଦସ୍ୟମାନେ ପରସ୍ପର ମଧ୍ୟରେ ଟଙ୍କା ଆଦାୟ କରି ଏସବୁ କାମ କରିଆସୁଛୁ, ଯାହା କି ଆମକୁ ଆତ୍ମସନ୍ତୋଷ ଦେଉଛି।

**- ଲୋକନାଥ ମିଶ୍ର**






ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାରର ସଦସ୍ୟମାନେ।

## ମିଳିମିଶି କରୋନା ମୁକାବିଲା କରିବା: ବିଏମ୍‌ସି

ଭୁବନେଶ୍ୱର, (ବ୍ୟୁରୋ): କରୋନା ସଂକ୍ରମଣକୁ ରୋକିବା ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ସ୍ୱାସ୍ଥ୍ୟ ବିଭାଗ, କମିଶନରେଟ୍ ପୋଲିସ୍ ସଜାଗ ଥିବାବେଳେ ନାଗରିକ ସଚେତନତା ଏବଂ ଗୋଷ୍ଠୀ ଦାୟିତ୍ୱକୁ ଉପେକ୍ଷା କରିହେବ ନାହିଁ। ସମସ୍ତେ ମିଳିମିଶି କରୋନାର ମୁକାବିଲା କରିବା। ବିଏମ୍‌ସି ଦକ୍ଷିଣ-ପୂର୍ବ ଜୋନ୍‌ର ୪୯ନଂ. ୱାର୍ଡ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଗୋଷ୍ଠୀ ସଚେତନତା ଶିବିରରେ ଯୋଗଦେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ଏହା କହିଛନ୍ତି। ଏହି ଶିବିରରେ ଡିସିପି ଅନୁପ ସାହୁ ଯୋଗଦେଇଥିଲେ।

## ସଂକ୍ଷେପରେ

### ଜଳିଗଲା ୮ ଏକର ଜଙ୍ଗଲ

ବ୍ରହ୍ମଗିରି,୧୬।୫(ଡି.ଏନ.ଏ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗଡ଼ରୋଡ଼ଙ୍ଗ ଓ ପଲଙ୍କ ଜଙ୍ଗଲରେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୮ଏକର ଜଙ୍ଗଲ ପୋଡି ପାଉଁଶ ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏହି ଅଗ୍ନିକାଣ୍ଡରେ ଜଗଡ଼ରୋଡ଼ଙ୍ଗ ଗ୍ରାମର ନବଘନ ପାତ୍ର, ବିଳାସିନୀ ପାତ୍ର, ଅଭିଜିତ୍ ପାତ୍ର, ପ୍ରଫୁଲ୍ଲ ସ୍ୱାଇଁ, ସତ୍ୟପ୍ରିୟ ନାୟକଙ୍କ ୭ ଏକର କାଜୁ, ଆକାଶି ଓ ୟୁକାଲି ପଟାସ ଜଙ୍ଗଲ ପୋଡିଯାଇଛି। ସେହିପରି ପଲଙ୍କ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଶେଖ୍ କମର ଖାଦିମ୍ ଓ ଶେଖ୍ ରଞ୍ଜନ ଖାଦିମଙ୍କର ଏକ ଏକର କାଜୁ, ଆକାଶି ଓ ୟୁକାଲି ପଟାସ ଜଙ୍ଗଲ ପୋଡିଯାଇଛି।

### ବନ୍ଧୁକ ଦେଖାଇ ୬୦ ହଜାର ଲୁଟ୍

କଟକ ସଦର,୧୬।୫(ଡି.ଏନ୍.ଏ.): କିଶୋରନଗର ଥାନା ଅନ୍ତର୍ଗତ ସୋମପୁର ନିକଟରୁ ୩ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବ୍ୟବସାୟୀ ଅଭିଳାଷ ପୃଷ୍ଟିଙ୍କ ଠାରୁ ୬୦ହଜାର ଟଙ୍କା ଲୁଟି ନେଇଥିବା ଶନିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା (ନଂ.୬୯/୨୦) ରୁଜୁକରିବା ସହ ଲୁଟ୍‌ରେ ବ୍ୟବହୃତ ଏକ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ତିର୍ତ୍ତୋଲ ଥାନା ଅର୍ନ୍ତଗତ ସଅଁରା ଗ୍ରାମର ବ୍ୟବସାୟୀ ପୃଷ୍ଟି ସାମଗ୍ରୀ କିଣିବା ପାଇଁ ଏକ ପିକଅପ ଭ୍ୟାନ(ଓଡି୨୧-୩୨୪୨)ରେ କଟକ ଚୌଧୁରୀ ବଜାର ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ କଟକ-ପାରାଦୀପ ରାସ୍ତାର ସୋମପୁର ନିକଟରେ ୩ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ଭ୍ୟାନକୁ ଅଟକାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ପୃଷ୍ଟିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହ ତାଙ୍କ ନିକଟରେ ଥିବା ୬୦ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ।

### ପରୀକ୍ଷା ପାଇଁ ଗଲା ୭୦ ସ୍ୱାବ୍

ଖୁଣ୍ଟୁଣୀ,୧୬।୫(ଡି.ଏନ.ଏ): ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶନିବାର ଆଠଗଡ଼ ବ୍ଲକର ମଙ୍ଗେଶ୍ୱର, ଧୁରିଆ, ବେଣ୍ଟପଦା, କନ୍ଦରପୁର, ରାଜନଗର, ବଡ଼ଭଇଁ, ଧାଇପୁର, ଯେନାପଦା, ମେଘା, ଖୁଣ୍ଟକଟା, ସମସରପୁର ଓ ଗୁରୁଡିଝାଟିଆ କ୍ୱାରାଣ୍ଟାଇନ ସେଣ୍ଟରରୁ ୭୦ଜଣ ପ୍ରବାସୀଙ୍କ ସ୍ୱାବ ପରୀକ୍ଷା ପାଇଁ ଶନିବାର କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାବେଳେ ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି, ତହସିଲଦାର ତପନ ଖୁଣ୍ଟିଆ, ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ ମିଶ୍ର ଏହି ସେଣ୍ଟରଗୁଡ଼ିକର ପ୍ରତ୍ୟକ୍ଷ ଭାବେ ପରିଦର୍ଶନ କରିଥିଲେ। ପରେ ସମସ୍ତ ପଞ୍ଚାୟତର ପ୍ରବାସୀଙ୍କୁ ମହାକାଳବସ୍ତ ସ୍କୁଲ ଗୃହକୁ ଅଣାଯାଇ ସ୍ୱାବ ସଂଗ୍ରହ କରାଯାଇଥିଲା।

### ପ୍ରବାସୀ ଶ୍ରମିକଙ୍କୁ ଅଟକାଇଲା ପୋଲିସ

ନରାଜ,୧୬।୫(ଡି.ଏନ୍.ଏ) - ବାରଙ୍ଗ ଥାନା ଅନ୍ତର୍ଗତ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ଝାଡଖଣ୍ଡ ରାଜ୍ୟର ୧୫ଜଣ ଶ୍ରମିକ ଶୁକ୍ରବାର ବିଳମ୍ବିତ ରାତିରେ ଘରକୁ ଲୁଚି ପଳେଇ ଯାଉଥିଲେ। ସେମାନେ ନରାଜସ୍ଥିତ ମାର୍ଥାପୁର ଷ୍ଟେସନର ରେଳଧାରଣା ଦେଇ ଗଲାବେଳେ ଖବରପାଇ ଗୋଡିସାହି ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ମଲ୍ଲିକ ସେଠାରେ ପହଞ୍ଚିଥିଲେ। ଶ୍ରମିକମାନଙ୍କୁ ମଲ୍ଲିକ ବୁଝାଶୁଝା କରି ଘରୋଇ ସଂସ୍ଥା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜିମା ଦେଇଥିଲେ। ଶନିବାର ସକାଳ ୧୦ଟାରେ ସେମାନଙ୍କୁ ବସ୍ ଯୋଗେ କଟକ ସଦର ଥାନା ବାଲିକୁଦା ନିକଟସ୍ଥ ଏଲ୍ଏନ୍‌ଟି ଟ୍ରେନିଂ ସେଣ୍ଟରରେ ଛଡାଯାଇଥିଲା। ସେଠାରୁ ସେମାନେ ବସ୍ ଯୋଗେ ଝାଡଖଣ୍ଡ ଯିବେ।

# 'ରେଡ୍ ଜୋନ୍' ବିଦ୍ୟାର୍ଥୀଙ୍କୁ କ୍ୟାମ୍ପସ ମନା

କଟକ ଅଫିସ,୧୬।୫

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**
- ନିରାଶ ହୋଇ ଫେରିଲେ ଛାତ୍ର
- ପୁସ୍ତକ ନେବାକୁ ଆସି ହଟହଟା

ରେଡ୍ ଜୋନରେ ରହୁଥିବା ବିଦ୍ୟାର୍ଥୀଙ୍କୁ କ୍ୟାମ୍ପସ ଭିତରକୁ ପ୍ରବେଶ ମନା। ସ୍ଥିତି ଆୟତାଧିନ ନ ହେଲା ଯାଏଁ ସେମାନେ ବିଶ୍ୱବିଦ୍ୟାଳୟ ଭିତରକୁ ଆସିପାରିବେ ନାହିଁ। ଏଭଳି କାରଣ ଦର୍ଶାଇ ଜଣେ ବିଦ୍ୟାର୍ଥୀଙ୍କୁ ଫେରାଇ ଦେଇଛନ୍ତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଶନିବାର ଏଭଳି ଘଟଣାକୁ ନେଇ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଦ୍ୟାର୍ଥୀ ଜଣଙ୍କ ବାଲେଶ୍ୱରର ବାସିନ୍ଦା। ସେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସ୍ନାତକ ପାଠ୍ୟକ୍ରମର ପ୍ରଥମ ବର୍ଷର ଛାତ୍ର ଓ ଇଷ୍ଟ ହଷ୍ଟେଲର ଅନ୍ତେବାସୀ। ପ୍ରଥମ ସେମିଷ୍ଟର ପରୀକ୍ଷା ଶେଷ ହୋଇଛି। ଲକ୍‌ଡାଉନ ଘୋଷଣା ପୂର୍ବରୁ ସେ ବ୍ୟକ୍ତିଗତ କାର୍ଯ୍ୟରେ ଘରକୁ ଯାଇଥିଲେ। ଘରେ ଥିବାବେଳେ ଜନତା କର୍ଫ୍ୟୁ ଜାରି ହୋଇଥିଲା। ପରେ ଯାତାୟତ ବ୍ୟବସ୍ଥା ବନ୍ଦ ହୋଇଥିଲା। ଛାତ୍ର ଜଣଙ୍କ ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି) ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଜୁଲାଇ ୨୬ରେ ପ୍ରବେଶିକା ପରୀକ୍ଷା ରହିଛି। ସେଥିପାଇଁ କିଛି ଆନୁସଙ୍ଗିକ ପୁସ୍ତକ ନେବା ପାଇଁ ସେ କଟକ ଆସିଥିଲେ। ହଷ୍ଟେଲ ରୁମ୍‌ରେ ରହିଯାଇଥିବା ପୁସ୍ତକ ନେବା ପାଇଁ ସେ ବାଲେଶ୍ୱର ଉପଜିଲାପାଳଙ୍କଠାରୁ ଅନୁମତି ଆଣିଥିଲେ ବୋଲି କହିଛନ୍ତି। କିନ୍ତୁ ବିଶ୍ୱବିଦ୍ୟାଳୟ ଫାଟକ ନିକଟରେ ସୁରକ୍ଷାକର୍ମୀ ତାଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଛାତ୍ର ଜଣଙ୍କ ଏ ନେଇ କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କ ସହ ଯୋଗାଯୋଗ କରିଥିଲେ। 'ତୁମେ ହଷ୍ଟେଲ ୱାର୍ଡେନଙ୍କ ସହ ଯୋଗାଯୋଗ କର' ବୋଲି କୁଳପତି କହିଥିଲେ। ଇଷ୍ଟ ହଷ୍ଟେଲ ୱାର୍ଡେନ ଡ. ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କୁ ଛାତ୍ର ଜଣଙ୍କ କଲ୍ କରିଥିଲେ ସୁଦ୍ଧା ସେ ରିସିଭି କରି ନ ଥିଲେ। କିଛି ସମୟ ପରେ ୱାର୍ଡେନ ଡ. ପାଢ଼ୀ ଫୋନ କରି କହିଥିଲେ- ତୁମେ ବାଲେଶ୍ୱରରୁ ଆସିଛ, ଏଣୁ ହଷ୍ଟେଲ ଭିତରକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। ହଷ୍ଟେଲ କେୟାର ଟେକରଙ୍କ ଜରିଆରେ ପୁସ୍ତକଗୁଡ଼ିକୁ ହଷ୍ଟେଲ ରୁମରୁ ଆଣିଦେବା ପାଇଁ ସେ ନିବେଦନ କରିଥିଲେ। ହେଲେ ନିରାଶ ହୋଇ ସନ୍ଧ୍ୟାରେ ତାଙ୍କୁ ବାଲେଶ୍ୱର ଫେରିବାକୁ ପଡ଼ିଥିଲା।

ଉଲ୍ଲେଖଯୋଗ୍ୟ, ଲକ୍‌ଡାଉନ ମଧ୍ୟବର୍ତ୍ତୀକାଳୀନ ସମୟରେ ବିଶ୍ୱବିଦ୍ୟାଳୟର କେତେକ ନିର୍ଦ୍ଦିଷ୍ଟ ଅଧ୍ୟାପକ ରେଡ ଜୋନ ଅଞ୍ଚଳରୁ ଆସିଛନ୍ତି। ପାଠପଢ଼ା ନ ହେଉଥିଲେ ସୁଦ୍ଧା ସେମାନେ ନିୟମିତ ବିଶ୍ୱବିଦ୍ୟାଳୟ କାର୍ଯ୍ୟରେ ଯୋଗ ଦେଉଥିବା ଦେଖିବାକୁ ମିଳୁଛି। ରେଡ୍ ଜୋନରୁ ଆସୁଥିବା ଅଧ୍ୟାପକଙ୍କ ପାଇଁ ନିୟମ ଖିଲାପ ହେଉଥିବା ବେଳେ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ କଟକଣା ରହିବା ନେଇ କେତେକ ଛାତ୍ରୀଛାତ୍ର ଏହାର ନିନ୍ଦା କରିଛନ୍ତି। ଏ ସମ୍ପର୍କରେ କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ୱାର୍ଡେନ ଡ. ପାଢ଼ୀ ମତ ଦେଇଛନ୍ତି ଯେ, ଆମେ ତାଙ୍କୁ ନିରାଶ କରିନାହୁଁ। କିଛି ଦିନ ପରେ ଆସି ପୁସ୍ତକ ନେଇଯିବାକୁ କହିଛୁ।



ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଭକ୍ତଙ୍କ ପାଇଁ ଲଗାଯାଇଥିବା ଅସ୍ଥାୟୀ ଶେଡ୍‌କୁ ଶନିବାର ଖୋଲାଯାଉଛି।

## ଖାଦ୍ୟ, ରାଶନ ଯୋଗାଣ, ମହଜୁଦ ଉପରେ ଗୁରୁତ୍ୱ

କଟକ ଅଫିସ,୧୬।୫

ସମ୍ଭାବ୍ୟ ବାତ୍ୟା 'ଅମ୍ଫନ'କୁ ନେଇ କଟକ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଶନିବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ ବସିଛି। ଜରୁରୀ ସେବା ଯଥା ପାନୀୟ ଜଳ, ବିଦ୍ୟୁତ, ରାଶନ ଯୋଗାଣରେ ଅସୁବିଧା ନ ହେବା ଏବଂ ଖାଦ୍ୟ ଓ ରାଶନ ସାମଗ୍ରୀର ଅଭାବ ନ ହେବା ଉପରେ ସତର୍କ ରହିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳୀରେ କୋଭିଡ ଅସ୍ଥାୟୀ ଚିକିତ୍ସା ସେବା କେନ୍ଦ୍ର ଚାଲୁଥିବାରୁ ସେଠାରେ ଯଥା ସମ୍ଭବ ସତର୍କତା ଅବଲମ୍ବନ କରାଯିବ। ଏଥିସହିତ ଅନ୍ୟତ୍ର ବାତ୍ୟାସ୍ଥଳୀ କରାଯିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସବୁ ପରିସ୍ଥିତିରେ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଶାସନ ତତ୍ପର ରହିବାକୁ ଜିଲାପାଳ ଚୟନୀ ଆହ୍ୱାନ ଦେଇଛନ୍ତି। ଏଥିପାଇଁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ। ବୈଠକରେ ଡିସିପି ଅଖିଳେଶ୍ୱର ସିଂ, ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ, ସିଏମସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ ଉପସ୍ଥିତ ଥିଲେ।

## 'ଅମ୍ଫନ' ପ୍ରସ୍ତୁତି ସମୀକ୍ଷା କଲେ ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

'ଅମ୍ଫନ୍' ମୁକାବିଲା ପାଇଁ ଶନିବାର ଶକ୍ତିମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ, ଗ୍ରୀଡକୋ ତଥା ଓପିଟିସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବାତ୍ୟା ସମୟରେ ବିଭିନ୍ନ କୋଭିଡ୍-୧୯ ହସ୍ପିଟାଲ୍ ତଥା ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। କର୍ମଚାରୀ ତଥା ଯନ୍ତ୍ରପାତିର ସ୍ୱଚ୍ଛନ୍ଦ ପରିବହନକୁ ସୁନିଶ୍ଚିତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବାକୁ ବିଭାଗକୁ ଆଦେଶ ଦେଇଛନ୍ତି। ବାତ୍ୟା ପରବର୍ତ୍ତୀ ସ୍ଥିତିର ସଫଳ ମୁକାବିଲା ନିମନ୍ତେ ଗ୍ରୀଡ୍‌କୋ ଓପିଟିସିଏଲ୍‌ଠାରେ ଏକ ୨୪ ଘଣ୍ଟିଆ ମନିଟରିଂ ସେଲ୍ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗଛକଟା ତଥା ରାସ୍ତା ଅବରୋଧ ହଟାଇବା ନିମନ୍ତେ ବିଦ୍ୟୁତ ବିତରଣ କମ୍ପାନୀଙ୍କୁ ଏନ୍‌ଡିଆର୍‌ଏଫ, ଓଡ୍ରାଫ୍, ଅଗ୍ନିଶମ ସେବା, ଓଏଫ୍‌ଡିସି ସଂସ୍ଥାର ସହଯୋଗ ଯୋଗାଇବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଚିଠି ଲେଖିବାକୁ ପାଇଁ ମନ୍ତ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିବା ଶନିବାର ବିଭାଗ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ବିଭାଗୀୟ ଅଧିକାରୀଙ୍କୁ ସଜାଗ ନିର୍ଦ୍ଦେଶ

ପୁରୀ ଅଫିସ,୧୬।୫:

**ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି**

ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ କରୋନା ଯେଉଁଭଳି ଭାବେ ମାଡ଼ି ଚାଲିଛି ଠିକ୍ ଏହି ସମୟରେ ସମ୍ଭାବ୍ୟ ବାତ୍ୟା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ତେବେ କରୋନା ଏବଂ ସମ୍ଭାବ୍ୟ ବାତ୍ୟାକୁ ସମାନ୍ତରାଳ ଭାବେ କିପରି ମୁକାବିଲା କରାଯାଇପାରିବ ସେନେଇ ଶନିବାର ଏକ ପ୍ରସ୍ତୁତି ବୈଠକ ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆବଶ୍ୟକସ୍ଥଳେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ନିମନ୍ତେ ଆଶ୍ରୟସ୍ଥଳୀଗୁଡ଼ିକରେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଶ୍ରୟସ୍ଥଳୀଗୁଡ଼ିକରେ ଆଲୋକ ଏବଂ ପାନୀୟଜଳ ବ୍ୟବସ୍ଥା, ଶୁଖିଲା ଖାଦ୍ୟ ମହଜୁଦ, ଗୋଖାଦ୍ୟ, ଔଷଧ ବନ୍ଦୋବସ୍ତ ନିମନ୍ତେ ବ୍ଲକସ୍ତରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ୩ଟି ଲେଖାଏ ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ ଟିମ୍ ମୁତୟନ ଲାଗି ବ୍ୟବସ୍ଥା ହୋଇଛି। ସମୁଦ୍ର କୂଳରେ ଉଠା ଦୋକାନୀଙ୍କୁ ଉଠି ଯିବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ଗଛ କାଟି ରାସ୍ତା ସଫା କରିବା ନିମନ୍ତେ ପ୍ରତ୍ୟେକ ବ୍ଲକରେ ୩ଟି ଟ୍ରାକ୍ଟର ଏବଂ ଦୁଇଟି ଜେସିବି ମେସିନ ମୁତୟନ କରାଯିବ। ବିଶେଷକରି କୋଣାର୍କରେ ୫ଟି ଜେସିବି ମୁୟତନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରୋଗୀମାନଙ୍କ ନିମନ୍ତେ ନିରବଚ୍ଛିନ୍ନ ସେବା ଯୋଗାଇବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଜିଲା ଜଳ ଯୋଗାଣ ଏବଂ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ସମ୍ଭାବ୍ୟ ବାତ୍ୟା ପାଇଁ ବେଳାଭୂମିରୁ ଉଠାଦୋକାନୀମାନେ ପସରା ଉଠାଉଛନ୍ତି।

ଜିଲାର ସବୁ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଜେନେରେଟର ବ୍ୟବସ୍ଥା କରାଯିବ। ବ୍ଲକସ୍ତରରେ ବ୍ୟାପକ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତୁରନ୍ତ ବିଡିଓ ଏବଂ ତହସିଲଦାରଙ୍କୁ ଅବଗତ କରାଇବା ପାଇଁ ଅଧିକାରୀଙ୍କୁ କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ପ୍ରୋବେସନର ଅଧିକାରୀ ମୟୂର ସୂର୍ଯ୍ୟବଂଶୀ, ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁବାସ ଚନ୍ଦ୍ର ନାଥଶର୍ମା, ଉପଜିଲାପାଳ ଭବତାରଣ ସାହୁ, ଜରୁରୀକାଳୀନ ଅଧିକାରୀ ଇତିଶ୍ରୀ ନାୟକ, ସିଡିଏମ୍‌ଓ ଡା. ନୀଳକଣ୍ଠ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ତାମିଲନାଡୁରେ ଫସିଛନ୍ତି ୩୦ ଶ୍ରମିକ



ଭିଡିଓ ମାଧ୍ୟମରେ ଘରକୁ ଫେରିବା ପାଇଁ ନିବେଦନ କରୁଛନ୍ତି ଓଡ଼ିଆ ଶ୍ରମିକ।

କୃଷ୍ଣପ୍ରସାଦ,୧୬।୫(ଡି.ଏନ୍.ଏ.):

- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ଫେରାଇ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

କରୋନା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଫଳରେ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ୩୦ଶ୍ରମିକ ତାମିଲନାଡୁରେ ଫସି ରହିଛନ୍ତି। ସେମାନଙ୍କ ଫେରିବା ବ୍ୟବସ୍ଥା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରିଛନ୍ତି। ଏ ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି। ସୂଚନା ଅନୁଯାୟୀ, କୃଷ୍ଣପ୍ରସାଦ ଅଞ୍ଚଳର ଉକ୍ତ ଶ୍ରମିକମାନେ କାମ ପାଇଁ ତାମିଲନାଡୁ ଯାଇଥିଲେ। ସେଠାରେ ପହଞ୍ଚିବାର କିଛି ଦିନ ପରେ କରୋନା ଲାଗି ଲକ୍‌ଡାଉନ୍ ଜାରି ହୋଇଥିଲା। ଫଳରେ କାମ କେଉଁଠି ମିଳିଲା ନାହିଁ। ଯାହା ଟଙ୍କା ପାଖରେ ଥିଲା ସବୁ ଖର୍ଚ୍ଚ ହୋଇଗଲା। ପାଖରେ ଆଉ ଅର୍ଥ ନ ଥିବା ବେଳେ ନିଜ ଗ୍ରାମକୁ ଫେରିବା ବ୍ୟବସ୍ଥା କରାଇବା ଲାଗି ଶ୍ରମିକମାନେ ଏକ ଭିଡିଓରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ସଚ୍ଚୋଟପଣିଆ ଦେଖାଇଲେ ୩ ଟିଟିଇ

### ସୁନା, ଟଙ୍କା ସହ ପର୍ସ ଫେରାଇ ପ୍ରଶଂସା ପାଇଲେ



ଭୁବନେଶ୍ୱର,୧୬।୫ (ବ୍ୟୁରୋ)

ଟ୍ରେନ୍‌ରେ ପାଇଥିବା ଏକ ପର୍ସକୁ ଫେରାଇ ସଚ୍ଚୋଟପଣିଆ ଦେଖାଇଛନ୍ତି ୩ଜଣ ଟିଟିଇ। ଉକ୍ତ ପର୍ସଟି ଜଣେ ମହିଳା ଯାତ୍ରୀଙ୍କର ହୋଇଥିବାବେଳେ ସେଥିରେ ୨୨ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଥିଲା। ଏହି ତିନିଜଣ ଟିଟିଇ ହେଲେ ଟିଏସ୍ କୌଶିକ୍ ସାହା, ଏସ୍‌ଆର୍‌ସି ରାଜୁ ଓ ଜି.କେ. ଆନନ୍ଦ। ଏଥିପାଇଁ ରେଳ ବିଭାଗ ଟୁଇଟ୍ କରି ସେମାନଙ୍କୁ ପ୍ରଶଂସା କରିଛନ୍ତି। ଶୁକ୍ରବାର ଦିଲ୍ଲୀ-ଭୁବନେଶ୍ୱର ସ୍ପେଶାଲ ଟ୍ରେନ (୦୨୮୨୪)ରେ ଜଣେ ମହିଳା ଯାତ୍ରୀ ବସିଥିବା ସିଟ୍‌ରେ ପର୍ସ ଛାଡ଼ି ଗୟା ଷ୍ଟେଶନରେ ଓହ୍ଲାଇଥିଲେ। ଉକ୍ତ ବଗିରେ ଟିକେଟ ଯାଞ୍ଚ କରୁଥିବା ଟିଏସ୍ କୌଶିକ ଓ ଅନ୍ୟ ଦୁଇଜଣ ପର୍ସଟିକୁ ପାଇ ନିକଟ ଷ୍ଟେଶନରେ ଥିବା ଆରପିଏଫ କର୍ମଚାରୀଙ୍କୁ କହିଥିଲେ। ପର୍ସରୁ ମହିଳାଙ୍କ ଫୋନ୍ ନମ୍ବର ଓ ପରିଚୟପତ୍ର ମିଳିବା ପରେ ଆରପିଏଫ୍ ତାଙ୍କ ସହ ଯୋଗାଯୋଗ କରି ତାହାକୁ ଫେରାଇଥିଲେ।

## ରଥଖଳାରେ ବାଡ଼ିଆପିଟା

ପୁରୀ ଅଫିସ,୧୬।୫:

**ରଥ ଅମିନ ଓ ତାଙ୍କ ପୁଅ ଆହତ**

ରଥଖଳାରେ ବାଡ଼ିଆପିଟା। ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଏବଂ ତାଙ୍କ ପୁଅ ସୁଧାକରଙ୍କୁ ନିସ୍ତୁକ ମାଡ଼ ମରାଯାଇଛି। ଫଳରେ ଉଭୟେ ଆହତ ହୋଇଛନ୍ତି। ସୁଧାକରଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ଏନେଇ ସିଂହଦ୍ୱାର ଥାନାରେ ସେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରଥ ନିର୍ମାଣ ଲାଗି କେଉଁ କାଠ ଉପଯୋଗୀ ତାହାକୁ ଚୟନ କରି ନିର୍ମାଣକାରୀଙ୍କୁ ଯୋଗାଇଥାନ୍ତି ରଥ ଅମିନ। ତେଣୁ ଏହି ଘଟଣା ପରେ ରଥ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇପାରେ ବୋଲି କୁହାଯାଉଛି।

ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ଶନିବାର ଦ୍ୱିପ୍ରହରରେ ରଥ ନିର୍ମାଣକାରୀ ସେବକମାନେ ରଥଖଳା ନିକଟ ନୂଆ ଜୋତାଷ୍ଟାଣ୍ଡ ପାଖରେ ଖାଉଥିଲେ। ସେଠାରେ ରଥ ଅମିନ ଓ ତାଙ୍କ ପୁଅ ମଧ୍ୟ ଖାଉଥିଲେ। ଏହାଦେଖି ମହାରଣା ସେବକ ବାବନ ମହାରଣା ଏବଂ ନାରାୟଣ ମହାରଣା ସୁଧାକରଙ୍କୁ ଏଠି କାହିଁକି ଖାଉଛୁ ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ବାବନ ଏବଂ ନାରାୟଣ ଉଭୟେ ସୁଧାକରଙ୍କ ପାଖକୁ ଆସି ତାଙ୍କୁ ମାଡ଼ ମାରିଥିଲେ। ପୁଅକୁ ମାଡ଼ ମରାଯାଉଥିବା ଦେଖି ଲକ୍ଷ୍ମଣ ଅଟକାଇବାରୁ ତାଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଏହାପରେ ରଥ ନିର୍ମାଣକାରୀ ଅନ୍ୟ ସେବକମାନେ ହସ୍ତକ୍ଷେପ କରି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। ମାଡ଼ରେ ସୁଧାକରଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଅନ୍ୟ ସେବକମାନେ ସଙ୍ଗେସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏ ସମ୍ପର୍କରେ ସିଂହଦ୍ୱାର ଆଇଆଇସି ଗେହ୍ଲି ସାହୁ କହିଛନ୍ତି, ଅଭିଯୋଗକୁ ଆଧାର କରି ମାଡ଼ ମାରିଥିବା ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ. ୪୩/୨୦୨୦) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ରବିବାର ସାକ୍ଷୀଙ୍କ ବୟାନ ନେବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି।

# ମୃତ ପ୍ରବାସୀ ଶ୍ରମିକଙ୍କ ପରିବାରକୁ ୫୦ ଲକ୍ଷ ଦାବି

କଟକ ଅଫିସ,୧୬।୫

**କ୍ଷତିପୂରଣ ଦାବି କଲା ଏଆଇୟୁଟିୟୁସି**

ସରକାରଙ୍କ ପ୍ରବାସୀ ଶ୍ରମିକ ମାରଣ ନୀତିକୁ ନେଇ କଲେଜଛକରେ ଶନିବାର ବିରୋଧ ପ୍ରଦର୍ଶନ କରିଛି ଏଆଇୟୁଟିୟୁସି। ରାଜ୍ୟ ବାହାରେ କାମ କରୁଥିବା ଶ୍ରମିକ ରାସ୍ତାରେ ଚାଲିଚାଲି ଆସିବା ବେଳେ ସେମାନଙ୍କର ମୃତ୍ୟୁ ହେଉଛି। ଏପରିକି ଅତ୍ୟାଚାରରେ ଶ୍ରମିକମାନେ ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ତେଣୁ ସରକାର ସମସ୍ତ ମୃତ ଶ୍ରମିକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇଦେବାକୁ ଦାବି କରାଯାଇଛି। ଶ୍ରମିକଙ୍କୁ ଖାଦ୍ୟପେୟ, ଚିକିତ୍ସା ଓ ଥଇଥାନ ପାଇଁ ସେମାନଙ୍କ ରାଜ୍ୟରେ ସୁରକ୍ଷିତ ପହଞ୍ଚାଇବା, ଖରାପ ଆଚରଣ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଙ୍ଗଠନର କଟକ ନଗର ସମ୍ପାଦକ ବିଶ୍ୱାବସୁ ଦାବି କରିଛନ୍ତି। ଏଥିପ୍ରତି ଦୃଷ୍ଟି ନ ଦେଲେ, ଆଗାମୀ ଦିନରେ ସରକାର ଏଥିପାଇଁ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି। ବିରୋଧ ପ୍ରଦର୍ଶନ ବେଳେ ଜିଲା ସମ୍ପାଦକ ରାଜକିଶୋର ମଲିକ, କୋଷାଧ୍ୟକ୍ଷ ଖଗେଶ୍ୱର ସେଠୀ, ବସନ୍ତ ନାୟକ ସାମିଲ ଥିଲେ।




ଏଆଇୟୁଟିୟୁସିର ସଦସ୍ୟମାନେ ବିଭିନ୍ନ ଦାବିରେ ବିରୋଧ ପ୍ରଦର୍ଶନ କରୁଛନ୍ତି।

# କୃତ୍ରିମ ବନ୍ୟାରେ ବୁଡ଼ିବ ଭୁବନେଶ୍ୱର

ଭୁବନେଶ୍ୱର, ୧୬।୫(ବ୍ୟୁରୋ):

- ମୌସୁମୀ ମୁକାବିଲାରେ କରୋନା ବାଧକ
- ଡ୍ରେନ୍ ନିର୍ମାଣ, ପଙ୍କ କଢ଼ା କାର୍ଯ୍ୟରେ ବିଳମ୍ବ

କରୋନା ମୁକାବିଲା ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସମସ୍ତ ପ୍ରଚେଷ୍ଟା ଚଳାଇଛି। କିନ୍ତୁ ଏହି ବାହାନାରେ ନୂତନ ଡ୍ରେନ୍ ନିର୍ମାଣ ଓ ଡ୍ରେନ୍‌ରୁ ପଙ୍କ ଉଦ୍ଧାର କାର୍ଯ୍ୟ ଏବେ ବହୁ ପଛକୁ ଚାଲିଯାଇଛି। ଫଳରେ ଭୁବନେଶ୍ୱରରେ ଚଳିତବର୍ଷ ମଧ୍ୟ କୃତ୍ରିମ ବନ୍ୟା ଦେଖିବାକୁ ମିଳିବାର ଆଶା ପ୍ରକାଶ ପାଇଛି। ଆସନ୍ତା ମାସରେ ମୌସୁମୀ ଆସିବାକୁ ଥିବାବେଳେ ଏହାର ମୁକାବିଲା ଦିଗରେ କରୋନା ବାଧକ ସାଜିପାରେ। ଅନ୍ୟପଟେ ୧୫ଦିନ ମଧ୍ୟରେ ଡ୍ରେନ୍ ପୁନରୁଦ୍ଧାର ଓ ଚାଲିଥିବା ନୂତନ ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ସାରିବାକୁ ବିଏମ୍‌ସି କର୍ତ୍ତୃପକ୍ଷ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୫ ଦିନ ମଧ୍ୟରେ ଭୁବନେଶ୍ୱରରେ ଥିବା ୬୦ କି.ମି.ର ମୁଖ୍ୟ ନାଳ ଓ ୫୬୦ କି.ମି.ର ଆଭ୍ୟନ୍ତରୀଣ ନାଳର ପୁନରୁଦ୍ଧାର ଓ ପଙ୍କ ଉଦ୍ଧାର କାର୍ଯ୍ୟ ସାରିବା ଅସମ୍ଭବ ବୋଲି ସମ୍ପୃକ୍ତ ଠିକା ସଂସ୍ଥାମାନେ ପ୍ରକାଶ କରିଛନ୍ତି। ଫଳରେ ଚଳିତବର୍ଷ ମଧ୍ୟ ଲୋକଙ୍କ ଘରେ ପୁନର୍ବାର ପାଣି ପଶିବ ବୋଲି ସ୍ପଷ୍ଟ ଭାବେ ଅନୁମାନ କରାଯାଉଛି।

ଭୁବନେଶ୍ୱରରେ ପ୍ରତିବର୍ଷ ଜଳବନ୍ଦୀ ସମସ୍ୟା ଲାଗି ରହୁଥିବାରୁ ଏଥର ପୂର୍ବନିର୍ଦ୍ଧାରିତ ଯୋଜନା ଅନୁଯାୟୀ ମାର୍ଚ୍ଚରୁ ଡ୍ରେନ୍ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ କରୋନା ପାଇଁ ଗତ ୨ ମାସ ହେବ କାର୍ଯ୍ୟ ବନ୍ଦ ଥିଲା। ତୃତୀୟ ଲକ୍‌ଡାଉନ୍‌ରେ ନିର୍ମାଣ କାର୍ଯ୍ୟ କରିବାକୁ ଅନୁମତି ମିଳିଥିବାରୁ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ଥିବା ଡ୍ରେନ୍ କାର୍ଯ୍ୟ ଆରମ୍ଭ ହୋଇଛି ସତ କିନ୍ତୁ ତରବରିଆ ଭାବେ କାର୍ଯ୍ୟ କରିବାରୁ ଅନେକ ଡ୍ରେନ୍ କାର୍ଯ୍ୟ ସରିବା ପୂର୍ବରୁ ଭାଙ୍ଗିପଡ଼ିଥିବାର ନଜରକୁ ଆସିଛି। ନିକଟରେ ନୟାପଲ୍ଲୀସ୍ଥିତ ମୁଖ୍ୟ ଡ୍ରେନ୍ ମଧ୍ୟ ନିର୍ମାଣ କାର୍ଯ୍ୟ ସରିବା ପୂର୍ବରୁ ଭୁଶୁଡ଼ିଥିବାର ନଜିର ରହିଛି।

ଡ୍ରେନେଜ୍ ଡିଭିଜନରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱରରେ ଏବେ ୨୮ କିମିର ନୂଆ ଡ୍ରେନ୍ ନିର୍ମାଣ କାମ ଚାଲିଥିବାବେଳେ ଆବଶ୍ୟକ ଅନୁଯାୟୀ ଡ୍ରେନ୍‌ରେ ସ୍ଲାବ୍ ପଡୁଛି। ଯେଉଁ ଠିକାସଂସ୍ଥା ପଙ୍କୋଦ୍ଧାର କରି ରାସ୍ତାକଡ଼ରେ ଗୋଟିଏ ଦିନରୁ ଅଧିକ ସମୟ ଯାଏ ପକାଇ ରଖିବ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡ୍ରେନେଜ୍ ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ପୁଣି ୨ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ/ଓଡଗାଁ,୧୬।୫(ସ୍ୱ.ପ୍ର.):** ଓଡଗାଁ ବ୍ଲକ ଅଞ୍ଚଳରୁ ଶନିବାର ୨ଜଣ ଚିହ୍ନଟ ପରେ ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬ରେ ପହଞ୍ଚିଛି। କରଡା ହରିହରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଜଣେ ୨୨ ବର୍ଷୀୟା ମହିଳା ଓ କୋମଣ୍ଡ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୪୩ ବର୍ଷର ଯୁବକ ଚିହ୍ନଟ ହୋଇଛନ୍ତି। ଉଭୟ ଆକ୍ରାନ୍ତ ସୁରଟରୁ ଆସି କ୍ୱାରାଣ୍ଟାଇନ୍‌ରେ ଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ଉଭୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ବୋଲି ଉପଜିଲାପାଳ ଲମ୍ବଜିତ ରାଉତ ସୂଚନା ଦେଇଛନ୍ତି। ପ୍ରକାଶଥାଉକି କୋମଣ୍ଡ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୪ ଶିଶୁ, ୪ ମହିଳାଙ୍କ ସମେତ ୪୬ଜଣ ଥିଲେ।

### ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୧୬।୫:** ଶାଶୁଘରେ ନିର୍ଯାତନା ଯୋଗୁ ଜଣେ ମହିଳା ବାପଘରକୁ ଆସି ଶନିବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଚାଟରାର ମୌସୁମୀ ଦାସ ମହାପାତ୍ର। ଏ ସମ୍ପର୍କରେ ତାଙ୍କ ଭାଇ ରୁଦ୍ରପ୍ରସାଦ ଦାସ ମହାପାତ୍ର ଜଗତ୍‌ସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ମାମଲା (ନଂ-୧୪୧/୨୦) ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ରଘୁନାଥପୁର ଥାନା ସୁଧୁଭୂମିର ସୌମ୍ୟଜିତ ସ୍ୱାଇଁଙ୍କ ସହ ମୌସୁମୀଙ୍କ ବିବାହ ହୋଇଥିଲା। ସ୍ୱାମୀଙ୍କ ଅନୁପସ୍ଥିତିରେ ମୌସୁମୀଙ୍କ ଶାଶୁ ଓ ୨ ନଣନ୍ଦ ତାଙ୍କୁ ନିର୍ଯାତନା ଦେଉଥିଲେ। ଏପରିକି ୨ ନଣନ୍ଦ ପୂର୍ବରୁ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ମୌସୁମୀ ନିର୍ଯାତନା ସହି ନ ପାରି ବାଧହୋଇ ବାପ ଘର ଆସି ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ପକ୍ଷରୁ ଏନେଇ ତଦନ୍ତ ଜାରି ରହିଛି।

### ଛତିଶଗଡ଼ ଗଲେ ୪୨ ପ୍ରବାସୀ ଶ୍ରମିକ

**ନୟାଗଡ଼ ଅଫିସ,୧୬।୫:** ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ୪୨ ଜଣ ପ୍ରବାସୀ ଶ୍ରମିକଙ୍କୁ ଏକ ସ୍ୱତନ୍ତ୍ର ବସ ଯୋଗେ ଛତିଶଗଡ ପଠାଯାଇଛି। ସୂଚନା ଅନୁସାରେ ଛତିଶଗଡର ୪୨ ଶ୍ରମିକ ଜଗତ୍‌ସିଂହପୁରରେ କାମ କରୁଥିଲେ। ଲକ୍‌ଡାଉନ ପରେ ସେମାନେ କାମ ହରାଇ ଗାଁକୁ ଫେରୁଥିଲେ। ପାଦରେ ଚାଲି ଚାଲି ଆସୁଥିବାବେଳେ ନୟାଗଡ ଜିଲାର ଇଟାମାଟି ଥାନା ପୋଲିସ ୩ଦିନ ତଳେ ଏମାନଙ୍କୁ ପଣ୍ଡୁସର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଲମ୍ବଜିତ ରାଉତଙ୍କ ଉପସ୍ଥିତିରେ ଦେବୋତ୍ତର, ଶ୍ରମ ବିଭାଗ, ନୟାଗଡ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଶୁଖିଲା ଖାଦ୍ୟ ଦିଆଯାଇ ଛତିଶଗଡ ପଠାଯାଇଛି।

### ବେଆଇନ ବାଲି ଉଠାଣ ବେଳେ ଚଢ଼ାଉ
#### ୧୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ଛାଡ଼ି ପଳାଇଲେ ଚାଳକ

**ମାହାଙ୍ଗା, ୧୬।୫(ସ୍ୱ.ପ୍ର.):** ମାହାଙ୍ଗା ତହସିଲ ଅଧୀନ ଖର୍ଣ୍ଣାଙ୍ଗ-ଚଣ୍ଡିହାଟ ବାଲିଘାଟ ଉପରେ ଶନିବାର ମାହାଙ୍ଗା ତହସିଲ ଓ ଥାନା ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଏହି ସମୟରେ ବେଆଇନ ବାଲି ଚାଲାଣ କରୁଥିବା ୩ ଟ୍ରାକ୍ଟରକୁ ଜବତ କରାଯାଇଛି। ଏହାଦେଖି ଘାଟରେ ବାଲି ଚାଲାଣ ପାଇଁ ଅପେକ୍ଷା କରିଥିବା ୧୦ ଊର୍ଦ୍ଧ୍ୱ ଟ୍ରାକ୍ଟରର ଚାଳକ ସେମାନଙ୍କ ଗାଡ଼ି ଛାଡି କୌଶଳକ୍ରମେ ଖସିଯାଇଛନ୍ତି। ଅପରପକ୍ଷେ ଚଢ଼ାଉ ବେଳେ କେତେ ଜଣ ବାଲି ବୋଝେଇ ଟ୍ରାକ୍ଟର ଚାଳକ ଡାଲାରୁ ବାଲି କାଢି ଘାଟର ଅନ୍ୟ ରାସ୍ତାରେ ପଳାଇଥିବା ଜଣାପଡ଼ିଛି। କୌଣସି ସୂତ୍ରରୁ ଖବରପାଇ ମାହାଙ୍ଗା ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ,ଅତିରିକ୍ତ ତହସିଲଦାର ଦିଲୀପ ନାୟକ, ବାବୁରାମ ମୁର୍ମୁ, ଆଇଆଇସି ରଞ୍ଜନ କୁମାର ପ୍ରଧାନ ଓ ଏଏସଆଇ ସମୀର ଲେଙ୍କା ପୋଲିସ ଫୋର୍ସ ସହ ବାଲିଘାଟ ଉପରେ ଚଢ଼ାଉ କରିଥିଲେ।

### ବିନା ରାଶନ କାର୍ଡରେ ମିଳିବ କିରୋସିନ

**ଏରସମା,୧୬।୫(ସ୍ୱ.ପ୍ର.):** କରୋନା ମହାମାରୀ ସମୟରେ ରାଶନ କାର୍ଡ ନ ଥିଲେ ମଧ ଏରସମା ବ୍ଲକ ହିତାଧିକାରୀଙ୍କୁ କିରୋସିନ ଯୋଗାଇ ଦିଆଯିବ ବୋଲି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ମାସଠାରୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏରସମା ବ୍ଲକ ଯୋଗାଣ ଅଧିକାରୀ ଯଶୋବନ୍ତ ମଲ୍ଲିକ ସୂଚନା ଦେଇଛନ୍ତି।

# ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିପନ୍ନ

**ଯାଜପୁର ଅଫିସ,୧୬।୫**



ଫେରୋକ୍ରୋମ ଇସ୍‌ଆଇ ଡିସ୍‌ପେନ୍‌ସାରୀ।

**ଯାଜପୁର ଜିଲା**
- ଇଏସ୍‌ଆଇସି ବୀମା ଯୋଜନାରୁ ଉପେକ୍ଷିତ
- ୭ ବର୍ଷ ହେଲା ପ୍ରସ୍ତାବରେ ସୀମିତ ଇଏସ୍‌ଆଇ ହସ୍ପିଟାଲ
- ତୁରନ୍ତ ଜମି ଚିହ୍ନଟ ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ

ଶ୍ରମିକ ଓ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଚିକିତ୍ସା ସୁବିଧା, କ୍ଷତିପୂରଣ, ଥଇଥାନ ଆଦି ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ କାର୍ଯ୍ୟ କରୁଛି କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି)। ଶିଳ୍ପ ଓ ଖଣି ସମୃଦ୍ଧ ଯାଜପୁର ଜିଲାରେ ଏହାର ଆବଶ୍ୟକତା ଅଧିକ ଥିବାବେଳେ ବହୁ ଶ୍ରମିକ ଓ କର୍ମଚାରୀ କେନ୍ଦ୍ର ସରକାରଙ୍କ ଏହି କଲ୍ୟାଣକାରୀ ସଂସ୍ଥା ଜରିଆରେ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। କାରଣ ବହୁ ସଂଖ୍ୟାକ ଶ୍ରମିକ ଓ କର୍ମଚାରୀଙ୍କୁ ଏଥିରେ ବୀମାଭୁକ୍ତ କରାଯାଉନାହିଁ। କିଛି ଶିଳ୍ପ, ବ୍ୟାବସାୟିକ ପ୍ରତିଷ୍ଠାନ ଲାଭ ପହଞ୍ଚାଇବାକୁ ଯାଇ ବହୁ ଶ୍ରମିକ ପରିବାରର ସାମାଜିକ ସୁରକ୍ଷାକୁ ବିପନ୍ନ କରାଯାଇଛି। ଆଉ ଯେଉଁମାନେ ବୀମାଭୁକ୍ତ ହୋଇଛନ୍ତି ସେମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ କୌଣସି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନାହିଁ। କାରଣ ଜିଲାରେ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ(ଡୁବୁରୀ) ସ୍ଥାପନ ପାଇଁ ୭ ବର୍ଷ ହେଲା ପ୍ରସ୍ତାବ ରହିଥିଲେ ହେଁ ତାହା ବାସ୍ତବ ରୂପ ନେଇପାରୁନାହିଁ।

ଇଏସ୍‌ଆଇ ଆକ୍ଟ ୧୯୪୮ରେ ଲାଗୁ ହେବାପରେ ଓଡ଼ିଶାରେ ୩୦।୧୧।୧୯୬୦ରୁ କାର୍ଯ୍ୟକାରୀ ହୋଇଆସୁଛି। ଏହା ମାଧ୍ୟମରେ କେବଳ ବୀମାଭୁକ୍ତ ବ୍ୟକ୍ତି ଏବଂ ସେମାନଙ୍କ ପରିବାରବର୍ଗ ଲାଭ ପାଉନାହାନ୍ତି, ବରଂ ଶ୍ରମିକ ନିଯୋଜନକାରୀ ଫ୍ୟାକ୍ଟ୍ରି, ସଂସ୍ଥାଗୁଡିକ ମଧ୍ୟ ଶ୍ରମିକ କ୍ଷତିପୂରଣ ଆଇନ ଓ ମାତୃତ୍ୱକାଳୀନ ସୁବିଧା ଆଇନରୁ ଛାଡ଼ ପାଇବା ସହ ଆୟକର ରିହାତି ପାଇ ଲାଭବାନ ହେଉଛନ୍ତି। ଆଇନର ବ୍ୟବସ୍ଥାନୁଯାୟୀ ବୀମା ବାବଦକୁ ଶ୍ରମିକ ଓ କର୍ମଚାରୀ ସେମାନଙ୍କ ମଜୁରିର ୦.୭୫% ଏବଂ ନିଯୁକ୍ତିଦାତା ୩.୨୫% ଅର୍ଥ ବୀମା ନିଗମ ଜରିଆରେ ସରକାରଙ୍କଠାରେ ପୈଠକରି ରାଜସ୍ୱ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି। ହେଲେ ଯାଜପୁର ଜିଲାରେ ଏଭଳି ଏକ କଲ୍ୟାଣକାରୀ ବୀମା ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଘୋର ଅବହେଳା କରାଯାଉଛି। ନିଗମ ପକ୍ଷରୁ ନିଯୁକ୍ତ କେତେଜଣ ଅଧିକାରୀ ଶିଳ୍ପ କାରଖାନା ଓ ପ୍ରତିଷ୍ଠାନଗୁଡିକରେ ଏହି ବୀମା ଯୋଜନା କାର୍ଯ୍ୟକାରୀ କରିବାରେ ସମୟ ଗଡ଼ାଇ ଚଳାଇଛନ୍ତି। ବିଶେଷକରି ନୂଆ ଶିଳ୍ପ ସଂସ୍ଥାଗୁଡିକର ଶ୍ରମିକଙ୍କ ପଞ୍ଜୀକରଣ ନ ହେବାରୁ ବୀମାଭୁକ୍ତ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇବାକୁ ଲାଗିଛି। ବିଭିନ୍ନ ଶିଳ୍ପସଂସ୍ଥା ସହ ସିନେମା ହଲ୍, ହୋଟେଲ, ବ୍ୟାବସାୟିକ ପ୍ରତିଷ୍ଠାନ, ଦୋକାନଗୁଡିକୁ ମଧ୍ୟ ଏଥିରୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଛି। ଏଥିରୁ ସ୍ପଷ୍ଟ ଯେ, ବିଭିନ୍ନ ଅନୁଷ୍ଠାନକୁ ଅନୁକମ୍ପା ଦେଖାଇ ରିହାତି ଦିଆଯାଉଛି। ଫଳରେ ଶ୍ରମିକ ଶ୍ରେଣୀ ସାମାଜିକ ସୁରକ୍ଷା ପାଇପାରୁ ନ ଥିବାବେଳେ ସରକାରଙ୍କ ବିପୁଳ ରାଜସ୍ୱ ହାନି ଘଟୁଛି।

ଇଏସ୍‌ଆଇ ହସ୍ପିଟାଲ(ଡୁବୁରୀ) ସ୍ଥାପନ ପାଇଁ ସୁକିନ୍ଦା ଓ ଦାନଗଦି ତହସିଲ ଅଧୀନ ୩ ସ୍ଥାନର ୫ ଏକର ଲେଖାଏ ଜମି ଚିହ୍ନଟ ହୋଇଛି। ଏ ସଂକ୍ରାନ୍ତରେ ଜଏଣ୍ଟ ଭେରିଫିକେଶନ ଟିମ୍ ଗତ ଫେବୃୟାରୀ ୪ରେ ରିପୋର୍ଟ ଦାଖଲ କରି ସାରିଛି। କିନ୍ତୁ ଜମି ଚିହ୍ନଟ ପ୍ରକ୍ରିୟା ଚୂଡ଼ାନ୍ତ ହୋଇପାରୁ ନ ଥିବାରୁ ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବୀମାଭୁକ୍ତ ଶ୍ରମିକ ଓ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କ ଚିକିତ୍ସା ପାଇଁ ଜିଲାରେ ଏକ ହସ୍ପିଟାଲ ସ୍ଥାପନ ହୋଇ ନ ପାରିବା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବୋଲି ଶ୍ରମିକ ନେତା ଦୁଷ୍ମନ୍ତ ରାଉତ ପ୍ରକାଶ କରିଛନ୍ତି। ହସ୍ପିଟାଲ ସ୍ଥାପନ ପାଇଁ ତୁରନ୍ତ ପ୍ରସ୍ତାବିତ ଜମି ଅଞ୍ଚଳକୁ ଗସ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅତିରିକ୍ତ କମିଶନର ଓ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ରାଜ୍ୟ ଇଏସ୍‌ଆଇସି ନିର୍ଦ୍ଦେଶକ ଗତ ୧୪ ତାରିଖରେ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଜିଲାରେ ଫେରୋକ୍ରୋମ, ପଙ୍କପାଳ ଓ ଧାନମଣ୍ଡଳଠାରେ ଗୋଟିଏ ଲେଖାଏ ଇଏସ୍‌ଆଇ ଡିସ୍‌ପେନସାରି ରହିଛି। ହେଲେ ସେଠାରେ ଆବଶ୍ୟକ ଡାକ୍ତର ନାହାନ୍ତି। ସପ୍ତାହକୁ ଥରେ ଡାକ୍ତର ଆସିବା ଫଳରେ ଇଏସ୍‌ଆଇ ବୀମାଧାରୀ ଉପକୃତ ହୋଇପାରୁନାହାନ୍ତି। ଯେଉଁ ମେଡିସିନ ଆସୁଛି ତାହା ଗ୍ରହଣଯୋଗ୍ୟ ନୁହେଁ ବୋଲି ଶ୍ରମିକ ନେତା ରାଉତ କହିଛନ୍ତି।

# ସମ୍ଭାବ୍ୟ ବାତ୍ୟା ପାଇଁ ଛୁଟି ବାତିଲ



**ଯାଜପୁର ଅଫିସ,୧୬।୫**

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଓଡ଼ିଶାରେ ପ୍ରଭାବ ବିସ୍ତାର କରିବା ଆଶଙ୍କା ରହିଥିବାରୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଏହି ମର୍ମରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଶନିବାର ନିର୍ଦ୍ଦେଶ ଜାରି କରିବା ସହ କେହି ହେଡ୍‌କ୍ୱାର୍ଟର୍ସ ନ ଛାଡ଼ିବାକୁ କଡ଼ା ତାଗିଦ କରିଛନ୍ତି। ସେ ସୂଚନା ଦେଇ କହିଛନ୍ତି ଯେ, କରୋନାର ମୁକାବିଲା ପାଇଁ ପ୍ରଶାସନ ବ୍ୟସ୍ତ ରହିଥିବାବେଳେ ବାତ୍ୟା ଆଶଙ୍କା ମଧ୍ୟ ଅତିରିକ୍ତ ଦାୟିତ୍ୱ ଭାବେ ନିର୍ବାହ କରିବାକୁ ପଡ଼ିବ। ବ୍ଲକ, ତହସିଲଗୁଡ଼ିକରେ ଅନୁରୂପ ବ୍ୟବସ୍ଥା ସହ ସମସ୍ତ ଲାଇନ ଡିପାର୍ଟମେଣ୍ଟ, ହସ୍ପିଟାଲ ଓ ଅନ୍ୟାନ୍ୟ ବାତ୍ୟା ସହାୟତା କାର୍ଯ୍ୟାଳୟଗୁଡିକ ମଧ୍ୟ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ସମସ୍ତ କର୍ମଚାରୀ କାର୍ଯ୍ୟାଳୟ ଆସି ପ୍ରଦାନ କରାଯାଉଥିବା ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରିବେ। ଅପରପକ୍ଷେ ପ୍ରତ୍ୟେକ ନିୟନ୍ତ୍ରଣ କକ୍ଷକୁ ରାତିଦିନ କାର୍ଯ୍ୟକ୍ଷମ କରିବା, ଲୋକମାନଙ୍କୁ ଜରୁରୀ ସୂଚନା ଦେବା, ଆଶ୍ରୟସ୍ଥଳଗୁଡିକୁ ଲୋକମାନଙ୍କ ରହଣି ଉପଯୋଗୀ ରଖିବାର ବ୍ୟବସ୍ଥାକୁ ସୁପରିଚାଳନା ସହ ମୌଳିକ ସୁବିଧା, ସୁଯୋଗ ସୁନିଶ୍ଚିତ କରିବାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ସମସ୍ତ ବିଡିଓ, ତହସିଲଦାର ଓ ଜରୁରିକାଳୀନ ବିଭାଗଗୁଡିକୁ ପରାମର୍ଶ ଦେଇଛନ୍ତି। ଏହାସହ ଶନିବାର ଭିଡିଓ କନଫରେନ୍ସି ମାଧ୍ୟମରେ ତଳୁଆ ଅଞ୍ଚଳର ଲୋକମାନଙ୍କ ଉପରେ ଦୃଷ୍ଟି ରଖିବାକୁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ ଅନୁଷ୍ଠିତ ଜରୁରିକାଳୀନ ବୈଠକରେ ପ୍ରତ୍ୟେକ ବିଭାଗ ସତର୍କ ରହି ନିଜ ନିଜର ନିୟନ୍ତ୍ରଣ କକ୍ଷ ଖୋଲି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

**୬୯୬ ଗ୍ରାମ, ୯ ପୌରୱାର୍ଡ ସ୍ପର୍ଶକାତର**

ଜିଲାର ୨୪୯ ପଞ୍ଚାୟତର ୬୯୬ ଗ୍ରାମ ଓ ୨ ପୌର ପରିଷଦର ୯ ୱାର୍ଡ ସ୍ପର୍ଶକାତର ଭାବେ ଗ୍ରହଣ କରାଯାଇଛି। ଏହାବାଦ ୧,୧୫,୬୯୪ ଲୋକଙ୍କୁ ଅସୁରକ୍ଷିତ ଭାବେ ବିବେଚନା କରାଯାଇ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ଅମ୍ଫନ୍‌କୁ ନେଇ ଚିନ୍ତାରେ ଜିଲାବାସୀ

**କେନ୍ଦ୍ରାପଡ଼ା ଅଫିସ, ୧୬।୫**

ବଙ୍ଗୋପସାଗରର ଦକ୍ଷିଣ ପୂର୍ବ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେଇଛି। ପ୍ରାକ୍ ମୌସୁମୀର ଏହି ସାମୁଦ୍ରିକ ଝଡ ଅମ୍ଫନ କେନ୍ଦ୍ରାପଡା ଜିଲାରେ ପ୍ରଭାବ ପକାଇବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଜିଲା ପ୍ରଶାସନକୁ ସତର୍କ କରାଯାଇଛି। କେନ୍ଦ୍ରାପଡା ଜିଲା ପ୍ରାକୃତିକ ବିପର୍ଯ୍ୟୟ ଜୋନରେ ଥିବାରୁ ଜିଲାବାସୀ ଏବେ ଚିନ୍ତାରେ ଅଛନ୍ତି। ୨୦୧୯ରେ ହୋଇଥିବା ଫନୀ ତୁଳନାରେ ଏହାର ପ୍ରଭାବ କମ୍ ବେଶି ନେଇ ଆଲୋଚନା ହେଉଛି। ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ବାତ୍ୟା ମୁକାବିଲା ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ତେବେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଜୋନରେ ଏହି ଜିଲା ଥିବାରୁ ଉଦ୍ଧାର ପାଇଁ ପ୍ରତିବର୍ଷ ମକ୍‌ଡ୍ରିଲ ହେଉଛି। ଓସ୍‌ଡମା ପକ୍ଷରୁ ଜିଲା ପ୍ରଶାସନ, ବେସରକାରୀ ଅନୁଷ୍ଠାନ ସହ ମିଶି ଧନଜୀବନ ସୁରକ୍ଷିତ ପାଇଁ ମକ୍‌ଡ୍ରିଲ କରାଯାଉଛି। ଜିଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକର ନିରୀକ୍ଷଣ କରାଯାଇଛି। କେତେକ ସ୍ଥାନରେ କରୋନା ପାଇଁ ସଙ୍ଗରୋଧ ଗୃହ ହୋଇଥିବାରୁ ଏହାକୁ ସ୍ଥାନାନ୍ତର କରାଯାଉଛି। ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଗୁରୁତ୍ୱ ଦିଆଯାଇଛି। ଅଗ୍ନିଶମ ବାହିନୀ, ଓଡିଆରଏଫ, ଏନ୍‌ଡିଆରଏଫ୍ ଟିମ୍ ସମ୍ଭାବ୍ୟ ସାମୁଦ୍ରିକ ଝଡରେ ନିୟୋଜିତ ହେବ। ଏହାକୁ ନେଇ ଜିଲାବାସୀ ଆତଙ୍କିତ ହେବା ଆବଶ୍ୟକ ନାହିଁ।

# ଛାତ୍ରୀଛାତ୍ରଙ୍କ ଫି' ଛାଡ଼ ଦାବିରେ ବିକ୍ଷୋଭ

**ଏରସମା,୧୬।୫(ସ୍ୱ.ପ୍ର.)**




କରୋନା ମହାମାରୀ ସମୟରେ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ଫି' ଛାଡ କରିବା ଦାବିରେ ଶନିବାର ଏରସମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତ ଯୁବକ ସଂଘ,ଏରସମା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର ଜିଲା ସମ୍ପାଦକ ଦେବାଶିଷ ସ୍ୱାଇଁ ଏହାର ନେତୃତ୍ୱ ନେଇଥିବା ବେଳେ ବିଶ୍ୱଜିତ ସାହୁ, ମାନସ ମୁଦୁଲି, ବସନ୍ତ ସାହୁ, ସାଗର ସ୍ୱାଇଁ, ସୁରେଶ ମୁଦୁଲି ଓ ନିକୁଞ୍ଜ ଖଟୁଆ ପ୍ରମୁଖ ସାମାଜିକ ଦୂରତ୍ୱ ରକ୍ଷା କରି ଏଥିରେ ସାମିଲ ହୋଇଥିଲେ। ସଂଘ ପକ୍ଷରୁ ହୋଇଥିବା ଅନ୍ୟାନ୍ୟ ଦାବିଗୁଡି ମଧ୍ୟରେ ଦୂରଦର୍ଶନ ଚ୍ୟାନେଲରେ ପାଠପଢା ପାଇଁ ବ୍ୟବସ୍ଥା କରିବା,ଯୁବତୀ ଯୁବକଙ୍କୁ ୭୫୦୦ଟଙ୍କା ଲେଖାଏ ବେକାର ଭତ୍ତା ଦେବା, ବିଜୁଳି ଓ ପାଣି ଟିକସ ଆଦି ଛାଡ କରିବା, ୧୨ ଘଣ୍ଟିଆ ଶ୍ରମ ଦିବସକୁ ପ୍ରତ୍ୟାହାର କରିବା ଆଦି ଅନ୍ତର୍ଭୁକ୍ତ। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ପ୍ରଦାନ କରାଯାଇଥିଲା।

# ଅଧାବାଟରେ ଚାଲିଗଲା ପ୍ରବାସୀଙ୍କ ଜୀବନ

**ନୟାଗଡ଼ ଅଫିସ/ ଗଣିଆ,୧୬।୫(ଡି.ଏନ୍.ଏ.)**

ଆନ୍ଧ୍ରପ୍ରଦେଶର ରାଜମେହେନ୍ଦ୍ରୀ ଅଞ୍ଚଳରୁ ଫେରୁଥିବା ପ୍ରବାସୀ ଓଡିଆ ଯୁବକଙ୍କ ଜୀବନ ଶନିବାର ଅଧା ବାଟରେ ଚାଲିଯାଇଛି। ମୃତକ ହେଲେ ବିମଳ ସାହୁ(୩୦), ଘର ନୟାଗଡ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ହରିପୁର ଗାଁରେ। ଆନ୍ଧ୍ରପ୍ରଦେଶରେ କଟକ ଜିଲା ନରସିଂହପୁର ଅଞ୍ଚଳର ଜଣେ ବ୍ୟକ୍ତି ହୋଟେଲ କରିଛନ୍ତି। ସେହି ହୋଟେଲରେ ବିମଳଙ୍କ ସମେତ ନରସିଂହପୁରର ୭ଜଣ କାମ କରୁଥିଲେ। ଲକ୍‌ଡାଉନ ଯୋଗୁ ହୋଟେଲ ବନ୍ଦ ହୋଇଯିବାରୁ ମାଲିକ ଘରକୁ ଚାଲିଆସିଥିଲେ। ହେଲେ କର୍ମଚାରୀ ଆସିପାରି ନ ଥିଲେ। କିଛିଦିନ ଭୋକଉପାସରେ ରହିବା ପରେ ସେମାନେ ଗାଁକୁ ଫେରିଥିଲେ। କିଛି ବାଟ ଚାଲି ଚାଲି ଆସିବା ପରେ ଏକ ଟ୍ରକ ଯୋଗେ ଗଞ୍ଜାମ ଜିଲାର ରମ୍ଭା ଅଞ୍ଚଳକୁ ଆସି ଗଛମୂଳେ ଆଶ୍ରୟ ନେଇଥିଲେ। ଶନିବାର ମଧ୍ୟାହ୍ନରେ ବିମଳ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଗଞ୍ଜାମ ଜିଲାର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୟାଗଡ ଉପଜିଲାପାଳ ଲମ୍ବଜିତ ରାଉତ ମୃତଦେହ ଫେରାଇ ଆଣିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ସହ ଆଲୋଚନା କରିଛନ୍ତି।

# ଚିହ୍ନଟ ହେଲେ ୪, ଜିଲାରେ ୨୬ କରୋନା ଆକ୍ରାନ୍ତ

**କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ/ ମହାକାଳପଡ଼ା (ଡି.ଏନ.ଏ.), ୧୬।୫**

କେନ୍ଦ୍ରାପଡା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୧୧ ତାରିଖ ସୁଦ୍ଧା ୯ ଜଣ ଚିହ୍ନଟ ହୋଇଥିବା ବେଳେ ଗୁରୁବାର ଏକକାଳୀନ ୧୩ ଓ ଶନିବାର ୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୬ରେ ପହଞ୍ଚିଛି। ଆକ୍ରାନ୍ତମାନେ ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକର ଦୁଇଟି ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କଟକ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମାର୍ଶାଘାଇ ବଏଜ ହାଇସ୍କୁଲରୁ ଚିହ୍ନଟ ୩ ଆକ୍ରାନ୍ତ ବ୍ୟକ୍ତି ଗତ ୯ ତାରିଖରେ ଅହମ୍ମଦାବାଦରୁ ବସ୍ ଯୋଗେ ଫେରିଥିଲେ। ସେହିପରି ମହାକାଳପଡା ବଡକୂଳ ପଞ୍ଚାୟତ ଆଶ୍ରମ ବାଲିକୁଦା ଉଚ୍ଚ ବିଦ୍ୟାପୀଠରୁ ଚିହ୍ନଟ ବ୍ୟକ୍ତି ସାଇକେଲ ଯୋଗେ ସୁରଟରୁ ଫେରିଥିଲେ। ଏମାନଙ୍କ ସ୍ୱାବ୍ ଟେଷ୍ଟିଂ ପରେ କରୋନା ପଜିଟିଭ୍ ଜଣାପଡିଥିଲା। ଆକ୍ରାନ୍ତଙ୍କ ସହ ରହୁଥିବା ଅବଶିଷ୍ଟ ପ୍ରବାସୀଙ୍କ ସ୍ୱାବ୍ ଟେଷ୍ଟିଂ ପାଇଁ ପଠାଯାଇଥିବା ଜିଲାପାଳ ବର୍ମା କହିଛନ୍ତି। ସେ କହିଛନ୍ତି, ଆକ୍ରାନ୍ତମାନେ ସୁରଟ ଓ ଅହମ୍ମଦାବାଦରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିବାରୁ ଗୋଷ୍ଠୀ ସଂକ୍ରମଣ ଭୟ ନାହିଁ। ଏଥିପାଇଁ କଣ୍ଟେନ୍‌ମେଣ୍ଟ ଜୋନର ଆବଶ୍ୟକତା ନାହିଁ। ଏହି କେନ୍ଦ୍ରକୁ ବିଶୋଧନ କରାଯାଉଛି। ସୂଚନାଯୋଗ୍ୟ, ଆଳି ଓ ରାଜନଗରର ଦୁଇଜଣ ଲେଖାଏ କରୋନା ଆକ୍ରାନ୍ତ ହୋଇଥିବା ବେଳେ ଦୁଇ ବ୍ଲକର ଜଣେ ଲେଖାଏ ସୁସ୍ଥ ହୋଇଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ୫ ଜଣ, ରାଜକନିକାର ଜଣେ, କେନ୍ଦ୍ରାପଡ଼ାର ୪ ଜଣ ଓ ମହାକାଳପଡ଼ା ବ୍ଲକର ୮ କରୋନା ଆକ୍ରାନ୍ତ ବ୍ୟକ୍ତି ପୂର୍ବରୁ କଟକସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷରେ ଗତ ୪ ତାରିଖରୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବିଭିନ୍ନ ରାଜ୍ୟରୁ ୭୭୩୬ ଜଣ ପ୍ରବାସୀ ଜିଲାକୁ ଫେରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୨୧ ବଖରା ଜଳିଗଲା

**ଏରସମା,୧୬।୫(ସ୍ୱ.ପ୍ର.)**



ଏରସମା ବ୍ଲକ ଅନ୍ତର୍ଗତ ଜାନକାଦେଇପୁର ପଞ୍ଚାୟତସ୍ଥିତ ବଳଭଦ୍ରପୁର ଗ୍ରାମରେ ଶୁକ୍ରବାର ରାତିରେ ନିଆଁ ଲାଗି ୯ ପରିବାରର ୨୧ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ସୁବାସ ଦାସଙ୍କ ୬ ଓ ରମେଶ ଦାସଙ୍କ ୩ ବଖରା ଜଳିଯାଇଛି। ସେହିପରି ନିଲୁ ଦାସ, ଗୁଲୁ ଦାସ, ରଞ୍ଜୁ ଦାସ, ରଞ୍ଜନା ଦାସ ଓ ପ୍ରତାପ ଦାସଙ୍କ ୨ ବଖରା ଲେଖାଏ ଜଳିଯାଇଥିବା ବେଳେ ପବିତ୍ର ଦାସ ଓ ବାବାଜି ଦାସଙ୍କ ଗୋଟିଏ ଲେଖାଏ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ସେମାନଙ୍କ ଘରର ଆସବାବପତ୍ର, ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ଆଦି ଜଳିପୋଡ଼ି ଯାଇଥିଲା। ଶର୍ଟସର୍କିଟ କାରଣରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ଖବରପାଇ ଏରସମା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତି, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ ଓ ଅକ୍ଷୟ ସ୍ୱାଇଁ ପ୍ରମୁଖ ପହଞ୍ଚି ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେଇଛନ୍ତି।

# ହରିଣ ଶିକାର ଅଭିଯୋଗରେ ବାପପୁଅ ଗିରଫ

**ଓଡ଼ଗାଁ,୧୬।୫(ସ୍ୱ.ପ୍ର.)**



ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଓ ବାହାଡ଼ାଝୋଲା ସେକ୍ସନ ଅନ୍ତର୍ଗତ ବାଲିସିଂସା-ବଧୂଲୀପୁର ସଂରକ୍ଷିତ ଜଙ୍ଗଲରୁ ହରିଣ ଶିକାର ଅଭିଯୋଗରେ ବନବିଭାଗ ବାପପୁଅଙ୍କୁ ଗିରଫ କରିଛି। ଏଥିସହିତ ସେମାନଙ୍କଠାରୁ ବନ୍ଧୁକ, ଗୁଳି ଓ ହରିଣ ମାଂସ ଜବତ କରିଛି। ଗିରଫ ବାପପୁଅ ବାହାଡ଼ାଝୋଲା ଫାଣ୍ଡି ବେରୁଆଁବାରୀ ଗ୍ରାମର ପାଣ୍ଡବ ସାହୁ(୫୮) ଓ ହରିବନ୍ଧୁ ସାହୁ(୩୨)ବୋଲି ଜଣାପଡ଼ିଛି।

ବାପପୁଅ ସେହି ଗ୍ରାମର ଅନ୍ୟ ୪/୫ ଜଣଙ୍କ ସହ ମିଶି ନିୟମିତ ବିଭିନ୍ନ ସଂରକ୍ଷିତ ଜଙ୍ଗଲରୁ ବନ୍ୟପ୍ରାଣୀ ଶିକାର କରୁଥିଲେ। ଶନିବାର ସକାଳେ ସେମାନେ ହରିଣ ଶିକାର କରିଥିବା ନେଇ ବନପାଳ ସରିତା ବରାଳ ସୂଚନା ପାଇଥିଲେ। ସେତେବେଳକୁ ବାପପୁଅ ବାହାଡ଼ାଝୋଲା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଧିକାଂଶ ମାଂସ ବିକ୍ରି କରିଦେଇଥିଲେ। ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରାଯିବାରୁ ମାତ୍ର ଦେଢ କେଜି ମାସଂ ସହିତ ବନ୍ଧୁକ, ଗୁଳି ମିଳିଥିଲା। ବିଭାଗ ପକ୍ଷରୁ ଏସବୁ ସାମଗ୍ରୀ ଜବତ କରାଯିବା ସହ ବାପପୁଅଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ବିରୋଧରେ (ଓଆର-୧୯।୨୦-୨୧)ରେ ମାମଲା ରୁଜୁ କରାଯାଇଛି। ଉଭୟ ମାଂସ ବିକ୍ରି ଅଭିଯୋଗକୁ ସ୍ୱୀକାର କରୁଥିବା ବେଳେ ସେମାନଙ୍କ ସହିତ ସାମିଲ ହୋଇଥିବା ଅନ୍ୟ କେତେକଙ୍କ ନାମ ପ୍ରକାଶ କରିଛନ୍ତି। ଉଭୟଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା ଓ ବନପାଳ ବରାଳ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପାଣ୍ଡବଙ୍କୁ ବନପାଳ ଗିରଫ କରିବା ପରେ ବାହାଡ଼ାଝୋଲା ଡିପିସାହିର ଗଣେଶ୍ୱର ସାହୁ ବନପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କ ଶ୍ୱଶୁରଙ୍କୁ କାହିଁକି ଗିରଫ କରିଛ ବୋଲି ନାନା ପ୍ରଶ୍ନ କରିଥିଲେ। ଏପରି କି ହତ୍ୟା ଧମକ ଦେଇଥିବା ବନପାଳ ବରାଳ ବାବହାଡ଼ାଝୋଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖାହେବାବେଳକୁ ମାମଲା ରୁଜୁ ହୋଇ ନ ଥିଲା।

# ୫ ହଜାର ଲାଞ୍ଚ ନେଇ ଗାଳିଗୁଲଜ

**ନୟାଗଡ଼ ଅଫିସ,୧୬।୫**

- ମାଡ଼ ଖାଇ କାଉଣ୍ଟର କରାଗଲା ଏଫ୍‌ଆଇଆର୍
- ସଦର ଥାନା ଆଇଆଇସିଙ୍କ ନାଁରେ ଏସ୍‌ପିଙ୍କୁ ଫେରାଦ

ନୟାଗଡ ସଦର ଥାନାରେ ନ୍ୟାୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ଥାନା ଆଇଆଇସି ୫ ହଜାର ଟଙ୍କା ଲାଞ୍ଚ ନେଇ ନ୍ୟାୟ ନ ଦେବାରୁ ବରପଲ୍ଲୀର ଜଣେ ମହିଳା ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏସ୍‌ପିଙ୍କ ନିକଟରେ ଅଭିଯୋଗ ଅନୁସାରେ ବରପଲ୍ଲୀର ଯୁଧିଷ୍ଠିର ଖିଲାରଙ୍କ ସ୍ତ୍ରୀ ପ୍ରମିଳା ଗତ ୧୨ ତାରିଖ ସନ୍ଧ୍ୟାରେ ନିଜ ଘର ସମ୍ମୁଖରେ ବସିଥିଲେ। ତାଙ୍କ ଘର ସମ୍ମୁଖରେ କାଳିଆ ବିଧାର(୫୦) ନାମକ ଜଣେ ବ୍ୟକ୍ତି ମଧ୍ୟ ଚୌକିରେ ବସିଥିଲେ। ଏଭଳି ସମୟରେ ପ୍ରମିଳାଙ୍କ ଫୋନ ଆସିବାରୁ ସେ କଥା ହୋଇଥିଲେ। ତେବେ କାଳିଆ ଉତ୍ତେଜିତ ହୋଇ କାହା ସହ ଫୋନରେ କଥା ହେଉଛ ଦର୍ଶାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଦୁର୍ବ୍ୟବହାର କରିଥିଲେ। ଏପରି କି ଚୁଟି ଧରି ଠେଙ୍ଗାରେ ପିଟିଥିଲେ। ପାଟି ଶୁଣି ପ୍ରମିଳାଙ୍କ ଦୁଇ ନାବାଳକ ପୁଅ ଆସି ଛଡାଇଥିଲେ। ହେଲେ କାଳିଆଙ୍କ ପରିବାର ସଦସ୍ୟମାନେ ମିଳିତ ହୋଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପ୍ରମିଳାଙ୍କ ମାମୁ ଘରର ଲୋକଙ୍କ ସହାୟତାରେ ସେ ଓ ତାଙ୍କ ପୁଅ ବର୍ତ୍ତି ଯାଇଥିଲେ। ପରେ ପ୍ରମିଳା ସଦର ଥାନାକୁ ଆସି ଅଭିଯୋଗ କରିଥିଲେ। ହେଲେ ପୋଲିସ ମକଦ୍ଦମା ପାଇଁ ୫ହଜାର ଟଙ୍କା ମାଗି ନେଇଥିଲା। ଟଙ୍କା ନେବା ପରେ ମଧ ପୋଲିସ ୩୪୧, ୨୯୪, ୩୨୩, ୩୫୪, ୫୦୬, ୩୪ ଆଇପିସିରେ କାଉଣ୍ଟର କେସ (ନଂ.୭୨/୨୦) କରିଥିଲା। ଏ ନେଇ ଅଭିଯୋଗକାରିଣୀ ପ୍ରମିଳା ଖିଲାର କୁହନ୍ତି, ଦୋଷ ନ ଥାଇ ମାଡ ଖାଇଲି। ଏ ନେଇ ନୟାଗଡ ସଦର ଥାନାକୁ ଯୋଗାଯୋଗ କଲି। ଆଇଆଇସିଙ୍କ ପରାମର୍ଶ କ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଲି। କେସ କରିବା ପାଇଁ ୫ ହଜାର ମାଗିଲେ, ନ ହେଲେ ଘରକୁ ପଳାଅ କହିଥିଲେ। ପରେ ନ୍ୟାୟ ପାଇଁ ଟଙ୍କା ବି ଦେଲି। ହେଲେ ରାତି ୧୦ଟାରେ ମୋ ଘରେ ପଶି ମୋତେ ଗାଳିଗୁଲଜ କରାଗଲା। ପୋଲିସ ଆଇଆଇସି ନିଜେ ଗାଳିଗୁଲଜ କଲେ। ପରେ ମୋ ଅଭିଯୋଗକୁ ୨ୟ ଅଭିଯୋଗ କରାଯାଇ ମକଦ୍ଦମା କରାଗଲା। ମୁଁ ମାଡ ଖାଇଲି, ଟଙ୍କା ଦେଲି ହେଲେ ନ୍ୟାୟ ପାଇଲି ନାହିଁ। ହେଲେ ମୋ ଅପରପକ୍ଷ ଅଧିକ ଟଙ୍କା ଦେଇ ପୋଲିସକୁ କିଣି ନେଲା। ଏଣୁ ମୁ ଏସ୍‌ପି, ଜିଲାପାଳ, ୫-ଟି ସଚିବ, ଡିଜିଙ୍କୁ ଅବଗତ କରାଇଛି। ସଦର ଥାନା ଆଇଆଇସି ଅନ୍ନପୂର୍ଣ୍ଣା ବେହେରା କୁହନ୍ତି, ୨ଟି ଅଭିଯୋଗ ଆସିବା ପରେ ୨ଟି କେସ କରାଯାଇଛି। ୫ ହଜାର ଟଙ୍କା ନେବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ଯିଏ ଟଙ୍କା ଦେବ ସେ ଅଭିଯୋଗ କରିବ ନାହିଁ। ଅନ୍ୟପକ୍ଷେ କାଉଣ୍ଟର ମାମଲା ପରେ ମହିଳା ରାଗିଯାଇ ପୋଲିସକୁ ବଦ୍‌ନାମ କରିଛନ୍ତି ବୋଲି ସେ କହିଥିଲେ।

## ସଂକ୍ଷେପରେ

### ହିତାଧିକାରୀଙ୍କୁ ଚଢ଼ା ଦରରେ ବିକ୍ରି ହେଉଛି କିରୋସିନ

**ଭଦ୍ରକ ଅଫିସ, ୧୬।୫:** ଭଦ୍ରକ ବ୍ଲକ ଉଲଙ୍ଗ ପଞ୍ଚାୟତରେ ଗରିବ ହିତାଧିକାରୀଙ୍କ ପାଇଁ ଆସିଥିବା କିରୋସିନ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ଚଢ଼ାଦରରେ ବିକ୍ରି କରାଯାଉଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ଉକ୍ତ ଗାଁର କେତେଜଣ ସାମାଜିକ କର୍ମୀ ଶୁକ୍ରବାର ଜିଲାପାଳ ତଥା ଜିଲା ଯୋଗାଣ ବିଭାଗରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ଉକ୍ତ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଭିଯୋଗ ମୁତାବକ ସରକାରୀ ଭାବେ ଲିଟର ୩୭ ଟଙ୍କା ଧାର୍ଯ୍ୟ ଥିବା ବେଳେ ଏହି ପଞ୍ଚାୟତରେ ଲିଟର ପିଛା ୪୦ରୁ ୪୨ ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ କରୋନା ସମୟରେ ବଣ୍ଟନ ପାଇଁ ଆସିଥିବା କିରୋସିନ ଲିଟର ପିଛା ୧୫ ଟଙ୍କା ଥିବା ବେଳେ ଏହି ପଞ୍ଚାୟତରେ ୧୬ ଟଙ୍କାରେ ବିକ୍ରି କରାଯାଉଛି। ପଞ୍ଚାୟତର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହି ଅବ୍ୟବସ୍ଥାର ନିରପେକ୍ଷ ତଦନ୍ତ ପାଇଁ ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀ ଗଣମାଧ୍ୟମ ନିକଟରେ ଦାବି କରିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ଉଚ୍ଛେଦ ହେଲା ଦୋକାନ

**ଚମ୍ପୁଆ,୧୬।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଦୋକାନ ଗୃହକୁ ଶନିବାର ଚମ୍ପୁଆ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ତହସିଲଦାର ଆଲୋକ କୁମାର ପଟେଲ, ବାରିଆ ପୋଲିସ ଓ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଛି। ଦୀର୍ଘଦିନରୁ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖ ପାଚେରିକୁ ଲାଗି ଦୋକାନଗୁଡିକ ରହିଥିଲା। କରୋନା ମୁକାବିଲା ଲାଗି ଏବେ ସରକାରଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏପରି କି ରୋଗୀମାନଙ୍କର ଲକ୍ଷଣ ଜାଣିବା ପାଇଁ ସ୍ୱତନ୍ତ୍ର ଭାବେ କ୍ଲିନିକ କରାଯାଇଛି। ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ତହସିଲଦାର ପଟେଲ ସୂଚନା ଦେଇଛନ୍ତି। କିଛିଦିନ ପୂର୍ବରୁ ଦୋକାନୀମାନଙ୍କୁ ଉକ୍ତ ସ୍ଥାନ ଖାଲି କରିବାକୁ ନୋଟିସ ଦିଆଯାଇଥିଲା। ବର୍ତ୍ତମାନ ଉକ୍ତ ଦୋକାନଗୁଡିକ ଅସ୍ଥାୟୀ ଭାବରେ କରାଯିବ। ପରେ ପଞ୍ଚାୟତ ପକ୍ଷରୁ ଗୃହ ନିର୍ମାଣ କରାଯାଇ ଉକ୍ତ ଦୋକାନୀମାନଙ୍କୁ ଯୋଗାଇଦିଆଯିବ।

### ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଲୁଟ୍ ଉଦ୍ୟମ

**ସୋର, ୧୬।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ବ୍ଲକ ମାଣିପୁର ପଞ୍ଚାୟତର ମାଣିପୁର ବଜାରରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଶୁକ୍ରବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଲୁଟେରାମାନେ ବ୍ୟାଙ୍କ ପଛପଟ ଗ୍ରୀଲ୍ ଭାଙ୍ଗି ଲୁଟ୍ ଉଦ୍ୟମ କରିଥିଲେ। ସେମାନେ ପ୍ରଥମେ ବ୍ୟାଙ୍କ ଭିତରେ ପଶି ସିସି କ୍ୟାମେରା ଭାଙ୍ଗି ଦେଇଥିଲେ। ତେବେ ବ୍ୟାଙ୍କରେ କୌଣସି ପ୍ରକାର ଟଙ୍କା ଲୁଟ୍ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ୟାଙ୍କ ତରଫରୁ ଥାନାରେ ଶନିବାର ଲିଖିତ ଅଭିଯୋଗ ହେବା ପରେ ସୋର ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଭାରରେ ବୁହା ହେଲେ ଦୁଇ ସନ୍ତାନ

**କରୋନା ଦୁଃଖ**

- ଯାଜପୁରରୁ ମୟୂରଭଞ୍ଜ: ଚାଲି ଚାଲି ଆସି ଗାଁରେ ପହଞ୍ଚିଲେ
- ୧୫୦ କି.ମି. ବାଟକୁ ଲାଗିଲା ୭ ଦିନ

**ବାରିପଦା ଅଫିସ, ୧୬।୫**


ରୂପାଇ ଦୁଇ ପିଲାଙ୍କୁ ଭାରରେ ଆଣୁଛନ୍ତି।

ଯାଜପୁର ଜିଲାର ଏକ ଇଟାଭାଟିରେ କାମ କରୁଥିଲେ ଶ୍ରମିକ ରୂପାଇ ଟୁଡୁ । ଘର ତାଙ୍କର ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ବଳଦିଆ ଗ୍ରାମରେ। ଲକ୍‌ଡାଉନ୍ ଯୋଗୁ ଭଟାଭାଟି ବନ୍ଦ ହୋଇଯିବାରୁ ସପରିବାର ବହୁ କଷ୍ଟେମଷ୍ଟେ ଚଳିବାକୁ ଚେଷ୍ଟା କଲେ। ହେଲେ ପରିସ୍ଥିତି ଅସମ୍ଭାଳ ହୋଇପଡିଲା। ପରିବାରରେ ନିଜକୁ ମିଶାଇ ୫ ପ୍ରାଣୀ ପେଟପୂରା ଦି ଓଳି ଖାଇବା କଷ୍ଟକର ହେବାରୁ ଶେଷରେ ନିଜ ଭିଟାମାଟିକୁ ଫେରିବାକୁ ମନସ୍ଥ କଲେ। ଛୋଟ ଛୋଟ ପିଲାଙ୍କୁ କିପରି ଆଣିବେ ସେ ବିଷୟରେ ଚିନ୍ତା କରି ଏକ ଭାର ତିଆରି କଲେ। ଗୋଟିଏ ପଟେ ଭାରରେ ୪ ବର୍ଷର ଝିଅ ସୀତା ଓ ଅଢ଼େଇ ବର୍ଷର ପୁଅ ମେଘରାୟଙ୍କୁ ରଖିଲେ ଓ ଅନ୍ୟପଟେ ଜିନିଷ ଲଦି ବୋହି ଘର ଅଭିମୁଖେ ଚାଲିଲେ। ସାଥୀରେ ଥିଲେ ସ୍ତ୍ରୀ ମେଟ୍ରିକ୍ ଓ ୬ ବର୍ଷର ଝିଅ ପୁଷ୍ପାଞ୍ଜଳି। ସମସ୍ତେ ୧୫୦ କି.ମି. ଚାଲି ଚାଲି ଆସିବା ପରେ ଶୁକ୍ରବାର ଅପରାହ୍ଣରେ ନିଜ ଗ୍ରାମରେ ପହଞ୍ଚିଛନ୍ତି।

୭ଦିନ ଧରି ଚାଲି ଚାଲି ଆସିବା ପରେ ସମସ୍ତଙ୍କୁ ବିଦ୍ୟାଳୟ କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ରାଜ୍ୟ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଉକ୍ତ ପରିବାରକୁ ଭେଟି ସହାୟତାର ହାତ ବଢ଼ାଇଛନ୍ତି। ରୂପାଇ କୁହନ୍ତି, ବାଟରେ ଆସିବା ବେଳେ ବିଭିନ୍ନ ସ୍ଥାନରେ ରହିବା ସହ ସାଙ୍ଗରେ ଆଣିଥିବା ଶୁଖିଲା ଖାଦ୍ୟ ଖାଇଥିଲେ। ଜୀବନ ଥିବା ଯାଏ ଏହି କଷ୍ଟକୁ ସେ ଭୁଲିପାରିବେ ନାହିଁ।

# ମୃତଦେହ ଆଣିବା ପାଇଁ ଗଣିଲେ ୯ ହଜାର

**ଜଳେଶ୍ୱର, ୧୬।୫(ସ୍ୱ.ପ୍ର.)**

**ଚାଲି ଚାଲି ଆସିବା ବେଳେ ଶ୍ରମିକଙ୍କ ମୃତ୍ୟୁ ଘଟଣା**

ପୁରୀ ଜିଲାର କାକଟପୁର ଅଞ୍ଚଳର ଧୁବେଇ ମହାନ୍ତି ନାମକ ଶ୍ରମିକ ପଶ୍ଚିମବଙ୍ଗରୁ ଚାଲି ଚାଲି ଫେରିବା ବେଳେ ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥ ଲକ୍ଷ୍ମଣନାଥ ଉପାନ୍ତ ଚେକ୍‌ଗେଟ୍ ନିକଟରେ ଟଳି ପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଶନିବାର ଭୋର ସମୟରେ ତାଙ୍କ ଭ୍ରାଇଁ ଓ ସମ୍ପର୍କୀୟମାନେ ଜଳେଶ୍ୱରରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ତାଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିଲା। ସେମାନେ ୯ହଜାର ଟଙ୍କା ଖର୍ଚ୍ଚ କରି ଏକ ଘରୋଇ ଆମ୍ବୁଲାନ୍ସରେ ନିଜ ଗାଁ ଟିକରପଡାକୁ ଆଣିଥିଲେ।

ରାଜ୍ୟ ସରକାର କୌଣସି ଶ୍ରମିକଙ୍କୁ ଚାଲି ଚାଲି ଯିବାକୁ ଦିଆଯିବ ନାହିଁ ବୋଲି ଘୋଷଣା କରିଛନ୍ତି। ହେଲେ ଧୁବେଇଙ୍କ ମୃତଦେହକୁ ପ୍ରଶାସନ ପକ୍ଷରୁ ପହଞ୍ଚାଇବା ବ୍ୟବସ୍ଥା କରା ନ ଯିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ସାମାଜିକକର୍ମୀ ସୁଦର୍ଶନ ଦାସ ପ୍ରବାସୀ ଶ୍ରମିକଙ୍କ ପ୍ରତି ଏଭଳି ଅବହେଳା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସିପିଏମ୍‌ର ଆଞ୍ଚଳିକ କମିଟି ସମ୍ପାଦକ ଦିଲୀପ ଗିରି, ଜିଲା କମିଟି ସଦସ୍ୟ ସିତାଂଶୁ ସେନାପତି, ଆଇନ୍‌ଜୀବୀ ଜିତାଂଶୁ ନନ୍ଦୀ, ଦୀପ୍ତିମାନ ଆଚାର୍ଯ୍ୟ ପ୍ରମୁଖ ଏପରି ଘଟଣା ଲାଗି ସ୍ଥାନୀୟ ପ୍ରଶାସନକୁ ଦାୟୀ କରିଛନ୍ତି। ଶନିବାର ମଧ୍ୟ ବହୁ ଶ୍ରମିକ ନିଜର ଆସବାବପତ୍ର ଓ ଛୋଟ ପିଲାଙ୍କୁ ଧରି ରାସ୍ତାରେ ଚାଲୁଥିବା ଦେଖିବାକୁ ମିଳିଛି।

# ମୟୂରଭଞ୍ଜରେ ଆଉ ୨ ପଜିଟିଭ

**ବାରିପଦା ଅଫିସ/କପ୍ତିପଦା, ୧୬।୫(ଡି.ଏନ.ଏ.)**

- ଉଭୟ ନାବାଳକ
- ଆକ୍ରାନ୍ତଙ୍କ ସଂଖ୍ୟା ୧୧

ମୟୂରଭଞ୍ଜ ଜିଲାରେ ଶନିବାର ପୁଣି ୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଦ୍ୱୟ ନାବାଳକ। କପ୍ତିପଦା ବ୍ଲକ ପିଙ୍ଗୁ ଗ୍ରାମର ୧୬ ବର୍ଷୀୟ ନାବାଳକ ହୋଇଥିବା ବେଳେ ଅନ୍ୟ ଜଣେ ବାରିପଦା ପୌରପରିଷଦ ତକତପୁର ଅଞ୍ଚଳର ୧୫ ବର୍ଷୀୟ ନାବାଳକ। ଉଭୟଙ୍କୁ ଚିକିତ୍ସା ପାଇଁ କଟକ କୋଭିଡ ହସ୍ପିଟାଲକୁ ପଠାଯାଇଛି।

କପ୍ତିପଦା ବ୍ଲକ ପିଙ୍ଗୁ ଗ୍ରାମର ନାବାଳକ ସୁରଟ ଫେରନ୍ତା। ତକତପୁରର ନାବାଳକ ଜଣଙ୍କ ପଶ୍ଚିମବଙ୍ଗ ଫେରନ୍ତା। ବାରିପଦା ସହର ତକତପୁର ଅଞ୍ଚଳର ନାବାଳକ ପଶ୍ଚିମବଙ୍ଗରେ ରହି ପାଠ ପଢ଼ୁଥିଲେ। ଗତ ୯ ତାରିଖରେ ତାଙ୍କ ସମେତ ୮ ଜଣ କୋଲକାତାରୁ ଓଡ଼ିଶାକୁ ଏକ ଗାଡ଼ିରେ ଆସିଥିଲେ। ନାବାଳକ ଓ ଅନ୍ୟ ୨ଜଣ ବାରିପଦାରେ ଓହ୍ଲାଇଥିବା ବେଳେ ଅନ୍ୟମାନେ ଅନ୍ୟ ଜିଲାକୁ ଯାଇଥିଲେ। ନାବାଳକ ଜଣଙ୍କ ତକତପୁରସ୍ଥିତ କ୍ୱାରାଣ୍ଟାଇନ୍‌ରେ ରହୁଥିଲେ। ଏହା ସହିତ ବାରିପଦାରେ ଓହ୍ଲାଇଥିବା ଅନ୍ୟ ୨ ଜଣ ମଧ୍ୟ କ୍ୱାରାଣ୍ଟାଇନ୍‌ରେ ଥିଲେ। ସମସ୍ତଙ୍କର ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ଶନିବାର ସକାଳେ ୧୫ ବର୍ଷୀୟ ନାବାଳକଙ୍କ ରିପୋର୍ଟ ପଜିଟିଭ ବାହାରିଥିଲା। ପିଙ୍ଗୁ ଗ୍ରାମରେ ଚିହ୍ନଟ ହୋଇଥିବା ନାବାଳକ ଜଣକ ପୂର୍ବ ୮ ଜଣ ସଂକ୍ରମିତଙ୍କ ସହ ଗତ ୪ ତାରିଖ ଗୋଟିଏ ବସ୍‌ରେ ଆସିଥିଲେ। ସେ କପ୍ତିପଦା କଲେଜରେ ହୋଇଥିବା ବ୍ଲକସ୍ତରୀୟ କ୍ୱାରାଣ୍ଟାଇନ୍‌ରେ ରେଜିଷ୍ଟ୍ରେଶନ କରିବା ପରେ ଅନ୍ୟମାନଙ୍କ ସହ ତାଙ୍କୁ ପିଙ୍ଗୁ ପଞ୍ଚାୟତ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ଉଭୟ ରାଜ୍ୟ ବାହାରୁ ଆସିବା ପରେ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିବାରୁ କେହି ଭୟଭୀତ ନ ହେବା ପାଇଁ ଜିଲାପାଳ ବିନିତ ଭରଦ୍ୱାଜ ଆଶ୍ୱାସନା ଦେଇଛନ୍ତି। ଜିଲାରେ ପୂର୍ବରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଶନିବାର ୨ଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧ ହୋଇଛି।

# ପୁତୁରାଙ୍କୁ ହତ୍ୟା, ଦାଦା ଗିରଫ

**ରାଇରଙ୍ଗପୁର, ୧୬।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ଅନ୍ଧାରଝରୀ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ପୁତୁରାଙ୍କୁ ଫାର୍ସାରେ ହାଣି ହତ୍ୟା କରିଛନ୍ତି। ଶନିବାର ରାଇରଙ୍ଗପୁର ପୋଲିସ ସଦଳବଳେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ହତ୍ୟା ମାମଲା (ନଂ. ୪୮/୨୦୨୦) ରୁଜୁ କରି ହତ୍ୟାକାରୀଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ସୁଦାରାମ ଟୁଡୁ ଏବଂ ଛୋଟରାୟଙ୍କ ମଧ୍ୟରେ ବହୁ ଦିନ ହେଲା ଜମିବାଡ଼ିକୁ ନେଇ ବିବାଦ ଲାଗିରହିଥିଲା। ସୁଦାରାମ ଉତ୍ତ୍ୟକ୍ତ ହୋଇ ତାଙ୍କ ପୁତୁରା ଛୋଟରାୟଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଛୋଟରାୟ ତାଙ୍କ ଘରେ ଶୋଇଥିବାବେଳେ ସୁଦାରାମ ତାଙ୍କୁ ଫାର୍ସାରେ ହାଣି ହତ୍ୟା କରିଥିଲେ। ପୋଲିସ ତଦନ୍ତ କରି ସମ୍ପୃକ୍ତ ହତ୍ୟାକାରୀଙ୍କୁ ଗିରଫ କରିବା ସହ ବ୍ୟବହୃତ ଫାର୍ସାକୁ ଜବତ କରିଛି।


ଟ୍ରକ୍ ଉପରେ ବସି ଶ୍ରମିକମାନେ ଯାଉଛନ୍ତି।

# ଶ୍ରମିକଙ୍କ ଅସୁରକ୍ଷିତ ଯାତ୍ରା

**କେନ୍ଦୁଝର, ୧୬।୫(ସ୍ୱ.ପ୍ର.)**

ସାରା ଦେଶରେ ଜାରି ରହିଛି ଲକ୍‌ଡାଉନ୍। ଏହି ସମୟରେ କେନ୍ଦୁଝର ଜିଲା ଦେଇ ଯାଇଥିବା ୪୯ ଓ ୨୦ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଶ୍ରମକ ବାହାର ଜିଲା ଓ ରାଜ୍ୟରୁ ଚାଲିଚାଲି, ସାଇକେଲ ଅସୁରକ୍ଷିତ ଭାବେ ଆସୁଛନ୍ତି। ପ୍ରବଳ ଖରାକୁ ଖାତିର ନ କରି ଏପରିକି ଅନେକ ଶ୍ରମିକ ଅସୁରକ୍ଷିତ ଭାବେ ମାଲ ବୋଝେଇ ଟ୍ରକ ଉପରେ ବସି ଆସୁଛନ୍ତି।

ଶନିବାର ଏଭଳି ଦୃଶ୍ୟ କେନ୍ଦୁଝରରେ ଦେଖିବାକୁ ମିଳିଥିଲା। ଏଭଳି ଯିବାଆସିବା କରୁଥିବା ଲୋକଙ୍କ ସଂଖ୍ୟା ବା ତଥ୍ୟ କାହା ପାଖରେ ନାହିଁ। ନିୟମାନୁଯାୟୀ ନା ମୁହଁରେ ମାସ୍କ ଅଛି ନା ସାମାଜିକ ଦୂରତ୍ୱ ବଜାୟ ରଖି ଯିବା ଆସିବା କରୁଛନ୍ତି। କଟକଣା ଅଭାବରୁ ବିଭିନ୍ନ ସ୍ଥାନରେ ସେମାନେ ଅଟକି ଖାଇବା ଓ ପିଇବା କରୁଥିବା ଅଭିଯୋଗ ହେଉଛି। କେନ୍ଦୁଝର ଜିଲାରେ କରୋନାରେ ଆକ୍ରାନ୍ତଙ୍କ ସଂଖ୍ୟା ୪ ଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅଦ୍ୟାବଧି ଜିଲାରେ କରୋନା ନିୟନ୍ତ୍ରଣରେ ରହିଥିଲେ ହେଁ ବାହାର ରାଜ୍ୟରୁ ଆସୁଥିବା ଶ୍ରମିକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବାହାର ରାଜ୍ୟ ବା ଜିଲାରୁ ଆସୁଥିବା ଶ୍ରମିକଙ୍କୁ କ୍ୱାରାଣ୍ଟାଇନରେ ରଖିବା ପାଇଁ ପ୍ରତ୍ୟେକ ପଞ୍ଚାୟତ ଓ ପୌରାଞ୍ଚଳରେ ସେଣ୍ଟର ରହିଛି। ଏ ସମ୍ପର୍କରେ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି ଯେ, ଯେଉଁମାନେ ଯିବାକୁ ଚାହିଁବେ ସେମାନଙ୍କୁ ସହାୟତା ଦିଆଯାଉଛି।

# ଚାଲିଛି ଶ୍ରୀବଳଦେବଜୀଉଙ୍କ ରଥ ନିର୍ମାଣ


ଖଳାରେ ରଥ ଚକ ନିର୍ମାଣ କରାଯାଉଛି।

**କେନ୍ଦୁଝର, ୧୬।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ଉପଲକ୍ଷେ ରଥ ନିର୍ମାଣ ଚାଲିଛି। ୭୨ ଫୁଟ ଉଚ୍ଚ ବିଶ୍ୱର ସର୍ବୋଚ୍ଚ ରଥ ଭାବରେ କେତେକ ଜାତୀୟ ସ୍ତରର ସଂସ୍ଥା ଦ୍ୱାରା ବିବେଚିତ ହେବା ପରେ ଏହି ରଥର ଗୁରୁତ୍ୱ ବୃଦ୍ଧି ପାଇଛି। ପୁରୀରେ ରଥ ନିର୍ମାଣ ଆରମ୍ଭ ହେବା ପରେ ଏଠାରେ ମଧ୍ୟ ରଥ ନିର୍ମାଣ କାର୍ଯ୍ୟ ମହାରଣା ସେବାୟତମାନେ ଆରମ୍ଭ କରିଛନ୍ତି।

କରୋନା ପାଇଁ ସବୁଠି କଟକଣା ପରେ ଦେବାଦେବୀ ପୀଠରେ ସାମୂହିକ ପୂଜାର୍ଚ୍ଚନା ଓ ଯାନିଯାତ୍ରା ବନ୍ଦ ରହିଛି। ଏଭଳି ପରିସ୍ଥିତିରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରଥ ନିର୍ମାଣ ଚାଲିଛି। ଲକ୍‌ଡାଉନ୍ ଗାଇଡଲାଇନକୁ ପାଳନ କରି ରଥ ନିର୍ମାଣ ଚାଲିଥିବା ଜଣାପଡିଛି। ରଥ ଖଳାକୁ ବିଶୋଧନ କରାଯାଇ ନିର୍ମାଣ କାମ ଆରମ୍ଭ ହୋଇଛି। ପୁରୁଣା ରଥକୁ ଖୋଲାଯାଇ ନୂଆ କାମ ଚାଲିଛି। ମହାରଣା ସେବାୟତ ମାନେ ମୁହଁରେ ମାସ୍କ ପିନ୍ଧି, ସାମାଜିକ ଦୂରତ୍ୱ ବଜାୟ ରଖି ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। ଯଥା ସମୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଆଶା ରଖିଥିବା ମହାରଣା ସେବାୟତମାନେ କହିଛନ୍ତି। ରଥ ମହାରଣା ଇନ୍ଦ୍ରମଣି ମହାରଣା କହିଛନ୍ତି ଯେ, ରଥ ନିର୍ମାଣ ବିଳମ୍ବ ହୋଇଥିଲେ ହେଁ ୧୧ ତାରିଖରୁ ଆରମ୍ଭ କରାଯାଇଛି। ଠିକ୍ ସମୟରେ ରଥ ନିର୍ମାଣ ଶେଷ କରିବାକୁ ଉଦ୍ୟମ କରୁଛୁ। କରୋନା ପାଇଁ ରଥଯାତ୍ରା ପାଳନ ହେବ କି ନାହିଁ ସେ ନେଇ ତଥ୍ୟ କାହା ପାଖରେ ନାହିଁ। ତେବେ ପରିସ୍ଥିତି ସୁଧୁରିବ ଏବଂ ରଥ ଯାତ୍ରା ହେବ ସେ ନେଇ ଭକ୍ତମାନେ ବହୁ ଆଶା ବାନ୍ଧିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି ଯେ, ୩୦ଜଣ ଲୋକ ଏହି ରଥ ନିର୍ମାଣ କାମରେ ନିୟୋଜିତ ଅଛନ୍ତି। ଠିକ ସମୟରେ ନିର୍ମାଣ ଶେଷ କରିବାକୁ କୁହାଯାଇଛି।

# ପୂରା ପରିବାରକୁ ହୋମ୍ କ୍ୱାରାଣ୍ଟାଇନ୍ ଘୋଷଣା

**ଜଳେଶ୍ୱର, ୧୬।୫(ସ୍ୱ.ପ୍ର)**

**ନିୟମ ଅମାନ୍ୟ ମହଙ୍ଗା ପଡ଼ିଲା**

ଅମାନିଆ ପ୍ରବାସୀ ସରକାରଙ୍କ ନିୟମ ମାନି ଚଳିବାକୁ ପସନ୍ଦ କରୁନାହାନ୍ତି। ଇଚ୍ଛା ଅନୁଯାୟୀ ବିଭିନ୍ନ ସ୍ଥାନରେ ବୁଲିବା, ହାଟବଜାରରେ ଖଟି କରିବା ଆଦି ଦେଖିବାକୁ ମିଳୁଛି। ଏଭଳି ଏକ ଘଟଣାରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନଛିମପୁର ସରପଞ୍ଚ ତାଙ୍କ ଜିଲାପାଳ କ୍ଷମତା ପ୍ରୟୋଗ କରି ଅମାନିଆ ପ୍ରବାସୀଙ୍କ ପୁରା ପରିବାରକୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ଘୋଷଣା କରିଛନ୍ତି।

୧୪ତାରିଖରେ ନଛିମପୁର ପଞ୍ଚାୟତ ଆମ୍ବଲିଅଠା ଗାଁର ନନ୍ଦନ ଜେନା ନାମକ ଜଣେ ଯୁବକ ଓଡିଶା ଓ ପଶ୍ଚିମବଙ୍ଗ ସୀମାରେ ଥିବା ଉପାନ୍ତ ଚେକ୍‌ପୋଷ୍ଟଠାରେ ପଞ୍ଜିକରଣ କରିଥିଲେ। ସେଠାରେ ସରପଞ୍ଚଙ୍କ ପକ୍ଷରୁ ତାଙ୍କୁ ନଛିମପୁର ଟିଏମ୍‌ସିକୁ ଯିବାକୁ କୁହାଯାଇଥିଲା। କିନ୍ତୁ ଏହି ଯୁବକ ଟିଏମ୍‌ସିକୁ ନ ଯାଇ ନିଜ ଆମ୍ବଲିଅଠାସ୍ଥିତ ଘରକୁ ଯାଇ ଅନାୟସରେ ବୁଲାବୁଲି କରିଥିଲେ। ସ୍ଥାନୀୟ ଲୋକେ ଏହାର ବିରୋଧ କରିବାରୁ ନଛିମପୁର ସରପଞ୍ଚ ମିତାଲି ଜେନା ତାଙ୍କର ଜିଲାପାଳ କ୍ଷମତା ପ୍ରୟୋଗ କରି ଡାକବାଜି ଯନ୍ତ୍ର ସାହାଯ୍ୟରେ ଯୁବକଙ୍କ ପରିବାରର ସମସ୍ତଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ଘୋଷଣା କରିଛନ୍ତି। ଏଭଳି ପରିସ୍ଥିତି ଗ୍ରାମବାସୀ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପାଳନ ନ କଲେ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଅଞ୍ଚଳ ଭାବେ ଘୋଷଣା କରାଯିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ଏନ୍‌ଡିଆର୍‌ଏଫ୍ ଟିମ୍।

# ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି: ପହଞ୍ଚିଲା ଏନ୍‌ଡିଆର୍‌ଏଫ୍ ଟିମ୍

**ଭଦ୍ରକ ଅଫିସ, ୧୬।୫:** ସମ୍ଭାବ୍ୟ ବାତ୍ୟା 'ଅମ୍ଫନ୍'କୁ ମୁକାବିଲା କରିବା ପାଇଁ ଶନିବାର ଅପରାହ୍ଣରେ ଭଦ୍ରକ ଜିଲା ପ୍ରଶାସନର ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଅରୁଣ କୁମାର ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୈଳାସ ଚନ୍ଦ୍ର ପରିଡ଼ା, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର(ଜରୁରୀ କାଳୀନ) ଜୟଶ୍ରୀ ସେନାପତି ବାତ୍ୟା ସମ୍ପର୍କିତ ବିଭିନ୍ନ ତଥ୍ୟ ରଖିଥିଲେ। ଜିଲାପାଳ ବାତ୍ୟା ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ଛୁଟି ବାତିଲ କରି ନିଜ ନିଜ କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡ଼ିଲେ ଜିଲା ଜରୁରିକାଳୀନ ବିଭାଗର ପରାମର୍ଶ ନେଇ ତତ୍‌କ୍ଷଣାତ୍ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଜିଲାରେ ଏକ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ଓଡ୍ରାଫ୍ ଟିମ୍ ପହଞ୍ଚିଥିବା ସୂଚନା ମିଳିଛି। ବାତ୍ୟା ମୁକାବିଲା ପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଅଗ୍ନିଶମ ବିଭାଗୀୟ ଅଧିକାରୀ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ଓଡ୍ରାଫ୍ ଟିମ୍ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜିଲାପାଳ ଡ. ଦାସ ନିର୍ଦ୍ଦେଶ ଦେଇଛନ୍ତି।

# ଜାତୀୟ ରାଜପଥ ଅବରୋଧ କଲେ ପ୍ରବାସୀ

**ଭଦ୍ରକ ଅଫିସ, ୧୬।୫**


ପ୍ରବାସୀ ଓଡ଼ିଆ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ଠିକ୍ ଭାବେ ଖାଇବାକୁ ଦିଆଯାଉ ନ ଥିବା ଅଭିଯୋଗ କରି ୧୬ ନଂ. ଜାତୀୟ ରାଜପଥ ନଳାଙ୍ଗ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଶନିବାର ପୂର୍ବାହ୍ଣରେ ପ୍ରବାସୀମାନେ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

କୋଏମ୍ବାଟୁରରୁ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ଯୋଗେ ବରଗଡ଼ ଜିଲାର ପ୍ରବାସୀ ଓଡ଼ିଆମାନେ ଭଦ୍ରକରେ ଶନିବାର ରାତିରେ ପହଞ୍ଚିଥିଲେ। ରାତିରେ ସେମାନଙ୍କୁ ଆଣି ଭଦ୍ରକ ରୟାଲ କଲେଜ ନିକଟରେ ରଖାଯାଇଥିଲା। ଠିକ୍ ଭାବେ ଖାଇବାକୁ ଦିଆଯାଇ ନ ଥିବା ଅଭିଯୋଗରେ ସେମାନେ ନିଜ ନିଜ ବ୍ୟାଗ ଓ ଲଗେଜ ଧରି ଜାତୀୟ ରାଜପଥ ଉପରେ ଏକପାଖିଆ ରାସ୍ତାରୋକୋ କରିଥିଲେ। ଏଥିପାଇଁ ପ୍ରାୟ ୧ ଘଣ୍ଟା ଧରି ଉଭୟପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ସ୍ଥାନୀୟ ଲୋକ ଓ ଗାଡ଼ି ଡ୍ରାଇଭରମାନଙ୍କ ସହ ଏହି ପ୍ରବାସୀଙ୍କ ଯୁକ୍ତିତର୍କ ହୋଇଥିଲା। ପରିସ୍ଥିତି ଉତ୍ତେଜନା ଆଡ଼କୁ ଗତି କରିଥିଲା। ଖବର ପାଇ ଗ୍ରାମାଞ୍ଚଳ ଥାନାଧିକାରୀ ସଦଳବଳ ପହଞ୍ଚି ନିଜେ ପ୍ରବାସୀଙ୍କ ଖାଦ୍ୟପେୟ କଥା ବୁଝିବେ ବୋଲି କହିଥିଲେ। ଅଧଘଣ୍ଟା ମଧ୍ୟରେ ରନ୍ଧାଖାଦ୍ୟ ପ୍ରଦାନ କରିଯିବ ଓ ସେମାନଙ୍କ ନିଜ ଜିଲାକୁ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### ସାନିଟାଇଜ୍ ହେଲା ଥାନା, ସଙ୍ଗରୋଧ ଗୃହ

ବୁଗୁଡ଼ା,୧୬।୫(ଡି.ଏନ.ଏ.): ବୁଗୁଡ଼ା ଏନ୍ଏସି ସହାୟତାରେ ଶୁକ୍ରବାର ବୁଗୁଡ଼ା ଥାନା ସମେତ ବିଭିନ୍ନ ସଙ୍ଗରୋଧ କେନ୍ଦ୍ର ସାନିଟାଇଜ୍ କରାଯାଇଛି। ଏନ୍ଏସି ନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିଶୋଧନ ସିଞ୍ଚନ କରି ସ୍ଥାନୀୟ ଥାନା, ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପିପୁଲ୍ସ ହାଇସ୍କୁଲ ଆଦି ସଙ୍ଗରୋଧ କେନ୍ଦ୍ରଗୁଡ଼ିକୁ ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ସାନିଟାଇଜ୍ କରାଯାଇଥିଲା।

### କ୍ୱାରାଣ୍ଟାଇନ୍ ସେଣ୍ଟର ଉପରେ ୩୭ ମୋବାଇଲ ଟିମ୍‌ର ଦୃଷ୍ଟି

ଛତ୍ରପୁର,୧୬।୫(ଡି.ଏନ.ଏ.): ଗଞ୍ଜାମ ପୋଲିସ ଜିଲାରେ ୯୬୮ କ୍ୱାରାଣ୍ଟାଇନ୍ ସେଣ୍ଟର ରହିଛି। ଏହା ବାହାରେ କଡା ସୁରକ୍ଷା ବ୍ୟବସ୍ଥା ହୋଇଛି। ଏଥିସହ ସେଣ୍ଟରଗୁଡିକ ଉପରେ ୩୭ ମୋବାଇଲ ଟିମ୍ ନଜର ରଖିଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ସୂଚନା ଦେଇଛନ୍ତି। ସ୍ଥାନୀୟ ପୋଲିସ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଛି। କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଅନ୍ତେବାସୀଙ୍କୁ କେହି ପରିବାର ସଦସ୍ୟ ଭେଟିବାକୁ କିମ୍ବା ଅନ୍ତେବାସୀ କୌଣସି ବିଶୃଙ୍ଖଳା କଲେ ତାଙ୍କୁ ଅନ୍ୟ ଜିଲାର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇ ଦିଆଯିବ ବୋଲି ଏସ୍‌ପି ସତର୍କ କରି ଦେଇଛନ୍ତି ।

### ଚିଲିକାରେ ଡଙ୍ଗାରେ ପୁରୀକୁ ଚୋରା ମଦ ଚାଲାଣ, ୮ ଗିରଫ

ଛତ୍ରପୁର,୧୬।୫(ଡି.ଏନ୍.ଏ.): ଚିଲିକାରେ ଡ଼ଙ୍ଗା ଯୋଗେ ଗଞ୍ଜାମ ଜିଲାରୁ ପୁରୀ ପାରିକୁଦ ଅଞ୍ଚଳକୁ ଚୋରା ମଦ ବିକ୍ରି ପାଇଁ ଚାଲାଣ ବେଳେ ରମ୍ଭା ପୋଲିସ ଧରିଛି। ଏଥିରେ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ ସହ ୨ ହଜାର ଲିଟର ଦେଶୀ ମଦ, ଡ଼ଙ୍ଗା, ଟ୍ରାକ୍ଟର ଓ ୭ ମୋବାଇଲ ଫୋନ୍ ଜବତ କରିଛି। ଟ୍ରାକ୍ଟର ଯୋଗେ ଦେଶୀ ମଦ ଆଣି ଚିଲିକା ରମ୍ଭା ଫେରି ଘାଟରେ ଡ଼ଙ୍ଗାରେ ଲଦା ହେଉଥିଲା। ରମ୍ଭା ପୋଲିସ ପହଞ୍ଚି ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ସ୍ୱାମୀଙ୍କୁ ହତ୍ୟା କରି ଜେଲ ଗଲେ ସ୍ତ୍ରୀ

ବ୍ରହ୍ମପୁର ଅଫିସ,୧୬।୫: ସ୍ୱାମୀଙ୍କୁ ହତ୍ୟା ଅଭିଯୋଗରେ ଟାଉନ ଥାନା ପୋଲିସ ଶନିବାର ସ୍ତ୍ରୀ ସୁନୀତା ବେହେରାଙ୍କୁ ଗିରଫ କରିଛି। ଘଟଣା ବେଳେ ବ୍ୟବହୃତ ରକ୍ତଭିଜା ଶିଳପୁଆ ଜବତ କରିଛି। ମାମଲା ନଂ.୯୫/୨୦ରେ ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଗେଟବଜାର ଜାଗିଲି ସାହିରେ ବନମାଳୀ ବେହେରାଙ୍କ ସ୍ତ୍ରୀ ସୁନୀତା ୫ ପିଲା ଓ ରୋଗଣା ଶାଶୁଙ୍କ ସହ ରହୁଥିଲେ। ଶୁକ୍ରବାର ଅପରାହ୍ନ ପ୍ରାୟ ୫ ଟାରେ ବନମାଳୀ ନିସାଶକ୍ତ ଅବସ୍ଥାରେ ଆସି ଝଗଡ଼ା କରିଥିଲେ। ପରେ ଉତ୍ୟକ୍ତ ହୋଇ ବନମାଳୀ ସୁନୀତାଙ୍କୁ ମାଡ଼ ମାରିଥିଲେ। ଏଥିରେ ସୁନୀତା ରାଗିଯାଇ ପାଖରେ ଥିବା ଏକ ଶିଳପୁଆରେ ବନମାଳୀଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଫଳରେ ସେ ତଳେ ପଡିଯିବା ସହ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ସୁନୀତା ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଟରେ ଓହ୍ଲାଇଦେଲା ବସ୍

ବାଲିଗୁଡ଼ା/କୋଟଗଡ଼,୧୬।୫ (ଡି.ଏନ୍.ଏ.): ତାମିଲନାଡୁରୁ ବସ୍ ଭଡ଼ା କରି ୫୧ ପ୍ରବାସୀ କଳାହାଣ୍ଡି ଜିଲା ଏମ୍.ରାମପୁର ଫେରୁଥିବା ବେଳେ ଶନିବାର କୋଟଗଡ଼ରେ ବସ୍ ଓହ୍ଲାଇ ପଳାଇଛି। କୋଟଗଡ଼ ବିଡିଓ କୈଳାସ ଚନ୍ଦ୍ର ମୁର୍ମୁ ଓ ଥାନା ଅଧିକାରୀ ପ୍ରବାସୀଙ୍କ ଖାଇବା ବ୍ୟବସ୍ଥା ସହ ବସ୍‌ରେ ଜିଲାକୁ ପଠାଇଛନ୍ତି। ଲକ୍‌ଡାଉନ୍ ପରେ ତାମିଲନାଡୁରେ ଫସି ରହିଥିବା ଏମ୍.ରାମପୁରର ୫୧ ପ୍ରବାସୀ ୫ଟି ମିନିବସ୍ ଭଡ଼ାକରି ବାହାରିଥିଲେ। ଏ ନେଇ ୩ଲକ୍ଷ ୫୦ ହଜାର ଟଙ୍କା ସମ୍ପୃକ୍ତ ବସ୍ ମାଲିକଙ୍କୁ ଦେଇଥିଲେ। ଶନିବାର ପୂର୍ବାହ୍ନରେ କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କୋଟଗଡ଼ ଥାନା ବଣ୍ଡାପିପିଲି ନିକଟରେ ଚାଳକମାନେ ସମସ୍ତଙ୍କୁ ବସ୍‌ରୁ ଓହ୍ଲାଇ ଦେଇଥିଲେ। ସେମାନେ ଯେତିକି କିଲୋମିଟର କହିଥିଲେ ତାହା ହୋଇଯାଇ ଥିବାରୁ ଆଉ ଆଗକୁ ନେବାକୁ ମନା କରିଥିଲେ। ଚାଲି ଚାଲି ଯାଉଥିବାବେଳେ ପ୍ରଶାସନ ସେମାନଙ୍କୁ ବସ୍ କରି ପଠାଇଥିଲା।

# ହୋମ୍ କ୍ୱାରାଣ୍ଟାଇନ୍‌ରେ ୮୫ ପରିବାର

ବ୍ରହ୍ମପୁର ଅଫିସ,୧୬।୫


ଶଙ୍କରପୁର ସାହିର ପ୍ରବେଶ ପଥକୁ ସିଲ୍ କରାଯାଇଛି।

- ଶଙ୍କରପୁର ପ୍ରବେଶ ପଥ ସିଲ୍
- ୩୭୦ ଲୋକଙ୍କ କରାଗଲା ସ୍ୱାସ୍ଥ୍ୟ ପରୀକ୍ଷା
- ପରୀକ୍ଷା ପାଇଁ ଗଲା ୬ ସ୍ୱାବ୍

ବ୍ରହ୍ମପୁର ବଡବଜାର ଅଞ୍ଚଳର ଶଙ୍କରପୁର ସାହି ଆକ୍ସେସ୍ କଣ୍ଟ୍ରୋଲ ଜୋନ୍ ଘୋଷଣା ପରେ ଏହାକୁ ସଂଯୋଗ କରୁଥିବା ରାସ୍ତାଗୁଡିକୁ ଶୁକ୍ରବାର ବିଳମ୍ବିତ ରାତିରୁ ବ୍ରହ୍ମପୁର ମହାନଗର ନିଗମ ସିଲ୍ କରିଛି। ଶନିବାରରୁ କଣ୍ଟ୍ରୋଲ ଜୋନ୍ ମଧ୍ୟରେ ଥିବା ସମସ୍ତ ପରିବାରଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହ ସେମାନଙ୍କ ନିକଟରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ନେଇ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଟେଲିଫୋନ ନଂ- ୭୦୭୭୦୨୪୨୬୭ରେ ଯୋଗାଯୋଗ କରିବାକୁ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି। ଏହାବ୍ୟତୀତ କଣ୍ଟ୍ରୋଲ ଜୋନ ମଧ୍ୟରେ ଥିବା ଶଙ୍କରପୁର ସାହିର ୮୫ ପରିବାରର ୩୭୦ ଲୋକଙ୍କ ଶନିବାର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି। ସନ୍ଧ୍ୟା ସୁଦ୍ଧା ୬ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଛି। ଜୋନ୍ ମଧ୍ୟରେ ଥିବା ସମସ୍ତ ଲୋକଙ୍କ ସ୍ୱାସ୍ଥ୍ୟା ବସ୍ଥା ଉପରେ ନଜର ରଖିବା ପାଇଁ ୫ ମେଡିକାଲ ଟିମ୍‌କୁ ନିୟୋଜିତ କରାଯାଇଥିବା କମିଶନର ସୂଚାଇଛନ୍ତି। କୋଭିଡ୍-୧୯ ସଂକ୍ରମିତଙ୍କ ସଂସ୍ପର୍ଶରେ ବଡବଜାର ଅଞ୍ଚଳର ଶଙ୍କରପୁର ସାହିର କିଛି ଲୋକ ଆସିଥିବା ଶୁକ୍ରବାର ସୂଚନା ମିଳିଥିଲା। ସ୍ଥିତି ଅନୁଧ୍ୟାନ କରିବାକୁ ୪ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଥିଲା।

# ଖଜୁରିପଡ଼ାରେ କାଳବୈଶାଖୀ


ରାସ୍ତାରେ ଭାଙ୍ଗି ପଡ଼ିଥିବା ଗଛ।

ଖଜୁରିପଡ଼ା/ବଲସକୁମ୍ପା, ୧୬।୫(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଦୂତିପଡ଼ା ଓ ବଲସକୁମ୍ପା ପଞ୍ଚାୟତରେ ବାରପୁଲିୟାଠାରୁ ପାକନା ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ଡାଳ ଭାଙ୍ଗି ପଡିରହିଥିବା ବେଳେ ଡଲାବାଲି ଠାରେ ବିରାଟ ଗଛ ରାସ୍ତା ଉପରେ ପଡ଼ି ଯାତାୟାତ ବନ୍ଦ ରହିଛି। ଅଭିମନ୍ୟୁ ପ୍ରଧାନ, ଜଗଦୀଶ ଦେହୁରୀ, ରାମଚନ୍ଦ୍ର କହଁର ଏବଂ ସୁରେନ୍ଦ୍ର ଦିଗାଲଙ୍କ ଘର ଛପର ଉଡ଼ି ଯାଇଥିବା ବେଳେ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସାଇକେଲରେ ଚେନ୍ନାଇରୁ ଫେରିଲେ ୫ ଯୁବକ



ସାଇକେଲରେ ବୁଗୁଡ଼ାରେ ପହଞ୍ଚିଥିବା ପ୍ରବାସୀ।

ବୁଗୁଡ଼ା,୧୬।୫(ଡି.ଏନ.ଏ.)

ବୁଗୁଡ଼ା ଅଞ୍ଚଳର ୫ ଯୁବକ ଚେନ୍ନାଇରୁ ପ୍ରାୟ ୧୨ଶହ କି.ମି. ସାଇକେଲ୍ ଚଳାଇ ଶୁକ୍ରବାର ସନ୍ଧ୍ୟାରେ ବୁଗୁଡ଼ାରେ ପହଞ୍ଚିଛନ୍ତି। ଉକ୍ତ ୫ ଜଣ ଚେନ୍ନାଇର ଏକ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ କମ୍ପାନୀ ବନ୍ଦ ହେବାରୁ ମାଲିକ କୌଣସି ସହଯୋଗ କରି ନ ଥିଲେ। ରବିବାର ଭୋର ୫ଟାରୁ ସାଇକେଲରେ ବାହାରି ଦୀର୍ଘ ୧୨୦୦ କି.ମି. ରାସ୍ତା ୫ ଦିନରେ ଅତିକ୍ରମ କରି ବୁଗୁଡ଼ାରେ ପହଞ୍ଚିଥିଲେ। ଏଠାରେ ପହଞ୍ଚିବା ପରେ କେତେକ ଯୁବକ ସେମାନଙ୍କୁ ଖାଦ୍ୟ ଦେଇଥିଲେ। ସେମାନେ ସମସ୍ତେ ଜଗନ୍ନାଥପ୍ରସଦା ବ୍ଲକ ଅନ୍ତର୍ଗତ ପଙ୍କଲସାହି ବାସିନ୍ଦା।

## କରୋନା ଅର୍ଥ ଆତ୍ମସାତ ନେଇ ଦାବିପତ୍ର

ଭଞ୍ଜନଗର,୧୬।୫(ଡି.ଏନ.ଏ.): ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ କରୋନା ଅର୍ଥ ସରପଞ୍ଚ ଓ ନୋଡ଼ାଲ ଅଫିସର ମିଶି ଆତ୍ମସାତ୍ କରୁଛନ୍ତି । କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି। ଯେତିକି ଲୋକଙ୍କୁ ଖାଇବାକୁ ଦେଉଛନ୍ତି ତା'ଠାରୁ ଅଧିକ ବିଲ୍ କରାଯାଉଛି। ଭିତ୍ତିଭୂମି ସଜାଡ଼ିବା ନାଁରେ ବ୍ୟାପକ ଅର୍ଥ ଆତ୍ମସାତ କରାଯାଉଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଭଞ୍ଜନଗର ନିର୍ବାଚନମଣ୍ଡଳୀ ପକ୍ଷରୁ ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, ସନ୍ତୋଷ ତିଆଡ଼ି, ସନ୍ତୋଷ ପାଳ, ପ୍ରଭାକର ପାତ୍ର ପ୍ରମୁଖ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଶନିବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଦେବୀ ବିଷୋୟୀ ମଧ୍ୟ ବିଭିନ୍ନ ଅବ୍ୟବସ୍ଥା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ।

# କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପ୍ରାର୍ଥନା

ଛତ୍ରପୁର,୧୬।୫(ଡି.ଏନ୍.ଏ.)

- ସରପଞ୍ଚ ସଫା କଲେ ପାଇଖାନା
- ଜିଲାପାଳଙ୍କ ଟୁଇଟ୍

ଗଞ୍ଜାମ ଜଲାର ବିଭିନ୍ନ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଯୋଗ, ବ୍ୟାୟାମଠାରୁ ଆରମ୍ଭ କରି ନୈତିକ ଶିକ୍ଷା, ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯାଉଛି। ସେଠାରେ ଥିବା ଅନ୍ତେବାସୀମାନେ ଗାର୍ଡେନିଂ, ସେଣ୍ଟର ସଫେଇ, ଜାତୀୟ ସଂଗୀତ ଗାନ ସହ ସନ୍ଧ୍ୟାରେ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳୁଛି। ଛୋଟ ପିଲାଙ୍କୁ ଖେଳନା ମଧ୍ୟ ଦିଆଯାଉଛି। ଏଥିପାଇଁ ବିଭିନ୍ନ କେନ୍ଦ୍ରରେ ଘରୋଇ ପରିବେଶ ସୃଷ୍ଟି ହେଉଛି। ଅପରପକ୍ଷରେ ଶୁକ୍ରବାର ସନ୍ଧ୍ୟାରେ ପୁରୁଷୋତ୍ତମପୁର ବ୍ଲକ ଚିଙ୍ଗୁଡ଼ିଘାଇ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅନ୍ତେବାସୀମାନେ ଦୀପ ଜାଳି ପ୍ରାର୍ଥନା କରିଥିଲେ। ଏଥିରେ ଏମାନଙ୍କୁ ପ୍ରଶାସନ ସହଯୋଗ କରିଥିଲା। ଗୌତମୀ ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁ ଘଟଣାସ୍ଥଳକୁ ସ୍ୱଚ୍ଛ ନିର୍ମଳ ରଖିବା ପାଇଁ ନିଜେ ପାଇଖାନା ସଫା କରିଛନ୍ତି। ଗଞ୍ଜାମ ଜଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି।


ଦୀପ ଜାଳି ପ୍ରାର୍ଥନା କରାଯାଉଛି।

# ଦୋଷୀଙ୍କୁ ଫାଶୀ ଦିଆଯାଉ

ଭଞ୍ଜନଗର,୧୬।୫(ଡି.ଏନ୍.ଏ.)

- ଗୁଜରାଟ ପୋଲିସ ମାଡ଼ରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟଣା

ଗୁଜରାଟ ପୋଲିସ ମୋ ସ୍ୱାମୀଙ୍କୁ ପିଟି ପିଟି ମାରିଦେବା ପରେ ସମସ୍ତ ପ୍ରମାଣ ନଷ୍ଟ କରିଦେଇଛି। ତଦନ୍ତ କରି ଦୋଷୀମାନଙ୍କୁ ଫାଶୀ ଦିଆଯାଉ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ମୃତ ସତ୍ୟବାନ ସ୍ୱାଇଁଙ୍କ ସ୍ତ୍ରୀ। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶନିବାର ବାରୁଡ଼ା ଯାଇ ସତ୍ୟଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ୫୦ ହଜାର ଟଙ୍କା ସହାୟତା ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଛି। ରାଜ୍ୟ ସରକାର ସବୁପ୍ରକାର ସହାୟତା ଯୋଗାଇ ଦେବେ। ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସେ ଡିଜିପି ଓ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ବୋଲି କହିଥିଲେ। ଗୁରୁବାର ରାତିରେ ସତ୍ୟବାନ ଓ ତାଙ୍କ ସାଙ୍ଗ ବାହାରେ ବୁଲୁଥିଲେ। ପୋଲିସ ଭ୍ୟାନ୍ ପହଞ୍ଚି ଯିବାରୁ ସାଙ୍ଗମାନେ ଦୌଡ଼ି ପଳାଇଥିଲେ। କିନ୍ତୁ ପୋଲିସ ସତ୍ୟବାନଙ୍କୁ ଧରି ନିହୁକ ପିଟି ଛାଡି ଚାଲିଯାଇଥିଲା। ସାଙ୍ଗମାନେ ମେଡିକାଲ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୋକସନ୍ତପ୍ତ ପରିବାରଙ୍କୁ ଭେଟୁଛନ୍ତି।

## ବିଦ୍ୟୁତ୍ ଆଘାତରେ କର୍ମଚାରୀ ମୃତ, ରାସ୍ତାରୋକୋ

ଖଲ୍ଲିକୋଟ,୧୬।୫(ଡି.ଏନ୍.ଏ.): ଖଲ୍ଲିକୋଟ ବ୍ଲକ ତୁଳସୀପୁର ଗ୍ରାମରେ ୧୧କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଠିକା କର୍ମଚାରୀଙ୍କୁ ମୃତ୍ୟୁ ଘଟିଛି। ସେ ହେଲେ ଶ୍ୟାମସୁନ୍ଦର ଗ୍ରାମର ସତ୍ୟନାରାୟଣ ସାହୁ(୪୫)। ସେ ଖୁଣ୍ଟକୁ ଚଢିଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ପରିବାର ଲୋକେ କ୍ଷତିପୂରଣ ଦାବି କରି ଖଲ୍ଲିକୋଟ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଖବର ଲେଖାହେବା ସୁଦ୍ଧା ମୃତଦେହ ରଖି ଧାରଣାରେ ବସିଛନ୍ତି।

## ସଙ୍ଗରୋଧରୁ ଆସି ମୁଖାଗ୍ନି ଦେଲେ ପୁଅ

ପୁରୁଷୋତ୍ତମପୁର, ୧୬।୫(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ହାଣ୍ଡିଘର ଗ୍ରାମର ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ଶନିବାର ପଡୋଶୀ ଉଦ୍ଧାର କରିଛନ୍ତି। ସେ ହେଲେ ରୋହିଣୀ ଦାଶ (୭୫)। ସୁରଟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିବା ପୁଅ ମୁଖାଗ୍ନି ଦେଇଛନ୍ତି। ରୋହିଣୀଙ୍କ ୨ ପୁଅ ବାହାରେ ରୁହନ୍ତି। ସୁରଟରେ ଥିବା ପୁଅ ରାମହରି ୮ ତାରିଖରେ ଘରକୁ ଫେରି ଗାଙ୍ଗଦହଲି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଛନ୍ତି। ଘରେ ଏକାକୀ ଥିବା ରୋହିଣୀଙ୍କ ମୃତ୍ୟୁ ହୋଇଯାଇଥିଲା। ଶନିବାର ଘରୁ ଦୁର୍ଗନ୍ଧ ବାହାରୁଥିବାରୁ ଲୋକେ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରି ବ୍ଲକ ପ୍ରଶାସନକୁ ଖବର ଦେଇଥିଲେ। ବ୍ଲକ ପକ୍ଷରୁ କ୍ୱାରାଣ୍ଟାଇନ୍‌ରେ ଥିବା ତାଙ୍କ ପୁଅଙ୍କୁ ଆଣି ମା'ଙ୍କୁ ମୁଖାଗ୍ନି ଦେବାପରେ ଫେରାଇ ନେଇଛନ୍ତି।

# ଶ୍ରମିକଙ୍କୁ ନିଜ ଜିଲାକୁ ପଠାଉଛି ପ୍ରଶାସନ

ଛତ୍ରପୁର,୧୬।୫(ଡି.ଏନ୍.ଏ.)

- ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଭରଣା କରାଯିବ ଖର୍ଚ୍ଚ

ଚାଲି ଚାଲି ଅନ୍ୟ ରାଜ୍ୟକୁ ତଥା ଘରକୁ ଫେରୁଥିବା ଶ୍ରମିକଙ୍କୁ ଗଞ୍ଜାମ ଜିଲା ସୀମାନ୍ତ ଗିରିଶୋଲା ଚେକ୍‌ପୋଷ୍ଟ ଏବଂ ଜାତୀୟ ରାଜପଥରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଉଦ୍ଧାର କରାଯାଉଛି। ପରେ ସେମାନଙ୍କୁ ନିଜ ଜିଲାକୁ ବସ୍ ଯୋଗେ ପଠାଯାଉଛି। ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଭରଣା କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବସ୍ ଭଡା କରିବାକୁ ରାଜ୍ୟ ପରିବହନ ବିଭାଗ ଯୁଗ୍ମ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କଠାରୁ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଆସିଥିବା ଜଣାପଡିଛି। ସେହିପରି ଗିରିଶୋଲା- ଆନ୍ଧ୍ର ସୀମାନ୍ତ ଚେକ୍‌ପୋଷ୍ଟରେ ଗଞ୍ଜାମ ଦେଇ ଚାଲିକି ଯାଉଥିବା ଏବଂ ଜାତୀୟ ରାଜପଥରୁ ଉଦ୍ଧାର କରି ନିଜ ଜିଲାକୁ ବସ୍ ଯୋଗେ ପଠାଇବା ବ୍ୟବସ୍ଥା କରିବାକୁ ଗଞ୍ଜାମ ଓ ବ୍ରହ୍ମପୁର ଏସ୍‌ପିଙ୍କୁ ନିର୍ଦ୍ଦେଶନାମା ଆସିଥିଲା। ଜାତୀୟ ରାଜପଥ ଓ ଆନ୍ଧ୍ର ସୀମାନ୍ତ ଚେକ୍‌ପୋଷ୍ଟରେ ୧୦ ବସ୍ ବ୍ୟବସ୍ଥା କରାଯାଇ ଶ୍ରମିକଙ୍କୁ ପଠାଇବା ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଚିଠି ଆସିଥିଲା। ଗତ ୩ଦିନ ମଧ୍ୟରେ ଗିରିଶୋଲା ଚେକ୍‌ପୋଷ୍ଟରେ ଚାଲିକି ଯାଉଥିବା ୨୭୦ ଶ୍ରମିକଙ୍କୁ ଉଦ୍ଧାର କରି ନିଜ ଜିଲାକୁ ପଠାଯାଇଛି। ଶନିବାର ଗଞ୍ଜାମ ପୋଲିସ ଓ ପ୍ରଶାସନ ପକ୍ଷରୁ ୪୬ ଶ୍ରମିକଙ୍କୁ କଳାହାଣ୍ଡିକୁ ପଠାଯାଇଛି। ସେହିପରି ଜାତୀୟ ରାଜପଥରେ ଯାଉଥିବା ୧୦୦ ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଝାରଖଣ୍ଡ, ବାଲେଶ୍ୱର ଓ ଭଦ୍ରକକୁ ବସ୍ ଯୋଗେ ପଠାଯାଇଛି।

# ନିମ୍ନମାନର ମାସ୍କ ବଣ୍ଟନକୁ ନେଇ ଉତ୍ତେଜନା

ଦିଗପହଣ୍ଡି,୧୬।୫(ଡି.ଏନ.ଏ.)

ଦିଗପହଣ୍ଡି ଏନ୍ଏସି ପକ୍ଷରୁ ନିମ୍ନମାନର ମାସ୍କ ବଣ୍ଟନକୁ କେନ୍ଦ୍ରକରି ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ କାଉନ୍‌ସିଲର ରସାନନ୍ଦ ରାଉତ ପ୍ରମୁଖ ବହୁ ଅଞ୍ଚଳବାସୀ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ କାର୍ଯ୍ୟାଳୟରେ ପଶି ଯୁକ୍ତିତର୍କ କରିଥିଲେ। ପରେ ତଦନ୍ତ ଦାବିରେ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ହାତପାଣ୍ଠିରୁ ମାସ୍କ, ସାବୁନ ବଣ୍ଟନ ପାଇଁ ପ୍ରତି ୱାର୍ଡ ପିଛା ୨୦ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲେ ମଧ୍ୟ ଏଥିରେ ଅନିୟମିତତା ହୋଇଛି। ସେହିପରି କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡ଼ିକୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ସାମଗ୍ରୀ ନିମ୍ନମାନର ବୋଲି ସେମାନେ ଅଭିଯୋଗ କରିଥିଲେ। ଏନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ମିଥ୍ୟା ଓ ନିରାଧାର। ପଞ୍ଜୀକୃତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକଙ୍କଠାରୁ ୨୦ ଟଙ୍କା ଲେଖାଏରେ ମାସ୍କ କିଣାଯାଇଛି। ପ୍ରତି ୱାର୍ଡରେ ଅଙ୍ଗନୱାଡି କର୍ମୀ ଓ ଏନ୍ଏସି କର୍ମଚାରୀଙ୍କ ଦ୍ୱାରା ମାସ୍କ, ସାବୁନ ବଣ୍ଟନ କରାଯାଉଛି। କରୋନା ମୁକାବିଲା ନିମନ୍ତେ ସମସ୍ତ ବ୍ୟୟ ମଞ୍ଜୁରୀ ଅର୍ଥରାଶିର ଭିଜିଲାନ୍ସସ୍ତରୀୟ ତଦନ୍ତ ପାଇଁ ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ଦାବି କରିଛନ୍ତି।

# ୩ ଟ୍ରେନ୍‌ରେ ଫେରିଲେ ୪୬୬୪ ପ୍ରବାସୀ

ଛତ୍ରପୁର,୧୬।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ସମେତ ଓଡିଶାର ବିଭିନ୍ନ ଜିଲାର ପ୍ରବାସୀମାନେ ଟ୍ରେନ୍ ଯୋଗେ ଜଗନ୍ନାଥପୁର ଷ୍ଟେଶନକୁ ଆସିବାରେ ଲାଗିଛନ୍ତି। ଶନିବାର ଟ୍ରେନ୍ ଯୋଗେ ଉକ୍ତ ଷ୍ଟେଶନରେ ଲୋକ ଆସି ପହଞ୍ଚଛନ୍ତି । ଭୋର ୫ଟା ୩୦ରେ ସୁରଟରୁ ୧୭୪୨ ଜଣଙ୍କୁ ନେଇ ଜଗନ୍ନାଥପୁର ଷ୍ଟେଶନରେ ଟ୍ରେନ୍ ପହଞ୍ଚିଥିଲା । ସେଥିରେ ଗଞ୍ଜାମ ଜିଲା ୧୯ ବ୍ଲକ ୧୭୦୦ ଜଣ ରହିଥିବା ବେଳେ ବାଲେଶ୍ୱରର ୨, ଭଦ୍ରକର ୯, କଟକର ୬, ଯାଜପୁରର ୬, ଖୋର୍ଦ୍ଧାର ୨, ନୟାଗଡର ୫, ପୁରୀ ୧୦, ସମ୍ବଲପୁରର ଜଣେ ଏବଂ ବିହାରର ଜଣେ ରହିଥିଲେ ।

ସେହିପରି ସୁରଟରୁ ଦ୍ୱିତୀୟ ଟ୍ରେନ୍ ପୂର୍ବାହ୍ନ ୧୦ଟାରେ ୧୧୯୯ ପ୍ରବାସୀଙ୍କୁ ନେଇ ପହଞ୍ଚିଥିଲା । ଏଥିରେ ଗଞ୍ଜାମ ଜିଲାର ୨୨ ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମର ୭୯୬ ଜଣ ଥିବାବେଳେ ଗଜପତିର ୬୨, କଳାହାଣ୍ଡିର ୧୦୪, କନ୍ଧମାଳର ୨୪, କୋରାପୁଟର ୧୭, ମାଲକାନଗିରିର ୩୮, ନବରଙ୍ଗପୁରର ୨୭, ନୟାଗଡର ୧୯, ରାୟଗଡାର ୯୭, ସୁନ୍ଦରଗଡର ୧୧ ଏବଂ ଅନ୍ୟ ରାଜ୍ୟର ୪ ପ୍ରବାସୀ ଥିଲେ ।

ସୁରଟରୁ ତୃତୀୟ ଟ୍ରେନ୍ ଅପରାହ୍ନ ୨ଟା ୩୦ରେ ୧୭୨୩ ଜଣଙ୍କୁ ନେଇ ପହଞ୍ଚିଥିଲା। ସେଥିରେ ଗଞ୍ଜାମ ଜିଲାର ୨୧ ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମର ୧୬୭୦, ଅନୁଗୋଳର ୨, କଟକ ୪, ଢେଙ୍କାନାଳ ୫, ଗଜପତିର ୨, ଖୋର୍ଦ୍ଧା ୧୧, କେନ୍ଦ୍ରାପଡା ୪, ନୟାଗଡ ୧୧ ଓ ପୁରୀର ୧୪ ଜଣଥିଲେ। ପହଞ୍ଚିବା ପରେ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ପରେ ବସ୍ ଯୋଗେ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଥିଲା। ସୂଚନାଯୋଗ୍ୟ, ରିପୋର୍ଟ ଲେଖାହେବା ସୁଦ୍ଧା ୩ ଟ୍ରେନ୍ ଜଗନ୍ନାଥପୁର ଷ୍ଟେଶନକୁ ଆସିଥିବା ଜଣାପଡିଛି।


ସ୍କ୍ରିନିଂ ପାଇଁ ଯାଉଛନ୍ତି ପ୍ରବାସୀ।

# ହାତବାନ୍ଧି ବସିଛନ୍ତି ବାଉଁଶ କାରିଗର

**ପଦ୍ମପୁର,୧୬।୫ (ଡି.ଏନ.ଏ.)**

କରୋନା ସବୁ ବର୍ଗର ଲୋକଙ୍କ ପାଇଁ ଆତ୍ମଘାତୀ ସାଜିଛି । କରୋନା ସଂକ୍ରମଣରୁ ଦେଶକୁ ରକ୍ଷା କରିବା ପାଇଁ ସରକାର ଲକ୍‌ଡାଉନ ଘୋଷଣା କରିଥିବା ବେଳେ ଲୋକଙ୍କ କାମଧନ୍ଦାରେ ମଧ୍ୟ ତାଲା ପଡିଛି। ଏହାଦ୍ୱାରା ବରଗଡ଼ ଜିଲା ପଦ୍ମପୁର ବ୍ଲକ ବ୍ରାହ୍ମଣଡିହି ଗ୍ରାମର ଶତାଧିକ ବାଉଁଶ କାରିଗର ଜୀବିକା ହରାଇ ଘରେ ହତାବାନ୍ଧି ବସିଛନ୍ତି। ଇତିମଧ୍ୟରେ ଦେଶ ଲକ୍‌ଡାଉନ ହେବାର ୫୦ ଦିନ ବିତିଯାଇଛି । ସେହି ଦିନୁ ଏହି ବାଉଁଶ କାରିଗରମାନେ ନିଜର କାମଧନ୍ଦା ବନ୍ଦ ରଖିଛନ୍ତି ।ଏପରି ପରିସ୍ଥିତିରେ ସେମାନେ କିଛି ବିକଳ୍ପ ବି ଚିନ୍ତା କରି ପାରୁନାହାନ୍ତି ।

ପଦ୍ମପୁର ବ୍ଲକ ବ୍ରାହ୍ମଣଡିହିରେ ପ୍ରାୟ ୯୦ ପ୍ରତିଶତ ମାହାର ଜାତିର ଲୋକେ ରହୁଛନ୍ତି । ସେମାନେ ବାଉଁଶ ଶିଳ୍ପ ଉପରେ ନିର୍ଭର କରନ୍ତି । ବର୍ତ୍ତମାନ ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟକ୍ରମ ବନ୍ଦ ଥିବାରୁ ତା'ର ପ୍ରଭାବ ଏହି ବାଉଁଶ କାରିଗରଙ୍କ ପରିବାର ଉପରେ ପଡିଛି। ନିଜର ସ୍ୱଳ୍ପ ପୁଞ୍ଜି ବିନିଯୋଗରେ ତିଆରି କରିଥିବା କୁଲା, ଭୁଗା, ଟୁପା ଆଦି ସାମଗ୍ରୀ ଘରେ ପଡି ରହିଛି । ସୁଶୀଲ ନାଏକ, ଅଚ୍ୟୁତ ଡୁମୁଲିଆ, ଚମରୁ ଡୁମୁଲିଆ, ଉପାସୀ ଡୁମୁଲିଆ, ପୁଷ୍ପାଞ୍ଜଳି ନାଏକ, ପଦ୍ମା ନାଏକ ପ୍ରମୁଖ ବାଉଁଶ କାରିଗରମାନେ କୁହନ୍ତି, ସେମାନଙ୍କ ତିଆରି ସାମଗ୍ରୀ ଲକ୍‌ଡାଉନ ଯୋଗୁ ବିକ୍ରି ହୋଇ ନ ପାରି ଘରେ ଗଦା ହୋଇ ରହିଛି। ସରକାର ରାଶନ କାର୍ଡରେ ୩ ମାସର ଚାଉଳ ଦେଇଛନ୍ତି । ହେଲେ ତାହା ପରିବାର ଚଳାଇବା ପାଇଁ ଆବଶ୍ୟକତା ପୂରଣ କରିପାରିନାହିଁ । ଅଧିକାଂଶ ବାଉଁଶ କାରିଗରଙ୍କ ପାଖରେ ଲେବର କାର୍ଡ, ଜବ୍‌କାର୍ଡ ମଧ୍ୟ ନାହିଁ । ସେଥିପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ କାମ କରିପାରୁନାହାନ୍ତି । ସରକାର ବାଉଁଶ କାରିଗରଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ସେମାନେ ଦାବି କରିଛନ୍ତି।

### ସେମାନେ କୁହନ୍ତି...



" ବିଶ୍ୱ ମହାମାରୀ କରୋନା ଯୋଗୁ ସରକାର ତାଲାବନ୍ଦ ଘୋଷଣା କରିଛନ୍ତି । ଏହାକୁ ଆମେ ସମର୍ଥନ କରୁଥିଲେ ମଧ୍ୟ ଆମର ଜୀବନ ଜୀବିକା ଉପରେ ଏହାର ଖୁବ୍ ପ୍ରଭାବ ପଡିଛି । ସାମଗ୍ରୀ ବିକ୍ରି ହୋଇ ପାରୁ ନ ଥିବାରୁ ଆମ ପରିବାର ଦୁଃଖ ବଢ଼ିଛି ।

**-ସୁଶୀଲ ନାଏକ, ବ୍ରାହ୍ମଣଡିହି**



" ଆମର ପରିବାର ସମସ୍ତେ କୁଲା, ଟୁପା, ଚାଙ୍ଗରି, ଭୁଗା ତିଆରି କରି ତାର ବିକ୍ରି ଟଙ୍କାରେ ଗୁଜୁରାଣ ମେଣ୍ଟାଉ। ମାତ୍ର ଲକ୍ ଡାଉନରେ ବିବାହ ତଥା ସାମାଜିକ କାର୍ଯ୍ୟକ୍ରମ ବନ୍ଦ ରହିଥିବାରୁ ଘର କିପରି ଚଳିବ ସେହି ଚିନ୍ତା ଆମକୁ ଘାରିଛି ।

**-ଚମରୁ ଡୁମୁଲିଆ, ବ୍ରାହ୍ମଣଡିହି**



" ଆମର ହାତ ତିଆରି ସାମାନ୍ ବହୁତ ରହିଯାଇଛେ, ମୋର ପାଖେ ଲେବର କାର୍ଡକି ଜବ୍‌କାର୍ଡ ଭି ନାଇଁନ । ସରକାର ଆମର୍ ସାମାନ୍ ବିକ୍‌ବାର ସୁବିଧା ଯୋଗାଇ ଦେଉଁନ୍ ।

**-ଅଚ୍ୟୁତ ଡୁମୁଲିଆ, ବ୍ରାହ୍ମଣଡିହି ।**

# ବଫର ଜୋନ୍‌ରେ ବ୍ୟାରିକେଡ୍ ନିର୍ମାଣକୁ ନେଇ ଉତ୍ତେଜନା

**ରାଉରକେଲା ଅଫିସ,୧୬।୫**

ରାଉରକେଲା ସହର ଅନ୍ତର୍ଗତ କଣ୍ଟେନମେଣ୍ଟ ଜୋନ୍‌କୁ ଲାଗି ରହିଥିବା ବଫର ଅଞ୍ଚଳକୁ ବ୍ୟାରିକେଡ କରାଯିବାରୁ ନେଇ ଶନିବାର ମଧ୍ୟାହ୍ନରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ । ସେମାନେ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ, ଅଯଥାରେ ପାୱାର ହାଉସ ରୋଡ ବଫର ଜୋନ ଅଞ୍ଚଳ ନିକଟରେ ବ୍ୟାରିକେଡ କରାଯିବା ପଛରେ କିଛି କାରଣ ନାହିଁ। ନିର୍ଦ୍ଦିଷ୍ଟ ଭାବେ କେତେଜଣଙ୍କୁ ଅନୁକମ୍ପା ଦେଖାଇବା ପାଇଁ ଅନ୍ୟମାନଙ୍କୁ ହଇରାଣ ହରକତ କରାଯାଉଛି। ବାସ୍ତବରେ ଯେଉଁଠି ବ୍ୟାରିକେଡ କରାଯିବା ଆବଶ୍ୟକ ରହିଛି ସେଥିପ୍ରତି ଦୃଷ୍ଟି ଦିଆଯାଉନି। ବଫର ଅଞ୍ଚଳରେ ଆଜି ପର୍ଯ୍ୟନ୍ତ କେହି କରୋନା ପଜିଟିଭ ଚିହ୍ନଟ ହୋଇ ନାହାନ୍ତି। ଏମିତି ଅବସ୍ଥାରେ ଦିନକୁ ଦିନ ବ୍ୟାରିକେଡ ବ୍ୟବସ୍ଥାକୁ ସଂପ୍ରସାରଣ କରାଯିବା ଦ୍ୱାରା ସାଧାରଣ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅନୁଚିତ ପଦକ୍ଷେପ ଦ୍ୱାରା ଲୋକେ ଘରୁ ବାହାରିବା ମୁସ୍କିଲ ହେବ। ଅସନ୍ତୋଷ ବୃଦ୍ଧି ପାଇବ। ପରବର୍ତ୍ତୀ ଅବସ୍ଥାରେ ପରିସ୍ଥିତି ଅସମ୍ଭାଳ ହେବ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ କହିଛନ୍ତି। ସେଠାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ବିଶ୍ୱରଞ୍ଜନ ରଥ ଲୋକଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କୁ ବୁଝାଶୁଝା କରିଥିଲେ । ଶେଷରେ ବ୍ୟାରିକେଡ ନିର୍ମାଣ କରାଯାଇଥିଲା।



ବ୍ୟାରିକେଡକୁ ବିରୋଧ କରୁଥିବା ଲୋକମାନେ ପାଟିତୁଣ୍ଡ କରୁଛନ୍ତି ।

# କଳାକୃତିରେ କରୋନାର ବାସ୍ତବତା

**ବରଗଡ଼ ଅଫିସ୍,୧୬।୫**

କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ନେଇ ସମଗ୍ର ମାନବ ସମାଜ ଆଜି ଆତଙ୍କିତ । ଏହାର ସଫଳ ସମାଧାନର ବାଟ ଏପର୍ଯ୍ୟନ୍ତ ଫିଟି ପାରି ନାହିଁ । ଏଭଳିସ୍ଥଳେ ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଭଟିଗାଁର ବୀରେନ୍ଦ୍ର ବିବସ୍ୱାନ ସିଂହ ତାଙ୍କ ଏକ କଳାକୃତିରେ କରୋନା ସଂକ୍ରମଣର ବାସ୍ତବତାକୁ ଫୁଟାଇ ନିଜ ପ୍ରତିଭାକୁ ସର୍ବିଙ୍କ ସମ୍ମୁଖରେ ଉପସ୍ଥାପନ କରି ପାରିଛନ୍ତି । କେବଳ ସେତିକି ନୁହେଁ, ଆନ୍ତର୍ଜାତୀୟ ଅନୁଷ୍ଠାନ ବିଦାସ ଆର୍ଟସ୍ ଗ୍ରୁପ(ବିଏଜି) ଦ୍ୱାରା କରୋନାକୁ ନେଇ ଆୟୋଜିତ ପ୍ରତିଯୋଗିତାରେ ତାଙ୍କର ଏହି କଳାକୃତି ପ୍ରଥମ ୫୦ଜଣଙ୍କ ମଧ୍ୟରେ ଗୋଲ୍ଡ କାଟେଗୋରିରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣି ପାରିଛି । ପ୍ରବଚକ ଦୀପ୍ତି କୁମାର ସିଂହ ଏବଂ ମୃଦୁଳା ସିଂହଙ୍କ ପୁଅ ବୀରେନ୍ଦ୍ରଙ୍କ ସେହି କଳାକୃତିର ନାମ ବ୍ଲାଇଣ୍ଡ ଅପ୍ଟିମିଜିମ୍ ଅର୍ଥାତ୍ ଅନ୍ଧ ସମାଜ । ଯାହା ବାସ୍ତବତାଠାରୁ ବହୁ ଦୂରରେ। ଏହି ଭାବନାକୁ ସେ ତାଙ୍କ କଳାକୃତିରେ ନିଖୁଣ ଭାବେ ଫୁଟାଇ ପାରିଛନ୍ତି। କଳାକୃତିରେ କରୋନା ଭୂତାଣୁର ଜୀବନ୍ତ ବୋମା ଉପରେ ଠିଆ ହୋଇଛି ଏକ ଘରଚଟିଆ । ବୋମାର ତାଲା ଖୋଲି ଚାବିଟି ଧରିଛି ଥଣ୍ଟରେ। ଜଣା ନାହିଁ, ପରିଣାମ କଣ ହେବାକୁ ଯାଉଛି । କେଉଁ ମୁହୂର୍ତ୍ତରେ ବିସ୍ଫୋରଣ ହୋଇପାରେ। ବାସ୍ତବତାକୁ ଆଖି ବୁଜି ଆଜି ମାନବ ସମାଜ ଏହି ସ୍ଥିତିରେ ପହଞ୍ଚି ସାରିଛି। ସାମ୍ପ୍ରତିକ ପରିସ୍ଥିତିର ଏକ ବାସ୍ତବ ଆକଳନ ଚିତ୍ରରେ ଚିତ୍ରଣ କରାଯାଇଛି। ବୀରେନ୍ଦ୍ର ବିବସ୍ୱାନ ପୂର୍ବତନ ବରଗଡ଼ ଏମପି ଡଃ ପ୍ରଭାସ କୁମାର ସିଂହଙ୍କ ପୁତୁରା ଅଟନ୍ତି । ତାଙ୍କ ଏହି କଳାକ୍ଷେତ୍ରରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ତଥା ଅଗ୍ରଗତି ପାଇଁ ପୂର୍ବତନ ଏମ୍‌ପି ଡଃ ସିଂହ ଏବଂ ସ୍ତ୍ରୀ ମଞ୍ଜୁଶ୍ରୀଙ୍କ ଯଥେଷ୍ଟ ଅବଦାନ ଓ ପ୍ରେରଣା ରହିଛି । ବୀରେନ୍ଦ୍ର ବିବସ୍ୱାନ ବର୍ତ୍ତମାନ ସୁନ୍ଦରଗଡ଼ସ୍ଥିତ କଳାୟତନ କଲେଜ ଅଫ୍ ଆର୍ଟସ୍ ଆଣ୍ଡ କ୍ରାଫ୍ଟସରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ରାଜ୍ୟ, ଜାତୀୟସ୍ତରୀୟ କର୍ମଶାଳା, ପ୍ରଦର୍ଶନୀରେ ଯୋଗଦେଇ ଭିନ୍ନ ଏକ ପରିଚୟ ସୃଷ୍ଟି କରି ପାରିଛନ୍ତି ।



କରୋନା ସଂକ୍ରମଣ ଉପରେ ବୀରେନ୍ଦ୍ର ବିବସ୍ୱାନ ସିଂହଙ୍କ କଳାକୃତୀ ।

# ଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ଲୋଇସିଂହା, ୧୬।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଇଂସା ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶୋଇବା ଘରୁ ଶନିବାର ପୋଲିସ ଉଦ୍ଧାର କରିଛି । ମୃତା ଜଣକ ହେଲେ ଗ୍ରାମର ସୁବାସିନୀ ବରିହା । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୁବାସିନୀଙ୍କ ବାପଘର ଲୋକେ ଝିଅକୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ପୋଲିସ ସୂଚନାମତେ, ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଥାନା ଅନ୍ତର୍ଗତ ସହଲା ଗ୍ରାମର କୁନ୍ଦା ବରିହାଙ୍କ ଝିଅ ସୁବାସିନୀଙ୍କର ବାହାଘର ୨୦୧୮ ମାର୍ଚ୍ଚରେ ଇଂସା ଗ୍ରାମରେ ହୋଇଥିଲା। ବିବାହର ଦୁଇବର୍ଷ ପରେ ମଧ୍ୟ ତାଙ୍କର କୌଣସି ସନ୍ତାନ ହୋଇ ନ ଥିଲ । ଅପରପକ୍ଷରେ ବାପଘରୁ କିଛି ଟଙ୍କା ଆଣିବା ପାଇଁ ସୁବାସିନୀଙ୍କୁ କୁଆଡେ ତାଙ୍କ ସ୍ୱାମୀ କହି ମାରପିଟ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ଏହାକୁ ନେଇ ତାଙ୍କ ସ୍ୱାମୀ ଘର କବାଟ ବନ୍ଦ କରି ସୁବାସିନୀଙ୍କୁ ମାରପିଟ କରିଥିବା ତାଙ୍କ ପଡ଼ୋଶୀ ଶୁଣିଥିଲେ । ଖବର ପାଇ ଲୋଇସିଂହା ଥାନା ଓ ଆଗଲପୁର ଫାଣ୍ଡି ପୋଲିସ ଶନିବାର ଘଟଣାସ୍ଥଳକୁ ଯାଇ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଥିଲେ ।

# ବେଦାନ୍ତର 'ଖେତରୁ ଦୋକାନ' ଯୋଜନା

**ଝାରସୁଗୁଡ଼ା ଅଫିସ,୧୬।୫**

- ୧୨୦ ଚାଷୀ ଉପକୃତ
- ଗୋଟିଏ ମାସରେ ଆୟ ୩.୬ ଲକ୍ଷ ଟଙ୍କା

କରୋନା କଟକଣା ଯୋଗୁ ଚାଷୀଙ୍କ ଜୀବନ ଜୀବିକ ଉପରେ ତା'ର ପ୍ରଭାବ ପଡିଛି। ଏହାକୁ ଆଖି ଆଗରେ ରଖି ଝାରସୁଗୁଡ଼ାସ୍ଥିତ ବେଦାନ୍ତ ନିଜର ସିଏସ୍‌ଆର୍ ପ୍ରକଳ୍ପ ଜୀବିକା ସମୃଦ୍ଧିରେ ଅନ୍ତର୍ଭୁକ୍ତ ସିରିଆପାଲି, ଗୁଡି ଗାଁ, କେଲଡ଼ାମାଲ ଓ ଅମାତି ଗ୍ରାମର ଚାଷୀଙ୍କ ପାଇଁ ଏକ ଅଭିନବ ପନ୍ଥା ଆପଣେଇଛି। 'ଖେତରୁ ଦୋକାନ' ନାମକ ଏହି ଯୋଜନା ଜରିଆରେ ଚାଷୀମାନେ ନିଜ ଖେତରେ ଉତ୍ପାଦନ ପନିପରିବା କମ୍ପାନୀ ଟାଉନଶିପରେ ରହୁଥିବା କମ୍ପାନୀ କର୍ମଚାରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ପ୍ରତ୍ୟକ୍ଷ ଭାବେ ବିକ୍ରି କରି ପାରୁଛନ୍ତି।

ଏପ୍ରିଲ ମାସରେ ଆରମ୍ଭ ହୋଇଥିବା ଏହି ଯୋଜନା ମାଧ୍ୟମରେ ସିରିଆପାଲି, ଗୁଡି ଗାଁ, କେଲଡ଼ାମାଲ ଓ ଅମାତି ଗ୍ରାମର ମୋଟ ୧୨୦ ଚାଷୀ ଉପକୃତ ହେଉଛନ୍ତି। ସେମାନେ ଅମଳ କରୁଥିବା ଆଳୁ, ବିଲାତି, ଲଙ୍କା, ତରଭୁଜ, ମକାର ଚାହିଦା ରହିଛି। ୧ ମାସ ମଧ୍ୟରେ ପ୍ରାୟ ୧୦,୬୦୦ କିଲୋ ପରିବା ବିକ୍ରି ହୋଇଛି । ଏଥିଯୋଗୁ ୩.୬ ଲକ୍ଷ ଟଙ୍କା ଆୟ ହୋଇଛି ବୋଲି ଚାଷୀମାନେ କହିଛନ୍ତି। ବେଦାନ୍ତ ସିଇଓ ସି.ଏନ୍. ସିଂ କହିଛନ୍ତି, ପ୍ରାଥମିକ ଆଲୁମିନିୟମ ଉତ୍ପାଦନରେ ଭାରତର ସର୍ବବୃହତ୍ ଉତ୍ପାଦକ ଭାବେ ଆମେ ସର୍ବଦା ଆତ୍ମନିର୍ଭରଶୀଳକୁ ଗ୍ରହଣ କରୁ । ଆମ ଗୋଷ୍ଠି ସମୁଦାୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଖେତରୁ ଦୋକାନ ଯୋଜନା ଅନ୍ୟତମ।

ବେଦାନ୍ତର ଜୀବିକା ସମୃଦ୍ଧି ପ୍ରକଳ୍ପ ଜମି ଏବଂ ଜଳସେଚନ ଉପରେ କୈନ୍ଦ୍ରିତ, ଯାହାର ମୂଳଲକ୍ଷ୍ୟ କୃଷକର ସ୍ଥାୟୀ ଜୀବିକା ନିର୍ବାହ । ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ୧୫୦ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ ଜଣ ଚାଷୀ ଭାଇ ଉପକୃତ ହୋଇଛନ୍ତି । ପ୍ରଥମ ବର୍ଷରେ ଜଳସେଚନ ୬% ରୁ ୨୧%କୁ ବଢ଼ିବା ସହ ଯୋଜନା ଅନ୍ତର୍ଭୁକ୍ତ ପରିବାରଙ୍କ ଆୟରେ ୨୦ରୁ ୨୫ ପ୍ରତିଶତ ବୃଦ୍ଧି ହୋଇଛି।

# ଘରେ ପୂରାଇଲେନି ପରିବାର ଲୋକେ

**ସମ୍ବଲପୁର,୧୬।୫ (ବ୍ୟୁରୋ)**

ମହାମାରୀ କରୋନା ସଂକ୍ରମଣ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ସରକାର ଯେତେ ସଚେତନ ଓ ସୁବିଧା କଲେ ମଧ୍ୟ ସୁଫଳ ମିଳିପାରୁନାହିଁ। ସଚେତନତା ଅଭାବ ଯୋଗୁ ଭୟରେ ପରିବାର ନିଜ ଲୋକଙ୍କୁ ପର କରିଦେଉଛନ୍ତି। ସ୍ଥାନୀୟ ପଞ୍ଚାୟତ କ୍ୱାରାଣ୍ଟାଇନ ସେଣ୍ଟରରେ ମଧ୍ୟ ସ୍ଥାନ ଦିଆଯାଉନାହିଁ। ଫଳରେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ଓ ବଡସାହିର ଗ୍ରାମର ଦୁଇ ଜଣ ଯୁବକ ଗଛ ତଳେ ୩ ଦିନ ହେଲା ଆଶ୍ରୟ ନେଇଥିଲେ। ଶେଷରେ ପ୍ରଶାସନ ସେମାନଙ୍କ ରହିବାକୁ ବାଧ ହୋଇ ବ୍ୟବସ୍ଥା କରିଛି। ବାଲେଶ୍ୱର ଜିଲା ଜଳେଶ୍ୱରରୁ ଫେରିଥିବା ଏହି ଯୁବକ ଦ୍ୱୟ କିନ୍ତୁ ହଟହଟା ହୋଇଛନ୍ତି।

ଏହି ଯୁବକ ଦ୍ୱୟ ହାର୍ଭେଷ୍ଟରରେ ଧାନକଟା କାମ କରିବା ପାଇଁ ଗତ ଏପ୍ରିଲ ୨୩ ତାରିଖରୁ ଜଳେଶ୍ୱର ଯାଇଥିଲେ। କିଛି ଦିନ କାମ କରିବା ପରେ ଗତ ୧୩ ତାରିଖରେ ଏମାନେ ଗାଁକୁ ଫେରିଥିଲେ। ହଟ୍‌ସ୍ପଟ୍ ଅଞ୍ଚଳରୁ ଆସିଥିବାରୁ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପରିବାର ବର୍ଗ ମଧ୍ୟ ଭୟଭୀତ ହୋଇପଡିଥିଲେ। ସେମାନଙ୍କୁ ଖାଇବାକୁ ଯୋଗାଇ ଦେଲେ । ଗରିବ ପରିବାର ହୋଇଥିବାରୁ ହୋମ୍ କ୍ୱାରାଣ୍ଟାଇନ ପାଇଁ ଘରେ ସୁବିଧା ନାହିଁ। ତେଣୁ ଘରେ ପ୍ରତ୍ୟେକ ଦିନ ଖାଇବାକୁ ଦିଆଯିବ। ତୁମେ ବାହାରେ ରୁହ ବୋଲି ପରିବାର ଲୋକେ କହିଥିଲେ। ଗ୍ରାମବାସୀ ମଧ୍ୟ ସେମାନଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଥିଲେ। କୌଣସି ଉପାୟ ନ ପାଇ ଯୁବକ ଦ୍ୱୟ ଘେନୁପାଲି ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଏକ ଗଛମୂଳରେ ରହୁଛନ୍ତି। ତେବେ ଯଦିଓ ରାଜ୍ୟ ଭିତରୁ ଆସୁଥିବା ଲୋକଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିବା ନିୟମ ନାହିଁ ତଥାପି ସେମାନଙ୍କ ରହିବାକୁ ଗାଁ ସ୍କୁଲରେ ବିକଳ୍ପ ବ୍ୟବସ୍ଥା କରାଯାଇଛି। ସେଠାରେ ସେମାନଙ୍କ ଲାଗି ଖାଦ୍ୟ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ଯୁଯୁମୁରା ବିଡିଓ ସରୋଜ ବିଶ୍ୱାଳ କହିଛନ୍ତି।

## ଫଟୋରେ ଖବର..



ଶନିବାର ବରଗଡ଼ ଧନୁଯାତ୍ରାର କଂସ ଅଭିନେତା ଭୁବନେଶ୍ୱର ପଧାନ ଯମ ବେଶରେ ବରଗଡ଼ ସହର ପରିକ୍ରମା କରି କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସଚେତନତା ସୃଷ୍ଟି କରୁଛନ୍ତି ।

# ହୋଟେଲ,କଲ୍ୟାଣ ମଣ୍ଡପରେ ତାଲା ଝୁଲୁଛି

**ଝାରସୁଗୁଡ଼ା ଅଫିସ,୧୬।୫**



- ବାତିଲ ହେଉଛି ସାମାଜିକ କାର୍ଯ୍ୟକ୍ରମ
- ଅଗ୍ରିମ ଟଙ୍କା ଫେରାଉଛନ୍ତି ମାଲିକ
- ଆର୍ଥିକ ସଙ୍କଟରେ ଦିନ କାଟୁଛନ୍ତି କର୍ମଚାରୀ

କରୋନା କଟକଣା ତଥା ଲକ୍‌ଡାଉନ ଯୋଗୁ ହୋଟେଲ ଓ କଲ୍ୟାଣ ମଣ୍ଡପରେ ଗତ ୨ ମାସ ହେବ ତାଲା ଝୁଲୁଛି । ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି । ବିଶେଷ କରି ସାମାଜିକ ଦୂରତ୍ୱ ନିୟମ ଯୋଗୁ ବିବାହ, ବ୍ରତ, ଜନ୍ମ ଦିନ ସହିତ ସାଧାରଣ ସଭା ଆଦି ବନ୍ଦ ରହିଛି । ଏଥିଯୋଗୁ ହୋଟେଲ ଓ କଲ୍ୟାଣ ମଣ୍ଡପ ମାଲିକମାନେ ହାତବାନ୍ଧି ବସିଛନ୍ତି। କେବଳ ମାଲିକ ନୁହଁନ୍ତି ହୋଟେଲ ଓ କଲ୍ୟାଣ ମଣ୍ଡପର ଶତାଧିକ କର୍ମଚାରୀ ଏବେ ବେକାର । ସେମାନଙ୍କୁ ଦରମା ଦେବା ପରିସ୍ଥିତିରେ ମାଲିକମାନେ ନାହାନ୍ତି। ଫଳରେ ଆର୍ଥିକ ଅନଟନ ମଧ୍ୟରେ ଉପରୋକ୍ତ କର୍ମଚାରୀଙ୍କ ଦିନ କଟୁଛି। ଯେଉଁ ବ୍ୟକ୍ତିମାନେ ଅଗ୍ରିମ ଟଙ୍କା ଦେଇଥିଲେ ତାହା ଫେରାଇ ନେଉଥିବା ହୋଟେଲ ଓ କଲ୍ୟାଣମଣ୍ଡପ ମାଲିକମାନେ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଝାରସୁଗୁଡ଼ାରେ ଥିବା ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ହୋଟେଲ ଓ କଲ୍ୟାଣ ମଣ୍ଡପରେ ମାର୍ଚ୍ଚରୁ ମେ ମାସ ମଧ୍ୟରେ ଶତାଧିକ କାର୍ଯ୍ୟକ୍ରମ ଯଥା ବିବାହ, ବ୍ରତ, ଜନ୍ମଦିନ ପାର୍ଟି ଓ ସାଧାରଣ ସଭା ପାଇଁ ବୁକିଂ ହୋଇଥିଲା। ଏଥିପାଇଁ ବୁକିଂ କରିଥିବା ବ୍ୟକ୍ତିମାନେ ଅଗ୍ରୀମ ଟଙ୍କା ମଧ୍ୟ ଦେଇଥିଲେ । ହେଲେ କରୋନା କଟକଣା ସବୁ ଯେମିତି ଓଲଟପାଲଟ କରିଦେଲା । ଲକ୍‌ଡାଉନ ଯୋଗୁ ପ୍ରାୟ ସମସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି । କେବଳ ପରିବାର ଲୋକଙ୍କ ଉପସ୍ଥିତିରେ ଲୋକେ ନିଜ ଘରେ ଏହି କାର୍ଯ୍ୟକ୍ରମ ପାଳନ କରିଛନ୍ତି । ଆଉ କେତେକ ବିବାହ, ବ୍ରତ ଆଦି କାର୍ଯ୍ୟକୁ ଘୁଞ୍ଚାଇ ଦିଆଯାଇଛି । ଫଳରେ ହୋଟେଲ ଓ କଲ୍ୟାଣ ମଣ୍ଡପ ମାଲିକମାନଙ୍କୁ ଅଗ୍ରିମ ଟଙ୍କା ଫେରେଇବାକୁ ପଡୁଛି। ଯାହା ଫଳରେ ସେମାନେ ଆର୍ଥିକ କ୍ଷତି ସହିଛନ୍ତ।

ଏ ସଂକ୍ରାନ୍ତରେ ହେଟେଲ ବିଷ୍ଣୁ ପ୍ୟାଲେସର ମାଲିକ ପ୍ରଦୀପ୍ତ ରାଉତରାୟ କୁହନ୍ତି, ମାର୍ଚ୍ଚରୁ ମେ' ମାସ ପର୍ଯ୍ୟନ୍ତ ଆମ ହୋଟେଲରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବୁକିଂ ହୋଇଥିଲା। ହେଲେ ଲକ୍‌ଡାଉନ ଯୋଗୁ ସମସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଛି। ଲୋକେ ଟଙ୍କା ଫେରାଇ ନେଉଛନ୍ତି। ଏଥିପାଇଁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ସେହିପରି ହୋଟେଲ ଶ୍ରୀ ଶଙ୍କରର ମାଲିକ ରାମବିନୟ ପ୍ରସାଦ ଶାହା କୁହନ୍ତି, ବୁକିଂ ହୋଇଥିବା କାର୍ଯ୍ୟକ୍ରମ ବାତିଲ ହୋଇଥିବାରୁ ଟଙ୍କା ଫେରାଇବାକୁ ଆମେ ବାଧ୍ୟ ହୋଇଛୁ। ଏହି ସିଜିନ୍‌ରେ ବିବାହ ଓ ବ୍ରତଘର ଆଦି କାର୍ଯ୍ୟକ୍ରମ ଅଧିକ ସଂଖ୍ୟାରେ ହୋଇଥାଏ। ଗୋଟିଏ ଦିନ ବି ଆମ ହୋଟେଲ ଖାଲି ପଡେ ନାହିଁ । ହେଲେ ଲକ୍‌ଡାଉନ ଯୋଗୁ ସବୁ କାର୍ଯ୍ୟକ୍ରମ ବନ୍ଦ ରହିଛି । ଏଥିପାଇଁ ହୋଟେଲ ଶିଳ୍ପ ପ୍ରଭାବିତ ହେଉଛି। ଗତ ୨ ମାସ ହେବ ହୋଟେଲ ଖାଲି ପଡିଛି। କର୍ମଚାରୀମାନେ ବି ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏପରି ପରିସ୍ଥିତିରେ ସରକାର ସଂପୃକ୍ତ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

# କ୍ୱାରାଣ୍ଟାଇନ ସେଣ୍ଟରରେ ତାଲା ପକାଇଲେ ଗ୍ରାମବାସୀ

**ମନମୁଣ୍ଡା, ୧୬।୫ (ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତ ପଥରଖଣ୍ଡି ଗ୍ରାମ ମଝିରେ ଥିବା ବିଦ୍ୟାଳୟକୁ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଥିବାରୁ କରୋନା ସଂକ୍ରମଣ ଭୟ ରହିଛି । ଗ୍ରାମବାସୀ ଉକ୍ତ କେନ୍ଦ୍ରକୁ ଉଠାଇନେବାକୁ ସରପଞ୍ଚ ପ୍ରମିଳା ଷାଣ୍ଢଙ୍କୁ କହିଥିଲେ । ସରପଞ୍ଚ ରାଜି ନ ହେବାରୁ ଗ୍ରାମବାସୀ ଉକ୍ତ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ । ସେଠାରେ ଅସହାୟ ଗରିବ ଲୋକଙ୍କ ପାଇଁ ରନ୍ଧା ଯାଇ ଖାଦ୍ୟ ଦିଆଯାଉଥିଲା । ତାଲା ପଡିବା ଫଳରେ ତାହା ମଧ୍ୟ ବନ୍ଦ ରହିଯାଇଥିଲା। ଗୁରୁବାର ରାତ୍ରିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ସେଠାକୁ ଯାଇ ବୁଝାଶୁଝା କରିବା ପରେ ଗ୍ରାମବାସୀ ତାଲା ଖୋଲିଥିଲେ ।

## ସଂକ୍ଷେପରେ

### ବଲାଙ୍ଗୀର ସହରରେ ୨ କରୋନା ପଜିଟିଭ ଚିହ୍ନଟ

**ବଲାଙ୍ଗୀର ଅଫିସ, ୧୬।୫:** ବଲାଙ୍ଗୀର ସହରରେ ଶନିବାର ଦୁଇ ପ୍ରବାସୀଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ସେମାନେ ଗତ ୯ ତାରିଖ ଗୁଜରାଟର ସୁରଟ୍‌ରୁ ଫେରିଥିଲେ। ୧୧ ତାରିଖ ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଶନିବାର ରାତିରେ ଉଭୟ ବ୍ୟକ୍ତିଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ପଜିଟିଭ ବାହାରିଥିବା ଜିଲାପାଳ ଅରିନ୍ଦମ ଡାକୁଆ ସୂଚନା ଦେଇଛନ୍ତି। ଦୁଇ ସଂକ୍ରମିତ ଗତ ୯ ତାରିଖରୁ ସୁଦପଡା କଲ୍ୟାଣ ମଣ୍ଡପ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ଏହି ଦୁଇଜଣ ସଂକ୍ରମିତ ବୋଲି ସ୍ପଷ୍ଟ ହେବା ପରେ ଉଭୟଙ୍କୁ ଭୁବନେଶ୍ୱରର କିମ୍‌ସ୍ କୋଭିଡ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି କ୍ୱାରାଣ୍ଟାଇନ୍ ସେଣ୍ଟରର ଅନ୍ୟ ପ୍ରବାସୀଙ୍କ ସ୍ୱାବ୍ ମଧ୍ୟ ସଂଗ୍ରହ କରାଯାଇ ରବିବାର ସକାଳୁ ପରୀକ୍ଷା ଲାଗି ପଠାଯିବ। ଦୁଇ ସଂକ୍ରମିତ ସୁରଟରୁ ଫେରିବା ପରଠାରୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ଏଣୁ ବିଶେଷ ଚିନ୍ତା ବା ଭୟର କାରଣ ନାହିଁ ବୋଲି ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବଲାଙ୍ଗୀର ଜିଲାର ଗୁଡଭେଲା ବ୍ଲକ୍‌ର ଲିଖିରିଆ ଗାଁର ଦୁଇଜଣ ପ୍ରବାସୀ ଶ୍ରମିକଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ଶନିବାର ଆଉ ଦୁଇଜଣ ସଂକ୍ରମିତ ହେବାପରେ ଜିଲାରେ କରୋନା ପଜିଟିଭ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଲିଖିରିଆର ଦୁଇ ସଂକ୍ରମିତ ମଧ୍ୟ ଭୁବନେଶ୍ୱରର ଏକ କୋଭିଡ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ସଙ୍ଗରୋଧ କେନ୍ଦ୍ରରେ ନିଆଁ

**ସଇଁତଳା, ୧୬।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଡେଙ୍ଗ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନିର୍ମିତ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ନିଆଁ ଲାଗି ବ୍ୟାପକ କ୍ଷତି ହୋଇଛି। ଶନିବାର ଅପରାହ୍ଣ ପ୍ରାୟ ୪ଟାରେ କେନ୍ଦ୍ରରେ ହଠାତ୍ ନିଆଁ ଲାଗି ପାଣି ଉଠାଇବା ମୋଟର, ବିଦ୍ୟୁତ୍ ବୋର୍ଡ, ୱେୟାରିଂ ତାର ସହ ସ୍କୁଲର ବହୁ କାଗଜପତ୍ର ଜଳିଯାଇଛି। ଉକ୍ତ କେନ୍ଦ୍ରରେ ଥିବା ୧୨ଜଣ ପ୍ରବାସୀ ଅନ୍ୟ ଏକ କୋଠରିରେ ରହୁଥିବାରୁ ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଖବର ପାଇ ସଙ୍ଗରୋଧ କେନ୍ଦ୍ରର ନୋଡାଲ ଅଧିକାରୀ ଅକ୍ଷୟ ମହାନ୍ତି, ସରପଞ୍ଚ ଜେମାମଣି ମଲ୍ଲିକ, ନିର୍ବାହୀ ଅଧିକାରୀ ଖଗେଶ୍ୱର କମ୍ପ ଘଟଣାସ୍ଥଳରେ ପହଞ୍ଚି ଥିଲେ।

### ଚଢ଼ା ଦରରେ ଲୁଣ ବିକିବାରୁ ୧୨ହଜାର ଟଙ୍କା ଜରିମାନା

**ଖପ୍ରାଖୋଲ,୧୬।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳରେ କିଛିଦିନ ହେବ ଲୁଣ ଅଭାବ ଥିବା ଗୁଜବ ପ୍ରଚାରିତ ହୋଇଥିଲା । ଏହାର ଫାଇଦା ଉଠାଇଛନ୍ତି କେତେଜଣ ବ୍ୟବସାୟୀ । ସେମାନେ ସାଧାରଣ ଗ୍ରାହକଙ୍କୁ ଚଢ଼ା ଦରରେ ଲୁଣ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଏଥିଯୋଗୁ ଖପ୍ରାଖୋଲ ବ୍ଲକ ଓଡିଆପାଲି ସରପଞ୍ଚ ଶାନ୍ତି ଛୁରା ଜିଲାପାଳଙ୍କ କ୍ଷମତା ପ୍ରୟୋଗକରି ଓଡିଆପାଲି ଗାଁର ମନୋଜ ସାହୁ ନାମକ ଜଣେ ବ୍ୟବସାୟୀଙ୍କଠାରୁ ୧୨ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି । ମନୋଜ ୧୫୦ ଟଙ୍କାର ଲୁଣ ବସ୍ତାକୁ ୫ ଶହ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା । ଏ ନେଇ ସରପଞ୍ଚ ଛୁରାଙ୍କୁ ପଚାରିବାରୁ ଲକ୍‌ଡାଉନ୍ ସମୟରେ ସମ୍ପୃକ୍ତ ବେପାରୀ ଲୁଣ ଅଧିକ ଦରରେ ବିକୁଥିବା ଅଭିଯୋଗ ହେଲା ପରେ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ପଞ୍ଚାୟତରେ ଜମା କରାଯାଇଥିବା କହିଛନ୍ତି ।

### ନାବାଳିକାଙ୍କୁ ଅସଦାଚରଣ କଲେ ୨ନାବାଳକ

**ବରଗଡ଼ ଅଫିସ୍,୧୬।୫:** ବରଗଡ଼ ସହର ଉପକଣ୍ଠ ଏକ ଗ୍ରାମରେ ଜଣେ ନାବାଳିକା(୧୦)ଙ୍କୁ ଶୁକ୍ରବାର ଦୁଇ ନାବାଳକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ନାବାଳକଙ୍କ ବୟସ ୧୨ବର୍ଷ ହେବ। ଏ ନେଇ ଶନିବାର ବରଗଡ଼ ଟାଉନ ଥାନାରେ ନାବାଳିକାଙ୍କ ପରିବାର ଲୋକେ ଏତଲା ଦେଇଥିଲେ। ଏହା ପରେ ପୋଲିସ ସମ୍ପୃକ୍ତ ଦୁଇ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ଏ ନେଇ ଦଫା ୩୫୪ରେ ଏକ ମାମଲା ରୁଜୁ ସହିତ ଏହାର ଅଧିକ ତଦନ୍ତ ଚାଲିଥିବା ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି।

## ବାଲିଘାଟରେ ଚଢ଼ାଉ ଘଟଣା: ଅଭିଯୁକ୍ତ ଫେରାର

ଓଡ଼ାପଡ଼ା, ୧୬ା୫(ଡି.ଏନ.ଏ.)-ଢେଙ୍କାନାଳ ଜିଲା ବ୍ରାହ୍ମଣୀ ନଦୀର ନାଧରା ବାଲିଘାଟରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୪ ଟ୍ରାକ୍ଟର, ଗୋଟିଏ ଡାଲା ଏବଂ ଗୋଟିଏ ଟିପ୍ପର ଜବତ କରାଯାଇଥିଲା। ଚଢ଼ାଉରେ ସାମିଲ ହୋଇଥିବା ଅଧିକାରୀଙ୍କୁ ହତ୍ୟା ଧମକ ଦେଇ ନାଧରା ଗ୍ରାମର ବଦ୍ରିନାରାୟଣ ମହାନ୍ତି ଏକ ଟ୍ରାକ୍ଟର ଇଞ୍ଜିନ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଓଡ଼ାପଡ଼ା ଆରଆଇ ଚିନ୍ମୟ କୁମାର ଦାସଙ୍କ ଅଭିଯୋଗକ୍ରମେ ମୋଟଙ୍ଗା ଥାନାରେ ନଂ. ୧୦୭/୨୦ ରେ ମାମଲା ରୁଜୁ ହୋଇଛି। ତେବେ ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

## ସଂକ୍ଷେପରେ

### ୧୦ ହଜାର ଲିଟର ପୋଚ ନଷ୍ଟ

**ଭୁବନ, ୧୬ା୫(ଡି.ଏନ.ଏ.):** ଭୁବନ ପୋଲିସ ଶନିବାର ମୃଦଙ୍ଗା ଗ୍ରାମରେ ଚାଲିଥିବା ଏକ ଦେଶୀମଦ ଭାଟି ଉପରେ ଚଢ଼ାଉ କରି ୩୦ ଲିଟର ମଦ ଜବତ କରିବା ସହ ୧୦ ହଜାର ଲିଟର ପୋଚ ନଷ୍ଟ କରିଛି। ଏପରି ବେଆଇନ୍ କାରବାରରେ ସମ୍ପୃକ୍ତ ଅଭିଯୋଗରେ ଚୁଗୁଲା ବେହେରାଙ୍କୁ ଗିରଫ କରାଯାଇଛି। ତାଙ୍କ ଭାଇ ଫେରାର ହୋଇଯାଇଛନ୍ତି। ଗ୍ରାମରେ ବ୍ୟାପକ ମଦ କାରବାର ହେଉଥିବା ସୂଚନା ପାଇ ଥାନାଅଧିକାରୀ ନିର୍ମଳା ଗୋଚ୍ଛାୟତଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ଦୁର୍ଘଟଣାରେ ପରିବା ବେପାରୀ ମୃତ

**ଓଡ଼ାପଡ଼ା,୧୬ା୫(ଡି.ଏନ.ଏ):** ୫୫ନଂ. ଜାତୀୟ ରାଜପଥର ହିନ୍ଦୋଳ ରୋଡ୍ ଆରଆଇ ଅଫିସ ସମ୍ମୁଖରେ ଶନିବାର ଗାଡି ଧକ୍କାରେ ପରିବା ବ୍ୟବସାୟୀ ନୀଳମଣି ସାହୁ (୫୮)ଙ୍କ ମୃତ୍ୟୁ ଘଟିଛି। ବାଙ୍ଗୁରସିଙ୍ଗ ଗ୍ରାମର ନୀଳମଣି ହାଟକୁ ସାଇକେଲରେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ମୋଟଙ୍ଗା ଥାନାରେ ନଂ. ୧୦୬/୨୦ରେ ମାମଲା ରୁଜୁ କରାଯାଇଛି। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ମାଧପୁର, ୧୬ା୫:** ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ନୂଆମାଣତ୍ରୀ ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡରେ ଜୀବର୍ଦ୍ଧନ ଘିଓ୍ୱାଲା, ନିରଞ୍ଜନ ପ୍ରଧାନ, ବବ୍ରୁବାହନ ପ୍ରଧାନ, ନବକୁମାର ପ୍ରଧାନ, ମାଧବ ପ୍ରଧାନ, ବୀରେନ ପ୍ରଧାନ, ସୁମନ୍ତ ପ୍ରଧାନ, ସୁଧାକର ପ୍ରଧାନଙ୍କ ୧୦ ବଖରା ଜଳିଯାଇଥିଲା। ଖବରପାଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ, ସରପଞ୍ଚ ବୀରେନ୍ଦ୍ର ବଡ଼ମାଳି, ସମିତି ସଭ୍ୟ ବାସୁଦେବ ପ୍ରଧାନ ପ୍ରମୁଖ ଶନିବାର ବିପନ୍ନ ପରିବାରକୁ ଭେଟିବା ସହ ସହାୟତା ଯୋଗାଇ ଦେଇଛନ୍ତି। ସେହିପରି ଏମ୍‌ପିଙ୍କ ପ୍ରତିନିଧି ପରେଶ ଚନ୍ଦ୍ର ଦେଓ, କଂଗ୍ରେସ ନେତା ବିଜୟାନନ୍ଦ ଚାଉଳିଆଙ୍କ ତରଫରୁ ଦଳୀୟ କର୍ମୀ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି। ପୁରୁଣାମାଣତ୍ରୀ ରାଜସ୍ୱ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେଇଛନ୍ତି।

### ଗୟଳ ଆକ୍ରମଣରେ ଜଣେ ମୃତ

**ବଇଣ୍ଡା, ୧୬ା୫(ଡି.ଏନ.ଏ.):** ଗୟଳ ଆକ୍ରମଣରେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ଭେଜିଗୋଠ ଗ୍ରାମର ଦୟାନିଧି ସାହୁ(୬୮)ଙ୍କ ଶନିବାର ମୃତ୍ୟୁ ଘଟିଛି। ଏଥିସହ ଅର୍ଜୁନଧରା ଗ୍ରାମର ପ୍ରମୋଦ କାନ୍ଧିଆ ଗୁରୁତର ହୋଇଛନ୍ତି। ଦୟାନିଧି ଓ ପ୍ରମୋଦ ସକାଳେ ନିକଟସ୍ଥ ପଡିଆକୁ ଶୌଚ ହେବାକୁ ଯାଇଥିବାବେଳେ ୨ଟି ଗୟଳ ଆକ୍ରମଣ କରିଥିଲେ। ଗ୍ରାମବାସୀ ସେମାନଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଦୟାନିଧିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଭେଜିଗୋଠରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ବନ କର୍ମଚାରୀଙ୍କୁ ଘେରାଉ କରିଥିଲେ। କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ହଣ୍ଡପା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଦୁର୍ଘଟଣାରେ ହୋମଗାର୍ଡଙ୍କ ମୃତ୍ୟୁ

**ତାଳଚେର,୧୬ା୫(ନି.ପ୍ର.):** ତାଳଚେର ସହର ନିକଟ ଦେଇ ଯାଇଥିବା ରେଙ୍ଗାଳି ଦକ୍ଷିଣ କେନାଲ ରାସ୍ତାରେ ଶୁକ୍ରବାର ରାତିରେ ତାଳଚେର ଥାନାର ହୋମଗାର୍ଡ ମାଧବ ଚନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟିଛି। କୌଣସି ଗାଡି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିବା ଅନୁମାନ କରାଯାଉଛି। ନିକଟରେ ଥିବା କୋଲୱାସରିର ଗାଡ଼ି ତାଙ୍କୁ ଧକ୍କା ଦେଇଥିବା ଗ୍ରାମବାସୀ ଅଭିଯୋଗ କରି କ୍ଷତିପୂରଣ, ନିଯୁକ୍ତି ଦାବିରେ ମୃତଦେହ ଅଟକ ରଖିଥିଲେ। ତାଳଚେର ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ୱାସରି କର୍ତ୍ତୃପକ୍ଷ ଦେଢ ଲକ୍ଷ ଟଙ୍କା କ୍ଷତିପୂରଣ ସହ ମୃତକଙ୍କ ସ୍ତ୍ରୀଙ୍କୁ ନିଯୁକ୍ତି ଦେବାକୁ ରାଜି ହେବା ପରେ ଅପରାହ୍ନରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

# ଦରମା ନ ଦେଇ ଛଟେଇ

**ଅନୁଗୋଳ ଅଫିସ,୧୬ା୫**

- ଅଭିଯୋଗ ଆଣିଲେ ମେଡିକାଲ ଚୁକ୍ତିଭିତ୍ତିକ କର୍ମଚାରୀ
- ୭ ମାସର ପାଉଣା ଦେଇନି ପୂର୍ବ ଠିକା ସଂସ୍ଥା
- ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଜିଲାପାଳଙ୍କ ଦ୍ୱାରସ୍ଥ



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଛଟେଇ କର୍ମଚାରୀମାନେ।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ହେଲ୍ଥଡେସ୍କ ମ୍ୟାନେଜର ଓ ଭଲ୍ୟୁଣ୍ଟରମାନଙ୍କୁ ଚାକିରିରୁ ଛଟେଇ କରାଯାଇଛି। ଏପରି କି ୭ମାସ ହେବ ସେମାନଙ୍କୁ ଦରମା ମଧ୍ୟ ପ୍ରଦାନ କରାଯାଇ ନ ଥିବା ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଛଟେଇ ହୋଇଥିବା ସମ୍ପୃକ୍ତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ, ଏକ ଠିକା ସଂସ୍ଥା ଅଧୀନରେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିଲେ। ଇତିମଧ୍ୟରେ ଚୁକ୍ତି ଅବଧି ଶେଷ ହୋଇଯାଇଥିବାରୁ ଅନ୍ୟ ଏକ ଠିକା ସଂସ୍ଥା ମେଡିକାଲରେ କାର୍ଯ୍ୟ ପାଇଥିଲା। କିନ୍ତୁ ପୁରୁଣା ଠିକା ସଂସ୍ଥା କର୍ମଚାରୀମାନଙ୍କ ବକେୟା ଟଙ୍କା ପଇଠ ନ କରି ଚାଲିଯାଇଥିଲା। ନୂଆ ଠିକା ସଂସ୍ଥା ନିକଟରେ ଆବେଦନ କରିବା ପରେ ସେମାନଙ୍କୁ ଚୟନ କରାଯାଇଥିଲା। ହେଲେ ମୁଣ୍ଡ ପିଛା ୪୫ ହଜାର ଟଙ୍କା ଦେବାକୁ ମେଡିକାଲ ମ୍ୟାନେଜର ଦାବି କରିଥିଲେ। ଏପରି କି ନୂଆ କରି ଠିକା ନେଇଥିବା ସଂସ୍ଥା ମଧ୍ୟ ଅନ୍ୟ କେତେଜଣଙ୍କ ନିକଟରୁ ଅର୍ଥ ନେଇ ନିଯୁକ୍ତି ଦେଇଥିବା ମେଘନାଦ ସାହୁ, ନରସିଂହ ମହାପାତ୍ର, ବିଜୟ କୁମାର ନାୟକ, ନରେଶ ଚନ୍ଦ୍ର ସାହୁ, ସାଗରିକା ସାହୁ, ମୋନାଲିସା ପୃଷ୍ଟି, ଜ୍ୟୋତିର୍ମୟୀ ନାୟକ, ଅଜିତ ସାହୁ, ଶାନ୍ତନୁ ଦାସ, ଅଙ୍ଗଦ ସାହୁ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ହେବ ଦରମା ପାଇ ନ ଥିବାରୁ ସେମାନଙ୍କ ପରିବାରର ଅସୁବିଧାରେ ଥିବା କର୍ମଚାରୀମାନେ କହିଛନ୍ତି। ଅର୍ଥ ମାଗିବା ସମ୍ପର୍କରେ ମେଡିକାଲ ମ୍ୟାନେଜର କହିଛନ୍ତି, ଅଭିଯୋଗ ଭିତ୍ତିହୀନ। କାହାକୁ କାର୍ଯ୍ୟରେ ଯୋଗ ଦେବା ପାଇଁ ଟଙ୍କା ମାଗି ନାହିଁ। ଅନ୍ୟପକ୍ଷରେ ନୂଆ ଠିକା ସଂସ୍ଥା ମାଲିକ କହିଛନ୍ତି, ୧୦ ଜଣ କର୍ମଚାରୀଙ୍କୁ ସମୟ ଦିଆଯାଇଥିଲା। କିନ୍ତୁ ସେମାନେ କାର୍ଯ୍ୟରେ ଯୋଗ ନ ଦେବାରୁ ଅନ୍ୟମାନଙ୍କୁ ନିୟୋଜିତ କରାଯାଇଛି। କାହାରି ନିକଟରୁ ଅର୍ଥ ନିଆଯାଇ ନାହିଁ ବୋଲି ଠିକା ସଂସ୍ଥା ମାଲିକ ପ୍ରକାଶ କରିଛନ୍ତି।

## କିରୋସିନ ବଣ୍ଟନରେ ଅନିୟମିତତା
### ଅଭିଯୋଗ ପରେ ଫେରାଇଲେ ଟଙ୍କା

**ଭୁବନ, ୧୬ା୫(ଡି.ଏନ.ଏ.)**

ଭୁବନ ବ୍ଲକ ପିଡିଏସ୍ କିରୋସିନ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏହାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଅନ୍ୟପଟେ ଅଭିଯୋଗ ପରେ ଭୁବନ ଏନ୍‌ଏସିର ଡିଲରମାନେ ହିତାଧିକାରୀଙ୍କୁ ୫୦ ଟଙ୍କା ଲେଖାଏ ଫେରସ୍ତ କରିଥିବା ଜଣାପଡ଼ିଛି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ଲକ୍‌ଡାଉନ୍ କାରଣରୁ ସରକାରୀ ନିର୍ଦ୍ଦେଶକ୍ରମେ ଯୋଗାଣ ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ଅଗ୍ରିମ କିରୋସିନ ବଣ୍ଟନ କରାଯାଇଥିଲା। ଲିଟର ପିଛା ୧୮ ଟଙ୍କା ହିସାବରେ କାର୍ଡଧାରୀଙ୍କୁ ୪ ଲିଟର ଲେଖାଏ ବିକ୍ରି କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଲିଟର ପିଛା ୩୨.୫୦ ଟଙ୍କାରେ ବିକ୍ରି କରାଯାଇଥିବା ଜଣାପଡ଼ିଛି। ଏପରି ଅନିୟମିତତା ନେଇ ଭାଜପା କର୍ମକର୍ତ୍ତାମାନେ ଜିଲାପାଳ, ଯୋଗାଣ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଶନିବାର ଉପଖଣ୍ଡ ଯୋଗାଣ ଅଧିକାରୀଙ୍କ ଫେରାଦ ହୋଇଥିଲେ। ଏ ନେଇ ଉପଖଣ୍ଡ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁ କୁହନ୍ତି, ୩ଦିନ ଭିତରେ ହିତାଧିକାରୀଙ୍କୁ ଡିଲରମାନେ ଯେପରି ଅର୍ଥ ଫେରାଇବେ ସେ ଦିଗରେ ପଦକ୍ଷେପ ନିଆଯିବ। ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଶ୍ରମିକଙ୍କୁ କ୍ୱାରାଣ୍ଟାଇନ୍ କଲା ପୋଲିସ

**କଣିହାଁ, ୧୬ା୫(ଡି.ଏନ.ଏ.)**

ଅନୁଗୋଳ ଜିଲା ତାଳଚେର-ପବିତ୍ରନଗର ରାସ୍ତାରେ ସାଇକେଲରେ ଯାଉଥିବା ୩୫ ଜଣ ବାହାର ରାଜ୍ୟ ଶ୍ରମିକଙ୍କୁ ଶନିବାର ସମଲ ଥାନା ପୋଲିସ ଅଟକାଇ କର୍ଣ୍ଣପାଳରେ କ୍ୱାରାଣ୍ଟାଇନ କରିଛି। ସେମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ୨୯ ଓ ୬ ଜଣ ଝାଡ଼ଖଣ୍ଡର ବୋଲି ଜଣାପଡିଛି। ସମ୍ପୃକ୍ତ ଶ୍ରମିକମାନେ ଜରପଡା ଥାନା ଗୋଳାବନ୍ଧଠାରେ ରେଲୱେ କାର୍ଯ୍ୟରେ ନିୟୋଜିତ ଥିଲେ। କିନ୍ତୁ ଲକ୍‌ଡାଉନ ପରେ ଅସୁବିଧାର ସମ୍ମୁଖୀନ ହୋଇ ଶ୍ରମିକମାନେ ସାଇକେଲରେ ନିଜ ରାଜ୍ୟକୁ ଯାଉଥିବା ଦେଖି ଖବରଦାତା ସଚ୍ଚିଦାନନ୍ଦ ପ୍ରଧାନ ସମଲ ପୋଲିସକୁ ଜଣାଇଥିଲେ। କଣିହାଁ ବିଡିଓ ରମେଶ ଚନ୍ଦ୍ର ଜେନା କହିଛନ୍ତି, ସେମାନଙ୍କୁ ନିୟୋଜିତ କରିଥିବା ଠିକାଦାରଙ୍କୁ ଡକାଯାଇଛି। ସମସ୍ତଙ୍କୁ ଘରେ ପହଞ୍ଚାଇବାର ବ୍ୟବସ୍ଥା କରାଯିବ। ସମଲ ଥାନା ଅଧିକାରୀ ଚାରୁଲତା ବେହେରା କହିଛନ୍ତି, ଶ୍ରମିକମାନଙ୍କୁ ଘରକୁ ପଠାଯିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି।

## ଅନାଥ ଯୁବକଙ୍କ ମୃତଦେହ ସତ୍କାର କଲେ ଯୁବଗୋଷ୍ଠୀ

**ପରିନି ମାନବିକତା**


ଗାଁ ଲୋକେ ଯୁବକଙ୍କ ମୃତଦେହକୁ ମଶାଣିକୁ ନେଇଛନ୍ତି।

**ପାଲଲହଡ଼ା,୧୬ା୫(ଡି.ଏନ.ଏ.)**

ମହାମାରୀ କରୋନା ଭୟ ଯୋଗୁ ଅନେକ ସ୍ଥାନରେ ମୃତକଙ୍କ ପାଖ ପଶୁନାହାନ୍ତି ସମ୍ପର୍କୀୟ। ହେଲେ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖେମଳା ଗାଁ ଲୋକେ ଶନିବାର ନିଜ ମାନବିକତାର ପରିଚୟ ଦେଇଛନ୍ତି। ସେମାନେ ଚାନ୍ଦା ଆଦାୟ କରି ଜଣେ ଅନାଥ ଯୁବକଙ୍କ ମୃତଦେହ ସତ୍କାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ସୂଚନା ଅନୁଯାୟୀ, ଖେମଳା ଗାଁ ମୁଣ୍ଡରେ ଦୀର୍ଘଦିନ ହେଲା ଏକ ଭଙ୍ଗା କୁଡ଼ିଆରେ ପଡ଼ି ରହିଥିଲେ ରୋଗାକ୍ରାନ୍ତ ପୁଲସତୀ ଦେହୁରୀ। ସେ କେଉଁ ରୋଗରେ ଆକ୍ରାନ୍ତ ଥିଲେ ତାହା କେହି ଜାଣି ନ ଥିଲେ। ହେଲେ ଯୁବାବସ୍ଥାରେ ବି ତାଙ୍କ ଶରୀର ଜରାଜୀର୍ଣ୍ଣ ହୋଇଯାଇଥିଲା। ଗାଁ ଲୋକେ ଖାଇବାକୁ ଦେଲେ ଖାଉଥିଲେ ନ ହେଲେ ଉପବାସରେ ସେମିତି ପଡ଼ି ରହୁଥିଲେ। ଆଶା ଦିଦି ଅନେକ ଥର ତାଙ୍କୁ ନେଇ ଡାକ୍ତରଖାନା ଯାଇଥିଲେ। କିନ୍ତୁ ରୋଗ ଭଲ ହୋଇ ନ ଥିଲା। ଶନିବାର ତାଙ୍କର ମୃତ୍ୟୁ ହୋଇଯାଇଥିବା ଖବର ପାଇ ଗାଁର ଯୁବଗୋଷ୍ଠୀ ଶବ ସତ୍କାର ପାଇଁ ଆଗେଇ ଆସିଥିଲେ। ସେମାନେ ନିଜ ନିଜ ମଧ୍ୟରେ ଚାନ୍ଦା ଆଦାୟ କରି ଗାଁମୁଣ୍ଡ ମଶାଣିରେ ତାଙ୍କ ଶବ ସତ୍କାର କରିଥିଲେ। ଯୁବଗୋଷ୍ଠୀଙ୍କ ଏପରି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।

## ସରପଞ୍ଚଙ୍କୁ ଆକ୍ରମଣ

**ରାସୋଳ, ୧୬ା୫(ଡି.ଏନ.ଏ.)**

ସଙ୍ଗରୋଧ କେନ୍ଦ୍ରରେ ଅନ୍ୟ ଗ୍ରାମର ପ୍ରବାସୀ ଓଡ଼ିଆଙ୍କୁ ରଖିବାକୁ ନେଇ ହିନ୍ଦୋଳ ବ୍ଲକ ରାସୋଳ ଥାନା ଖଣ୍ଡତିରୀ ସରପଞ୍ଚ ଶ୍ରୀକାନ୍ତ ବେହେରାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ନଂ. ୬୯/୨୦ରେ ଏକ ମାମଲା ରୁଜୁ ହୋଇଛି। ୪ ଅଭିଯୁକ୍ତଙ୍କ ମଧ୍ୟରୁ ବୁଲୁ ସାହୁଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଖଣ୍ଡତିରୀ ଉପରସାହି ପ୍ରାଇମେରୀ ସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୧୧ ପ୍ରବାସୀ ରହୁଛନ୍ତି। ଶୁକ୍ରବାର ରାତିରେ ହାଇଦ୍ରାବାଦରୁ ପହଞ୍ଚିଥିବା ବଡ଼ବାହାଲ ଗ୍ରାମର ୧୧ ପ୍ରବାସୀଙ୍କୁ ସରପଞ୍ଚ ବେହେରା ଏବଂ ସମିତିସଭ୍ୟ ପ୍ରଦୀପ ସାହୁ ସଙ୍ଗରୋଧ କେନ୍ଦ୍ରରେ ଥଇଥାନ କରିଥିଲେ। ଏହାକୁ ଅଭିଯୁକ୍ତମାନେ ବିରୋଧ କରିଥିଲେ। ଫଳରେ ସରପଞ୍ଚ ଏବଂ ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଧସ୍ତାଧସ୍ତି ଯାଏ କଥା ଯାଇଥିଲା। ଏଥିରେ ସରପଞ୍ଚ ସାମାନ୍ୟ ଆହତ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ପ୍ରକାଶ କରିଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ

**ପାଲଲହଡ଼ା, ୧୬ା୫(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଇଡି ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ମୃତ ମହିଳା ହେଲେ ସେହି ଗ୍ରାମର କାଞ୍ଚନ ପ୍ରଧାନ। ପାଲଲହଡ଼ା ପୋଲିସ ମୃତଦେହକୁ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘରୋଇ କଳିକୁ କେନ୍ଦ୍ର କରି ଶାଶୁଘର ଲୋକେ କାଞ୍ଚନଙ୍କୁ ହତ୍ୟା ପରେ ଗଛରେ ଟାଙ୍ଗି ଦେଇଥିବା ବାପଘର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ନଂ. ୯୨/୨୦ରେ ଏକ ମାମଲା ରୁଜୁ ସହ ମହିଳାଙ୍କ ସ୍ୱାମୀ ଚକ୍ଷା ପ୍ରଧାନଙ୍କୁ ଅଟକ ରଖାଯାଇଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ପ୍ରକାଶ କରିଛନ୍ତି ।

## କାର୍ ଭିତରେ ଅସଂଯତ ଅବସ୍ଥାରେ ଯୁବତୀ ଯୁବକ
# ଧରାପଡ଼ିବାରୁ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ

**ଢେଙ୍କାନାଳ ଅଫିସ, ୧୬ା୫**

କାର୍ ଭିତରେ ଅସଂଯତ ଅବସ୍ଥାରେ ଥିବା ଦୁଇଜଣ ଯୁବତୀଯୁବକଙ୍କୁ ବିରୋଧ କରିବାରୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ସୁରକ୍ଷାକର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ଦୀପକ ସ୍ୱାଇଁ। ତାଙ୍କ ବାମ ହାତ ଏବଂ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଡାକ୍ତରଖାନା ପରିସରରେ ଦୀପକ ଡ୍ୟୁଟି କରୁଥିଲେ। ସେଠାରେ ଥିବା ଜଣେ ଡାକ୍ତରଙ୍କ କାର୍ ଭିତରେ କିଛି ଅସାମାଜିକ କାର୍ଯ୍ୟ ଚାଲିଥିବା ସନ୍ଦେହ ହେବାରୁ ସେ ଘଟଣାସ୍ଥଳକୁ ଯାଇଥିଲେ। ଏହି ସମୟରେ ଗାଡ଼ି ଭିତରୁ ଜଣେ ଯୁବକ ବାହାରି ତାଙ୍କୁ ଧମକଚମକ ଦେଇଥିଲେ। ଘଟଣା ସମ୍ପର୍କରେ ଦୀପକ ସିକ୍ୟୁରିଟି ସଂସ୍ଥାର ସୁପରଭାଇଜର କୁନାଲ ନାୟକ, ନିଜର ସହଯୋଗୀ ଏବଂ ସେଠାରେ ଉପସ୍ଥିତ ଜଣେ କନଷ୍ଟେବଲଙ୍କୁ ଜଣାଇଥିଲେ। ସମସ୍ତେ ଗାଡ଼ି ନିକଟକୁ ଯିବା ବେଳକୁ ଗାଡ଼ିର ଆଗ ସିଟ୍‌ରେ ଡ୍ରାଇଭର ବସିଥିଲେ ଏବଂ ପଛ ସିଟ୍‌ରେ ୨ ଯୁବତୀଯୁବକ ଅସଂଯତ ଅବସ୍ଥାରେ ଥିଲେ। ଏ ନେଇ ଦୀପକ ରାତିରେ ଚିକିତ୍ସାଳୟ ଦାୟିତ୍ୱରେ ଥିବା ଡାକ୍ତର ଏବଂ ଟାଉନଥାନା ପିସିଆରକୁ ଅବଗତ କରାଇଥିଲେ। ତେବେ ଶନିବାର ସକାଳ ୭ଟାରେ ଦୀପକ ଡ୍ୟୁଟି ସାରି ଯାଉଥିବାବେଳେ ଡାକ୍ତରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଅଭିଯୁକ୍ତ ଡ୍ରାଇଭର ଗନ୍ଧର୍ବ ବେହେରା ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଦୀପକ ଏବଂ କୁନାଲଙ୍କ ଅଭିଯୋଗକ୍ରମେ ନଂ. ୨୨୭/୨୦ରେ ମାମଲା ରୁଜୁ ହୋଇଛି। ଏ ନେଇ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କୁହନ୍ତି, ଅଭିଯୋଗ ପାଇବା ପରେ ତୁରନ୍ତ ଟାଉନ ଥାନାରେ ମାମଲା ରୁଜୁ କରିବା ପାଇଁ ସିକ୍ୟୁରିଟି ସଂସ୍ଥାର ସୁପରଭାଇଜରଙ୍କୁ ପରାମର୍ଶ ଦିଆଯାଇଥିଲା। ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ କୁହନ୍ତି, ପୋଲିସ ଘଟଣାର ତଦନ୍ତ କରୁଛି।

# ଅଧା ହିତାଧିକାରୀଙ୍କୁ ମିଳିନି ଡାଲି

**ଢେଙ୍କାନାଳ ଅଫିସ, ୧୬ା୫**



- ୮୪୮୮.୪୧ କୁଇଣ୍ଟାଲ ଆବଶ୍ୟକ
- ମିଳିଛି ୩୨୨୦.୩୫ କୁଇଣ୍ଟାଲ

କରୋନା ପ୍ରଭାବିତ ଓଡ଼ିଶାର ଗରିବ ହିତାଧିକାରୀଙ୍କୁ ୩ମାସ ଯାଏ ବିନା ମୂଲ୍ୟରେ ଚାଉଳ ଏବଂ ଡାଲି ଯୋଗାଇ ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ହେଲେ ଢେଙ୍କାନାଳ ଜିଲାର ଅଧା ହିତାଧିକାରୀଙ୍କ ପାଖରେ ଏଯାଏ ଡାଲି ପହଞ୍ଚିନାହିଁ। ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଇଣ୍ଡେଣ୍ଟ ଅନୁଯାୟୀ ଡାଲି ଆସି ନ ଥିବାରୁ ଏପରି ସମସ୍ୟା ଉପୁଜିଥିବା ଜଣାପଡ଼ିଛି। ଅନ୍ୟପଟେ ଚାଉଳ ସାଙ୍ଗକୁ ଡାଲି ନ ଥିବାରୁ ହିତାଧିକାରୀମାନେ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି।

କରୋନା କଟକଣା ଲାଗୁ ପରେ ରାଜ୍ୟ ସରକାର ଏପ୍ରିଲ୍‌ରୁ ୩ମାସ ଯାଏ ରାଜ୍ୟର ରାଶନ କାର୍ଡଧାରୀଙ୍କୁ ଚାଉଳ ଏବଂ ହରଡ଼ ଡାଲି ଦେବାକୁ ଘୋଷଣା କରିଥିଲେ। ରାଶନ କାର୍ଡ ପିଛା ୧ କେଜି ଡାଲି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୨ଲକ୍ଷ ୬୮ହଜାର ୮୦୪ ହିତାଧିକାରୀ ତାଲିକାଭୁକ୍ତ ହୋଇଥିବାବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ୩,୩୨୦ ଜଣ ଅନ୍ତର୍ଭୁକ୍ତ ଅଛନ୍ତି। ତଦନୁଯାୟୀ ମୋଟ୍ ୮୪୮୮.୪୧ କୁଇଣ୍ଟାଲ ଡାଲି ଆବଶ୍ୟକ ଥିବା ଦର୍ଶାଇ ଯୋଗାଣ ପାଇଁ ବିଭାଗ ତରଫରୁ ଇଣ୍ଡେଣ୍ଟ ଦିଆଯାଇଥିଲା। ଏବେସୁଦ୍ଧା ମାତ୍ର ୩୨୨୦.୩୫ କୁଇଣ୍ଟାଲ ଡାଲି ଯୋଗାଣ ହୋଇଛି। ମେ ମାସ ଅଧା ହୋଇଯାଇଥିବାବେଳେ ଜିଲାର ବ୍ଲକ, ଏନ୍‌ଏସି, ପୌରାଞ୍ଚଳର ହିତାଧିକାରୀମାନେ ଡାଲି ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। କେତେଜଣ ଏ ନେଇ ଜିଲା ଯୋଗାଣ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଜୋନାଲ ସେଣ୍ଟର ସମ୍ବଲପୁରରୁ ବିଳମ୍ବରେ ଡାଲି ଯୋଗାଣ ହେଉଥିବାରୁ ଏପରି ସମସ୍ୟା ଉପୁଜିଥିବା କହି ଅଧିକାରୀ ପ୍ରସଙ୍ଗ ଏଡ଼ାଇ ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ସୁଷମ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରୁ ନ ଥିବାରୁ ଏପରି ସମସ୍ୟା ହେଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

ଏ ନେଇ ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ କୁହନ୍ତି, ଢେଙ୍କାନାଳ ଜିଲାକୁ ଡାଲି ଯୋଗାଣ ପାଇଁ ସମ୍ବଲପୁରରୁ ଜୋନାଲ ଜିଲା କରାଯାଇଛି । ସେଠାରୁ ଢେଙ୍କାନାଳ ସମେତ ଅନ୍ୟ ଜିଲାକୁ ମାଲ୍ ପରିବହନ ଗାଡି ବ୍ୟବସ୍ଥାକୁ ଦେଖି ଡାଲି ଯୋଗାଣ ହେଉଛି। ହେଲେ କିଛି ବ୍ଲକର ଅଧା ହିତାଧିକାରୀଙ୍କୁ ଡାଲି ମିଳିଥିବାବେଳେ ଆଉ କେତେକ ବ୍ଲକରେ ପହଞ୍ଚି ପାରିନାହିଁ। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

## ମହାରାଷ୍ଟ୍ରରୁ ଫେରିଲେ ୩୬ ଶ୍ରମିକ

**ଅନୁଗୋଳ ଅଫିସ, ୧୬ା୫**

ମହାରାଷ୍ଟ୍ରରୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଶନିବାର ଅନୁଗୋଳ ଜିଲାକୁ ୨୬ ଜଣ ଶ୍ରମିକ ଫେରିଛନ୍ତି। ସେମାନେ ଗଡତରାସ ଅଞ୍ଚଳର ହୋଇଥିବାବେଳେ ସମସ୍ତଙ୍କୁ ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସେହିପରି ଅନୁଗୋଳ ଜିଲାରେ ଅଟକିଥିବା ମହାରାଷ୍ଟ୍ର ଗୋଣ୍ଡିଆ ଜିଲାର ୧୩ ଜଣ ଶ୍ରମିକଙ୍କୁ ପ୍ରଶାସନ ପକ୍ଷରୁ ସେହି ବସ୍‌ରେ ମହାରାଷ୍ଟ୍ର ପଠାଇଛି। ସେହିପରି ମହାରାଷ୍ଟ୍ରରୁ ୧୦ଜଣ ପ୍ରବାସୀ ଶନିବାର ଢେଙ୍କାନାଳରେ ପହଞ୍ଚିଛନ୍ତି। ଜେଲ୍‌ରୋଡ ନିକଟରେ ଟାଉନ ଥାନା ପୋଲିସ ବସ୍ ଯାଞ୍ଚ କରିଥିଲା। ସମସ୍ତଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ବସ୍‌ରେ ଆସିଥିବା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଅଞ୍ଚଳର ୧୭ଜଣ ପ୍ରବାସୀଙ୍କୁ ପୌରସଂସ୍ଥା ପକ୍ଷରୁ ଖାଦ୍ୟ ପାନୀୟ ଦେବାପରେ ପଠାଇ ଦିଆଯାଇଛି।

## ଫେରାର ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ,୧୬ା୫**

ଜଣେ ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ମାମଲାରେ ଗିରଫ ବେଳେ ପୋଲିସକୁ ଆକ୍ରମଣ କରି ଫେରାର ହୋଇଯାଇଥିବା ଅନୁଗୋଳ ଥାନା ରାଣୀଗୋଡାର ଅଭିଯୁକ୍ତ ବାପି ସେଠୀଙ୍କୁ ଶନିବାର ପୋଲିସ ଗିରଫ କରିବାରେ ସଫଳ ହୋଇଛି। ତାଙ୍କ ବିରୋଧରେ ନଂ. ୧୭୬/୨୦ ଓ ୨୯୨/୨୦ରେ ମାମଲା ରୁଜୁ କରାଯାଇଥିଲା।

## ଫଟୋରେ ଖବର...


ରାଜସ୍ୱ ଅମଲା ସଂଘର ଦାବି ପରେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଶନିବାର ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ୭୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ।


ପ୍ରବଳ ଖରାରୁ ରକ୍ଷା ପାଇଁ ଅନୁଗୋଳ ସହରର ୩ ଜଣ ମହିଳା ଶନିବାର ଛତାଧରି ଯାଉଛନ୍ତି।

## ବଜ୍ରପାତରେ ନାବାଳକ ମୃତ, ୮ ଆହତ

କୁଡ୍ମୁଲୁଗୁମ୍ମା,୧୬।୫(ଡି.ଏନ.ଏ.)କୁଡ୍ମୁଲୁଗୁମ୍ମା ନିକଟସ୍ଥ ନୂଆଗୁଡା ଗ୍ରାମରେ ବଜ୍ରପାତରେ ଜଣେ ନାବାଳକ(୧୬)ଙ୍କ ମୃତ୍ୟୁ ହୋଇଛି।ତାଙ୍କ ନାମ ପବିତ୍ର ଗୋଲରୀ। ଏଥିରେ ୮ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତ ନାବାଳକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଏବଂ ଆହତଙ୍କ ଚିକିତ୍ସା ଖର୍ଚ୍ଚ ପ୍ରଶାସନ ବହନ କରିବାକୁ ସରପଞ୍ଚ ଦାବି କରିଛନ୍ତି।

## ସଂକ୍ଷେପରେ

### କାଳବୈଶାଖୀ ପ୍ରଭାବ : ଭାଙ୍ଗିଲା ଘର

ନବରଙ୍ଗପୁର,୧୬।୫(ବି.ପ୍ର)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତରେ ଶନିବାର କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ହୋଇଛି। ଏଥିରେ କୋଦଭଟା ଗ୍ରାମର ୬ଟି ଘର ଭାଙ୍ଗିଯାଇଛି। ଘର ଗୁଡିକର ଆଜବେଷ୍ଟସ ଓ ଚାଳ ଛପର ଉଡିଯାଇଛି । ପରିବାର ସଦସ୍ୟମାନେ ବହୁ ଅସୁବିଧାରେ ରହିଛନ୍ତି। ସ୍ଥାନୀୟ ସରପଞ୍ଚ ଉଆଁଶୁ ମାଝୀ ପହଞ୍ଚି ଅସହାୟ ପରିବାରଙ୍କୁ ନିଜସ୍ୱ ଖର୍ଚ୍ଚରେ ପଲିଥିନ ବଣ୍ଟନ କରିଛନ୍ତି ।

### ବଜ୍ରପାତରେ ୪ ବଳଦ ମୃତ

ନବରଙ୍ଗପୁର, ୧୬।୫, (ବି.ପ୍ର)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତରେ ଶନିବାର ବଜ୍ରପାତ ଘଟି ୪ ଟି ବଳଦ ପ୍ରାଣ ହରାଇଛନ୍ତି। ଅପରାହ୍ନ ୪ଟା ସମୟରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା । ନିକଟସ୍ଥ ପଡିଆକୁ ଚରିବାକୁ ଯାଇଥିବା ପାତ୍ରୀ ଗ୍ରାମର କମଳଚନ ଚାଲାଣଙ୍କ ୨ ଟି ବଳଦ ଏବଂ ମୁଣ୍ଡାଗୁଡ଼ା ଗ୍ରାମର ବଦର ଯାନୀଙ୍କ ୨ଟି ବଳଦ ଉପରେ ବଜ୍ରପାତ ହେବାରୁ ମୃତ୍ୟୁ ଘଟିଥିଲା।

### ଯୁବକଙ୍କ ଆତ୍ମହତ୍ୟା

ଡାବୁଗାଁ,୧୬।୫(ଡି.ଏନ୍.ଏ.)- ଡାବୁଗାଁ ଥାନା ଅଧୀନ ଘୋଡ଼ାଖୁଣ୍ଟା - ମେଞ୍ଚର ମୁଖ୍ୟ ରାସ୍ତାକଡ଼ରେ ଏକ ନିମ୍ବଗଛରେ ଝୁଲନ୍ତା ଅବସ୍ଥାରେ କୁମ୍ଭାରଗୁଡ଼ା ଗ୍ରାମର ଉଦ୍ଧବ ଭତ୍ରା(୨୨)ଙ୍କ ମୃତଦେହ ଶନିବାର ଉଦ୍ଧାର କରାଯାଇଛି । ଉଦ୍ଧବ ଶୁକ୍ରବାର ନିଜ ଘରୁ ଯାଇ ଫେରି ନ ଥିଲେ। ଶନିବାର ସକାଳେ ଏକ ନିମ୍ବଗଛରେ ଉଦ୍ଧବଙ୍କ ମୃତଦେହ ଝୁଲୁଥିବା ଲୋକେ ଦେଖି ଗ୍ରାମରେ ଖବର ଦେଇଥିଲେ । ପରେ ତାଙ୍କ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ । ସିଂସାରି ଫାଣ୍ଡି ଅଧିକାରୀ କୈଳାସ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

### ୪ ସଙ୍ଗରୋଧ ଗୃହ ବୁଲିଲେ ବିଧାୟକ

ଗୁମ୍ମା,୧୬।୫(ଡି.ଏନ.ଏ.)-ଶନିବାର ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଗୁମ୍ମା ବ୍ଲକର କେସିପୁର, ଗୁମ୍ମା, ଭୁବୁନି, କୋଳାକୋଟଠାରେ ଥିବା ସମସ୍ତ ସଙ୍ଗରୋଧ ଗୃହ ବୁଲି ଦେଖିଛନ୍ତି। ପ୍ରବାସୀ ଶ୍ରମିକଙ୍କ ପାଇଁ ହୋଇଥିବା ବ୍ୟବସ୍ଥା ଅନୁଧ୍ୟାନକରି ସେମାନଙ୍କ ସହ ଆଲୋଚନା କରିଛନ୍ତି। ପ୍ରବାସୀ ଓଡ଼ିଆଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଗୁମ୍ମା କେନ୍ଦ୍ର ପରିଦର୍ଶନ ବେଳେ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ହୋଇଥିବା ସଙ୍ଗରୋଧ ପରିଦର୍ଶନ ବେଳେ ଏଠାରେ କେତେକ ସମସ୍ୟା ରହିଥିବା ନେଇ ସଙ୍ଗରୋଧକାରୀମାନେ ତାଙ୍କ ଦୃଷ୍ଟିକୁ ଆଣିଥିଲେ।

### ମହିଳାଙ୍କୁ ବଳାତ୍କାର, ମୃତ୍ୟୁର ତଦନ୍ତ ଦାବି

ବୈପାରୀଗୁଡା୧୬।୫(ଡି.ଏନ୍.ଏ)- ଗତ ୨୭ ତାରିଖରେ ମାଲକାନଗିରି ଜିଲା ସଦର ମହକୁମା ପୋଲିସ୍ କ୍ୟାଣ୍ଟିନ୍‌ରେ କାମ କରୁଥିବା ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର ଓ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସର୍ବଭାରତୀ ମହିଳା ସାଂସ୍କୃତିକ ସଂଗଠନ ବୈପାରୀଗୁଡା ଶାଖା ପକ୍ଷରୁ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଉକ୍ତ ଦାବିପତ୍ର ବୈପାରୀଗୁଡା ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦିଙ୍କୁ ପ୍ରଦାନ କରାଯାଇଥିଲା । ସଙ୍ଗଠନର ସମ୍ପାଦକ ଲକ୍ଷ୍ମୀ ବାରିକଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

### ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ମିଳିବନି ନବମ, ଦଶମ ବହି

ଜୟପୁର, ୧୬।୫ (ଡି.ଏନ୍.ଏ.)- ଜୟପୁରସ୍ଥିତ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ କାର୍ଯ୍ୟାଳୟରେ ଚଳିତବର୍ଷ ନବମ ଏବଂ ଦଶମ ଶ୍ରେଣୀର ବହି ମିଳିବନି। ଏଠାରେ ସରକାରଙ୍କ ପକ୍ଷରୁ ବହି ପହଞ୍ଚିବା ପରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲାକାନଗିରି ଜିଲାର ଅନୁମତିପ୍ରାପ୍ତ ବହି ଦୋକାନଗୁଡ଼ିକ ନେଇ ବିକ୍ରୟ କରିଥାନ୍ତି। ଏହି ବହି ଜୟପୁର ଆଞ୍ଚଳିକ କାର୍ଯ୍ୟାଳୟରେ ମିଳିବ ନାହିଁ। ଏହା ବ୍ରହ୍ମପୁରସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟରେ ରହିବ। ଅନୁମତିପ୍ରାପ୍ତ ବହି ଦୋକାନଗୁଡିକ ବ୍ରହ୍ମପୁରରୁ ଏହି ବହି ଆଣି ବିକ୍ରି କରିବେ। ବହି ରଖିବାକୁ କାର୍ଯ୍ୟାଳୟରେ ଗୋଦାମ ସହ କର୍ମଚାରୀ ନ ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଏନେଇ ଆଞ୍ଚଳିକ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ସୁନାକର କାର୍ଜିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏନେଇ ବୋର୍ଡ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସିନାହିଁ।

# ରାୟଗଡ଼ା ଜିଲାରେ ଇ-ସୁବିଦ୍ୟା ଆରମ୍ଭ

- ପ୍ରଥମ ଦିନରେ ପଢ଼ିଲେ ୨୦୩ ଗ୍ରାମର ୩୦୦୯ ବିଦ୍ୟାର୍ଥୀ
- ୬୪ ହଜାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲା ହେବେ ଉପକୃତ

ରାୟଗଡା ଅଫିସ,୧୬।୫:

ରାୟଗଡ଼ା ଜିଲାରେ ଆରମ୍ଭ ହୋଇଛି ଇ-ସୁବିଦ୍ୟା ଅଭିଯାନ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ଶୁକ୍ରବାର କଲ୍ୟାଣ ବିଭାଗର ଶିକ୍ଷୟିତ୍ରୀ ଶିକ୍ଷକମାନେ ଜିଲାର ବିଭିନ୍ନ ଗାଁକୁ ଯାଇ ପିଲାଙ୍କୁ ଶିକ୍ଷାଦାନ କରି ଏହାର ଶୁଭାରମ୍ଭ କରିଛନ୍ତି। ମେ ୧୫ରୁ ୧୭ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଅଭିଯାନ ଚାଲିବ। ଏଥିରେ ଜିଲାର ୧୧ ବ୍ଲକ୍‌ରେ ଥିବା ୫୬୦ ହଷ୍ଟେଲର ୬୪ ହଜାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲା ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶିକ୍ଷକ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ୫ଟି ଗାଁକୁ ଯାଇ ବିଭିନ୍ନ ବିଷୟରେ ୩ ଘଣ୍ଟାର ଶିକ୍ଷାଦାନ କରିବେ। ଏଥିରେ ଅନ୍ୟ ସରକାରୀ ବିଦ୍ୟାଳୟର ଇଚ୍ଛୁକ ପିଲାମାନେ ମଧ୍ୟ ପଢ଼ିପାରିବେ। ଶୁକ୍ରବାର ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ବିଦ୍ୟାଳୟ ନିକଟବର୍ତ୍ତୀ ଚିହ୍ନଟ ଗାଁକୁ ଯାଇ ପ୍ରଥମେ ପିଲାଙ୍କ ତାଲିକା ପ୍ରସ୍ତୁତ କରିବା ସହ ବିଦ୍ୟାର୍ଥୀ ଓ ଅଭିଭାବକଙ୍କୁ କରୋନା ବିଷୟରେ ସଚେତନ କରିଥିଲେ। ପରେ



ଗାଁ ପିଲାମାନେ ଗଛତଳେ ପାଠ ପଢୁଛନ୍ତି ।

ପ୍ରଥମରୁ ପଞ୍ଚମ ଏବଂ ଷଷ୍ଠରୁ ସପ୍ତମ ଶ୍ରେଣୀକୁ ନେଇ ପ୍ରସ୍ତୁତ କନିଷ୍ଠ ଓ ବରିଷ୍ଠ ବର୍ଗର ପିଲାଙ୍କୁ ବିଭିନ୍ନ ବିଷୟରେ ଶିକ୍ଷାଦନ ସହ ପ୍ରକଳ୍ପ କାମ ମଧ୍ୟ ଦେଇଥିଲେ। ପ୍ରଥମ ଦିନରେ ୨୦୩ ଶିକ୍ଷକ ଜିଲାର ୨୦୩ ଗାଁକୁ ଯାଇ ୩୦୦୯ ପିଲାଙ୍କୁ ଶିକ୍ଷାଦାନ କରିଛନ୍ତି। ଏଥିସହ ପ୍ରତ୍ୟେକ ବିଦ୍ୟାଳୟ ସ୍ତରରେ ଶ୍ରେଣୀ ଅନୁଯାୟୀ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇ ଇ-ପାଠ୍ୟକ୍ରମ ମଧ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ଜିଲା ମଙ୍ଗଳ ଅଧିକାରୀଙ୍କ ନେତୃତ୍ୱରେ ୮ ଜଣିଆ ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କୁ ନେଇ ଜଲା ସାଧନ ମଣ୍ଡଳୀ ଗଠନ କରାଯାଇଛି। ସେମାନେ ଇ-ପାଠ୍ୟକ୍ରମ ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ସୁପରିଚାଳନା କରିବେ। ସେହିପରି ୨୭ ଦକ୍ଷ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ବିଷୟଗତ ସାଧନ କମିଟି ପ୍ରସ୍ତୁତ କରାଯାଇ ଇ-ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ପ୍ରଥମ ଦିନରେ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ଏବଂ ଶିକ୍ଷା ମଣ୍ଡଳାଧୀଶ ଶ୍ୟାମଘନ ଭୂୟାଁ ଜିଲାର କୋଲନରା ଓ କଲ୍ୟାଣସିଂପୁର ବ୍ଲକ୍‌ର ବିଭିନ୍ନ ଗ୍ରାମକୁ ଯାଇ ସାମାଜିକ ଦୂରତା ରକ୍ଷା କରି ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବ୍ଲକ୍ ସ୍ତରରେ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀମାନେ କାର୍ଯ୍ୟକ୍ରମର ତଦାରଖ କରିଛନ୍ତି। ଏହି କାର୍ଯ୍ୟକ୍ରମ ଯୋଗୁ ଲକ୍‌ଡାଉନ୍ ପରେ ପିଲାଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଆଗ୍ରହ ଦେଖିବାକୁ ମିଳିଛି। ଅଭିଭାବକମାନେ ମଧ୍ୟ ଏ ନେଇ ଖୁସି ପ୍ରକାଶ କରିଛନ୍ତି। ଜୁନ୍୧୭ରେ ସ୍କୁଲ ନ ଖୋଲିଲେ ଏହି କାର୍ଯ୍ୟକ୍ରମର ଅବଧି ବଢ଼ିବା ସମ୍ଭାବନା ରହିଥିବା ଜିଲା ମଙ୍ଗଳ ଅଧିକାରୀ କହିଛନ୍ତି।

## ୧୬ ସରପଞ୍ଚଙ୍କ ସହ ଆଲୋଚନା କଲେ ମନ୍ତ୍ରୀ

କୁନ୍ଦୁରା,୧୬।୫(ଡି.ଏନ.ଏ.)

ଶୁକ୍ରବାର କୁନ୍ଦୁରା ବ୍ଲକ ସଭାକକ୍ଷରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ୧୬ଟି ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ କୋଭିଡ-୧୯ ସ୍ଥିତି ନେଇ ସମୀକ୍ଷା କରିଛନ୍ତି। ପଞ୍ଚାୟତସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ବିଡିଓ ସ୍ନେହପ୍ରଭା ମାଝୀ,ତହସିଲଦାର ଆୟୁବ୍ ମଣ୍ଡଳ, ଜିଲା ପରିଷଦ ସଭ୍ୟ ଧନୀରାମ ବାରିକ, ଡାକ୍ତର ଦେବାଶିଷ ତ୍ରିପାଠୀ ଯୋଗ ଦେଇଥିଲେ। କୁନ୍ଦୁରା ବ୍ଲକକୁ କେତେ ପ୍ରବାସୀ ଫେରିଛନ୍ତି, ସେମାନେ ରହୁଥିବା କ୍ୱାରାଣ୍ଟାଇନ ସେଣ୍ଟର ସମ୍ପର୍କରେ ମନ୍ତ୍ରୀ ସରପଞ୍ଚମାନଙ୍କୁ ପଚାରି ବୁଝିଥିଲେ। ସେମାନଙ୍କୁ ଉତ୍ତମ ବ୍ୟବହାର ସହ ଯେପରି ସେମାନଙ୍କର କିଛି ଅସୁବିଧା ନ ହୁଏ ଦେଖିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ

## ଘର ଉପରେ ଗଛ ପଡ଼ିଲା

ଦଶମନ୍ତପୁର/ଜୟପୁର,୧୬।୫( ଡ଼ି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଟିକ୍ରାମ୍ଭ ପଞ୍ଚାୟତ ସଦରମହକୁମାରେ ଏକ ଗଛ ଉପୁଡ଼ି ଗ୍ରାମର ଧୀରେନ୍ଦ୍ରନାଥ ସୁବୁଦ୍ଧିଙ୍କ ଘର ଉପରେ ପଡ଼ିଛି। ତେବେ ପରିବାର ଲୋକଙ୍କ କିଛି କ୍ଷତି ହୋଇନାହିଁ। ଶନିବାର ସନ୍ଧ୍ୟା ୬ଟାରେ ଗ୍ରାମରେ ପ୍ରବଳ ବର୍ଷା ପବନ ହୋଇଥିଲା। ଧୀରେନ୍ଦ୍ର ପରିବାର ସହ ଘରେ ଥିଲେ। ହଠାତ୍ ଏକ ଗଛ ତାଙ୍କ ଘର ଉପରେ ଭାଙ୍ଗି ପଡିଥିଲା। ଏଥିଯୋଗୁ ତାଙ୍କ ଘରର ଆଜ୍‌ବେଷ୍ଟସ ଭାଙ୍ଗିଯିବା ସହ ଘରେ ଥିବା ଚାଉଳ ସହ କେତେକ ସାମଗ୍ରୀ ନଷ୍ଟ ହୋଇଛି। ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ସହାୟତା କରିଥିଲେ। ସରପଞ୍ଚ ଆନନ୍ଦ ମାଝି ଗଛ କାଟିବା ବ୍ୟବସ୍ଥା କରିଥିଲେ। ଏ ସମ୍ପର୍କରେ ତହସିଲଦାର ଅଜୟ ପ୍ରକାଶ ତିର୍କିଙ୍କୁ ପଚାରିବାରୁ ସେ କହିଲେ ଯେ, ଆରଆଇଙ୍କ ତଦନ୍ତ ରିପୋର୍ଟପରେ ସମ୍ପୃକ୍ତ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ସେହିପରି କୋରାପୁଟ ଜିଲା ଜୟପୁର ବ୍ଲକର କେତେକ ଗ୍ରାମରେ ଶନିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ପବନ ହୋଇଛି। ଫଳରେ ଏଥିଯୋଗୁ ବହୁ ଗଛ ଉପୁଡ଼ିଯାଇଛି। । ରଣ୍ଡାପାଲୀ ପଞ୍ଚାୟତ ମୂଳାସୁର ଗ୍ରାମର ଦାମୋଦର ତନ୍ତିଙ୍କ ଘର ଉପରେ ଏକ ବଡ ଗଛ ପଡିଛି। ତାଙ୍କର ଘର ଟିଣ ଛାତ ଏବଂ କାନ୍ଥ ଭାଙ୍ଗିଯାଇଛି । ଆମ୍ବଗୁଡ଼ା ଗ୍ରାମ ବଜାର ନିକଟରେ ଏକ ଗଛ ରାସ୍ତା ଉପରେ ପଡିଛି । ସେହିପରି ଜୟପୁର ସହରର କେତେକ ଅଞ୍ଚଳରେ ଗଛଡାଳ ପଡ଼ି ବିଦ୍ୟୁତ୍ ଯୋଗାଣରେ ସମସ୍ୟା ଦେଖାଦେଇଛି ।


ଦଶମନ୍ତପୁରରେ ଏକ ଘର ଉପରେ ପଡିଥିବା ଗଛ ।

## ରାୟଗଡ଼ାରେ ପହଞ୍ଚିଲେ ଆଉ ୪୬୧ ଶ୍ରମିକ

- ୨ ଟ୍ରେନ୍‌ରେ ପହଞ୍ଚିଲେ
- ରାୟଗଡ଼ା ଏବଂ ଅନ୍ୟ ୫ ଜିଲାକୁ ଗଲେ
- ଜିଲାରେ କଟକଣା କଡ଼ାକଡ଼ି

ରାୟଗଡ଼ା ଅଫିସ,୧୬।୫:

ଦକ୍ଷିଣ ଭାରତରେ ଫସିରହିଥିବା ପ୍ରବାସୀ ଶ୍ରମିକଙ୍କୁ ଓଡ଼ିଶା ସରକାର ପର୍ଯ୍ୟାୟକ୍ରମେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆଣୁଛନ୍ତି। ଗୁରୁବାର ୨ଟି ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଶ୍ରମିକମାନେ ଓଡ଼ିଶାରେ ପହଞ୍ଚିଥିବାବେଳେ ଶନିବାର ଆଉ ୨ ଟ୍ରେନ୍‌ରେ ୪୬୧ ଆସି ପହଞ୍ଚିଛନ୍ତି। କୋଏମ୍ବାଟୁରରୁ ବାଲେଶ୍ୱର ବାହାରିଥିବା ଏକ ଟ୍ରେନ୍ ସକାଳ ୭ଟାରେ ରାୟଗଡ଼ାରେ ପହଞ୍ଚିଥିଲା। ଏଥିରୁ ୨୦୯ ଶ୍ରମିକ ରାୟଗଡ଼ା ରେଳ ଷ୍ଟେଶନରେ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରେ ଗଜପତି ଜିଲାର ୮୫, ରାୟଗଡ଼ାର ୭୯, ନବରଙ୍ଗପୁରର ୧୭, କନ୍ଧମାଳର ୧୫, କୋରାପୁଟର ୧୨ ଏବଂ ମାଲକାନଗିରିର ଜଣେ ଶ୍ରମିକ ରହିଛନ୍ତି। ଶ୍ରମିକମାନଙ୍କୁ ନେବା ପାଇଁ ଉକ୍ତ ୬ ଜିଲାର ଅଧିକାରୀମାନେ ରାୟଗଡ଼ା ଷ୍ଟେଶନରେ ଉପସ୍ଥିତ ଥିଲେ। ଶ୍ରମିକମାନେ ପହଞ୍ଚିବା ପରେ ଷ୍ଟେଶନ ପରିସରରେ ସାମାଜିକ ଦୂରତା ବଜାୟ ରଖି ସେମାନଙ୍କ ହାତ ଧୋଇବା ବ୍ୟବସ୍ଥା କରାଯାଇଥିଲା । ପରେ ସେମାନଙ୍କ ପଞ୍ଜୀକରଣ ଓ ଥର୍ମାଲ ସ୍କ୍ରିନିଂ କରାଯାଇ ନିଜ ଅଞ୍ଚଳକୁ ନିଆଯାଇଛି। ସେଠାରେ ସେମାନଙ୍କୁ ସଙ୍ଗରୋଧରେ ରଖିବା ବ୍ୟବସ୍ଥା କରାଯାଇଛି। ସେହିପରି ଆନ୍ଧ୍ରପ୍ରଦେଶର କୁର୍ନୁଲରୁ ଅନ୍ୟ ଏକ ଟ୍ରେନ୍ ବଲାଙ୍ଗୀର ଅଭିମୁଖେ ବାହାରି ସନ୍ଧ୍ୟା ୬ଟାରେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଥିଲା। ଏଥିରୁ ୨୫୨ ଶ୍ରମିକ ରାୟଗଡ଼ାରେ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରେ ରାୟଗଡ଼ା ଜିଲାର ୬୧ ଜଣ, ନବରଙ୍ଗପୁରର ୧୧୫, ମାଲକାନଗିରିର ୨୭, ଗଜପତିର ୨୯, କନ୍ଧମାଳର ୯ ଏବଂ କୋରାପୁଟ ଜିଲାର ୧୧ ଶ୍ରମିକ ରହିଥିବା ଜଣାପଡ଼ିଛି। ଏହି ଅବସରରେ ଡିଆଇଜିଏ ପିଡି ଅମୃତ ରତୁରାଜ, ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଶର୍ବଣା ବିବେକ ଏମ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବାସୀଙ୍କ ଆଗମନକୁ ଦୃଷ୍ଟିରେ ରଖି ଜିଲାରେ ସଂକ୍ରମଣକୁ ଏଡ଼ାଇବା ପାଇଁ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଗଜପତି ଛକରୁ ସାଇ ଇଣ୍ଟରନ୍ୟାଶନାଲ ଛକ ଏବଂ ରେଳଷ୍ଟେଶନ ଛକରେ ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକତ୍ରିତ ନ ହେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା।

## ସିସିଟିଭି କ୍ୟାମେରା ନଜରରେ କୋରାପୁଟ ସହର

ଜୟପୁର,୧୬।୫(ଡି.ଏନ.ଏ )

କୋରାପୁଟ ଜିଲା ପୋଲିସ ପକ୍ଷରୁ ସଦରମହକୁମା ରେ ସିସିଟିଭି କ୍ୟାମେରା ଲଗାଯାଇଛି। ସାରା ସହରର ମୁଖ୍ୟ ଛକ ଗୁଡିକରେ ସମୁଦାୟ ୩୬ଟି ଉଚ୍ଚ କ୍ଷମତା ସମ୍ପନ୍ନ କ୍ୟାମେରା ଲଗାଯାଇଛି। ଜିଲା ପୋଲିସ ମୁଖ୍ୟାଳୟଠାରେ ମନିଟର ମାଧ୍ୟମରେ ଏହା ଉପରେ ୨୪ ଘଣ୍ଟିଆ ନଜର ରଖାଯିବ। ଏସପି ମୁକେଶ କୁମାର ଭାମୋ ଏହାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଉତ୍କଳରଞ୍ଜନ ଦାଶ, ଟାଉନଥାନା ଅଧିକାରୀ ପୀତବାସ ଧାରୁଆ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲାରେ ଏହା ପୂର୍ବରୁ ଜୟପୁର ଟାଉନ, କୋଟପାଡ, ସେମିଳିଗୁଡା, ବୋରିଗୁମ୍ମା ଥାନା ଅଞ୍ଚଳରେ ବିଭିନ୍ନ ଛକ ଓ ରାସ୍ତାରେ କ୍ୟାମେର ସଂଯୋଗ କରାଯାଇଛି।

## ୭୧ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ବିଷମକଟକ,୧୬।୫(ଡି.ଏନ୍.ଏ.):

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ୭୧ ଶିକ୍ଷକ ଅନୁପସ୍ଥିତ ଥିବା ଜଣାପଡ଼ିଛି। ଦୀର୍ଘ ଦିନ ହେଲା ଏହି ଶିକ୍ଷକମାନଙ୍କ ବିଷୟରେ କୌଣସି ସୂଚନା ନ ମିଳିବା ନେଇ ବିଇଓ ୭୧ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଲକ୍‌ଡାଉନ୍ ସମୟରେ ଛାତ୍ରୀଛାତ୍ରଙ୍କ ଘରେ ବହି ପହଞ୍ଚାଇବା ଏବଂ ଚାଉଳ ପ୍ରଦାନ ସମୟରେ ମଧ୍ୟ ଏହି ଶିକ୍ଷକମାନେ ଅନୁପସ୍ଥିତ ଥିବା ଜଣାପଡ଼ିଛି।

## ମାଲକାନଗିରିରେ ନୋଡାଲ ଅଧିକାରୀ


ନୋଡାଲ ଅଧିକାରୀ ଜିଲାପାଳ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି ।

ମାଲକାନଗିରି,୧୬।୫(ଡି.ଏନ୍.ଏ.)

କୋଭିଡ୍-୧୯ ନିୟମର କିପରି ପାଳନ ହେଉଛି ଏହା ତଦାରଖ କରିବା ଲାଗି ମାଲକାନଗିରି ଜିଲା ପାଇଁ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ମହମ୍ମଦ ରସିଦ୍ ଖାନ୍ ଶନିବାର ମାଲକାନଗିରି ଗସ୍ତ କରିଛନ୍ତି। ଏହି ଅବସରରେ ସେ ସଙ୍ଗରୋଧ ଗୃହ, ପ୍ରବାସୀ ଶ୍ରମିକଙ୍କ ଯତ୍ନ ଏବଂ ପରିବହନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ମୋଟୁଠାରୁ ବିଭିନ୍ନ ରାଜ୍ୟ ଏବଂ ଜିଲା ବାହାରକୁ ଯାଉଥିବା ଶ୍ରମିକଙ୍କ ଗାଡ଼ି ଅଟକାଇ ସେମାନଙ୍କ ସହ ଆଲୋଚନା କରିଥିଲେ। ମୋଟୁଠାରେ ନିଯୁକ୍ତ କର୍ମଚାରୀଙ୍କ ସହ ଆଲୋଚନା କରି ପଞ୍ଜୀକରଣ ଏବଂ ପରିବହନ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରବାସୀ ଶ୍ରମିକଙ୍କ ଯେପରି କିଛି ଅସୁବିଧା ନ ହୁଏ ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ।

## ନବରଙ୍ଗପୁରରେ ୧୧୦୬ ସ୍ୱାବ୍ ନେଗେଟିଭ

ନବରଙ୍ଗପୁର,୧୬।୫(ବିପ୍ର ):

ନବରଙ୍ଗପୁର ଜିଲାରେ ଶ୍ରମିକମାନେ ଫେରିବା ବୃଦ୍ଧିପାଇବା ସଙ୍ଗେ ସ୍ୱାବ ସଂଗ୍ରହ ସଂଖ୍ୟା ବି ବୃଦ୍ଧି ପାଇଛି । ଶୁକ୍ରବାର ସୁଦ୍ଧା ଜିଲାରୁ ୧୪୦୧ ଟି ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ୧୧୦୬ ଟି ସ୍ୱାବ ନେଗେଟିଭ ରିପୋର୍ଟ ଆସିଛି । ୨୯୫ଟି ସ୍ୱାବର ରିପୋର୍ଟ ଆସି ନାହିଁ। ସେହିପରି ଭାବେ ବିଭିନ୍ନ କ୍ୱାରାଣ୍ଟାଇନ କେନ୍ଦ୍ର ଗୁଡିକରୁ ୮ଶହ ସ୍ୱାବ ସଂଗ୍ରହ କରାଯାଇ ପଠାଯାଇଥିବା ବେଳେ ସେଥିମଧ୍ୟରୁ ୫୪୩ ନେଗେଟିଭ ଏବଂ ୨୫୭ ଟି ରିପୋର୍ଟ ଆସି ନାହିଁ। ଜିଲାରେ କରୋନା ମୁକାବିଲା ପାଇଁ ୧୮୯ଟି ପଞ୍ଚାୟତରେ ୨୭୨ କ୍ୱାରାଣ୍ଟାଇନ କେନ୍ଦ୍ରରେ ୧୪ ହଜାର ୮୪୮ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ୨ ଟି ପୌରପରିଷଦରେ ୧୭ ଟି କ୍ୱାରାଣ୍ଟାଇନ କେନ୍ଦ୍ରରେ ୧୩୮୦ ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି।

## ଜନଜାତିଙ୍କ ଜମି କିଣାବିକା ନିୟମରେ କୋହଳ କରାଯାଉ

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି

ନବରଙ୍ଗପୁର,୧୬।୫(ବି.ପ୍ର.)

ଜନଜାତିଙ୍କ ଜମି କିଣାବିକା ନିୟମରେ କୋହଳ କରିବା ପାଇଁ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ୧୯୫୬ ମସିହାରେ ସେତେବେଳର ପରିସ୍ଥିତିକୁ ଦେଖି ସେହି ସମୟର ସରକାର ନିଷ୍ପତ୍ତି ନେଇଥିଲେ ଯେ, କୌଣସି ଅନୁସୂଚିତ ଜନଜାତି ସମ୍ପ୍ରଦାୟର ବ୍ୟକ୍ତି ନିଜର ଅଚଳ ସମ୍ପତ୍ତିକୁ କେବଳ ଜଣେ ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କୁ ହିଁ ବିକ୍ରି କରିପାରିବ। ଅନ୍ୟ ବର୍ଗର ବ୍ୟକ୍ତିବିଶେଷଙ୍କୁ ବିକ୍ରି କରିପାରିବେ ନାହିଁ । ତାହାର ମୁଖ୍ୟ କାରଣ ଥିଲା ସେତେବେଳେ ମାତ୍ର ୫ପ୍ରତିଶତ ସାକ୍ଷରତା ଥିଲା। ବର୍ତ୍ତମାନ ସାକ୍ଷରତା ହାରରେ ଉନ୍ନତି ହେବା ଯୋଗୁ ଅଧିକାଂଶ ଜନଜାତିର ଲୋକ ନିଜ ଅଧିକାର ବୁଝିବାରେ ସକ୍ଷମ ହୋଇପାରୁଛନ୍ତି । ଅନ୍ୟପକ୍ଷରେ ଜଣେ ଅନୁସୂଚିତ ଜନଜାତିର ଲୋକ ନିଜ ସମ୍ପତ୍ତି ବିକ୍ରିକରିବା ପାଇଁ କ୍ରୟଦାର କେଉଁଆଡ଼େ ଖୋଜିବୁଲିବେ । ଏହା ବି ଏକ ବାସ୍ତବ କଥା ଯେ ଜନଜାତି ଲୋକଙ୍କ ପାଖରେ ଉଚିତ ମୂଲ୍ୟ ଦେବାପାଇଁ ଟଙ୍କା ନାହିଁ । ତେଣୁ ଲୋକ କମ୍ ଦାମରେ ଜମି ବିକ୍ରି କରୁଛନ୍ତି । ଜନଜାତିଙ୍କ ଜମି କିଣାବିକା ନିୟମରେ କୋହଳ କରିବା ନିତାନ୍ତ ଆବଶ୍ୟକ । ହୁଏତ ସାକ୍ଷର ଲୋକ ପାଇଁ ଗୋଟିଏ ପ୍ରକାର ଓ ଅନ୍ୟମାନଙ୍କ ପାଇଁ ଭିନ୍ନ ପ୍ରକାର ହୋଇପାରେ । ୨୦୧୪-୧୯ରେ ସେ ଏମ୍‌ପି ଥିବା ସମୟରେ ଏହି ନିୟମକୁ କୋହଳ କରିବାପାଇଁ ଜନଜାତି ଉପଦେଷ୍ଟା କମିଟିର ମଞ୍ଜୁର କରାଯାଇଛି। ତାହା ଏପର୍ଯ୍ୟନ୍ତ ଅନୁମୋଦନ ପାଇଁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯାଇ ନାହିଁ । ଏହା ପଠାଯିବାକୁ ମାଝି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।

## ଇଣ୍ଟରନ୍ୟାଶନାଲ୍ ସାଇବର ଫେୟାର

ରାୟଗଡ଼ା ଅଫିସ,୧୬।୫:

ବିଦ୍ୟାଳୟ ଏବଂ ଯୁବସଙ୍ଗଠନ ପକ୍ଷରୁ ଇଣ୍ଟରନ୍ୟାଶନାଲ୍ ସାଇବର ଫେୟାର-୨୦୨୦ଅନୁଷ୍ଠିତ ହୋଇଛି। ସାଇବର୍ ମିଡିଆ ଦ୍ୱାରା ପ୍ରାୟୋଜିତ ଏହି ପ୍ରତିଯୋଗିତାରେ ଜେକେପୁରସ୍ଥିତ ଲକ୍ଷ୍ମୀପତ୍ ସିଂଘାଣିଆ ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଗବେଷଣାମୂଳକ ସନ୍ଦର୍ଭ 'ଓଡ଼ିଶୀ ନୃତ୍ୟ ଓଡ଼ିଶାର ଗର୍ବ ଏବଂ ଗୌରବ' ୱେବ୍‌ସାଇଟ୍ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ଏଥିରେ ସ୍କୁଲ ପ୍ଲାଟିନମ୍ ପୁରସ୍କାର ବିଜେତା ହୋଇଛି। ଶିକ୍ଷକ ପଦ୍ମନାଭ ସ୍ୱାମୀଙ୍କ ଦିଗ୍‌ଦର୍ଶନରେ ପିଲାମାନେ ଏହି ସନ୍ଦର୍ଭ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ପାଣିଗ୍ରାହୀ କହିଛନ୍ତି, ଛାତ୍ରୀଛାତ୍ରମାନେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ୩ ବର୍ଷ ଧରି ସ୍କୁଲ ଏହି ପୁରସ୍କାର ପାଇ ଆସୁଅଛି। ଗୋଟିଏ ସ୍ୱର୍ଣ୍ଣ ଏବଂ ଅନ୍ୟ ୨ଟି ପ୍ଲାଟିନମ୍ ପୁରସ୍କାର ରହିଛି।

## ସ୍ୱଳ୍ପ ଦରମାରେ କାମ କରୁଛନ୍ତି ଠିକା ସ୍ୱାସ୍ଥ୍ୟକର୍ମୀ

ଚନ୍ଦାହାଣ୍ଡି,୧୬।୫(ଡି.ଏନ.ଏ.)

ଠିକା ଭିତ୍ତିରେ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟମିତ କରାଯାଉ ନ ଥିବା ବେଳେ ସ୍ୱଳ୍ପ ଦରମାରେ ସେମାନେ କାମ କରୁଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୧୮ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ୟୁଟି ଦେବା ସହ କରୋନା କାର୍ଯ୍ୟରେ ମଧ୍ୟ ଦାୟିତ୍ୱ ଦିଆଯାଇଛି । ନିଯୁକ୍ତିର ୭ ବର୍ଷରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏମାନଙ୍କୁ ନିୟମିତ କରିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି । ଏମାନଙ୍କୁ କରୋନା କାର୍ଯ୍ୟରେ ଲଗାଯାଇ କରୋନା ଯୋଦ୍ଧା କୁହାଯାଉଛି, କିନ୍ତୁ ଅନ୍ୟ କର୍ମଚାରୀଙ୍କୁ ସରକାର ୪ ମାସର ଆଗୁଆ ଦରମା ଦେଇ ଥିବାବେଳେ ସେମାନଙ୍କୁ ସେଥିରୁ ବଞ୍ଚିତ କରାଯାଇଛି। କରୋନାରେ ମୃତ୍ୟୁ ହେଲେ ଏମାନଙ୍କ ପାଇଁ ସରକାର ଘୋଷଣା କରିଥିବା ୫୦ ଲକ୍ଷ ଟଙ୍କାର ସହାୟତା ଲାଗୁ ହେବ କି ନାହିଁ ତାହା ସନ୍ଦେହରେ ରହିଛି । ସ୍ୱଳ୍ପ ଦରମାରେ ପରିବାର ଚଳାଇବା କଷ୍ଟ ହେଉଥିବା କର୍ମଚାରୀ ପ୍ରେମ ପାଣ୍ଡେ, ଏଷ୍ଟର ଜଗତ, ରୁକ୍ମିଣୀ ବିଶି, ନମିତା ସାହୁ ଜେମା ନାୟକ ପ୍ରମୁଖ କହିଛନ୍ତି। ଶୀଘ୍ର ନିୟମିତ କରିବା ସହ ସମସ୍ତ ସୁବିଧା ପ୍ରଦାନ କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର କଳ୍ପେଶ ସୁନାଙ୍କ ଜରିଆରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ନଳିନୀ ସରାଫ, ଦୀପାଞ୍ଜଳି ସୋରି, ଦୂରମିଳା ସାହୁ, ବିଜୟଲକ୍ଷ୍ମୀ ସାହୁ, ଲକ୍ଷ୍ମୀପ୍ରିୟା ମଲିକ, ନିହାରିକା ବ୍ରହ୍ମା, ଜେମାମଣି ନାୟକ, ପଦ୍ମାବତୀ ସୁନା, ଏଷ୍ଟର ଜଗତ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲି ଚୋରା ଚାଲାଣ ନେଇ ଉତ୍ତେଜନା

### ୧୦ ଟ୍ରକ୍ ଅଟକାଇ ରଖିଛନ୍ତି ଗ୍ରାମବାସୀ

- ବୁଝାଶୁଝା ପରେ ମଧ ଶୁଣୁନାହାନ୍ତି ଲୋକେ
- ଜିଲାପାଳ, ଏସପି ଆସିଲେ ଆଲୋଚନା
- କିତାଙ୍ଗି ର୍ୟାପରୁ ଉଠାଉଥିଲେ ବାଲି

କାଶୀନଗର,୧୬।୫(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ବ୍ଲକରେ ବାଲି ଚୋରା ଚାଲାଣ ବେଳେ ଶୁକ୍ରବାର ରାତିରେ ଗ୍ରାମବାସୀ ଟ୍ରକଗୁଡିକୁ ଅଟକାଇଛନ୍ତି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ମଧ ଟ୍ରକଗୁଡିକ ଅଟକି ରହିଛି। ଜିଲାପାଳ ଓ ଏସପି ଆସି ଆଲୋଚନା ପରେ ଟ୍ରକ ଛଡାଯିବ ବୋଲି ଗ୍ରାମବାସୀ ଅଡି ବସିଛନ୍ତି। ଖବରରୁ ଜଣାପଡିଛି ଶୁକ୍ରବାର ମଧ୍ୟରାତିରେ ବାଲି ଚୋରାଚାଲାଣ ପାଇଁ କେତେକ ଟ୍ରକ କିତାଙ୍ଗି ବାଲି ର୍ୟାପକୁ ଆସିଥିଲା । ଏହାକୁ ବଥବା ଗ୍ରାମର ଗ୍ରାମବାସୀ ବିରୋଧ କରି ଟ୍ରକଗୁଡିକୁ ଅଟକାଇଥିଲେ। ବାଲି ଉଠାଇବା ନେଇ ଗ୍ରାମବାସୀ ଏବଂ ଟ୍ରକ ଡ୍ରାଇଭର ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ଖବରପାଇ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଏବଂ ଆଇଆଇସି



ବାଲି ନେବାକୁ ଆସୁଥିବା ଟ୍ରକକୁ ଗ୍ରାମବାସୀ ଅଟକ ରଖିଛନ୍ତି ।

ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ବାଲିଉଠାଣ ଲାଗି ଅନୁମତି ଥିବା କହିଥିଲେ। ଏହି ଟ୍ରକଗୁଡିକ ଆନ୍ଧ୍ରର ପାଲାମ୍‌ଠାରୁ ପଲାସା ଓ ଟିଲାକାପାଲେମ୍ ବାଲି ନେବାକୁ ଟ୍ରକରେ ଲେଖାଥିବା ବେଳେ ସେମାନେ କାହିଁକି ଓଡ଼ିଶା କିତାଙ୍ଗି ର୍ୟାପରୁ ବାଲି ଉଠାଇବାକୁ ଆସିଛନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଏମାନେ କିପରି ଓଡ଼ିଶା ସୀମାନ୍ତ ଟପି କାଶୀନଗରରେ ପଶିଲେ ବୋଲି ତହସିଲଦାରଙ୍କୁ ପଚାରିଥିଲେ। ଗ୍ରାମବାସୀଙ୍କ ବିରୋଧ ଯୋଗୁ ନଦୀ ଭିତରେ ଏବଂ ରାସ୍ତା ଉପରେ ପ୍ରାୟ ୧୦ଟି ଟ୍ରକ ଅଟକି ରହିଛି। ଏହି ଟ୍ରକଗୁଡିକୁ ଗ୍ରାମବାସୀ ଜଗି ରହିଛନ୍ତି। ଗଜପତି ଜିଲାପାଳ ଏବଂ ଏସପି ଆସି ଆଲୋଚନା ପରେ ଟ୍ରକଗୁଡିକୁ ଛଡାଯିବ ବୋଲି ଜିଦ୍ ଧରିଛନ୍ତି। ଏ ସମ୍ପର୍କରେ ତହସିଲଦାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କୋଭିଡ-୧୯ ଗାଇଡଲାଇନ ଅନୁସାରେ ବାଲି ଉଠାଣ ଓ ଚାଲାଣ ହୋଇପାରିବ। ଏଥିରେ କିଛି ପ୍ରତିବନ୍ଧକ ନାହିଁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୯ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ମେ ୧୭/୨୦୨୦ Sunday, May 17/2020

# କମର୍ସିଆଲ୍ କୋଲ୍ ମାଇନିଂକୁ ଅନୁମତି

**ନୂଆଦିଲ୍ଲୀ,୧୬।୫**

ବର୍ତ୍ତମାନ ପର୍ଯ୍ୟନ୍ତ କୋଇଲା ଖଣି ଖନନ କ୍ଷେତ୍ରରେ ସରକାରଙ୍କ ଆଧିପତ୍ୟ ରହି ଆସିଥିଲା। ଘରୋଇ କ୍ଷେତ୍ରକୁ ଏହି ବର୍ଗରେ କାମ କରିବା ଲାଗି ଅନୁମତି ମିଳି ନ ଥିଲା। କମର୍ସିଆଲ କୋଲ୍ ମାଇନିଂ ସମ୍ପର୍କରେ ସରକାର ଶନିବାର ଘୋଷଣା କରିଛନ୍ତି। ଏହାଦ୍ୱାରା ଘରୋଇ କ୍ଷେତ୍ର ଅଂଶୀଦାରମାନେ କୋଇଲା ଖଣି କ୍ଷେତ୍ରରେ ପ୍ରବେଶ କରିପାରିବେ। ଏହି କ୍ଷେତ୍ରରେ ପ୍ରବେଶ ନିୟମକୁ ସରଳୀକରଣ କରାଯିବ। ଫଳରେ ଏ କ୍ଷେତ୍ରରେ ସରକାରଙ୍କ ଆଧିପତ୍ୟ କମିଥିବା ଜଣାପଡିଛି। ବର୍ତ୍ତମାନ ଏହି କ୍ଷେତ୍ରରେ ଫିକ୍ସଡ ରୁପି, ଟନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ମାତ୍ର କମର୍ସିଆଲ୍ ମାଇନିଂ କାର୍ଯ୍ୟକାରୀ ହେଲେ ଏହା ରାଜସ୍ୱ ଶେୟାରିଂ ନିୟମ ଭିତ୍ତିରେ ଚାଲିବ। ଆଗାମୀ ଦିନରେ ୫୦ କୋଇଲା ବ୍ଲକ ନିଲାମ ଲାଗି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କୋଇଲା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭର ହେବା ଏବଂ ଆମଦାନୀ କମାଇବା ଉପରେ ସରକାର ଫୋକସ ରଖିଛନ୍ତି।



- ପ୍ରବେଶ କରିବେ ଘରୋଇ କ୍ଷେତ୍ର କମ୍ପାନୀ
- ଆସିବ ରେଭିନ୍ୟୁ ଶେୟାରିଂ ପଦ୍ଧତି
- ନିଲାମ ହେବ ୫୦ କୋଇଲା ଖଣି
- କୋଇଲା ଖଣି ଭିତ୍ତିଭୂମି ଲାଗି ୫୦ ହଜାର କୋଟି

କୋଇଲା ଉତ୍ତୋଳନ ଭିତ୍ତିଭୂମିକୁ ଉନ୍ନତୀକରଣ ଲାଗି ସରକାର ୫୦ ହଜାର କୋଟି ଟଙ୍କା ନିବେଶ କରିବେ ବୋଲି ଜଣାପଡିଛି। ଏହାବାଦ କୋଇଲା ଗ୍ୟାସିଫିକେଶନ ଏବଂ ଲିକ୍ୟୁଫିକେଶନକୁ ସରକାର ପ୍ରୋତ୍ସାହିତ କରିବେ। ରାଜସ୍ୱ ଶେୟାରିଂରେ ରିହାତି ଏବଂ ଛାଡ ସୁବିଧା ମଧ୍ୟ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଦେଶ ମଧ୍ୟରେ କୋଲ ବେଡ୍ ମିଥେନ (ସିବିଏମ୍) ଉତ୍ପାଦନକୁ ଉତ୍ସାହିତ କରାଯିବ ବୋଲି ଜଣାପଡିଛି। ଏଭଳି ବିଭିନ୍ନ ପଦକ୍ଷେପ ଦ୍ୱାରା ପରିବେଶ ଉପରେ ପଡୁଥିବା ବିଭିନ୍ନ ଖରାପ ପ୍ରଭାବକୁ କମ୍ କରିବା ଉପରେ ସରକାର ଯୋଜନା କରୁଛନ୍ତି। ଯୋଜନାଗୁଡିକ କାର୍ଯ୍ୟକାରୀ ହେଲେ ଦେଶକୁ ଗ୍ୟାସ୍‌ଭିତ୍ତିକ ଅର୍ଥନୀତି ଆଡକୁ ଆଗେଇବା ଦିଗରେ ସହାୟକ ହେବ। ୨୦୨୩-୨୪ ସୁଦ୍ଧା ରାଷ୍ଟ୍ରାୟତ୍ତ କୋଲ ଇଣ୍ଡିଆ ଲିମିଟେଡ୍(ସିଆଇଏଲ୍) ୧ ବିଲିୟନ ଟନ୍ କୋଇଲା ଉତ୍ପାଦନ ନେଇ ଯୋଜନା ରଖିଛି। ଏହାବାଦ ଘରୋଇ କ୍ଷେତ୍ର ଖଣି ଗୁଡିକ ମଧ୍ୟ ଉତ୍ପାଦନକୁ ବଢାଇବେ ବୋଲି ଜଣାପଡିଛି।

କୋଇଲା ଖଣିଗୁଡିକରୁ ରେଳ ସାଇଡିଂକୁ କନ୍‌ଭେୟର ବେଲ୍‌ଟ ଯୋଗେ କୋଇଲା ଆଣିବା ଲାଗି ୧୮,୦୦୦ କୋଟି ଟଙ୍କା ବିନିଯୋଗ କରାଯିବ। ଏହାଦ୍ୱାରା ପରିବେଶ ଉପରେ ପ୍ରଭାବ କମିବ। ଖଣି ଯୋଜନାକୁ ସରଳୀକରଣ କରାଯିବା ଦ୍ୱାରା ଇଜ ଅଫ୍ ଡୁଇଁ ବିଜ୍‌ନେସକୁ ପ୍ରୋତ୍ସାହିତ କରାଯିବ।

## ସଂକ୍ଷେପରେ

### ଫାଷ୍ଟଟ୍ରାକ ନିବେଶ ଲାଗି ଯୋଜନା




**ନୂଆଦିଲ୍ଲୀ,୧୬।୫:** ନିବେଶକୁ ପ୍ରୋତ୍ସାହନ ତଥା ତ୍ୱରିତ କରିବା ଲାଗି ସରକାର ଯୋଜନା ହାତକୁ ନେଇଛନ୍ତି। ଏହି ଯୋଜନାକୁ ରୂପାୟନ କରିବା ଲାଗି ସରକାର ଏମ୍ପାୱାର୍ଡ ଗ୍ରୁପ୍ ଅଫ୍ ସେକ୍ରେଟାରିଜ ପକ୍ଷରୁ ତ୍ୱରିତ ନିବେଶ ମଞ୍ଜୁରୀ ବ୍ୟବସ୍ଥା କରିଛନ୍ତି। ପ୍ରତି ମନ୍ତ୍ରଣାଳୟ ଅଧୀନରେ ପ୍ରକଳ୍ପ ଉନ୍ନତୀକରଣ ସେଲ୍ ସ୍ଥାପନ ହେବ। ନିବେଶ ଯୋଗ୍ୟ ପ୍ରକଳ୍ପକୁ ଆଗକୁ ବଢାଇବା ଲାଗି ଏହି ସେଲ୍ ନିବେଶକ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମନ୍ୱୟ ରକ୍ଷା କରିବ। ନୂଆ ନିବେଶ ଆକୃଷ୍ଟ କରିବା ନେଇ ରାଜ୍ୟଗୁଡିକର ପରଫରମାନ୍ସକୁ ବିଚାରକରି କେନ୍ଦ୍ର ସରକାର ର୍ୟାଙ୍କ ପ୍ରଦାନ ବ୍ୟବସ୍ଥା କରିବେ। ନୂଆ ଚାମ୍ପିୟନ ସେକ୍ଟରଗୁଡିକୁ ଉତ୍ସାହିତ ଲାଗି ପ୍ରୋତ୍ସାହନ ଯୋଜନା ଆସିବ। ଏହା ମଧ୍ୟରେ ସୋଲାର ପିଭି ମାନୁଫାକ୍ଚରିଂ, ଆଡଭାନ୍ସ ସେଲ୍ ବ୍ୟାଟେରି ଷ୍ଟୋରେଜ ଭଳି କ୍ଷେତ୍ର ସାମିଲ କରାଯାଇଛି। ସାରା ଦେଶରେ ଥିବା ୩୩୭୬ ଶିଳ୍ପ ପାର୍କ, ଇଷ୍ଟେଟ ଏବଂ ଏସ୍‌ଇଜେଡ୍‌ଗୁଡିକର ୫ ଲକ୍ଷ ହେକ୍ଟର ଜମିକୁ ମ୍ୟାପିଂ ଦ୍ୱାରା ଇଣ୍ଡଷ୍ଟ୍ରିଆଲ ଇନ୍‌ଫରମେଶନ ସିଷ୍ଟମ (ଆଇଆଇଏସ୍) ଆସିବ ବୋଲି ଜଣାପଡିଛି।

### ଖଣିଜ କ୍ଷେତ୍ରରେ ନିବେଶ ଆକୃଷ୍ଟ ଲକ୍ଷ୍ୟ

**ନୂଆଦିଲ୍ଲୀ,୧୬।୫:** ଦେଶର ଖଣିଜ ଉତ୍ତୋଳନ କ୍ଷେତ୍ରରେ ଏଫ୍‌ଡିଆଇ ଆକୃଷ୍ଟ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କ୍ଷେତ୍ରରେ ଅଭିବୃଦ୍ଧି ଏବଂ ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ଲାଗି ଷ୍ଟେଟ ଅଫ୍ ଆର୍ଟ ଟେକ୍ନୋଲୋଜି ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି। ନିରନ୍ତର ଉତ୍ତୋଳନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ମୁକ୍ତ ଏବଂ ସ୍ୱଚ୍ଛ ନିଲାମ ପ୍ରକ୍ରିୟାରେ ୫୦୦ ଖଣିଜ ବ୍ଲକ ନିଲାମ କରିବାକୁ ଯୋଜନା ରଖାଯାଇଛି। ଏହି ଯୋଜନା ଅନ୍ତର୍ଗତ ବକ୍ସାଇଟ ଏବଂ ଖୋଇଲା ଖଣି ମିଳିତ ଭାବେ ନିଲାମ ହୋଇ ପାରିବ। ଉକ୍ତ ନିଷ୍ପତ୍ତି ଦ୍ୱାରା ଆଲୁମିନିୟମ ଶିଳ୍ପରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେବା ସହ ବିଦ୍ୟୁତ୍ ଖର୍ଚ୍ଚ କମିବା ଦିଗରେ ଯୋଗଦାନ ରଖିବ। ଖଣି କ୍ଷେତ୍ରରେ ସଂସ୍କାର ଦ୍ୱାରା କ୍ୟାପ୍ଟିଭ ଏବଂ ଅଣ କ୍ୟାପ୍ଟିଭ ଖଣି ମଧ୍ୟରେ ରହିଥିବା ପାର୍ଥକ୍ୟ ଦୂର ହେବ। ଖଣି ଏବଂ ଉତ୍ପାଦନ କ୍ଷେତ୍ରରେ ଦକ୍ଷତା ଲାଗି ବ୍ୟବହାର ହୋଇପାରୁ ନ ଥିବା ବଳକା ଖଣିଜକୁ ବିକ୍ରି ପାଇଁ ପଦକ୍ଷେପ ନିଆଯିବ। ଖଣି ଲିଜ୍‌କୁ ମଧ୍ୟ ଟ୍ରାନ୍ସଫର କରାଯାଇପାରିବ। ବିଭିନ୍ନ ଖଣିଜ ଲାଗି ଖଣି ମନ୍ତ୍ରଣାଳୟ ବର୍ତ୍ତମାନ ମିନେରାଲ ଇଣ୍ଡେକ୍ସ ପ୍ରସ୍ତୁତ କରୁଛି। ମାଇନିଂ ଲିଜ୍ ପ୍ରଦାନ କ୍ଷେତ୍ରରେ ଦେବାକୁ ପଡୁଥିବା ଷ୍ଟାମ୍ପ ଡ୍ୟୁଟି କ୍ଷେତ୍ରରେ ମଧ୍ୟ ହ୍ରାସ ହେବ ବୋଲି ଜଣାପଡିଛି।

### ମହାକାଶ କ୍ଷେତ୍ରରେ ଘରୋଇ କମ୍ପାନୀ

**ନୂଆଦିଲ୍ଲୀ,୧୬।୫:** ମହାକାଶ ସମ୍ପର୍କିତ ସେବା ଏବଂ ଉପଗ୍ରହ ଲଞ୍ଚ କ୍ଷେତ୍ରରେ ଘରୋଇ କ୍ଷେତ୍ର କମ୍ପାନୀଗୁଡିକୁ ଅନୁମତି ମିଳିଛି। ଘରୋଇ କ୍ଷେତ୍ର ଇସ୍ରୋ ଫାସିଲିଟିକୁ ବ୍ୟବହାର କରିପାରିବେ।




# ପ୍ରତିରକ୍ଷା କ୍ଷେତ୍ର ଏଫ୍‌ଡିଆଇ ବଢ଼ିଲା

**ନୂଆଦିଲ୍ଲୀ,୧୬।୫**

ସରକାର ପ୍ରତିରକ୍ଷା କ୍ଷେତ୍ର ମାନୁଫାକଚରିଂକୁ ପ୍ରୋତ୍ସାହିତ କରିବା ଲାଗି ପଦକ୍ଷେପ ନେଇଛନ୍ତି। ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଅଧୀନ ୪ର୍ଥ ପର୍ଯ୍ୟାୟ ଘୋଷଣାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି କ୍ଷେତ୍ର ଲାଗି ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ନିୟମକୁ କୋହଳ କରାଯାଇଛି। ସୀତାରାମନ କହିଛନ୍ତି ଯେ, ଡିଫେନ୍ସ ମାନୁଫାକଚରିଂରେ ସରକାର ଅଟୋମେଟିକ ରୁଟ୍‌ରେ ଏଫ୍‌ଡିଆଇ ସୀମାକୁ ୪୯%ରୁ ୭୪%କୁ ବଢ଼ାଇଛନ୍ତି। ଦେଶ ମଧ୍ୟକୁ ବିଦେଶୀ କମ୍ପାନୀଗୁଡ଼ିକୁ ଆକୃଷ୍ଟ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏଫ୍‌ଡିଆଇ ନୀତି ଅନୁସାରେ ଉକ୍ତ କ୍ଷେତ୍ରରେ ନିବେଶ କରିବାକୁ ହେଲେ ବର୍ତ୍ତମାନ ଅଟୋମେଟିକ ରୁଟ୍‌ର ସୀମା ୪୯% ରହିଛି। ଏହାଠାରୁ ଅଧିକ ପରିମାଣର ନିବେଶ କରିବାକୁ ଚାହୁଁଥିଲେ ସରକାରଙ୍କ ମଞ୍ଜୁରର ଆବଶ୍ୟକତା ରହିଛି। ଡିସେମ୍ବର ୨୦୧୯ଠାରୁ ଏପ୍ରିଲ ୨୦୨୦ ମଧ୍ୟରେ ଭାରତର ପ୍ରତିରକ୍ଷା ମାନୁଫାକଚରିଂ କ୍ଷେତ୍ର ପ୍ରାୟ ୫୧.୯୩ କୋଟି ଟଙ୍କାର ଏଫ୍‌ଡିଆଇ ଲାଭ କରିଛି।

ଯୋଜନା ସମ୍ପର୍କରେ ସୂଚନା ରଖି ସେ କହିଛନ୍ତି ଯେ, ଏହାକୁ କାର୍ଯ୍ୟକାରୀ କରାଇବା ଲାଗି ସରକାର ଏବେ ପ୍ରସ୍ତୁତ ହେଉଛନ୍ତି। ୨୦୧୮ ଜୁଲାଇରେ ଏହି କ୍ଷେତ୍ର ଲାଗି ଅଟୋମେଟିକ ରୁଟ୍‌ରେ ଏଫ୍‌ଡିଆଇ ସୀମା ୪୯%କୁ ବଢ଼ାଯାଇଥିଲା। ମିଲିଟାରି ହାର୍ଡୱେର ଆମଦାନୀକୁ କମାଇବା ଦିଗରେ ସରକାର ବର୍ତ୍ତମାନ ଯତ୍ନବାନ ଅଛନ୍ତି। ଆମଦାନୀକୁ ହ୍ରାସ କରିବା ତଥା ଘରୋଇ ଶିଳ୍ପକୁ ପ୍ରୋତ୍ସାହନ ଦିଗରେ ଏଭଳି ପଦକ୍ଷେପ ଘୋଷଣା କରାଯାଇଛି। ଏହି ଦିଗରେ ଭାରତରେ ଉତ୍ପାଦନ ହେଉଥିବା ସାମଗ୍ରୀକୁ କ୍ରୟ କରିବା ଏବଂ ସମାନ ସାମଗ୍ରୀ ବାହାରୁ ନ ମଗାଇବା ଲାଗି ସରକାର ବିଜ୍ଞପ୍ତି ଜାରି କରିବେ। ମିଲିଟାରି ବ୍ୟାପାର ବିଭାଗ ସହ ଆଲୋଚନା କରିବା ପରେ ଚୂଡ଼ାନ୍ତ ରୋଡ୍‌ମ୍ୟାପ ଗ୍ରହଣ କରାଯିବ ବୋଲି ଜଣାପଡିଛି। ଡିଫେନ୍ସ ଆମଦାନୀ ବିଲ୍‌କୁ ମଧ୍ୟ କମ୍ କରିବା ଦିଗରେ ପଦକ୍ଷେପ ନିଆଯାଇଛି। ଏହାବାଦ ବଜେଟରେ ଡୋମେଷ୍ଟିକ କ୍ୟାପିଟାଲ ପ୍ରୋକ୍ୟୋରମେଣ୍ଟ ବ୍ୟବସ୍ଥା କରାଯିବ। ଏହାବାଦ ଅର୍ଡନାନ୍ସ ଫ୍ୟାକ୍ଟ୍ରି ବୋର୍ଡର ନିଗମୀକରଣ, ଷ୍ଟକ୍ ବଜାରରେ ସୂଚୀଭୁକ୍ତ କରାଇବା, ଡିଫେନ୍ସ ପ୍ରୋକ୍ୟୋରମେଣ୍ଟକୁ ସମୟ ନିର୍ଦ୍ଧାରିତ କରିବା ଭଳି ଯୋଜନା ଉପରେ ସରକାର ଫୋକସ କରିଛନ୍ତି।





- ଅଟୋମେଟିକ ବର୍ଗରେ ୭୪% ଅନୁମତି
- ଆମଦାନୀ ବିଲ୍ କମ୍ କରିବା ଲକ୍ଷ୍ୟ
- ଅର୍ଡିନାନ୍ସ ଫ୍ୟାକ୍ଟ୍ରି ନିଗମୀକରଣ ହେବ

ବ୍ୟାଙ୍କ ଅଫ୍ ବଡ଼ୌଦା
Bank of Baroda
Bhubaneswar Region

## ଦେନା ବ୍ୟାଙ୍କ, ବିଜୟା ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ବରୋଦାର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଅନ୍ତର୍ଗତ ଗ୍ରାହକମାନଙ୍କ ପାଇଁ ବିଜ୍ଞପ୍ତି

ଆମ୍ଭେ ବିନମ୍ରତା ପୂର୍ବକ ଆମ୍ଭର ସମସ୍ତ ସମ୍ମାନୀତ ଗ୍ରାହକମାନଙ୍କୁ ସୂଚିତ କରୁଅଛୁ କି ୦୧.୦୪.୨୦୧୯ ଠାରୁ ବ୍ୟାଙ୍କ ଅଫ ବରୋଦା, ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ସମିଶ୍ରଣ ହୋଇଯାଇଅଛି। ବ୍ୟାଙ୍କଦ୍ୱାରା ନିରିକ୍ଷଣ କରି ଦେଖାଯାଇଅଛି କି କିଛି ଶାଖା କାର୍ଯ୍ୟାଳୟ ନିକଟତର ଦୂରତାରେ ଅବସ୍ଥିତ ଅଛି, ତେଣୁ ବ୍ୟାଙ୍କ ଏହି ଶାଖା ଗୁଡ଼ିକୁ ପୁନଃ ଅବସ୍ଥାପିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆମ୍ଭେ ଆପଣଙ୍କୁ ସୂଚିତ କରୁଅଛୁ କି, ଉପରୋକ୍ତ ତିନୋଟି ବ୍ୟାଙ୍କର ୬ ଗୋଟି ଶାଖା ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ ହୋଇଥିବାରୁ ନିମ୍ନମତେ ଏହି ଶାଖା ମାନଙ୍କୁ ସମିଶ୍ରଣ କରିବା ପାଇଁ ବ୍ୟାଙ୍କ ନିଷ୍ପତ୍ତି ନେଇଛନ୍ତି।

୧. ଦେନା ବ୍ୟାଙ୍କ, ଭୁବନେଶ୍ୱର ଶାଖାକୁ ବିଜୟା ବ୍ୟାଙ୍କ, ଭୁବନେଶ୍ୱର ଶାଖା ସହିତ
୨. ବିଜୟା ବ୍ୟାଙ୍କ, ବାରିପଦା ଶାଖାକୁ ବ୍ୟାଙ୍କ ଅଫ୍ ବରୋଦା, ବାରିପଦା ଶାଖା ସହିତ
୩. ବିଜୟା ବ୍ୟାଙ୍କ, ଆଇଗିଣିଆ ଶାଖାକୁ ବ୍ୟାଙ୍କ ଅଫ୍ ବରୋଦା, ଖଣ୍ଡଗିରି ଶାଖା ସହିତ
୪. ବିଜୟା ବ୍ୟାଙ୍କ, ନୟାଗଡ ଶାଖାକୁ ବ୍ୟାଙ୍କ ଅଫ୍ ବରୋଦା, ନୟାଗଡ ଶାଖା ସହିତ
୫. ଦେନା ବ୍ୟାଙ୍କ, ପଟିଆ ଶାଖାକୁ ବ୍ୟାଙ୍କ ଅଫ୍ ବରୋଦା, ଚନ୍ଦ୍ରଶେଖରପୁର ଶାଖା ସହିତ
୬. ବ୍ୟାଙ୍କ ଅଫ୍ ବରୋଦା, ବାଙ୍କୁଆଲ ଶାଖାକୁ ବ୍ୟାଙ୍କ ଅଫ୍ ବରୋଦା, ଟଙ୍କପାଣି ରୋଡ଼ ଶାଖା ସହିତ

ଏଣୁ ଆମ୍ଭେ ଆପଣଙ୍କୁ ସୂଚିତ କରୁଅଛୁ କି ଉପରୋକ୍ତ ଶାଖା ଗୁଡ଼ିକ ୧୭.୦୬.୨୦୨୦ (ବୁଧବାର) ଠାରୁ ନିମ୍ନ ଦର୍ଶିତ ଠିକଣାରେ କାର୍ଯ୍ୟକାରୀ ହେବ।

୧. ଦେନା ବ୍ୟାଙ୍କ, ଭୁବନେଶ୍ୱର ଶାଖା - ବିଜୟା ବ୍ୟାଙ୍କ, ଭୁବନେଶ୍ୱର ଶାଖା, ଓସିଏଚ୍‌ସିଏଲ୍ ବିଲ୍ଡିଂ, ତଳ ମହଲା, ବ୍ଲକ୍-୨, ୨୪, ଜନପଥ, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
୨. ବିଜୟା ବ୍ୟାଙ୍କ, ବାରିପଦା ଶାଖା - ବ୍ୟାଙ୍କ ଅଫ୍ ବରୋଦା, ବାରିପଦା ଶାଖା, କେ. ସି ସର୍କଲ, ଷ୍ଟେସନ୍ ରୋଡ଼, ବାରିପଦା, ଜିଲ୍ଲା- ମୟୂରଭଞ୍ଜ, ଓଡ଼ିଶା-୭୫୭୦୦୧
୩. ବିଜୟା ବ୍ୟାଙ୍କ, ଆଇଗିଣିଆ ଶାଖା - ବ୍ୟାଙ୍କ ଅଫ୍ ବରୋଦା, ଖଣ୍ଡଗିରି ଶାଖା, ଏମ୍‌ଆଇଜି-୧, ଫେଜ୍-୧, ଖଣ୍ଡଗିରି ହାଉସିଂ ବୋର୍ଡ କଲୋନୀ, କୋଲଥିଆ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦
୪. ବିଜୟା ବ୍ୟାଙ୍କ, ନୟାଗଡ ଶାଖା - ବ୍ୟାଙ୍କ ଅଫ୍ ବରୋଦା, ନୟାଗଡ ଶାଖା, ଓଲ୍ଡ ହଷ୍ଟେଲ ଲେନ୍, ନିଉ ଟାଉନ, ମେନ୍ ରୋଡ଼, ଜିଲ୍ଲା: ନୟାଗଡ, ଓଡ଼ିଶା-୭୫୨୦୬୯
୫. ଦେନା ବ୍ୟାଙ୍କ, ପଟିଆ ଶାଖା - ବ୍ୟାଙ୍କ ଅଫ୍ ବରୋଦା, ଚନ୍ଦ୍ରଶେଖରପୁର ଶାଖା, ପ୍ରଥମ ମହଲା, ପ୍ଲଟ୍ ନଂ. ୩୮୫/୧୬୯୧, ରୂପା କମ୍ପ୍ଲେକ୍ସ, ଡ଼ମଣା ଛକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬
୬. ବ୍ୟାଙ୍କ ଅଫ୍ ବରୋଦା, ବାଙ୍କୁଆଲ ଶାଖା - ବ୍ୟାଙ୍କ ଅଫ୍ ବରୋଦା, ଟଙ୍କପାଣି ରୋଡ଼ ଶାଖା, ପ୍ଲଟ ନଂ. ୪, ବାସୁଆଘାଇ ମୌଜା, ଟଙ୍କପାଣି ରୋଡ଼, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର-୭୫୧୦୧୮

ସମସ୍ତ ଗ୍ରାହକ ବନ୍ଧୁମାନଙ୍କୁ ତା.୧୭.୦୬.୨୦୨୦ (ବୁଧବାର) ଠାରୁ ସମସ୍ତ ବ୍ୟାଙ୍କିଙ୍ଗ୍ ସେବାର ଲାଭ ଉଠାଇବା ପାଇଁ ଉପରୋକ୍ତ ଠିକଣାରେ ଯିବା ପାଇଁ ଅନୁରୋଧ କରାଯାଉଅଛି। ଏହି ସମ୍ବନ୍ଧୀୟ ଅସୁବିଧା ତୃଟି ପାଇଁ ଆମ୍ଭେ ଦୁଃଖିତ।
ଆମ୍ଭେ ଆପଣଙ୍କୁ ସର୍ବୋତ୍କୃଷ୍ଟ ସେବା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ।

ସ୍ଥାନ: ଭୁବନେଶ୍ୱର — ଉପ କ୍ଷେତ୍ରୀୟ ପ୍ରବନ୍ଧକ
ତା: ୧୭.୦୫.୨୦୨୦ — ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

# କେନ୍ଦ୍ର ଶାସିତ ଅଞ୍ଚଳରେ ବିତରଣ କମ୍ପାନୀ ଘରୋଇକରଣ

**ନୂଆଦିଲ୍ଲୀ,୧୬।୫:** କେନ୍ଦ୍ର ଶାସିତ ଅଞ୍ଚଳରେ ବିଦ୍ୟୁତ୍ କମ୍ପାନୀଗୁଡିକ ଘରୋଇକରଣ ହେବ ବୋଲି ଜଣାପଡ଼ିଛି। ଲୋକଙ୍କୁ ଉନ୍ନତ ସେବା ଯୋଗାଣ ଲକ୍ଷ୍ୟରେ ଏଭଳି ପଦକ୍ଷେପ ହାତକୁ ନିଆଯାଉଛି। ବିଦ୍ୟୁତ୍ ଟାରିଫ ପଲିସିରେ ସଂସ୍କାର ଆଣିବା ଲାଗି ସରକାର ଘୋଷଣା କରିଛନ୍ତି। ଗ୍ରାହକଙ୍କ ଅଧିକାରକୁ ଅଗ୍ରାଧିକାର ଦିଆଯିବାକୁ ଏଥିରେ ଯୋଜନା ରଖାଯାଇଛି। ବିତରଣ କମ୍ପାନୀଙ୍କ ଅକ୍ଷମତାକୁ ଗ୍ରାହକଙ୍କ ଉପରେ ବୋଝ ହେବାକୁ ଦିଆଯିବନି। ସେବା କ୍ଷେତ୍ରରେ ଗୁଣବତ୍ତା ନ ରହିଲେ ଜରିମାନା ଦେବାକୁ ପଡିବ। ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ପର୍ଯ୍ୟାପ୍ତତାକୁ କମ୍ପାନୀ ନିଶ୍ଚିତ କରାଇବେ। କ୍ରସ୍ ସବ୍‌ସିଡି କ୍ଷେତ୍ରରେ ଶିଳ୍ପକୁ ପ୍ରୋତ୍ସାହିତ କରାଯିବ। ଓପନ ଆକ୍‌ସେସ କ୍ଷେତ୍ରରେ ଟାଇମ ବାଉଣ୍ଡ ଗ୍ରାଣ୍ଟ ଏବଂ ଉକ୍ତ କ୍ଷେତ୍ରରେ ନିରନ୍ତରତାକୁ ବିଚାର କରାଯିବ।

# କାନାଡାରେ ନିବେଶ ସୁଯୋଗ ନେଇ ଆଲୋଚନା

**ନୂଆଦିଲ୍ଲୀ, ୧୬।୫ :** କୋଭିଡ୍-୧୯ ବର୍ତ୍ତମାନ ସାରା ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଥିବା ବେଳେ ଭାରତ ଏବଂ କାନାଡା ମଧ୍ୟରେ ନିବେଶ ସୁଯୋଗ ନେଇ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡୋ-କାନାଡିଆନ ବିଜ୍‌ନେସ ଚାମ୍ବର ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଭିଡ୍‌ପରେ କାନାଡା ଅର୍ଥବ୍ୟବସ୍ଥାରେ ସୁଯୋଗ ଉପରେ ଆଲୋଚନା ହୋଇଛି। କାନାଡାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅଜୟ ବିଶାରିଆ ଏହି ଅବସରରେ କମ୍ପ୍ରିହେନ୍‌ସିଭ ଇକୋନୋମିକ ପାର୍ଟନରଶିପ ଏଗ୍ରିମେଣ୍ଟ( ସିଇପିଏ) ଉପରେ ଗୁରୁତ୍ୱାରୋପ କରିଥିଲେ। ବନ୍ଦେ ଭାରତ ମିଶନର ଦ୍ୱିତୀୟ ପର୍ଯ୍ୟାୟରେ ଭାରତୀୟଙ୍କୁ ଫେରାଇ ଆଣିବା ଉପରେ ମଧ୍ୟ ଏଠାରେ ଆଲୋଚନା କରାଯାଇଛି।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଅନ୍ୱେଷା ଅମାନ୍ତ**
ଗୋତମରା, ଅନୁଗୋଳ
ଆବିର୍ଭାବ: ୧୪।୦୩।୧୯୮୨
ତିରୋଧାନ: ୦୭।୦୫।୨୦୨୦
ତୁମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ବ୍ରହ୍ମାୟଣୀଙ୍କଠାରେ ପ୍ରାର୍ଥନା ତୁମେ ଯେଉଁଠି ଥାଅ ଭଲରେ ଥାଅ।
-:ଶୋକସନ୍ତପ୍ତ ପରିବାର:-
ସ୍ୱାମୀ: ଦୁର୍ଯ୍ୟୋଧନ ଅମାନ୍ତ, ପୁତ୍ର: ଲାଲ୍‌ମୋହନ ଅମାନ୍ତ, ଝିଅ: ଲକ୍ଷ୍ମୀ ପ୍ରିୟଦର୍ଶିନୀ ଓ ଅନ୍ୟ ପରିବାରବର୍ଗ।
ଧ-୧୭୩୦୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସୁରେଶ କୁମାର ପାଣିଗ୍ରାହୀ**
ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୨୦।୧୧।୧୯୬୨
ତିରୋଧାନ: ୩୦।୦୫।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପତ୍ନୀ, ପୁଅ, ଝିଅ ଓ ପରିବାରବର୍ଗ
ଧ-୧୭୩୦୦

# ବିମାନ ଚଳାଚଳ କ୍ଷେତ୍ରକୁ ମିଳିବ ଲାଭ

**ନୂଆଦିଲ୍ଲୀ,୧୬।୫:** ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଦକ୍ଷ ଏୟାରସ୍ପେସ୍ ମ୍ୟାନେଜମେଣ୍ଟ ଲାଗି ସରକାର କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା କମ୍ପାନୀଙ୍କୁ ପ୍ରାୟ ୧୦୦୦ କୋଟି ଟଙ୍କା ଲାଭ ମିଳିବ ବୋଲି ଜଣାପଡିଛି। ବର୍ତ୍ତମାନ ୬୦% ଭାରତୀୟ ଏୟାରସ୍ପେସ୍ ମାଗଣାରେ ଉପଲବ୍ଧ କରାଯାଇଛି। ଏହି କ୍ଷେତ୍ରରେ ରହିଥିବା କଟକଣାକୁ କୋହଳ କରାଯିବା ଯୋଗୁ ଏହାର ଲାଭ କମ୍ପାନୀଗୁଡିକୁ ମିଳିବ। କମ୍ପାନୀ ଏୟାରସ୍ପେସ୍‌କୁ ସର୍ବୋତ୍ତମ ଭାବେ ବ୍ୟବହାର କରିପାରିବେ। ଫଳରେ ସେମାନଙ୍କ ଇନ୍ଧନ ଏବଂ ସମୟ ବଞ୍ଚିବ। ବ୍ୟବସାୟ ପାଇଁ ଏହା ଭଲ ବାତାବରଣ ସୃଷ୍ଟି କରିବ ବୋଲି ଜଣାପଡିଛି।



**ଅଧିକ ବିଶ୍ୱ ସ୍ତରୀୟ ବିମାନ ବନ୍ଦର**

ବିମାନ ବନ୍ଦର ପରିଚାଳନାରେ ଘରୋଇ ସହଭାଗିତା ବଢ଼ାଇବା ଲାଗି ସରକାର ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ୬ ବିମାନ ବନ୍ଦର ଘରୋଇକରଣ କରିବେ। ଏଥିଲାଗି ଶୀଘ୍ର ପ୍ରକ୍ରିୟା ଜାରି କରାଯିବ। ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟକୁ ମିଶାଇ ଘରୋଇ ଅଂଶୀଦାରମାନେ ପ୍ରାୟ ୧୩ ହଜାର କୋଟି ଟଙ୍କା ନିବେଶ କରିବେ ବୋଲି ଜଣାପଡିଛି। ତୃତୀୟ ପର୍ଯ୍ୟାୟ ନିଲାମରେ ଆଉ ୬ ବିମାନ ବନ୍ଦରକୁ ନିଲାମ କରାଯିବ।

**ଏମ୍‌ଆରଓରେ ବିଶ୍ୱ ସ୍ତରୀୟ ହେବ ଭାରତ**

ବିମାନ ମରାମତି, ପରିଚାଳନା ଏବଂ ଓଭରହଲିଂ (ଏମ୍‌ଆରଓ) କ୍ଷେତ୍ରରେ ଭାରତକୁ ଗ୍ଲୋବାଲ ହବ୍‌ରେ ରୂପାନ୍ତରିତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏହି ଇକୋ ସିଷ୍ଟମରେ ଟିକସ ହାର କମ୍ କରାଯିବ। ଗତ ୩ ବର୍ଷରେ ସାରା ଦେଶରେ ଏହି ଶିଳ୍ପ ୮୦୦ କୋଟି ଟଙ୍କାରୁ ୨୦୦୦ କୋଟି ଟଙ୍କାକୁ ବଢିଛି। ବିଶ୍ୱସ୍ତରୀୟ କମ୍ପାନୀଙ୍କୁ ଆକୃଷ୍ଟ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଅଧିକ କମ୍ପାନୀ ଆସିଲେ ବିମାନ କମ୍ପାନୀଙ୍କ ପରିଚାଳନା ଖର୍ଚ୍ଚ କମ୍ ହେବ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ